ଅମ୍ଭେମାନେ ମଧ୍ୟ ଉକ୍ତ ଭ୍ରମାତ୍ମକ ଜନରବ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲୁଁ ଏବଂ ଓଡ଼ିଶାପେଟ୍ରିୟଟର ମତ ଓ ରଚନା ଦେଖି ମଧୁବାବୁଙ୍କର ପୋଷକ ତହିଁରେ ଯୋଗଦାନର ଚିହ୍ନ ନ ଦେଖି ବ୍ୟସ୍ତ ହୋଇଥିଲୁଁ ବର୍ତ୍ତମାନ ତାହାଙ୍କର ସ୍ୱହସ୍ତଲିଖିତ ପ୍ରତିବାଦ ପ୍ରକାଶ କରିବାକୁ ସମର୍ଥ ହେବାରୁ ବଡ଼ ଆନନ୍ଦିତ ହେଲୁଁ । ଓଡ଼ିଶାପେଟ୍ରିଅଟ ଆପେ ଆପଣାକୁ ଉଚିତ ଉପାଧି ଦାନ କରି ଯେରୂପ ଭାବରେ ସ୍କୁଲର ହିତ ସାଧନ କରିବାକୁ ବସିଅଛନ୍ତି ତହିଁରେ ଅହିତ ଭିନ୍ନ ହିତର ଆଶା ନାହିଁ ଏବଂ ତଦ୍ୱାରା ସ୍କୁଲର ଗୌରବ ପ୍ରକାଶ ନ ହୋଇ ତହିଁର ବିପରୀତ ଫଳ ଘଟିବାର ସମ୍ଭାବନା ଥିବା ସ୍ଥଳେ ସ୍କୁଲର ହିତାକାଂକ୍ଷୀମାନଙ୍କର ତହିଁ ପ୍ରତି ସହାନୁଭୂତି ନ ଥିବାର ସ୍ପଷ୍ଟରୂପେ ଜଣାଇ ଦେବାର ଉଚିତ ହେଉଅଛି । ଏବଂ ଅମ୍ଭମାନଙ୍କର ଦୃଢ଼ବିଶ୍ୱାସ ଯେ ମଧୁବାବୁ ଏ ବିଷୟରେ ଏଠାର ସାଧାରଣମତ ପ୍ରକାଶ କରିଅଛନ୍ତି ।

———

ବଙ୍ଗବାସିରେ ପାଠକଙ୍କୁ ନ ପାଠ୍ୟ ପୁସ୍ତକ ସମ୍ବନ୍ଧରେ ଏଠା ଶିକ୍ଷାବିଭାଗର ଯେପ୍ରକାର କାଣ୍ଡ କ୍ରମାଗତ ବହୁକାଳ ପର୍ଯ୍ୟନ୍ତ ପାଠକମାନଙ୍କୁ ଦେଖାଇ ଆସୁଥିଲୁଁ ଏବଂ, ଯହିଁର ବିରାମ ଅବଧି ହୋଇ ନାହିଁ ବଙ୍ଗ ଦେଶରେ ଠିକ ସେହିପ୍ରକାର କାଣ୍ଡମାନ ଘଟୁଅଛି ପ୍ରେସିଡେନ୍ସି ଓ ବର୍ଦ୍ଧମାନ ବିଭାଗର ଇନ୍ସପେକ୍ଟରମାନଙ୍କୁ ଶୁଦ୍ଧା ଉକ୍ତ ପତ୍ରିକା ଏହି କଳଙ୍କରୁ ଅନ୍ତର ରଖି ନାହାନ୍ତି । ଯେ ସ୍ଥଳେ ଇନ୍ସପେକ୍ଟରଙ୍କର ଏ ଦଶା ସେ ସ୍ଥଳେ ତାହାଙ୍କର ଅଧୀନ ଡେପୁଟିଇନ୍ସପେକ୍ଟରଙ୍କ କଥା କେତେବଡ଼ ବା କିଏ ଧରିବ ? ଶିକ୍ଷାବିଭାଗର ଡିରେକ୍ଟରସାହେବ ଏ କଥା ଜାଣିପାରି ଗତବର୍ଷର ବିଜ୍ଞାପନରେ ତହିଁର ଉଲ୍ଲେଖ କରିଥିଲେ ଏବଂ, ଇନ୍ସପେକ୍ଟରମାନଙ୍କୁ ଅତ୍ୟନ୍ତ ସାବଧାନ ପୂର୍ବକ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ ଯେମନ୍ତ କି ସ୍କୁଲରେ ଅଧ୍ୟକ୍ଷ ଓ ଶିକ୍ଷକମାନେ ସମ୍ପୂର୍ଣ୍ଣରୂପ ସ୍ୱାଧୀନଭାବରେ ଆପଣାର ପାଠ୍ୟପୁସ୍ତକ ବାଛିନେଇ ପାରିବେ । ଏଥିକୁ ବଙ୍ଗବାସି ଲେଖିଅଛନ୍ତି କି ଡେପୁଟୀ ଇନ୍ସପେକ୍ଟରମାନେ ପ୍ରଧାନ ଇନ୍ସପେକ୍ଟରଙ୍କ ମନ ଯୋଗାଇବାକୁ ବାଧ୍ୟ ସ୍କୁଲର ଅଧ୍ୟକ୍ଷମାନେ ଡେପୁଟୀ ଓ ପ୍ରଧାନ ଇନ୍ସପେକ୍ଟରଙ୍କ ଯୁକ୍ତା ସକାଶେ ବ୍ୟସ୍ତ ଓ ଶିକ୍ଷକମାନେ ପରିଦର୍ଶକମାନଙ୍କର ଦାସ । ପରିଦର୍ଶକମାନଙ୍କର ସ୍ୱାର୍ଥ ଓ ଅନୁଗ୍ରହ ଯେତେଦିନ ଚଳିବ ତେତେଦିନ ପାଠ୍ୟପୁସ୍ତକ ନିର୍ବାଚନରେ ଏହି ପ୍ରକାର ଗୋଲମାଲ ଲାଗିଥିବ । କୌଣସି ବିଭାଗର ସରକାରୀ କର୍ମଚାରୀ ବ୍ୟବସାୟ ବାଣିଜ୍ୟ କରି ପାରିବେ ନାହିଁ । ସରକାରୀ ଚାକରମାନେ ଔଷଧାଳୟର ଅଂଶୀ ହୋଇ ପାରିବେ ନାହିଁ । ବିଚାରକମାନେ ନିଜ ଏଲାକାରେ ଜମି ଆଦି ଖରିଦ କରି ପାରିବେ ନାହିଁ କିନ୍ତୁ ଶିକ୍ଷାବିଭାଗର ପରିଦର୍ଶକମାନେ ଛାପାଖାନାରେ କାର୍ଯ୍ୟ କରିବେ କାହିଁକି ? କେ ନିମିତ୍ତେ କଳଙ୍କ ମୋଚନ ହୁଅଇ ନାହିଁ ଗବର୍ଣ୍ଣମେଣ୍ଟ ପ୍ରତୀକାର ନ କଲେ ପ୍ରତୀକାର ହେବ ନାହିଁ ଶିକ୍ଷାବିଭାଗର ପରିଦର୍ଶକମାନଙ୍କୁ ସ୍କୁଲ ପାଠ୍ୟପୁସ୍ତକ କରିବାକୁ ଦେଲେ ନିଶ୍ଚୟ ବିଭ୍ରାଟ ଘଟିବ” ଏଥିରୁ ପାଠକମାନେ ଦେଖିବେ ଯେ ଯେଉଁ କଥା ଅମ୍ଭେମାନେ ନିଜ ଅନୁଭବଦ୍ୱାରା ଓଡ଼ିଶାରେ ପ୍ରତ୍ୟକ୍ଷ କରୁଅଛୁଁ ଏବଂ ବିଶେଷ ପରିଶ୍ରମସହିତ ସର୍ବସାଧାରଣରେ ପ୍ରକାଶକରିବାରୁ ଅବଧି ସ୍ୱାର୍ଥପର ବୋଲି ଗାଳି ଖାଉଅଛୁଁ ତାହା ବଙ୍ଗଳାରେ ବିଲକ୍ଷଣ ରହିଅଛି ବରଂ ସଂକ୍ରାମକରୂପେ ଏ ପ୍ରଦେଶକୁ ଆସିଅଛି ଏବଂ, ବଙ୍ଗବାସିଙ୍କ ସହିତ ଅମ୍ଭେମାନେ ଐକ୍ୟହୋଇ କହୁଅଛୁଁ ଯେ ଗବର୍ଣ୍ଣମେଣ୍ଟ ବିଶେଷ ପ୍ରତୀକାର ନ କଲେ ଶିକ୍ଷାବିଭାଗର ଏ କଳଙ୍କ ଘୁଞ୍ଚିବ ନାହିଁ ।

———

ମୋହସିନ ସଦାବର୍ତ୍ତଫଣ୍ଡର ଏକ ଅଂଶ ମୁସଲମାନଙ୍କ ଶିକ୍ଷାବିଷୟରେ ବ୍ୟୟିତ ହୁଅଇ ସେହି ଫଣ୍ଡର ଅନ୍ତର୍ଗତ ଆୟ ଏବଂ ପୂର୍ବରୁ ସଞ୍ଚିତ ଥିବା ବାକୀ ଟଙ୍କା ବାନ୍ଧି ଦେବା ବିଷୟରେ ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିର୍ଦ୍ଧାରଣ ଗତ କଲିକତାଗେଜେଟରେ ପ୍ରକାଶିତ ହୋଇଅଛି । ଉକ୍ତ ଫଣ୍ଡ ହାଜି ମହମ୍ମଦ ମୋହସିନଙ୍କଦ୍ୱାରା ସନ ୧୮୦୬ ସାଲରେ ସ୍ଥାପିତ ହୋଇଥିଲା । ଏଥିର ବାର୍ଷିକ ଆୟ ନିୟମିତ ବାର୍ଷିକ ବ୍ୟୟଠାରୁ ପାଞ୍ଚହଜାର ପର୍ଯ୍ୟନ୍ତ ପ୍ରତିବର୍ଷ ଅଧିକ ହେବାରୁ ଟ ୫୧୭୭୪ ଙ୍କା ଜମା ଅଛି । ବାର୍ଷିକବ୍ୟୟ ମଧ୍ୟ ପ୍ରାୟ ୫୭ ହଜାର ଟଙ୍କା ହେବ । କେବଳ ମୁସଲମାନଙ୍କ ବିଦ୍ୟାଶିକ୍ଷା ନିମନ୍ତେ ଏ ଧନରୁ ସାହାଯ୍ୟ ଦିଆଯାଏ । ଯଥା, ମାଦ୍ରାସାର ବ୍ୟୟ ନିର୍ବାହ ଜିଲାସ୍କୁଲମାନଙ୍କରେ ମୌଲବିଙ୍କ ବେତନ ଦେବା ପିଲାମାନଙ୍କୁ ଛାତ୍ରବୃତ୍ତି ଦେବା ଏବଂ କଲିକତାର କଲେଜ ଓ କେତେ ଜିଲ୍ଲାସ୍କୁଲରେ ପଢୁଥିବା ଛାତ୍ରମାନଙ୍କର ସ୍କୁଲଫିସର ତିନିଭାଗରୁ ଦୁଇଭାଗ ସାହାଯ୍ୟ ଦେବା ଏହି ନିୟମାନୁସାରେ ଗବର୍ଣ୍ଣମେଣ୍ଟ ଯାହା ସାହାଯ୍ୟ ଦେଉଅଛନ୍ତି ତଦପେକ୍ଷା ଏବର୍ଷଠାରୁ ଚଟ୍ଟଗ୍ରାମମାଦ୍ରାସା ନିମିତ୍ତ ବାର୍ଷିକ ଟ ୧୨୦୦ ଙ୍କା ଅଧିକ ସାହାଯ୍ୟ ମଞ୍ଜୁର କରିଅଛନ୍ତି କାରଣ ଏଠାରେ ଅନେକ ମୁସଲମାନପିଲା ପାଠ କରନ୍ତି । ଅନ୍ୟାନ୍ୟ କଲେଜ ଏବଂ ସ୍କୁଲରେ ପଢୁଥିବା ପିଲାଙ୍କ ସ୍କୁଲଦରମାହା ଦେବା ନିମନ୍ତେ ଯାହା ଗବର୍ଣ୍ଣମେଣ୍ଟ ଦାନ କରୁଥିଲେ ତଦପେକ୍ଷା କିଛି ଅଧିକା ଦେଇଅଛନ୍ତି ତହିଁ ମଧ୍ୟରେ ଓଡ଼ିଶାର ଭାଗ୍ୟରେ ଯାହା ପଡ଼ିଅଛି ତାହା ଏହା ଯଥା, କଟକ କଲେଜ ଓ ସ୍କୁଲକୁ ଟ ୭୦୦ ଙ୍କା ସ୍ଥଳରେ ଟ ୮୫୦ ଙ୍କା ଏବଂ ବାଲେଶ୍ୱରଜିଲ୍ଲାସ୍କୁଲକୁ ଟ ୨୫୦ ଙ୍କା ସାହାଯ୍ୟ ଦାନ ହୋଇ ଅଛି । ଏଥି ଭିନ୍ନରୁ ବଙ୍ଗୀୟଗବର୍ଣ୍ଣମେଣ୍ଟ ଟ ୭୦୦ ଙ୍କା ଶିକ୍ଷାବିଭାଗର ଡିରେକ୍ଟରଙ୍କଠାରେ ରଖି ଦେଇଅଛନ୍ତି କି ତହିଁ ମଧ୍ୟରୁ ଉକ୍ତ କର୍ମଚାରୀ କଲିକତାର ବେସରକାରୀ କଲେଜ ଓ ସ୍କୁଲମାନଙ୍କ ସହିତ ମୋଫସଲର ବେସରକାରୀ ସ୍କୁଲମାନଙ୍କରେ ପଢୁଥିବା ମୁସଲମାନ ଛାତ୍ରଙ୍କ ସ୍କୁଲଦରମାହାର ତିନିଭାଗର ଦୁଇଭାଗ ସାହାଯ୍ୟ ଦେବେ । ଏହି ନିୟମରେ ସାହାଯ୍ୟ ଦେବାକୁ ଅମ୍ଭମାନଙ୍କ ଛୋଟଲାଟ ଅଧିକ ପସନ୍ଦ କରନ୍ତି ଏବଂ ଏଥିପାଇଁ ଯଥାସାଧ୍ୟ ଅର୍ଥ ମଞ୍ଜୁର କରିବେ । ଯେ ସମସ୍ତ ବେସରକାରୀ ବିଦ୍ୟାଳୟରେ ମୁସଲମାନଛାତ୍ର ପଢୁଅଛନ୍ତି ସେ ସମସ୍ତ ସ୍କୁଲର କର୍ତ୍ତୃପକ୍ଷମାନେ ଶୀଘ୍ର ଡିରେକ୍ଟର ସାହେବଙ୍କଠାରେ ସାହାଯ୍ୟ ପାଇବାର ପ୍ରାର୍ଥନା କରନ୍ତୁ ।

———

ମଇମନସିଂହ ଜିଲ୍ଲା–ଅନ୍ତର୍ଗତ ଜମାଲପୁରର ମେଳା ଉପଲକ୍ଷରେ ସେଠା ହାକିମଙ୍କ ନାମରେ ଯେ ସମସ୍ତ ଗୁହାରି ଉଠିଥିଲା ଏବଂ ତହିଁ ସମ୍ପର୍କରେ କେତେକ ମୋକଦମା ହାଇକୋର୍ଟକୁ ଯାଇ ଜଷ୍ଟିସମାନଙ୍କ ଅଦ୍ଭୁତ ଯେପରି ଚଳାଇ ଦେଇଥିଲା ପାଠକମାନଙ୍କୁ ଜଣାଅଛି । ମାନ୍ୟବର ଛୋଟଲାଟସାହେବ ମେଳାସମ୍ପର୍କୀୟ ସମସ୍ତବ୍ୟାପାର ଅନୁସନ୍ଧାନ କରି ତହିଁରେ ଲିପ୍ତ ଥିବା ସମସ୍ତ କର୍ମଚାରୀଙ୍କର ଯାହାର ଯେପରି ଦୋଷ ଦେଖାଇ ଦେଇ ତିରସ୍କାର ଓ ଦଣ୍ଡବିଧାନ କରିଅଛନ୍ତି । ମାଜିଷ୍ଟ୍ରେଟ ଗ୍ଲେଜିୟରସାହେବ ଅନଭିଜ୍ଞଲୋକଙ୍କଦ୍ୱାରେ କାର୍ଯ୍ୟ କରିବା ଏବଂ ଯଥେଷ୍ଟ ପରିମାଣରେ

Split by PDF Splitter

Digitized by srujanika@gmail.com

ଉଗ୍ରଭକ୍ରମ ଓ ସ୍ୱେଚ୍ଛାଗ୍ରହତା ଦେଖାଇବାଦ୍ୱାରା ଅପଣାହାତରେ ଥିବା ଗୁରୁଭାରର ଅଯୋଗ୍ୟ ହୋଇଅଛନ୍ତି । ସେ ପୂର୍ବେ ଉଚ୍ଚକାର୍ଯ୍ୟ କରୁଅଛନ୍ତି ବୋଲି ତାହାଙ୍କୁ ଗୁରୁଦଣ୍ଡ ଦେବାର ଉଚିତ ହେଉ ନାହିଁ ଅତଏବ ସେ ଏଣିକି ପଦୋନ୍ନତି ପାଇବେ ନାହିଁ ଏବଂ ଗୋଟିକିଷ୍ଟାକୁ ବଦଳ ହେବେ । ଡେପୁଟୀକଲେକ୍ଟର ଶ୍ୟାମାଚରଣ ବାବୁଙ୍କଠାରେ ଟ୍ରେଜରଅରସାହେବଙ୍କ ଦୁର୍ଗୁଣମାନ ଦେଖାଯାଇଅଛି ଏବଂ ସେ ଅନ୍ୟାୟ ରିପୋର୍ଟ ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇଥିଲେ । ଏଥିପାଇଁ ତାହାଙ୍କୁ ମଧ୍ୟ ସ୍ଥାନାନ୍ତର କରାଗଲା । ପୁଲିସର କାର୍ଯ୍ୟପ୍ରତି ଛୋଟଲାଟ କହିଅଛନ୍ତି ଯେ ଅପଣାମାନଙ୍କର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କୌଣସି ପ୍ରକାରେ ଦମନ କରିବା ଉଦ୍ଦେଶ୍ୟରେ ସକଳକାର୍ଯ୍ୟ କରିଥିଲେ । ଏଥିପାଇଁ ସେମାନେ ଯଥୋଚିତରୂପେ ତିରସ୍କୃତ ଏବଂ ଦଣ୍ଡନୀୟ ହୋଇଅଛନ୍ତି । କମିଶନର ଇମିନ ସାହେବଙ୍କର ଏହି ଦୋଷମାନ ପ୍ରଦର୍ଶିତ ହୋଇଅଛି ଯେ ସେ ଅପଣାପଦର ଦାୟିତ୍ୱ ବୁଝି ନାହାନ୍ତି, ଅଧୀନସ୍ଥ କର୍ମଚାରୀଙ୍କର ଅନ୍ୟାୟକାର୍ଯ୍ୟର ଅନୁସନ୍ଧାନ ନେଇ ନାହାନ୍ତି ଏବଂ ଯଦ୍ଧର୍ମରେ ତାହା ମୂଳରୁ ଜନାଇବା ଦ୍ୱାରା ଅନୁଚିତ ଉପାୟ କରି ନାହାନ୍ତି ଅଧିକନ୍ତୁ ଗଭର୍ଣ୍ଣମେଣ୍ଟରେ ରିପୋର୍ଟ ପଠାଇଅଛନ୍ତି । କେବଳ ଏବର୍ଟ୍ଟଂ କମିଶନର ଓଷେଲିସାହେବଙ୍କର ପ୍ରଶଂସା ଲେଖା ଅଛି । ମାନ୍ୟବର ଛୋଟଲାଟସାହେବ ଏ ସମ୍ବନ୍ଧରେ ଗୋଟିଏ ସାରଗର୍ଭ ଉପଦେଶ ଦେଇଅଛନ୍ତି । ତାହା ଏହି ଯେ ସେ ଦେବେଳେ ଏମନ୍ତ ଗୋଟି ଏ ମୋକଦ୍ଦମା ଉପସ୍ଥିତ ହେବ ଓ ତାହା ଅନ୍ୟାୟ ପୀଡ଼ାଦାୟକ ବୋଲି ଜଣାଯିବ ବା ସାଧାରଣଙ୍କର ବିଷୟ ହେବ ସେତେବେଳେ ବିଭାଗୀୟ କମିଶ୍ନର ଅଦାଲତର ନିଷ୍ପତ୍ତିର ପର୍ଯ୍ୟନ୍ତ ଅପେକ୍ଷା ନ କରି କାର୍ଯ୍ୟବିଭାଗୀୟ ଶାସନକ୍ରମ ସେଥିର ମୋକଦ୍ଦମାକୁ ବଢ଼ାଇ ନ ଦେବାର ଯଥାସାଧ୍ୟ ଉପାୟ କରିବେ । ମୂଳରୁ ଅନ୍ୟାୟକାର୍ଯ୍ୟ ଦମନ ହେଲେ ବିଶେଷ ଅନିଷ୍ଟ ହେବ ନାହିଁ । ମାନ୍ୟବର ଛୋଟଲାଟସାହେବ ଯେ ସମସ୍ତ ଦଣ୍ଡ ବିଧାନ କରିଅଛନ୍ତି ତାହା ଯଥେଷ୍ଟ ନ ହେଲେ ସୁଦ୍ଧା ସେ ଯାହା କରିଅଛନ୍ତି ତହିଁପାଇଁ ଧନ୍ୟବାଦର ପାତ୍ର ଅଛନ୍ତି ।

---

## କଲେକ୍ଟରପ୍ରଭୃତିର ଇନ୍‌କମଟାକ୍ସ ।

ସରକାର ଜମି କଲେକ୍ଟର ବାଣିଜ୍ୟର ଉତ୍ପାଦ ଆୟ ଉପରେ ଇନ୍‌କମଟାକ୍ସ ଧାର୍ଯ୍ୟ ହେବା ସମ୍ବନ୍ଧରେ ଯେଉଁ ନିୟମ ହୋଇଅଛି ତହିଁବିରୁଦ୍ଧରେ ପୂର୍ବବଙ୍ଗଳାର ଜମିଦାରସଭା ମାନ୍ୟବର ବଙ୍ଗୀୟ ଗୌର୍ଣ୍ମେଣ୍ଟଙ୍କ ନିକଟକୁ ଏକ ଅବେଦନପତ୍ର ଗତ ନବେମ୍ବରମାସରେ ପଠାଇଥିଲେ ଏବଂ ତହିଁରେ ଏହି ଆପତ୍ତି ଦର୍ଶାଇଥିଲେ କି ଏସବୁ ଆୟ ଉପରେ ପଥ ଓ ପ୍ରଦେଶୀୟକରମାନ ବସିଥିବାରୁ ଇନ୍‌କମଟାକ୍ସ ବସି ନ ପାରେ କାରଣ ଏକଆୟ ଉପରେ ଦୁଇପ୍ରକାର ଟାକ୍ସ ଲଗିବାର ଗଭର୍ଣ୍ଣମେଣ୍ଟଙ୍କ ମାନସ ନୁହଇ । ଏହି ଅବେଦନପତ୍ରର ଉତ୍ତର ବଙ୍ଗୀୟଗଭର୍ଣ୍ଣମେଣ୍ଟଙ୍କ ସେକ୍ରେଟେରୀ ଗତ ମାର୍ଚ୍ଚମାସ ତା ୨୨ ଦିନରେ ଦେଇଅଛନ୍ତି ଏବଂ ତହିଁର ଏକଖଣ୍ଡ ପ୍ରତିଲିପି ଅମ୍ଭେମାନେ ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଉତ୍ତରରେ ଏହି ମାନ୍ୟବର ଅଡ୍‌ଭୋକେଟଜେନେରଲଙ୍କ ମତକୁ ସ୍ୱୀକାର କରି ଲିଖିତ ଇନ୍‌କମଟାକ୍ସ-ନିୟମଟି ଅଭିପ୍ରେତ ଅଟଇ । କିନ୍ତୁ ଯେସମସ୍ତ ଆୟ ଉପରେ ବର୍ତ୍ତମାନ ପଥ ଓ ପ୍ରଦେଶୀୟକରମାନ ଅଦାୟ ହେଉଅଛି ସେସମସ୍ତ ଆୟକୁ ଇନ୍‌କମଟାକ୍ସରୁ ମୁକ୍ତି ଦେବାର ସାଧାରଣ ପ୍ରସଙ୍ଗ ଇଣ୍ଡିଆଗଭର୍ଣ୍ଣମେଣ୍ଟଙ୍କ ମୀମାଂସା ନିମିତ୍ତ ମାନ୍ୟବର ଛୋଟଲାଟ ସାହେବ ଲେଖି ପଠାଇଅଛନ୍ତି । କଲେକ୍ଟରଙ୍କ ନିକଟରେ ସେକ୍ରେଟେରୀ ସାହେବ ଲେଖିଅଛନ୍ତି କି ସନ ୧୮୮୪ ସାଲ ଜାନୁଅରୀମାସର ତା ୭ ମିତ ସରକ୍ୟୁଲର ବୋର୍ଡ଼ରେଭେନ୍ୟୁଙ୍କ ନିକଟକୁ ଏହି ମର୍ମରେ ପଠାଯାଇଥିଲା କି କଲେକ୍ଟରସମ୍ବନ୍ଧରେ ଜଣା ହାକିମମାନେ ପଥ ଓ ପ୍ରଦେଶୀୟକର ଅଡ୍ଡ ଅଦାୟ କରିବାକୁ ଯାଉ ଦେବେ ଅର୍ଥାତ୍ ଯେଉଁ ଜମିରେ ଜଳ ଅଛି କେବଳ ସେହି ଜମିର ସତ୍ତ୍ୱାଧିକାର ନିମିତ୍ତ ଯେଉଁ ଜମା ଧାର୍ଯ୍ୟ ଥିବ ତାହା ଛଡ଼ା ସେହି ଜଳର ମତ୍ସ୍ୟଅଣ୍ଡ ନିମିତ୍ତ ଯେଉଁ ଜମା ଧାର୍ଯ୍ୟ ହୋଇଥିବ ତହିଁଉପରେ କଣ୍ଠ ପଥଦର୍‌ସେସ ବସିବ ନାହିଁ । କିନ୍ତୁ ସରକ୍ୟୁଲର ଅଦେଶମାନ ପ୍ରତିପାଳିତ ହେଉଅଛି କି ନାହିଁ ତଦନ୍ତଦ୍ୱାରା ବୁଝିବା ନିମନ୍ତେ ବୋର୍ଡ଼ଙ୍କୁ ପ୍ରାର୍ଥନା ହୋଇଅଛି ।

ଉପରଲିଖିତ ଉତ୍ତରର ମର୍ମରୁ ଜଣାଯାଉଅଛି କି ଜମିଦାରସଭାର ଅବେଦନ ଏକାନ୍ତ ଅକାରଣ ହୋଇ ନାହିଁ କାରଣ ଯଦ୍ୟପି କି କଲେକ୍ଟର ପ୍ରଭୃତି ଇନ୍‌କମଟାକ୍ସରୁ ମୁକ୍ତ ପାଇବ ନାହିଁ ମାତ୍ର ପଥ ଓ ପ୍ରଦେଶୀୟକରରୁ ଏସମସ୍ତ ଆୟ ଅବ୍ୟାହତି ପାଇବାର ଆଶା ଅଛି । ସଭାକୁ ଆପତ୍ତି ହୋଇ ନ ଥିଲେ ଏବଂ ଆୟର ଉଭୟକର ଗୋଲମାଳରେ ଚିତ୍ରାଯାଉଥାନ୍ତା । ଅମ୍ଭେମାନେ ଆଶା କରୁଁ କି ଜମିଦାର ଓ ଅପରାପର ଲୋକମାନେ ସଭାର ଉପକାରିତା ହୃଦୟଙ୍ଗମ କରିବେ ଓ ଅପଣା ସ୍ୱାର୍ଥରକ୍ଷା ନିମିତ୍ତ ସଭା କରିବା ଓ ତହିଁରେ ଯୋଗ ଦେବାକୁ ଯତ୍ନବାନ୍ ହେବେ ।

---

## ମାଇନର ଓ ବର୍ଣ୍ଣାକ୍ୟୁଲର ବୃତ୍ତି-ପରୀକ୍ଷାର ଫଳ ।

ମାଇନରପରୀକ୍ଷା—ଗତବର୍ଷ ଏ ପରୀକ୍ଷାରେ ଜ ୮୭ ଣ ଉପସ୍ଥିତ ହୋଇ ୧ମଶ୍ରେଣୀରେ ଜ ୨୩ ଣ ୨ୟଶ୍ରେଣୀରେ ଜ ୩୮ ଣ ଓ ୩ୟଶ୍ରେଣୀରେ ଜ ୭ ଣ ସାକୁ ଜ ୬୯ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ବର୍ଷ ଜ ୧୦୭ ଣ ପ୍ରାର୍ଥିଙ୍କ ମଧ୍ୟରୁ ୧ମଶ୍ରେଣୀରେ ଜ ୮ ଣ ୨ୟଶ୍ରେଣୀରେ ଜ ୧୮ ଣ ଏବଂ ୩ୟଶ୍ରେଣୀରେ ଜ ୧୪ ଣ ସାକୁ ଜ ୪୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ପୂର୍ବବର୍ଷ ଜ ୯୭ଣ ପ୍ରାର୍ଥିଙ୍କ ମଧ୍ୟରୁ ଜ ୪୪ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏଠା ଟ୍ରେନିଙ୍ଗସ୍କୁଲ ପ୍ରଥମସ୍ଥାନ ଅଧିକାର କରୁଥିଲା ଏ ବର୍ଷ ଏହାର ନାମ ଅଛୋଟୀ ପ୍ରଥମଶ୍ରେଣୀରେ ନାହିଁ । ସେହିପରି ବାରିପଦା ସ୍କୁଲ ପୂର୍ବବର୍ଷମାନଙ୍କର ଟେକ ରଖି ନ ପାରି ଏହାଥର କେବଳ ୩ୟଶ୍ରେଣୀର ଓଳାଇ ଯାଇଅଛି । ଏ ବର୍ଷ ଯୁକ୍ତିକଣ୍ଠାର ବାଲିକୁଦା ସର୍ବପ୍ରଥମ ହଟକଡ଼ୀଆ ୨ୟ ଓ ବାଲେଶ୍ୱରଜିଲ୍ଲା ୩ୟ ହୋଇଅଛି । କଟକ ମଡେଲସ୍କୁଲର ନାମ ଗତବର୍ଷ ପାସତାଲିକାରେ ନ ଥିଲା ଏ ବର୍ଷ ପ୍ରଥମଶ୍ରେଣୀ ଏବଂ ଜ ୫ ମୁଦ୍ରାରେ ପଞ୍ଚକାର ଦେଖି ଅନନ୍ଦିତ ହେଲୁଁ । ଗତବର୍ଷ ଖୋରଧାରୁ ଅନେକ ଛାତ୍ର ପାସ କରି ଉତ୍ତମସ୍ଥାନ କରିଥିଲେ ଏ ବର୍ଷ ତାହାର ଶେଷରେ କେବଳ ଜ ୨ ଜଣର ନାମ ରହିଅଛି । ଗଞ୍ଜାମ ମଧ୍ୟରେ ଢେଙ୍କାନାଳ ଏ ବର୍ଷ ପ୍ରଥମସ୍ଥାନ ଲଭିଅଛି । ଏ ଜିଲ୍ଲାର ମେଟ୍ରିକ୍ୟୁଲେସନ ପ୍ରଥମବର୍ଷରୁ ଭଲ ଫଳ ଦେଖାଇଅଛି ।

ବର୍ଣ୍ଣାକ୍ୟୁଲରପରୀକ୍ଷା—ଗତବର୍ଷ ଜ ୨୫୯ଣ ପରୀକ୍ଷାର୍ଥିଙ୍କମଧ୍ୟରୁ କାହାରସଙ୍ଗ ଜ ୨୩ ଣ ସହିତ ୧ମଶ୍ରେଣୀରେ ଜ ୧୦୯ ଣ, ୨ୟଶ୍ରେଣୀରେ ଜ ୧୧୮ ଣ ଏବଂ ୩ୟଶ୍ରେଣୀରେ ଜ ୭୯ ଣ ସାକୁ ଜ ୨୯୮ ଣ ପାସ କରି-

ଥିଲେ । ଏ ବର୍ଷ ଜ ୩୦୬ ଣ ପ୍ରାର୍ଥୀଙ୍କମଧ୍ୟରୁ ୧ମଶ୍ରେଣୀରେ ୩୨ଣ, ୨ୟଶ୍ରେଣୀରେ ଜ ୫୨ଣ ଏବଂ ୩ୟ ଶ୍ରେଣୀରେ ଜ ୯୭ ଣ ସାଏ ଜ ୧୮୧ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ-ବର୍ଷପରି ଏ ବର୍ଷ କଟକଟାଉନସ୍କୁଲ ପ୍ରଥମ-ସ୍ଥାନ ନ ପାଇଲେ ମଧ୍ୟ ୨ୟ ସ୍ଥାନ ଅଧିକାର କରି ଆପଣା ଟେକ ରଖିଅଛି । ଏବଂ ମହାଙ୍ଗି ହାଇସ୍କୁଲ ସର୍ବପ୍ରଥମ ହୋଇଅଛି । ପୁରୀଜିଲ୍ଲା ୨ୟ ଏବଂ ବାଲେଶ୍ୱର ତୃତୀୟ ହୋଇଅଛି । ଗଡ଼-ଜାତ ମଧ୍ୟରେ ଅନୁଗୁଳ ପ୍ରଥମ ଏବଂ ଢେଙ୍କାନାଳ ୨ୟ ହୋଇଅଛି ଏବଂ ତହିଁ ପରେ ବଡ଼ାମ୍ବା ଓ ରଣପୁର ନାମ ମଧ୍ୟ ପ୍ରଥମଶ୍ରେଣୀରେ ରହିଅଛି । ଏଠା ରେଭେନସା—କାଲେଜ ବିଦ୍ୟାଳୟର ଜ ୨ଣ ଛାତ୍ର ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାର ଏ ବିଦ୍ୟାଳୟର ପୂର୍ବ ଟେକ ରହିଅଛି । ଗତବର୍ଷ ପୂର୍ବବର୍ଷରେ ଜ ୩୧୫ଣ ପ୍ରାର୍ଥୀଙ୍କମଧ୍ୟରୁ ଜ ୨୬୦ ଣ ଉତ୍ତୀର୍ଣ୍ଣ ହୋଇଥିଲେ ।

ଉଚ୍ଚପ୍ରାଇମେରି—ଏ ପରୀକ୍ଷାରେ ଗତ ବର୍ଷ ପ୍ରାୟ ଜ ୫୫୦ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ଜ ୪୩୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପରୀକ୍ଷାର୍ଥୀଙ୍କ ସଂଖ୍ୟା ଏ ବର୍ଷ ଜ ୬୭୭ ଣ ଥିଲା ।

ନିମ୍ନଲିଖିତ ତାଲିକାରୁ ପାଠକମାନେ ଦେଖିବେ ଯେ ମାଇନର ଓ ଭର୍ଣ୍ଣାକ୍ୟୁଲର ଉଭୟ ପରୀକ୍ଷାରେ ଫଳ କେବଳ ଗତବର୍ଷ-ଠାରୁ ନୁହେଁ ତହିଁ ପୂର୍ବବର୍ଷଠାରୁ ମଧ୍ୟ ମନ୍ଦ ହୋଇଅଛି । ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଗତବର୍ଷ କିଛି ଅସାଧାରଣ ଫଳ ହୋଇଥିଲା କାରଣ ଏତେ ଅଧିକସଂଖ୍ୟ ପାସ କରିବାର କୌଣସିଥର ଦେଖାଯାଇ ନାହିଁ । କିନ୍ତୁ ତହିଁ ପୂର୍ବବର୍ଷର ଫଳକୁ ସାଧାରଣ ବୋ-ଲିବାକୁ ହେବ ଏବଂ ତହିଁ ସଙ୍ଗେ ତୁଳନା କଲେ ମଧ୍ୟ ଏବର୍ଷର ଫଳ ନିକୃଷ୍ଟ ହୋଇ-ଅଛି । ଭର୍ଣ୍ଣାକ୍ୟୁଲର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ-କରା ଜ ୫୦ ଜଣରୁ ଅଧିକ ପାସ କରିଥିବାରୁ ସେ ଫଳକୁ ବିଶେଷ ମନ୍ଦ ବୋଲିଯାଇ ନ ପାରେ କେବଳ ପ୍ରାର୍ଥୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଥିବାରୁ ପାସ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଥିଲେ ପ୍ରୀତିକର ହୁଅନ୍ତା ମାତ୍ର ମାଇନର-ପରୀକ୍ଷାର ଫଳ ଅତ୍ୟନ୍ତ ମନ୍ଦ ହୋଇଅଛି । ପରୀକ୍ଷାର୍ଥୀଙ୍କ ସଂଖ୍ୟା ଗତ ଦୁଇବର୍ଷରୁ ଅଧିକ ଥିଲେହେଁ ପାସସଂଖ୍ୟା କ୍ରମତ ଊଣା ହୋଇ ଅଛି ଏବଂ ଶତକରା ଜ ୫୦ ଜଣସୁଦ୍ଧା ଉତ୍ତୀର୍ଣ୍ଣ ହୋଇ ନାହାନ୍ତି । ଆମ୍ଭେମାନେ ଯେତେଦୂର ଅବଗତ ହୋଇଅଛୁଁ ତହିଁରୁ ପ୍ରକାଶଯେ କେବଳ ପ୍ରଶ୍ନମାନ ଅତ୍ୟନ୍ତ କଠିନ ହେବାରୁ ଏପରି ଫଳ ଘଟିଅଛି । ଏବଂ ଏ ବିଷୟରେ ବଙ୍ଗଳାର ଗୁହାଟମାନ ଷ୍ଟ୍ରେଷ୍ଟସମାନରେ ପାଠ କରୁଅଛନ୍ତି । ଯେ ସବୁ ପ୍ରଶ୍ନ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଦିଆ ଯାଇ ପାରେ ଏମନ୍ତ ପ୍ରଶ୍ନ ମଧ୍ୟ ଏ ପରୀ-କ୍ଷାରେ ଦେବାର ଦେଖା ଯାଇଅଛି । ପ୍ରକୃ-ତରେ ଗତ ବର୍ଷର ପ୍ରଶ୍ନମାନ ସହଜ ଥିଲା ସୁତରାଂ ଅନେକଛାତ୍ର ପାସ କଲେ । ବୋଧ ହୁଏ କର୍ତ୍ତୃପକ୍ଷଙ୍କର ତହିଁରେ ତୃପ୍ତି ନ ହେବାରୁ ଏ ବର୍ଷର ପ୍ରଶ୍ନ ଅଧିକ କଠିନ କରି-ଦେଲେ ଏବଂ ବିପରୀତ ଫଳ ଘଟିଲା । ଏଥିରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ପରୀକ୍ଷାର ଫଳରେ ଯେଉଁ ଯୁଆର ଭଟ୍ଟା ଦେଖା ଯାଉଅଛି ପରୀ-କ୍ଷକମାନେ ତହିଁର କାରଣ ଅଟନ୍ତି ଏବଂ ଇନ୍ସପେକ୍ଟରମାନଙ୍କୁ ଯୁଆର ଭଟ୍ଟାରେ ପକାଇ ହଇରାଣ କରିବା ଯେ ଅତ୍ୟନ୍ତ ନିଷ୍ଠୁର କାର୍ଯ୍ୟ ତହିଁରେ ସନ୍ଦେହ ନାହିଁ । ଯହିଁରେ ପ୍ରତିବ-ର୍ଷର ପରୀକ୍ଷା ଏକପ୍ରକାରେ ଗୁରୁତ୍ୱ ଅର୍ଥାତ୍ କୌଣସି ବର୍ଷ ଅଧିକ ନରମ ବା ଗରମ ହେବ ନାହିଁ ତହିଁ ପ୍ରତି କର୍ତ୍ତୃପକ୍ଷଙ୍କର ଦୃଷ୍ଟି ରଖିବାର ଉଚିତ । ଯୋଗ୍ୟଲୋକ ବାଛି ପରୀକ୍ଷକ କଲେ ଏବଂ ସେମାନଙ୍କ ପ୍ରଶ୍ନ ପତ୍ରକୁ ଦେଖି ଧାର୍ଯ୍ୟ କଲେ ସହଜେ ବାଞ୍ଛିତଫଳ ଲାଭ ହୋଇ-ପାରିବ ।

---

## ସାପ୍ତାହିକ ସମ୍ବାଦ ।

ଏକସରର ଚୌଧୁରୀବଜାରରେ ଗତଯୋଲଣି ଉକ୍ତ ହୋଇସ୍ୱମାନେ ଏକସ୍ତ୍ରୀ ପ୍ରତି ଅତ୍ୟାଚାର ଓ ତାହାର ଦ୍ରବ୍ୟାଦି ଅପହରଣ କରି ଶେଷରେ ତାହାକୁ ପାଣିରେ ପକାଇ ଦେବାର ଯେଉଁ ମକଦ୍ଦମା ହୋଇଥିଲା ଏବଂ ଯହିଁରେ ପ୍ରାୟ ଜ ୧୪ ଣ ଅସାମୀଙ୍କ ବିଚାର ହୋଇଥିଲେ ସେସନଜଜ ବାବୁ ରମାକ୍ଷୟ ଚଟ୍ଟୋପାଧ୍ୟାୟ ଡେପୁଟୀ ମାଜିଷ୍ଟ୍ରେଟ ସେ ମୋକଦ୍ଦମାର ବିଚାର କରି ଅସାମୀମାନଙ୍କ ମଧ୍ୟରୁ ପାଞ୍ଚଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ ଦେଇ ଅବଶିଷ୍ଟ ଜ ୯ ଣ ଦୋଷୀ ସାବ୍ୟସ୍ତ ପୂର୍ବକ ଜଣ ପ୍ରତି ବର୍ଷେ କାରାବାସ ଓ ଟ ୨୦୯ ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ଏମାନେ ଦଣ୍ଡ ପାଇ କଚେରୀରୁ ଜେଲଖାନାକୁ ଆସିବା ବେଳେ ବାଟରେ ଜଣେ ଭୟ ହୋଇ-ଅଛି । ଏସମସ୍ତରେ ଅସାମୀମାନେ ଅପୀଲ ଦାଏର କରି ଜାମିନରେ ଖଲାସ ପାଇବାର ପ୍ରାର୍ଥନା କରି ଅଛନ୍ତି ।

ପ୍ରାୟ ପ୍ରତ୍ୟହ ଏ ନଗରରେ ମେଘ ଘୋଟିବାର ଏ ସପ୍ତାହରେ ଦେଖାଯାଇଅଛି ମାତ୍ର ବୃଷ୍ଟି ହୋଇ ନାହିଁ ।

ମୋଫସଲର ସ୍ଥାନ ୨ ରେ ଏଥିମଧ୍ୟରେ ବୃଷ୍ଟି ହେବାର ସମ୍ବାଦ ଶୁଣାଯାଉଅଛି ।

ନରସିଂହପୁରର ମ୍ୟାନେଜର ବାବୁ ଜଗନ୍ମୋହନ ଦାସ ତଣପଷ୍ଟାରୁ ଏବଂ ସେଠାମାନେଜର ମୁନସି ମହମ୍ମଦଅଲ୍ଲି ଆପଣା ପୂର୍ବସ୍ଥାନ ଢେଙ୍କାନାଳର ବାଇସିଙ୍ଗାସବଡିଭିଜନକୁ ଓ ବାବୁ ଜଗନ୍ମୋହନ ଘୋଷ ନରସିଂହପୁରକୁ ବଦଳି ହୋଇଅଛନ୍ତି ।

### କଲିକତା—ଗେଜେଟ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କାଳୀପଦ ମୁଖୁର୍ଯ୍ୟା ବାବୁ ପୂର୍ଣ୍ଣଚନ୍ଦ୍ର ରାୟଙ୍କ ଅନୁପସ୍ଥିତି-କାଳ ଅଥବା ଅଗ୍ରାଞ୍ଜି ପର୍ଯ୍ୟନ୍ତ ଓଡ଼ିଶାବିଭାଗର କମିଶ୍ନରଙ୍କ ପର୍ସୋନେଲ ଆସିଷ୍ଟାଣ୍ଟକାର୍ଯ୍ୟରେ ନିଯୁକ୍ତ ହେଲେ ।

ବାବୁ କାଳୀପଦ ମୁଖୁର୍ଯ୍ୟା ଗଡ଼ଜାତମହାଲର ଡେଃ କଲେକ୍ଟରିକ୍ଷମତା ପ୍ରାପ୍ତହେଲେ ଓ ପ୍ରଥମଶ୍ରେଣୀର ମାଜି-ଷ୍ଟ୍ରେଟକ୍ଷମତା ବ୍ୟବହାର କରୁଥିବେ ।

ଯାଜପୁରର ମିଉନିସିପାଲିଟୀ ସୀମାମଧ୍ୟରେ ବୈଦ୍ୟରା-ଜପୁର, ରଘୁନାଥନଗର, ବସୁପୁର ଓ କରାହନାଥଗ୍ରାମମାନ ଭୁକ୍ତ କରିବାପାଇଁ ଗତ କଲିକତା-ଗେଜେଟରେ ବିଜ୍ଞାପନ ଦିଆଯାଇଅଛି କି ଉକ୍ତ ମିଉନିସିପାଲିଟୀ ମଧ୍ୟରେ ଏ ବିଜ୍ଞାପନ ପ୍ରଚାରିତ ହେବା ତାରିଖଠାରୁ ଏକମାସମଧ୍ୟରେ କୌଣସି ଆପତ୍ତି ଉପସ୍ଥିତ ନ ହେଲେ ଉକ୍ତ ଗ୍ରାମମାନ ଯାଜପୁରସୀମା-ନ୍ତର୍ଗତ ହେବେ ।

ବାବୁ ହରିଦାସ ଦେ ଯାଜପୁରରିକ ଓ ବାବୁ ପର୍ଣ୍ଣରାମ-ପଟ୍ଟନାୟକ ମୃତଙ୍କ ପରିବର୍ତ୍ତରେ ବାବୁ ପ୍ରହଲ୍ଲାଦକୁମାର ପାଲ ଓ ବାବୁ ଭଗବତୀଚରଣ ଦାସ ଯାଜପୁର ଲୋକାଲବୋର୍ଡ଼ର ସଭ୍ୟସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ତରଭଙ୍ଗାର ମୃତ ରାୟ ବନମାଳୀ ଲାଲଙ୍କ ପୁତ୍ର ବାବୁ ଗଙ୍ଗାପ୍ରସାଦ ସହେବିଦ୍ୟା ସ୍ମରଣରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟର ଗୃହନିର୍ମାଣାର୍ଥେ ଟ ୯୦୦୦ ଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତ ହୋଇଛନ୍ତି ଓ ବର୍ତ୍ତମାନ ଟ ୪୦୦୦ ଙ୍କା ଅଗ୍ରିମ ଦେଇଛନ୍ତି ଲେଃଗବଃ ବାହାଦୁର ତାଙ୍କ ଉକ୍ତ ବଦାନ୍ୟତାରେ ସନ୍ତୁଷ୍ଟହୋଇ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

କାଶୀପୁରର ବାବୁ ଦୌଲତଚନ୍ଦ୍ର ରାୟ ଶିକ୍ଷାବିଭାଗର ପ୍ରତିବର୍ଷ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ସର୍ବୋଚ୍ଚ ସ୍ଥାନପ୍ରାପ୍ତ ଛାତ୍ରକୁ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେବାପାଇଁ ଟ ୨୦୦୦ ଙ୍କାର ପ୍ରମିସରି ନୋଟ ଶିକ୍ଷାବିଭାଗର ଅଧୀନରେ ରଖିଅଛନ୍ତି ଲେଃଗବଃ ବାହାଦୁର ଉକ୍ତ ଦାନଶୀଳ ବାବୁ ମହୋଦୟଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

---

ବଙ୍ଗଳାହାଟା ଭଦ୍ରେଶ୍ୱରଠାରେ ଏକପ୍ରକାରଭଲେ ଦୁର୍ଘ-ଟଣାଦ୍ୱାରା ଅନେକ ଅନିଷ୍ଟ ଘଟିଥିବାର ପାଠକମାନଙ୍କୁ ଜଣା-ଇଅଛୁ । ଉକ୍ତ ପୂର୍ଣ୍ଣବାବୁ ଉପସ୍ଥିତ ହେବା ସମୟ ସେଠାର ଜଣେ ମିଉନିସିପାଲିଟୀର କମିସ୍ନର ବାବୁ ରାଜକୃଷ୍ଣ ନାଗ ବାନର୍ଜୀ ଆପଣାଘର ସମ୍ମୁଖରେ ରେଲଗାଡ଼ି ଷ୍ଟେସନ ନୁଠିକାଗାଡ଼ିରେ ଘରକୁ ଯାଉଥିଲେ । ପୂର୍ଣ୍ଣବାବୁ ଯୋଗେ ଗାଡ଼ିଖଣ୍ଡି ଓଲଟି-ପଡ଼ି ରଡ଼ି ୨ ବଡ଼ବପାର୍ଶ୍ୱବର୍ତ୍ତି ଗୋଟି ଏ ଗର୍ତ୍ତରେ ପତିତ ହେଲା । ଘୋଡ଼ା ଦୁଇଗୋଟି ମାରିଗଲେ ଏବଂ ରାଜକୃଷ୍ଣବାବୁ ଅଚେତନ ହୋଇଗଲେ । ସେ ବର୍ତ୍ତମାନ ଭଲ ଅଛନ୍ତି । ଏହାଙ୍କ ସ୍ୱଭାବ କହିହେବ ନାହିଁ ।

ମୋରଦାବାଦଠାରେ ଚ୍ଛାଗାର ବିତରେ ଅନେକ ସିପାହି-ମାନଙ୍କ ଘର ଭଙ୍ଗି ଯାଇଥିବା ଏବଂ କେତେକ ଘରର ଛାତ ଉଡ଼ି ଯାଇଥିବାର ସମ୍ବାଦ ମିଳଇ ।

ମାନ୍ଦ୍ରାଜ-ଖ୍ରୀଷ୍ଟିଆନ କଲେଜର ଜଣେ ବ୍ରାହ୍ମଣଛାତ୍ର ଖ୍ରୀଷ୍ଟଧର୍ମ ଅବଲମ୍ବନ କରିଥିବାରୁ ପିତାମାନେ ମୋତ କରି-

କାଉଁ ପାଠକମାନଙ୍କୁ ଜଣାଇଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଉକ୍ତ ବାଳକ ଖ୍ରୀଷ୍ଟଧର୍ମ ଅବଲମ୍ବନ ନ କରି ଅପଣା-ଘରକୁ ଫେରି ଆସିଅଛି ।—ସୁଖର ବିଷୟ । ଏଥିରୁ ଶିକ୍ଷା ଦେଖା ଯାଉଅଛି ଯେ ବାଳକଟି ଖ୍ରୀଷ୍ଟଧର୍ମର ମାହାତ୍ମ୍ୟ ଅବ-ଗତ ନ କରି କଦାପି ଆପଣା ପିତାମାତାଙ୍କୁ ତ୍ୟାଗକରି ପାଦ୍ରୀସାହେବଙ୍କ ମଠରୁ ଯାଇ ନ ଥିଲା । ପିତାମାନେ ପୁତ୍ରର ସ୍ନେହ କରିବାରୁ ଅବଶ୍ୟ ଫେରି ଆସିବାକୁ ହେଲା ।

ବ୍ରହ୍ମଦେଶରେ ଅଦ୍ୟାପି ଶାନ୍ତି ସଂସ୍ଥାପନ ହୋଇ ନାହିଁ । ଟେଲିଗ୍ରାଫଷ୍ଟେସନରେ ଡକାଏତମାନେ ଇଂରାଜମାନଙ୍କ ସଙ୍ଗେ ଯେଉଁ କାଗଜକାଗଜପତ୍ର ମିଳ ଯାଇଥିଲେ ସେମାନଙ୍କୁ ଅକ୍ରମଣ କରି ଅନେକଙ୍କୁ ମାରିପକାଇଲେ । ଇଂରା-ଜସୈନ୍ୟ ଏ ସମ୍ବାଦ ପାଇ ତାହାଙ୍କର ପଶ୍ଚାଦ୍ଗମନ କରି ପ୍ରଧାନ ଡକାଏତକୁ ମାରିଅନ୍ୟ ଅନେକଙ୍କୁ ବନ୍ଦୀ କଲେ । ଗତମାସ ତା ୪ ରିଖରେ ଲେପାଟନ ଜଣକ କଲକରେ ଲେଫ୍ଟନେଣ୍ଟ ଲଇସ୍ମିଥ୍ ଓ ଓଡାଇଡ୍ ସାହେବମାନେ ଡକାଏତଙ୍କ ପଶ୍ଚାଦ୍ଗମନ କରୁଥିବା କାଳରେ ଉଭୟ-ଙ୍କଠାରେ ଗୁଳି ଲାଗିଲା । ଏଥିରେ ଲଇ ସାହେବଙ୍କ ଓ ଜଣେ ସେନା ମରା ପଡ଼ିଲେ ଏବଂ ଅନ୍ୟ ଏକସେନା ଗୁରୁତର ଆଘାତପ୍ରାପ୍ତ ହୋଇଅଛି ।—ବ୍ରହ୍ମର ଉତ୍ପାତ କେବେ ନିବାରିତ ହେବ ?

ଲକ୍ଷ୍ନୌଠାରେ ମୁସଲମାନମାନଙ୍କର ଏକ ବୃହତ୍ସଭା ହୋଇ ତହିଁରେ କାଂଗ୍ରେସ୍ସମିତି ସହିତ ସେମାନଙ୍କର ସହାନୁଭୂତି ଅଛି ବୋଲି ପ୍ରସ୍ତାବ ଧାର୍ଯ୍ୟ ହୋଇଯାଇଅଛି ।

ଲୋହିତସାଗରରେ ଲୁଭିଣ୍ଡା ଏବଂ ଗାରେଟ ଜାହାଜ-ଦ୍ୱୟରେ ଧକ୍କା ଲାଗିବାରୁ ପୂର୍ବୋକ୍ତ ଜାହାଜ ଭଣ୍ଡି ବୁଡ଼ି ଯାଇଅଛି । ତହିଁର ଦୁଇଜଣ ଖଲାସି ମଧ୍ୟ ବୁଡ଼ି ମରିଅଛନ୍ତି । ଅନ୍ୟ ଜାହାଜ ଖଣ୍ଡିକର ଅନେକ କ୍ଷତି ହୋଇଥିଲେ ହେଁ ନଷ୍ଟ ହୋଇ ନାହିଁ ।

ଫ୍ରାନ୍ସରେ ଭୂମିକମ୍ପ ଉପସ୍ଥିତ । ସେଠାରେ ପ୍ରଜାତନ୍ତ୍ର-ଶାସନ ଉଠାଇଦେବା ଦୁର୍ବ୍ଭାଗ୍ୟ ଆନ୍ଦୋଳନ ଚଳାଇବାର ଧୂମ ଲାଗିଅଛି । ବୁଲେଞ୍ଜର ସାହେବ ଏ ଲୋକମାନଙ୍କ ପ୍ରଧାନ-କର୍ତ୍ତା ଏବଂ ବର୍ତ୍ତମାନ ଫ୍ରାନ୍ସ ଦେଶରେ ଏହାଙ୍କର ବିଶେଷ ପ୍ରାଧାନ୍ୟ ଲାଭହୋଇଅଛି । ସନ ୧୮୭୦ ମସିହାରେ ଜର୍ମାନ ଫ୍ରାନ୍ସଦେଶକୁ ଆକ୍ରମଣ କରିଥିବା ଦିନଠାରୁ ଏ ମହାଶୟ ଖଣ୍ଡେ ପୁସ୍ତକ ପ୍ରକାଶ କରି ଇଂଲଣ୍ଡରେ ସମସ୍ତ ଫ୍ରାନ୍ସ-ଦେଶବାସୀଙ୍କ ପ୍ରତି ସ୍ନେହ ବିତରଣ କରିଅଛନ୍ତି ।

କଲିକତାରେ ଗତମାସ ତା ୧ ରିଖରେ ଯେଉଁ ତୋଫାନ ହୋଇଥିଲା ତହିଁରେ ୧୬୮ ଜଣ ଲୋକ ନଷ୍ଟ ଏବଂ ୧୨୦୦ ଲୁ ଅଧିକ ଲୋକ ଆଘାତ ପ୍ରାପ୍ତ ହୋଇଥିବାର ସ୍ଥିର ହୋଇଅଛି । କାଶ୍ମୀରଠାରେ ଓଲଉଠା ରୋଗ ଅଧିକ ପ୍ରବଳ ଥିବାର ସମ୍ବାଦ ମିଳଇ । ଅନେକ ଅନେକଲୋକ ଉକ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପତିତ ହେଉଅଛନ୍ତି ।

କଲିକତାର ମୁସଲମାନମାନଙ୍କର କାଂଗ୍ରେସଙ୍କୁ ଅସ୍ମ-ମାନଙ୍କର ବଡ଼ଲାଟ ଡଫରିନ ମହୋଦୟ ଓ ତାଙ୍କ ପତ୍ନୀ ନଙ୍କୁ ପ୍ରତ୍ୟେକ ଭେଟିଅଛନ୍ତି ।

ଭାରତଜାତୀୟସମିତିସମ୍ବନ୍ଧରେ ସାହାରନପୁରଠାରେ ଗତମାସ ତା ୧ ରିଖରେ ଗୋଟିଏ ସଭା ହୋଇଥିଲା । ଅନ୍ୟୁନ ୫୦୦ ଜଣ ସଭ୍ୟସ୍ଥଳରେ ଉପସ୍ଥିତ ଥିଲେ ଏବଂ ସଭାର କାର୍ଯ୍ୟ ଅନନ୍ତ ଉତ୍ସାହସହକାରେ ସମ୍ପନ୍ନ ହୋଇଥିଲା । ଲାଲା ରାମଲାଲ ହିନ୍ଦୁ ପଣ୍ଡିତ କାଂଗ୍ରେସ୍ସମିତିର ଉଦ୍ଦେଶ୍ୟ ଏବଂ ଆବଶ୍ୟକତାସମ୍ବନ୍ଧରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ ଏବଂ ଉପସ୍ଥିତ ସଭ୍ୟମାନେ ସମିତିରେ ଆଗତ ସହାନୁଭୂତି ପ୍ରକାଶ କଲେ ।

ଭାରତ-ଜାତୀୟସମିତି ସମ୍ବନ୍ଧରେ ମାନ୍ଦ୍ରାଜଠାରେ ଗତ-ମାସ ତା ୨୪ ରିଖରେ ଏକ ସଭା ହୋଇଥିଲା । ନୂରନ-ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଶିବଶଙ୍କର ପାଣ୍ଡେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତା ମହାଶୟ ମନ୍ତ୍ର ଏବଂ କୋରାଣରୁ ଅନେକ ବଚନ ଉଦ୍ଧୃତକରି କହିଲେ ଯେ ପୂର୍ବକାଳରେ ରାଜାମାନେ ପ୍ରଜାମାନଙ୍କ ମତ ନେଇ କାର୍ଯ୍ୟ କରୁଥିଲେ ।

ଏକସ୍ଥାନରେ ଗୋଟିଏ ସାହେବ ହାତଘୋଡ଼ ପ୍ରଦର୍ଶନ କରାଇଥିଲେ । ଉକ୍ତଘୋଡ଼ର ଉଚ୍ଚତା ଫୁ ୪ ଟ ଇ ୧ ଞ୍ଚ ମାତ୍ର ନଞ୍ଜିରୁ ଚତୁର୍ଦ୍ଦିକର ଉଚ୍ଚତା ଫୁ ୫ ଟ ହେବ ।

ଅସ୍ମମାନଙ୍କର ପ୍ରାନବାଣୀକେଟସ୍ଥ ଗତ ଅପ୍ରେଲ ମାସ ତା ୨୪ ରିଖରେ ଜର୍ମାନରେ ପହଞ୍ଚୁ ଅପଣାର ନାମରେ ନୂତନ ସମ୍ରାଟ ଫ୍ରେଡରିକଙ୍କୁ ଦେଖି ସେହିମାସ ତା ୨୭ ତା-ରିଖରେ ଦେଶ ଉଦ୍ଦେଶରେ ଜର୍ମାନରୁ ଯାତ୍ରା କରିଥିବାର ସମ୍ବାଦ ମିଳଇ ।

ଗତ ଅପ୍ରେଲମାସ ତା ୨୦ ରିଖରେ ଲକ୍ଷ୍ନୌଠାରେ ଏକ ବୃହତ୍ସଭା ହୋଇଥିଲା । ଭାରତ ଜାତୀୟସମିତିର ଉଦ୍ଦେ-ଶ୍ୟରେ ମାଲ୍ୟବର ପଣ୍ଡିତ ଅଯୋଧ୍ୟାନାଥ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ଏ ସଭାରେ ପ୍ରାୟ ତୁଇସହସ୍ର ଲୋକ ଉପସ୍ଥିତ ହୋଇଥିଲେ ଏବଂ ଏମାନଙ୍କ ମଧ୍ୟରୁ କେବଳ ପାଞ୍ଚ ବା ଛଅଶତ ଲୋକ ମୁସଲମାନ ଥିଲେ । ସେଖ ଫଜାଲୁଦ୍ଦିନ-ଙ୍କ ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ବକ୍ତୃତା ଶେଷରୁ କାଂଗ୍ରେସ୍ସମିତିର ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତ ସହାନୁଭୂତ ଥିବା ମର୍ମରେ ଗୋଟିଏ ପ୍ରସ୍ତାବ ଏକମତହୋଇ ଧାର୍ଯ୍ୟ ହେଲା କେବଳ ଅଠଜଣ ଲୋକ ଉକ୍ତପ୍ରସ୍ତାବରେ ଅମତ ପ୍ରକାଶ କରିଅଛନ୍ତି ।— ଏ ଅଠ ଜଣ ବୋଧହୁଏ ସମ୍ପ୍ରଦାୟ ଅନେଦରଶ୍ରେଣୀର ଲୋକ ! କାନପୁରଠାରେ ମଧ୍ୟ ଏହିପରି ଏକ ସଭା ଉକ୍ତମାସ ତା ୨୧ ରିଖରେ ହୋଇ ଉପସ୍ଥିତଲୋକ-ମତରେ ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା । ଏଥିରେ ମଧ୍ୟ ଜଣେ ମୁସଲମାନ ମୌଲବୀ ଅବଦୁଲକାଦର ସଭାପତିର ଆସନ ଗ୍ରହଣ କରିଥିଲେ ।

ମହାରାଜଙ୍କ ଅନୁବାଦକାର୍ଯ୍ୟର ସାହାଯ୍ୟ ନିମିତ୍ତ କଲି-କତାର ବାବୁ ପ୍ରତାପଚନ୍ଦ୍ର ରାୟଙ୍କୁ ଭୂପାଳର ମହାରାଣୀ-ଟ ୫୦୦ ଙ୍କା ଦାନ କରିଅଛନ୍ତି । ଏ ମହାତ୍ମା ଇତଃପୂର୍ବେ ଥରେ ଟ ୩୦୦ଙ୍କା ଦାନ କରିଥିଲେ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଉଦୟପୁରରୁ—ଲେଖକଙ୍କର ସ୍ୱାକ୍ଷର ଓ ଠିକଣା ନ ଥିବାରୁ ଅଗ୍ରାହ୍ୟ ହେଲା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏକଥା ଯେ ଆପଣଙ୍କ କାଗଜରେ ଗତ ଫେବ୍ରୁଆରିମାସ ତା ୧୪ ରିଖରେ ଅନୁଗୋଳ-ଜମିଦାର ସ୍କୁଲ-ଡେପୁଟିଇନସ୍ପେକ୍ଟରଙ୍କ ସମ୍ବନ୍ଧେ ଯାହା ଫୁଲା ଛୁଟିବିଷୟକ ପ୍ରତାରଣା ବୋଲି ଲେଖା ଥିଲା । ଅମ୍ଭେ ସେ ବିଷୟ ତଦନ୍ତ କରିବାରେ ଜାଣିଲୁଁ ଯେ, ଆପଣଙ୍କ ପତ୍ରରେ ଉକ୍ତବିଷୟ ଦେବା ପୂର୍ବରୁ ତାହା ଖଣ୍ଡନ କରିସାରିଥି-ବାର ମହାଶୟ ତାଙ୍କ ଭୁଲ ଲେଖିଥିବା ତାହାରୁ କ୍ଷମା ଦେଇଅଛନ୍ତି ।

ଏଣୁ ଅମ୍ଭେ ଆପଣଙ୍କ କାଗଜରୁ ଜଣା-ଇଲୁଁ । ଆପଣଙ୍କ ଉଚ୍ଚବିଶ୍ୱାସ ପତ୍ରିକାରେ ଟିକିଏ ଜାଗା ଦେଇଥିଲେ ଭଲ ହୋଇ-ଥାନ୍ତା । ଇତି ।

କଟକ } ଶ୍ରୀ ଗୌରୀଶଙ୍କ ଗ୍ରନ୍ଥଚନ୍ଦ୍ରାୟ, ଅସିଷ୍ଟେଣ୍ଟ ସବ୍‌ଇନ୍‌ସ୍ପେକ୍ଟର, ଅନୁଗୋଳ ଓ ଡେଙ୍କାନାଳସ୍କୁଲ ।
୧୨।୫।୮୮ }

---

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ଏହି କେତେକ ପଂକ୍ତିକୁ ସ୍ଥାନଦାନ କରି ଚରିତାର୍ଥ କରିବା ହେବେ । ଅମ୍ଭମାନଙ୍କ ... ସବ-ମେନେଜର ବାବୁ ମହୋଦୟ ଜଗନ୍ମୋହନ ଦାସଙ୍କର ବଦଳି କରିବା ହେବାର କଥାରୁ ଶୁଣି ପ୍ରଜାବର୍ଗ ଓ ଅମଲାବର୍ଗ ଯେ କେତେଦୂର ମନଃକଷ୍ଟ ପାଉଅଛନ୍ତି ଏବଂ ସର୍ବଦା ବାହାକାର ଶବ୍ଦରେ ଆକାଶ ପୂର୍ଣ୍ଣ କରୁଅଛନ୍ତି ତାହା ଅନିର୍ବ୍ବଚନୀୟ ଅଟେ । ପ୍ରଶଂସିତ ବାବୁ ମହୋଦୟ ଆଜକୁ ପ୍ରାୟ ୪ ବର୍ଷ ହେବ ଏ ସ୍ଥାନରେ ଅନେକ ଉତ୍କୃଷ୍ଟ କାର୍ଯ୍ୟ କରି ଚିରସ୍ଥାୟୀ ସ୍ଥାପନ କରି ଯାଉଅଛନ୍ତି । ବୋଧ ହୁଏ ଥିଲେ ଏହାଠାରୁ ଆହୁରି କେତେ କରିଥାନ୍ତେ ।

ପ୍ରଜାବତ୍ସଳଗୁଣରେ ଏ ମହୋଦୟ ଏପରି ଥିଲେ ଯେ କେହି ତାଙ୍କର ଏପର୍ଯ୍ୟନ୍ତ ଅପବାଦ କରି ନାହିଁ ବରଂ ତାଙ୍କର ବଦଳି ହେବାର ଶୁଣି ଦୁଃଖାନ୍ୱିତ ହେଉଅଛନ୍ତି । ଅତଏବ ପରମପିତା ପରମେଶ୍ୱରଙ୍କୁ ପ୍ରାର୍ଥନା ଯେ ଏହାଙ୍କୁ ଉଚ୍ଚପଦରେ ଉନ୍ନତି କରନ୍ତୁ । ଆଉ ଅମ୍ଭମାନଙ୍କର ଗୁଡ଼ ମେନେଜରଙ୍କୁ ଏଠାରୁ ଲୁଣଲରେ ଅଣାଇ ତାଙ୍କର ଯଶଃ ବିଖ୍ୟାତ କରନ୍ତୁ ।

ବଶମ୍ବଦ

କରସିଂହପୁର ଗଡ଼ } ଶ୍ୟାମସୁନ୍ଦର ସିଂହ
୧୭।୪।୮୮ } କେତ୍ରକ ଡାକ୍ତର ।

---

ମହାଶୟ !

ଗତମାସ ତା ୧୪ ରିଖ ପତ୍ରିକାରେ ପଣ୍ଡିତ-

ବାହ୍ମଣଙ୍କ ମୁଣ୍ଡ ଛେଦନ ବିରୁଦ୍ଧରେ ଯେଉଁ ବ୍ୟବସ୍ଥା ବାହାରିଅଛି ସେ ବିଷୟରେ ଆର୍ଯ୍ୟ-ନୀତିପ୍ରଦୀପ ସମାଜରେ ଯାହା ସ୍ଥିର ହୋଇଅଛି ତାହା ନିମ୍ନରେ ଲେଖୁଅଛୁ । ଆପଣ ନିଜ ପତ୍ରିକାରେ ସ୍ଥାନ ପ୍ରଦାନ ପୂର୍ବକ ପ୍ରକାଶ କଲେ ବାଧିତ ହେବୁ ।

"ମୁଣ୍ଡନେ ଶଙ୍କରେ ବପ୍ତ୍ରେ ଗୋବଧସ୍ୟ ବ୍ରତଂ ଚରେତ୍ ପ୍ରଶ୍ନେଜବତ୍ ଲୁଞ୍ଚିତ ବ୍ରତସ୍ୟାର୍ଦ୍ଧଂ ବଶ୍ଚରେତ୍ "

ଉପରୋକ୍ତ ପ୍ରମାଣରୁ ପ୍ରକାଶ ପାଉଅଛି ଯେ କେବଳ ବ୍ରାହ୍ମଣମାନେ ସ୍ୱୟଂ ବପନ କଲେ ବା କରାଇଲେ ପାପ ହୁଅଇ ସତ୍ୟ କିନ୍ତୁ ଇତରମାନେ ସ୍ୱୟଂ ମୁଣ୍ଡ ଛେଦନ କରିବା ନିଷେଧ ହେଲେହେଁ କରାଇବା ପକ୍ଷରେ ଦୋଷ ବୋଲି ବୋଲାଯାଇ ନ ପାରେ, ଯେହେତୁ ସତରାଂ ଦେଖାଯାଏ ଯେ ମୁଣ୍ଡ-ଛେଦନ କାର୍ଯ୍ୟ ଗୋପାଦିକ ପାଣିକାଢ଼ିଦ୍ୱାରା ନିର୍ବାହିତ ହେଉଅଛି ଆଉ ବ୍ରାହ୍ମଣମାନେ ନିଜେ ବପନ କରନ୍ତି ନାହିଁ କିମ୍ବା କରନ୍ତି ନାହିଁ, କେବଳ ଇତର ଜାତି ( ଯଥା ଦଣ୍ଡାଶି ଗଉଡ଼ ପ୍ରଭୃତି ) ବପନ କରାଇବା ପକ୍ଷେ ତାହାର ଆପତ୍ତି ନାହିଁ କିମ୍ବା ଦୋଷ ସ୍ପର୍ଶ ହୁଏ ନାହିଁ ଏପରି ସ୍ଥଳରେ ଅଦ୍ୟାବଧି ପ୍ରବର୍ତ୍ତିତ ସମାଜ ଏକାକେଳଦେ ବପନ କରିବା ଓ କରାଇବା ନିଷେଧ ବୋଲି ବ୍ୟବସ୍ଥା ପ୍ରଚାର କରି ଲୋକଙ୍କ ମନରେ ସନ୍ଦେହ ଜନ୍ମାଇବା ଅଭି-ପ୍ରାୟ ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । ଦେଶାଚାରବିରୁଦ୍ଧ ହେଲେ ଯେ ଶାସ୍ତ୍ରୀୟ ବଚନରେ ପୁଣି ଲୋକଙ୍କର ଆଦର ହୁଅଇ ନାହିଁ ଏହାର ତାହାକୁ ଅବଗତ ଅଛୁ । ଯଦ୍ୟପି ଶୁଦ୍ଧଂ ଲୋକବିରୁଦ୍ଧଂ ନାଚରଣୀୟଂ ନ କର-ଣୀୟଂ । ଇତି ।

ଉପସଂହାରରେ ବକ୍ତବ୍ୟ ଏହି; ବ୍ରାହ୍ମଣ-ମାନେ ବପନ କରିବା କିମ୍ବା କରାଇବା ଶାସ୍ତ୍ର-ବିରୁଦ୍ଧ ଅଟେ । କିନ୍ତୁ ଦେଶାଚାରବଶତଃ ଇତରମାନେ ସ୍ୱୟଂ ବପନ କରିବା ବିରୁଦ୍ଧ ହେଲେ ହେଁ କରାଇବାରେ ପାପ ହୁଅଇ ନାହିଁ । ତତ୍ର ପ୍ରମାଣଂ ।

ଯସ୍ମିନ୍ ଦେଶେ ଯ ଆଚାରଃ ପାରମ୍ପର୍ଯ୍ୟକ୍ରମାଗତଃ ।
ସଦୈବ ପରିପାଲ୍ୟୋଽସୌ ସଦାଚାରମୁଦାହୃତଃ । ଇତି

୨।୫।୮୮ } ଭବଦୀୟ
ଖରନରସିଂହପୁର } ଶ୍ରୀ ଗୋବିନ୍ଦ ମିଶ୍ର ଶର୍ମା
ସମ୍ପାଦକ
ଆର୍ଯ୍ୟନୀତିପ୍ରଦୀପ-ସମାଜ

---

To the Editor of Utkal Dipika

Sir,

There seems to be a growing impression in some quarters that I have something to do with the editorial or financial management of the infant paper called "*The Orissa Patriot.*" I am at a loss to know who is to be thanked for having created such an impression or what was his object in creating this impression. For obvious reasons I feel it my duty to remove this impression by assuring the public which I do hereby, that I had or have no sort of connection with the paper, on the contrary the views expressed in one or two leaders, which I have cursoriey read, on what the Editor calls self defence movement would not commend themselves to the sympathy of any reasonable man as being immoderate to selfishness.

I shall thank you for giving this letter an early insertion.

Cuttack 15th May, 1888. } Yours &c.
M. S. Das.

---

## ବିଜ୍ଞାପନ ।

ନୂତନ ପୁସ୍ତକ ।

## କଳିକାଳ ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଦୁଇଅଣା । ମୋଫସଲକୁ ପଠାଇବା-କାରଣ ଦୁଇପଇସାର ଡାକଟିକଟ ଲାଗିବ

---

ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ-ପ୍ରଣୀତ "ଶେଷଧରନାଶ" ପୁନର୍ମୁଦ୍ରିତ ହେଉଅଛି । ଅଚିରେ ପ୍ରସ୍ତୁତ ହେବ । ଗ୍ରାହକେଚ୍ଛୁକ-ବ୍ୟକ୍ତିମାନେ ଆମ୍ଭ ନିକଟରେ ଚିଠି ଲେଖିଲେ ପାଇ-ପାରିବେ ।

କଟକ ୧୪।୫।୮୮ } ଶ୍ରୀ ଗୌରୀଶଙ୍କର ରାୟ
ସମ୍ପାଦକ କଟକ ପ୍ରିଣ୍ଟିଂ କୋମ୍ପାନୀ ।

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯା-ଉଅଛି ଯେ ଓଡ଼ିଶା ମେଡିକାଲ ସ୍କୁଲରେ ଚଳିତ ବର୍ଷ ପାଇଁ ମୋ ୧୦ ଟି ବୃତ୍ତି ଖାଲିଅଛି ଯେଉଁମାନେ ଅଧ୍ୟୟନ କରିବାକୁ ଇଚ୍ଛା କରନ୍ତି ସେମାନେ ଆପଣା୨ ପ୍ରଶଂସାପତ୍ର ସହିତ ଆଗାମୀ ଜୁନମାସ ତା ୧ ରିଖରେ ଜେନେରଲ ହସପିଟାଲରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉ ଯେଉଁମାନେ ଏଣ୍ଟ୍ରେନ୍ସ, ମାଇନର ଓ ଵର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନଙ୍କୁ ସ୍କୁଲରେ ନିଆଯିବ ।

୫।୫।୮୮ } E. BOVILL
କଟକ } ସୁପରିଣ୍ଟେଣ୍ଡେଣ୍ଟ
ଓଡ଼ିଶା ମେଡିକାଲ ସ୍କୁଲ କଟକ

---

## NOTICE.

Keys to Royal Readers No. II and III ( New Series ) containing notes will soon be ready.

To be had at the Printing Company Cuttack.

Gowri Sunker Roy
*Secretary.*

---

## ମେହରୋଗ ।

ତିନି ସପ୍ତାହ ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଦାସୀନ ଗୋ-ଣ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ-ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷଦିନପର୍ଯ୍ୟନ୍ତ ରହିବ । ଇଂରାଜୀ ବିଜ୍ଞାପନରେ ପରଣତ ନ ହେଲେ ଅଛି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅହିରିଟୋଲା ନଂ ମର ଭବନରେ ଦ, କେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫି-ଶିଶି ଟଙ୍କା ୨ । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

Split by PDF Splitter

Digitized by srujanika@gmail.com

**NOTICE.**

# A key to
## THE MIDDLE ENGLISH TEXT
"THE NEW ROYAL READER
No. IV."

FOR THE YEAR 1888-89.

Containing meanings of words explanations of Phrases difficult passages and sentences, and grammatical refference parsings and derivations: Besides many other informations for the candidates preparing for Minor Scholarship Examination.

By an experienced Teacher will be out no sooner than we get 100 subscribers.

Price with postage for the subscribers before 15th June Rs. 1-10

Abridged ... ... Ans 9 only

Send a post card please desiring the number of copies you want. You shall get the copies per V. P. Post.

Gouree Sanker Rai
Editor.

ବିଶେଷ ଦ୍ରଷ୍ଟବ୍ୟ !

କଟକଜିଲ୍ଲାର ଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ବାଙ୍କୀରୁ ଶ୍ରୀ ଶିବଚନ୍ଦ୍ର ପଟ୍ଟନାୟକ, ଦେଉପୁରରୁ ଶ୍ରୀ ବୈଷ୍ଣବଚରଣ କାନୁନଗୋ, କଟକରୁ ଶ୍ରୀ ଦୁର୍ଗାଚରଣ ଦାସ, ଭଦ୍ରଖରୁ ଶ୍ରୀ ଗୋପୀନାଥପ୍ରସାଦ ସେନ ବାଲେଶ୍ୱରରୁ ଶ୍ରୀ ଜଗନ୍ମୋହନ ପାଣ୍ଡୀ ଏପରି ବୌଦ୍ଧ, ଢେଙ୍କାନାଳ, ଗଞ୍ଜାମ, ଅନୁଗୁଳ, ପୁରୀ, ସମ୍ବଲପୁର, ମାଣିକପଟ୍ଟଣା, କେନ୍ଦ୍ରାପଡ଼ା ଓ ମେଦନୀପୁର ପ୍ରଭୃତି ନାନାସ୍ଥାନର ବହୁକାଳବ୍ୟାପି ନାନାପ୍ରକାର କୁତ୍ସିତ ଓ ଅସାଧ୍ୟ ରୋଗଗ୍ରସ୍ତ ରୋଗିମାନେ ରୋଗମୁକ୍ତ ହୋଇ ସୁସ୍ଥ ଓ ସବଳକାୟ ହୋଇଅଛନ୍ତି । ତାହାଙ୍କର ଔଷଧରେ କୌଣସି ଅନିଷ୍ଟର ଆଶଙ୍କା ନାହିଁ । ଔଷଧସେବନେଚ୍ଛୁକମାନେ ରୋଗର ବିବରଣ ତାହାଙ୍କୁ ଲେଖିଲେ ନିଶ୍ଚୟ ରୋଗରୁ ମୁକ୍ତ ହେବେ ।

# ଓଡ଼ିଶା ମିଶନ ପ୍ରେସ
# କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।

ଏଷ୍ଟିମେଟ ମାଗିଲେ ମିଳିବ ।

# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସଦର ହଟ୍ଟର ଚୌଧୁରୀ ବଜାର ବାବୁ ଗୌରୀପତିଙ୍କର ଗୃହସ୍ଥ ବସା ନିକଟସ୍ଥ ବାବୁ ଅର୍ଜୁନଦାସ ଦର ଶର୍ମ୍ମାଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୫ ପଣ | ବାଇ | ର ୧୬ ଟ ୨॥/ | ର ୧୬ | ଟ ୦ ୬/୫ |
| ୧୭ ପଣ | " | " ଟ ୨॥ | " | ଟ ୦ ୬/॥ |
| ୧୨ ପଣ | " | " ଟ ୨। | " | ଟ ୦ ୬ |
| ୩୦ ପଣ | " | " ଟ ୨। | " | ଟ ୦ ।/୫ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତରେ ୧ ୨ ମ ବା ଅଧିକ କ୍ରୟ କରିବେ ଅଧିକ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀପତିଙ୍କର ଗୃହଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲିକତା ଓ ରେଶମୀ ଓ ଗେରୁ ଲୁଗା ଓ ସ୍ପେଞ୍ଜଲ ଓ ବନାତ କଲ ଇତ୍ୟାଦି ସଚରାଚର ବିକ୍ରୟ ହେଉ ଅଛି ଯାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦ୍ଭିନ୍ନ ଅଣ୍ଟ କେଇତ ଫେସ୍ନ ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଥିଛଡ଼ା ଆମ୍ଭେମାନେ ବିଲାତି ଜୋତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଜୋତାମାନ ବିକ୍ରୟ ହେବା ଦର ଅପଣା ମଫସଲ ସକାଶେ ବଡ଼ା ଖଣ୍ଡେ ଲେଖିବେ ଏକ ପାର୍ଶ୍ୱଲୁ ପ ବନା ଟ ୬/୫ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଡ ଖର୍ଚ୍ଚନତର ଭାର ତାଙ୍କ ଉପରେ ରହିବ । ଖଡ ହେଲେ ଜୋତାର ପରି ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| ବନାତ ଶେରଣା ଚ ଅର୍ଦ୍ଧେକ ଘଷ ଦେଲେ ଗୁଲେ । | କାଚ ପିଆଲ ଓ ଚାଉ ଚାଲିଣି ଓ ଗ୍ଲାସ |
| ଜରେସଗ୍ଲାସ | ଟଲାସ ବୋତଲ |
| କାପେଷ୍ଟୀନ୍ ତେଲ ନତବା ଶେଷ ଗ୍ଲାସ ଓ ତୋନ ସ୍କୁଲ । | ଉତ୍ତମ ଦୂରବୀକ୍ଷଣ ଏକଜସ୍ତ ଦୂର |
| ଦୁଇ ଅର୍ଦ୍ଧେକ ନତବା ନତବା କାଗଜ ଚେଞ୍ଜ ଷ୍ଟେର ଓ ବଲନ । | ଦେଖିବାକୁ ଉପଯୋଗ ଏକ ଦେବୀଙ୍କ ଅଫଲ |
| ସେଣ୍ଟହିଲ ବାକ୍ସ ଇତ୍ୟାଦି । | ଗାର୍ଣ୍ଣି ଛାତି ଲୁଗାରେ ଛପ ହେଲେ ଲେଖା ପରେ ଉଠାଇ ହେବ ନାହିଁ । |
| ତାହା ପ୍ରକାରର ଶ୍ଳେଟ କାଗଜ ଓ ଲିଫାପା | ଏ ଲୋକଙ୍କ ସମ୍ପାଦିତ ଦାଡ଼ିକ ଓ ବନ୍ଧନୀ । |

| | |
|---|---|
| ଟିଣ୍ ଲୁଗ । | ଉପର ଅସ୍ତ୍ରେଲି |
| ଚେରେ ଛନ୍ଦ । | ଏକର କାଗଜ । |
| ବନାତ ଗାଉନ । | ସ୍ତ୍ରୀ ଖେଳ । |
| ଚାଦର ଗାଦୀର ଉଗ୍ନ ଲେ ଘଷା ପଟାଙ୍କ ହୁଏ । | ଅମେରିକ ପେନ୍ସିଲ ଚ ଆଉ ଏ ପେନ୍ସିଲରେ ଲେଖି ହେଲେ ରଟ ଘଷି ଦେଲେ ପେନ୍ସିଲ ଲେଖା ଉଠେ ତହିଁର ଦାଗ ପଡ଼େ ନାହିଁ । |
| ଚର୍ଣ୍ଣିର ଫେନ—ଅର୍ଥାତ ସୁଗନ୍ଧ ଚୁର୍ଣ୍ଣ । | ଲକ୍ଷ୍ୟ ଟେବୁଲ |
| ଅଦଲ ଭୂତ । | କାଶ୍ମୀର ପେଲଟେ ଲଗାଇ ଆଲୁଅ । |
| ଓଡ଼ିକଲ ବୁଟ ଜୁତା । | ଉଡ଼ନା ଗୋଳାପ ଅର୍ଥାତ ଚଡ଼ିକ ଦଳେ ଅତର ସକଳ । |
| କାଚ ଚଳ । | ନିମ୍ବଜଳ । |
| କୋଲୋନ ଓଟର । | ଦେଶୀ ଚୁ ପେନ୍ସିଲ । |
| ପୋକଶୃଙ୍ଗଳ ଦେଶୀ ମେଚ ଓ ରଙ୍ଗର ଖୋଲେ ଘରେ | ଲମ୍ପ ବୋତଲ |
| ଚୁଲି ଜାତ ଅର୍ଥାତ ଲେଖିବା ଦେବେ ଅଣ୍ଡ ଓ ଖୁଣ୍ଟିଲେ ଘଷା ହେବ । | କଳାପତ୍ରୀ ଗାଡ଼ୀ ଓ ଘୋଡ଼ା ଓ କଳ |
| ଅଳତା ତକ୍ତା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ | ମଦ୍ଗୁଡ଼ା ଓ ଦ୍ବାର ପାନ ପାଟଘୋଡ଼ ଓ ଶାଢ଼ୀ । |
| ପକେଟବୁକ ଦ ପାଞ୍ଚ ଟ ୦ ।/୫ | ଟିଣ୍ଟା ବାଲ୍ଟି |
| ମୋଜା ଓ ମୋଜାବନ୍ଧ | |
| [illegible] | |
| କମ୍ପାସ ବାକ୍ସ ଜଳ | |
| ବନ୍ଦିକ ପାଉଡର ଗୋଲି ଟିଣା | |

# ପିଚକାରୀ ।

ଏ ପାରିକୁ ହେଉଣପି ଯାହାରେ ରଖି ନଥିଲେ ଇଉଲାଇ ହୋଟେଲର ଫାଟିରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝିରେ ଥାଳେ ଲେପିଦେଲେ ମଶାଙ୍କ ଓ ଧୂଳ ଧୂଆଁ ନାହିଁ ।

ବଡ଼ିଆ ଚମଡ଼ା ଓ ସାଲରେ ଲଗାଇବାର ଜାଲ ମଧ୍ୟ ଅଛି ।

ଶ୍ରୀ ଲକ୍ଷ୍ମୀକାନ୍ତ ଦାସ କର୍ମ୍ମୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ଅତି [illegible] ସୁଲଭ ଅଟେ ଯଥା—

| | |
|---|---|
| ପ୍ରଥମଥର ପ୍ରତିଧାଡ଼ି | |
| ୨ୟ ଥର | ଟ ୦୬ |
| ୩ୟ ଥର | ଟ ୦ ୨ |
| ତାର ଅଧିକ ଥର | ଟ ୦ |

ଅନ୍ତ କୌଣସି ବିଜ୍ଞାପନ ଛୋଟ ହେଲେ ହେଁ ଏକ ଟଙ୍କାରୁ କମ ନିଆ ଯିବ ନାହିଁ ।

ଦୁଇଥର ଓ ଦୁଇରୁ ଅଧିକ ଥର [illegible] ଦେବା ଓ ଲିଖିତ ଚୁକ୍ତି ହେବ ।

[illegible]

[illegible]

[illegible]

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ଭାଗ
ସ ୧୨ ସଂଖ୍ୟା

ତା ୨୪ ଶେ ମାର୍ଚ୍ଚ ସନ ୧୮୮୮ ମସିହା । ମୁ । ଚୈତ୍ର ୧୪ ଇ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

ବର୍ଦ୍ଧମାନର ମହାରାଣୀ ନଜକୋଇ ଦେବୀର ଗତ ତା ୨୦ ରଖରେ ମୃତ୍ୟୁ ହୋଇଅଛି । ଏ ମହାରାଣୀ ମହାରାଜ ଅଭୟଚନ୍ଦଙ୍କ ପତ୍ନୀ ଓ ବର୍ତ୍ତମାନ ମହାରାଜ ଆଫତାବଚନ୍ଦଙ୍କ ମାତା ମହତାବଚନ୍ଦ ଏହାଙ୍କର ଗର୍ଭଜ ପୁତ୍ର । ମହତାବଚନ୍ଦ ଶୈଶବାବସ୍ଥାରୁ ମାତୃହୀନ ହୋଇଥିଲେ ପୋଷ୍ୟପୁତ୍ର ହୋଇଥିବାରୁ ସେ ଦୁଃଖରୁ ଉଦ୍ଧାର ହୋଇଥିଲେ କିନ୍ତୁ ସେ ସୁଖ ମଧ୍ୟ ଅତି ଅଳ୍ପ କାଳରେ ଅପସୃତ ହେଲା ବର୍ତ୍ତମାନ ସୁଶୀଳା ବୃଦ୍ଧା ମହାରାଣୀ । ଆମ୍ଭେମାନେ ଆଶା କରୁଁ ବୃଦ୍ଧା ମହାରାଣୀ ମାତୃହୀନ ମହତାବଚନ୍ଦଙ୍କୁ ସ୍ନେହଚକ୍ଷୁରେ ଦେଖିବେ ।

---

ତତ୍ତ୍ୱବୋଧ ନାମରେ ଅତି ଖଣ୍ଡିଏ ବଙ୍ଗାମୂଲ୍ୟରେ ବଡ଼ିଆ ପୁସ୍ତକ ବାହାରିଅଛି ଏବଂ ଆମ୍ଭେମାନେ ତହିଁରୁ ଏକଖଣ୍ଡ ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏ ପୁସ୍ତକ ଶ୍ରୀ ଭୁବନେଶ୍ୱର-ଚନ୍ଦ୍ରପଣ୍ଡା ପ୍ରଭୃତି ୪ ଜଣ ପଣ୍ଡିତଙ୍କ ଦ୍ୱାରା ସଂଶୋଧିତ ଏବଂ କଳାହାଣ୍ଡିର ଶ୍ରୀ ରାଜକୁମାର ଶ୍ରୀରାମଚନ୍ଦ୍ର ସାହଜାଦେବଙ୍କଦ୍ୱାରା ଉତ୍କଳଭାଷାରେ ଅନୁବାଦିତ ହୋଇ ବାମଣ୍ଡା ପ୍ରେସରେ ମୁଦ୍ରିତ ହୋଇଅଛି ଏଥିର କଲେବର ପୃ ୧୬ ପୃଷ୍ଠା ଏବଂ ଛପା ଭଲ ହୋଇଅଛି । ତତ୍ତ୍ୱବୋଧ ଶ୍ରୀଶଙ୍କରାଚାର୍ଯ୍ୟଙ୍କ କୃତ ବେଦାନ୍ତମତ ସମ୍ବନ୍ଧୀୟ ଅଟଇ ଏହା ପାଠ କଲେ ଅବଶ୍ୟ ଜ୍ଞାନ ଲାଭ ହେବ ।

---

ଏଠା ଭଗବଦ୍ଭକ୍ତିପ୍ରଦାୟିନୀସଭାର ସାମ୍ବତ୍ସରିକ କାର୍ଯ୍ୟୋପଲକ୍ଷରେ ଗତ ରବିବାର ଦିବସ ନଗର ସଙ୍କୀର୍ତ୍ତନ ଗୋସ୍ୱାମୀଙ୍କ ମଠରେ ବକ୍ତୃତା ହୋଇଥିଲା । ଏ ନଗରସ୍ଥ ଭଦ୍ରଲୋକ ଅନ୍ୟୂନ ପାଞ୍ଚଶତ ଏ ଧର୍ମ କାର୍ଯ୍ୟରେ ଯୋଗ ପ୍ରଦାନ କରିବା ଦେଖି ହିନ୍ଦୁ ଧର୍ମ ପ୍ରତି ଲୋକଙ୍କର ଆସ୍ଥା ଥିବାର ପ୍ରମାଣ ହେଉଅଛି କେବଳ ଧର୍ମ ସ୍ନାନରେ ଉତ୍ସବ ଦିବସରେ ଉପସ୍ଥିତ ହେଲେ ଯଥେଷ୍ଟ ହୁଏ ନା । ଧର୍ମୋନ୍ନତିର ପ୍ରଧାନ ଅଙ୍ଗ ସୁନ୍ଦର ଚରିତ୍ର ସଂଗଠନ । ଆମ୍ଭେମାନେ ଆଶା କରୁଁ ଏ ହିନ୍ଦୁ ଧର୍ମସଭାଦ୍ୱାରା ଧର୍ମ ପ୍ରତି ଅନୁରାଗ ଯେପରି ବୃଦ୍ଧି ହେବ ତହିଁ ସଙ୍ଗେ ଚରିତ୍ର ସଂଗଠନ ପ୍ରତି ବିଶେଷ ଦୃଷ୍ଟି ରଖି ପବିତ୍ର ଚରିତ୍ର ଜୀବନର ପ୍ରଧାନ ଭୂଷଣ ।

---

ପୁରୀର କଲେକ୍ଟର ଯୋନସ୍ ସାହେବ ଓ ବାଲେଶ୍ୱରର ମାଜିଷ୍ଟ୍ରେଟ ଫାସର ସାହେବମାନେ କେଉଁ କାରଣରୁ ଅସ୍ୱସ୍ଥ୍ୟ ହେଲେ ଅଦ୍ୟାପି ନିର୍ଦ୍ଦିଷ୍ଟରୂପେ ପ୍ରକାଶ ପାଇ ନାହିଁ ମାତ୍ର ଇଂଲିଶମାନ ପ୍ରକାଶ କରୁଅଛନ୍ତି ବିଲାତକୁ ଟଙ୍କା ପଠାଇବାର କଷ୍ଟ ବୃଦ୍ଧି ହେବାରୁ ଭାରତବର୍ଷରୁ ଟ ୧୦୦୦ ଙ୍କା ପଠାଇଲେ ସେଠାରେ ଟ ୭୦୦ ସୁଦ୍ଧା ମିଳଇ ନାହିଁ ଏଣୁ ବଡ଼ ପରିବାର ଖର୍ଚ୍ଚ ନିର୍ବାହ କରିବାକୁ ନ ପାରି ଅର୍ଥକଷ୍ଟ ହେତୁ ଯୋନସ ପ୍ରଭୃତି ସିଭିଲିୟାନମାନେ ଅସ୍ୱସ୍ଥ୍ୟ କରୁଅଛନ୍ତି । ଯେବେ ଏପରି ହେଲା ତେବେ କଷ୍ଟର ସୁବ୍ୟବସ୍ଥା କରିବା ନିମନ୍ତେ ସିଭିଲିୟାନଙ୍କ ଦରମାହା ଆହୁରି ବଢ଼ାଇ ଦେବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ହେଉଅଛି ଏବଂ ସିଭିଲିୟାନଙ୍କ ବେତନବୃଦ୍ଧି ଆଶାରେ ଇଂରେଜମାନେ ସେପରି ଲେଖିଥିବାର ଅସମ୍ଭବ ନୁହଇ ।

---

ଗତ ଫାଷ୍ଟଆର୍ଟସ ପରୀକ୍ଷାରେ ମଧ୍ୟପ୍ରଦେଶର କଲେଜମାନଙ୍କରୁ ନିମ୍ନଲିଖିତ ଛାତ୍ରମାନେ ପାଶ କରିଅଛନ୍ତି ଯଥା ।

| | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|
| ହିସଲପ କଲେଜ | ୪ | ୫ |
| ଜବଲପୁର କଲେଜ | ୪ | ୫ |
| ମରିସ କଲେଜ | ୧ | ୩ |
| ସେଣ୍ଟଫ୍ରାନସିସ / ସ୍କେଲିଷ୍ଟ ନାଗପୁର | ୦ | ୧ |

ଏ ପ୍ରଦେଶରେ ଛଅୋଟି କଲେଜ ଥିବା ପ୍ରତ୍ୟେକେ କୌଣସିଠାରୁ ପ୍ରଥମଶ୍ରେଣୀରେ ଜଣେସୁଦ୍ଧା ପାଶ ନ କରିବା ଜଣାଯାଉଅଛି ।

ଗତ ବି, ଏଲ୍ ପରୀକ୍ଷାରେ ବସନ୍ତ ମିତ୍ର ନାମରେ ମଣ୍ଡଳକଲେଜର ଏକଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛି ।

---

ପୁରୀ, କଟକ, ବଲାଙ୍ଗିରର ରେଲ୍‌ବାଟ ଶୀଘ୍ର ନିର୍ମାଣ କରିବା ବିଷୟରେ ଏଠା ଉତ୍କଳସଭା

Digitized by srujanika@gmail.com

Split by PDF Splitter
168



ଗବର୍ଣ୍ଣମେଣ୍ଟଙ୍କୁ ଏକ ଅବେଦନପତ୍ରଦ୍ୱାରା ପ୍ରକାଶ ପ୍ରାର୍ଥନା କରିଅଛନ୍ତି । ଏହି ଅବେଦନର ପକ୍ଷ ଏଠା କମିଶନର ସାହେବଙ୍କୁ ଅର୍ପଣ କରିବା କାରଣ ସହର କେନ୍ଦ୍ରଭଣ ସଭ୍ୟ ମନୋନୀତ ହୋଇଥିଲେ ଯେ ସେମାନେ ଏକସମୟରେ ଏକଷରେ ସାହେବ ପ୍ରଶଂସିତଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାହା ପ୍ରଦାନ କରନ୍ତେ ଏବଂ ଏ ସମ୍ବନ୍ଧରେ ତାହାଙ୍କ ସହିତ କଥାବାର୍ତ୍ତା କରନ୍ତେ ସାହେବ ପ୍ରଶଂସିତ ଯହିଁରେ ଏରୂପ ଦରଖାସ୍ତ ପ୍ରଦାନର ଅବଶ୍ୟକତା ନ ବୁଝି ତାହା ପଠାଇ ଦେବାର ଆଦେଶ ଦେବାରୁ ତଦନୁସାରେ ପ୍ରେରଣ ହୋଇଅଛି । ସାହେବ ପ୍ରଶଂସିତ ଉତ୍ତମରୂପେ ଜାଣନ୍ତି ଯେ ଉତ୍କଳର ସୁଖ ମଙ୍ଗଳ ଏହି ରେଲବାଟ ଉପରେ ନିର୍ଭର କରଇ ଏବଂ ଦରଖାସ୍ତ ନୁଅଳ ଏ କାଟକମିଶ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା କାରଣ ଦୃଢ଼ରୂପେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେ ।

---

ଜଷ୍ଟିସ ଡାନ୍ସିସ୍ୱଲ ଥଙ୍ଗ ଉଡ଼ିଆ ଗାରି ଗତ ସପ୍ତାହରୁ ଅବଗତ ହେଲୁ । ମେକଟର ଚକ୍ରବର୍ତ୍ତୀ ଏହି ଜଙ୍ଗଲରୁ ଧୃତ ହୋଇଅଛି । ଡାନ୍ସିସ୍ୱଲ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ଚୋର ଓ ଡକାୟତମାନଙ୍କ ଦଳପତି ବୋଲି ପରିଚିତ ଏହାଙ୍କ ହୋଇଦ୍ୟରେ ଦକ୍ଷିଣ ପଶ୍ଚିମବର୍ତ୍ତୀ ସ୍ଥାନମାନର ଲୋକମାନେ ଭୀତ ଓ ସନ୍ତ୍ରସ୍ତ ଏହାଙ୍କ ଦଳ ସହିତରେ ପୋଲିସର କେତେ ଥର ସଂଘର୍ଷ ହୋଇଥାଏ ସନ ୧୮୯୫ ମସିହାରେ ଏ ଦୁର୍ବୃତ୍ତ ଥରେ ଧରା ପଡ଼ିଥିଲା ଓ ଉକ୍ତ ସମୟରେ ଏହାଙ୍କୁ ଦ୍ୱାଦଶବର୍ଷ କାରାବାସଦଣ୍ଡ ହୋଇଥିଲା । ତାହାର ଅଳ୍ପସମୟରେ ପୋଲିସସଙ୍ଗରେ ଦଙ୍ଗାହଙ୍ଗାମ କରନ୍ତେ ତାହାର ଗୋଟିଏ ଅଙ୍ଗୁଳି କାଟିଯାଇଥିଲା ତତ୍ପରେ ସ୍ୱସ୍ଥରେ ଦୂରୀ ହୋଇଥିଲା ବର୍ତ୍ତମାନ ଗ୍ରେପ୍ତାର ସମୟରେ ଅଙ୍ଗୁଳିଗଣ ତାହା ହସ୍ତରେ ଲଗାଇ ଦେଖା ହୋଇଅଛି ଠିକ । ଡାନ୍ସିସ୍ୱଲର ପ୍ରକୃତନାମ ଗଙ୍ଗା ସହାୟ । ଏହାର ବିଚାର ଶେଷ ହୋଇ ନାହିଁ ।

---

ବାଙ୍କୁଡ଼ାର ଏକଷ୍ଟ୍ରା ଜଜ ପସଫୋର୍ଡ ସାହେବ ଜଜଙ୍କର ଅଧୀନ କେତେକ କ୍ଷମତା ମିଉନିସିପାଲକମିଶ୍ନର ଆଜି ଶୀଘ୍ର କୋଠି ଘରଟିକୁ ଏକ ସାଧାରଣ ପାଠଶାଳାର ସ୍ଥାନ ଧାର୍ଯ୍ୟ କରିବାରୁ ସେମାନଙ୍କୁ କବ୍ଜ ଦଖଲ କାରଣ ନୋଟିସ ଦ୍ୱାରା ଅଭିଯୋଗାନୁସାରେ ସେମାନଙ୍କ ନାମରେ ଯେଉଁ ନୋଟିସ ଜାରୀ କରିଥିଲେ ହାଇକୋର୍ଟରେ ତହିଁର ମୋକଦ୍ଦମା ହେବାରୁ ମାନ୍ୟବର ଜଜମାନେ ମୋକଦ୍ଦମାର ସମସ୍ତ ବୃତ୍ତାନ୍ତ ଅବଗତ ହୋଇ ପସଫୋର୍ଡ ସାହେବଙ୍କ ହୁକୁମ ରଦ କରିଅଛନ୍ତି ଏବଂ ରାୟରେ ଲେଖିଅଛନ୍ତି କି ସାଧାରଣଙ୍କ ଉପକାରାର୍ଥେ ହୋଇଥିବା ଅଇନକୁ ଜଜ ସାହେବ ଆପଣା ଉପକାର ନିମିତ୍ତ ଖଟାଇବାର ଚେଷ୍ଟା କରି ନିତାନ୍ତ ଅନ୍ୟାୟ କରିଅଛନ୍ତି ଏବଂ ସେ ପଦ ଉଚ୍ଚପଦର ଯୋଗ୍ୟପାତ୍ର ସେ ନ ଥିବାର ପ୍ରକାଶ ପାଉଅଛି । ଏହି ରାୟର ନକଲ ମାନ୍ୟବର ଲେଫ୍ଟେନାଣ୍ଟ ସାହେବଙ୍କ ବିବେଚନା କାରଣ ପ୍ରେରଣ କରିବାର ହୁକୁମ ଦେଇ ହାଇକୋର୍ଟ ଜଜର କର୍ତ୍ତବ୍ୟ କାର୍ଯ୍ୟ କରିଅଛନ୍ତି । ଲେଫ୍ଟେନାଣ୍ଟ ମହୋଦୟ ଏଥିରେ କି ଆଜ୍ଞା ଦେବେ ସମୟରେ ପ୍ରକାଶ ପାଇବ ।

---

ଗତ ବର୍ଷ ଉତ୍ତର ମାସରେ ଅଲାହାବାଦଠାରେ ଭାରତ ଜାତୀୟସମିତିର ଅଧିବେଶନ ହେବ ବୋଲି ଗତ ମାନ୍ଦ୍ରାଜ ଅଧିବେଶନରେ ସ୍ଥିର ହୋଇଥିବାରୁ ଅତ୍ରତ୍ୟ ଉତ୍ତରପଶ୍ଚିମାଞ୍ଚଳର ଲୋକମାନେ ଜାଗରୂକ ହେବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଗତ ମାସ ତା ୧୫ ରବିବାର ସନ୍ଧ୍ୟା ସମୟରେ କାରସଠାରେ ଜାତୀୟସମିତିର ମର୍ମ ଓ ଉଦ୍ଦେଶ୍ୟ ବୁଝାଇ ଦେବା ଅଭିପ୍ରାୟରେ ଏକ ସଭା ହୋଇଥିଲା । ତହିଁରେ ପଣ୍ଡିତ ବିଶ୍ୱନାଥପ୍ରସାଦ ନାମକ ଜଣେକ କାଶ୍ମୀରର ଏକ ସୁପାର୍ଥ ବକ୍ତୃତା କରି କହିଲେ ଯେ ଭାରତୀୟ ସମସ୍ତ ଜାତୀୟ ଲୋକମାନଙ୍କର ଉନ୍ନତି ସାଧନ କରିବା ଜାତୀୟ ସମିତିର ପ୍ରଧାନ ଲକ୍ଷ୍ୟ ଅଟଇ ଏବଂ ଗବର୍ଣ୍ଣମେଣ୍ଟ ତାହାର ନୈତିକ ଶିକ୍ଷା ପ୍ରଦାନ କରୁଥିବାରୁ ଅମ୍ଭମାନଙ୍କର ଅଶେଷ ଧନ୍ୟବାଦର ପାତ୍ର ଅଟନ୍ତି ମାତ୍ର ଅତ୍ୟନ୍ତ ଦୁଃଖର ବିଷୟ ଯେ ଅଦ୍ୟାପି ଭାରତରେ ଏକ ଶ୍ରେଣୀର ଲୋକ ଅଛନ୍ତି ଯେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ବିଚ୍ଛେଦ ଘଟାଇବା ତାଙ୍କର ପ୍ରଧାନ କାର୍ଯ୍ୟ ଅଟଇ । ସର୍ବ ପ୍ରଥମରେ ଏ ମହାସଭା କହିଲେ କି ଯେପର୍ଯ୍ୟନ୍ତ ଶିକ୍ଷିତ ଓ ବହୁଦର୍ଶୀ ଦେଶୀୟ ଲୋକେ ବ୍ୟବସ୍ଥାପକ ସଭାରେ ପ୍ରବେଶ ନ ପାଇ ଥାଆନ୍ତି ସେପର୍ଯ୍ୟନ୍ତ କଦାପି ଭାରତର ଉନ୍ନତିର ଆଶା ନାହିଁ ।

---

ହାଇଦରାବାଦର ଚଲାମଙ୍କ ରେଲବାଟ ଏବଂ ଖଣିକମ୍ପାନୀର ଡାଇରେକ୍ଟର ପଦରେ ନିଯୁକ୍ତ ଥାଇ କମ୍ପାନୀଙ୍କ ପେଟରେ ପଶି ଚଲାମଙ୍କ ଛଡ଼ କରୁଥିବା ଅପରାଧରେ ସସପେଣ୍ଡ ହୋଇଥିବା ଏବଂ ସେ ବିଷୟ ଗର୍ହିତ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ବିଲାତର ପାର୍ଲିମେଣ୍ଟ ସଭାରୁ ଏକ କମିଟି ମନୋନୀତ ହୋଇଥିବା କଥାମାନ ପାଠକମାନଙ୍କୁ ଜଣାଇ ଅଛୁଁ ଅବଦୁଲହକଙ୍କ ସ୍ଥାନରେ ଲଭାତ ମେଦଣୀ ସୁବେଲ ଡାଇରେକ୍ଟରଙ୍କ ପଦରେ ନିଯୁକ୍ତ ହୋଇଅଛନ୍ତି ଏବଂ ଏକାଗ୍ରରେ ନିଜାମ ଗବର୍ଣ୍ଣମେଣ୍ଟ ଯେଉଁ ସବୁ ସତ୍ୟ କହିଅଛନ୍ତି ତାହା ଅବାସ୍ତ କରିବା ନିମିତ୍ତ ଅବଦୁଲହକଙ୍କ ସମ୍ପତ୍ତିମାନ ଦୋରକ କରିବା କାରଣ ହାଇକୋର୍ଟରେ ନାଲିସ କରିବାର ଉଦ୍ୟମ ଲାଗିଅଛି । ଏଥିମଧ୍ୟରେ ଅବଦୁଲହକ ଆପଣା ଦୋଷ ସ୍ୱୀକାରପୂର୍ବକ ନିଜାମ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି କି ଯେବେ ନିଜାମ ତାହାଙ୍କ ଉପରେ ଆଉ କିଛି ଦାବି ନ କରିବେ ଏବଂ କମ୍ପାନୀକୁ ଯାହା କ୍ଷତିହେବା ଯାଇଅଛି ତାହା ସବୁ ଉଦ୍ଧାର କରିବାର ଚେଷ୍ଟା ନ କରିବେ ତେବେ ନିଜାମଙ୍କ ସରକାରୁ ଘେବର୍ଷ ସେଇଁ ୧୨୫୦୦ ଅଂଶ କଣା ହୋଇଥିଲା ତହିଁର ସମ୍ପୂର୍ଣ୍ଣ ମୂଲ୍ୟ ଅବଦୁଲହକ ଆଦାୟ କରିବେ । ମାତ୍ର ନିଜାମ ତାହାଙ୍କୁ କ୍ଷମା ତାହାଙ୍କ ସାହାଯ୍ୟକାରୀଙ୍କୁ ଶାସ୍ତି ଦେବାକୁ କ୍ଷମା ଇଚ୍ଛା କରିବାକୁ ସମ୍ମତ ନୁହନ୍ତି । ବାସ୍ତବରେ କ୍ଷମା କରିବା ଉଚିତ ନୁହଇ ଓ କଲନ୍ତରେ ଅନେକ ରହସ୍ୟ ପ୍ରକାଶ ହେବ ।

---

ମଧ୍ୟପ୍ରଦେଶର ସ୍କୁଲ ଏବଂ ବିଦ୍ୟାଳୟମାନଙ୍କର ଫିସ ଓ ବେତାହାର ଅଧିକାଂଶ ଉଣା ହେବାରୁ ସେଠା ଚିଫକମିଶ୍ନର ବ୍ୟସ୍ତ ହୋଇ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଦେଶୀୟ ଲୋକମାନେ ସମସ୍ତଙ୍କେ ଶିକ୍ଷକ ଓ ବାଳକମାନଙ୍କ ପୁରସ୍କାର ନିମିତ୍ତ ଯାହା ଦାନ କରନ୍ତି ତାହା ପ୍ରଶଂସନୀୟ ହେଲେହେଁ ଶଣସ୍ତୋମ୍ପା ଅଟଇ । ସ୍କୁଲ ଓ ବିଦ୍ୟାଳୟ ନିମିତ୍ତ ଉପଯୁକ୍ତ ଗୃହ ନିର୍ମାଣ ହେବା ଆବଶ୍ୟକ ହେବାର କାରଣ ଅବସ୍ୟକ ଏବଂ ସେତେବେଳେ ମିଉନିସିପାଲ କମିସ୍ନରମାନେ ହେବା ଅବାସ୍ତବ କାରଣ

Digitized by srujanika@gmail.com

Split by PDF Splitter



ଗୋଟିଏ ସ୍ୱତନ୍ତ୍ର ସବ୍‌କମିଟୀ ନିଯୁକ୍ତ କରନ୍ତେ ଏବଂ ସ୍ଥାନୀୟ ପ୍ରଧାନଲୋକମାନେ ମିଉନିସିପାଲିଟୀର ସଭ୍ୟ ହେଉନ୍ତୁ ଅବା ନ ହେଉନ୍ତୁ ତହିଁର ସଭ୍ୟ ହେବେ ତେବେ ଅବଶ୍ୟ ହେବା ବୁଝିହେବ । ଏପରି ଯେଉଁମାନଙ୍କର ସଙ୍ଗତି ଅଛି ସେମାନଙ୍କଠାରୁ ଔଷଧର ମୂଲ୍ୟ ଆଦାୟ କରିବାର ଉପଯୁକ୍ତ ବନ୍ଦୋବସ୍ତ ହେବ ତେବେ ଚିକିତ୍ସାଳୟର ଆୟ ଶୀଘ୍ର ବୃଦ୍ଧି ହେବ । ମଧ୍ୟପ୍ରଦେଶରେ କଲାହାର ଶିକ୍ଷାକର ରହିଥିବା ପ୍ରତ୍ୟକ୍ଷ ଲୋକେ ତହିଁ ଉପରେ କେଉଁଠାରୁ ଦେବା ହେବେ ? ଅତି ସାଧାରଣ ଚିକିତ୍ସାଳୟରେ ବ୍ୟବହୃତ ହେଉଥିବା ଔଷଧର ମୂଲ୍ୟ ଆଦାୟପକ୍ଷରେ ଯତ୍ନବାନ ହେଲେ ଫଳ ଏହି ହେବ ଯେ ପୀଡିତବ୍ୟକ୍ତିମାନେ ଚିକିତ୍ସାଳୟର ସାହାଯ୍ୟ ନେଇବାକୁ ଅଗ୍ରସର ହେବେ ନାହିଁ । ଅତଏବ ପ୍ରଧାନ କମିଶନରଙ୍କର ଏପରି ମନ୍ତବ୍ୟ ପ୍ରକାଶ କରିବା ଭଲ ହୋଇ ନାହିଁ ।

---

ଆମ୍ଭେମାନେ ଗତ କାହାଣୀରେ ପ୍ରକାଶିତ "ନଗର ମଧ୍ୟରେ ଅତ୍ୟନ୍ତ ଦୁର୍ଘଟଣା" ପ୍ରସ୍ତାବଟି ପାଠ କରି ଅତ୍ୟନ୍ତ ଦୁଃଖିତ ହେଲୁଁ—ଉକ୍ତ ପ୍ରସ୍ତାବର ସାରାଂଶ ଏହି ଯେ ବାଲେଶ୍ୱରସ୍ଥ ମୁକ୍ତାର ବାବୁ ଦାମୋଦର ଚୌଧୁରୀଙ୍କ ସନ୍ତାନ ଗାଡିରେ ଚଢି ବୁଲିବା ନିମନ୍ତେ ଯାଇଥିଲେ ନ । ସନ୍ଧ୍ୟା ଘୋଡ଼ା ଯୋଡ ଗାଡି ସାଜ କରିବା ସମୟରେ ଘୋଡ଼ା ବମ ଉପରକୁ ଯିବାକୁ ମଙ୍ଗିଲା ନାହିଁ ବା ଯୋଗୁ ଗଳାରୁ ସହଜରେ ଖୋଲିବାକୁ ହୋଇ ନାହିଁ । ଫଳରେ ଯେ ତହିଁ ଦାମୋଦର ବାବୁଙ୍କ ପୁଅ ଘୋଡ଼ାକୁ ଦୁଇ ଚାବୁକ ଲଗାଇଦେଲା ଏଥିରେ ଘୋଡ଼ା ନିତାନ୍ତ ଉଚ୍ଛୃଙ୍ଖଳ ହୋଇ ବମ ସହିତ ପ୍ରଚଣ୍ଡ ବେଗରେ ଥାନା ସଡ଼କରେ ଛୁଟିଲା ଥାନା ନିକଟ ହାଟ ପାଳି ଥିବାରୁ ପ୍ରତ୍ୟହ ଅପେକ୍ଷା ବେଶି ଭିଡ଼ ହୋଇଥିଲା । ଥାନାସାମନାରେ ଥିବା ନ ୪ ଣ ମନୁଷ୍ୟଙ୍କୁ ଘୋଡ଼ା ଦଳିମ କରି ଚାଲିଗଲା । ସେମାନଙ୍କ ମଧ୍ୟରୁ ଅନନ୍ତ ପଣ୍ଡା ନାମକ ଜଣେ ବ୍ରାହ୍ମଣର ଗୋଡଉପରେ ଗୋଟିଏ ଓ ଅନ୍ୟ ଜଣଙ୍କର ମୁଣ୍ଡର ଉପର ଉପରେ ଗୋଟିଏ ଟାପୁ ବସିଗଲା ସେମାନେ ଲକ୍ଷଣାରୁ ଅଚେତନ ହୋଇପଡିଲେ ଅନନ୍ତ ପଣ୍ଡା ହସ୍ପିଟାଲରେ ପହୁଞ୍ଚିବା ପରେ ପ୍ରାଣ ତ୍ୟାଗ କରିଅଛି ଓ ଦ୍ୱିତୀୟ ଜଣଙ୍କର ଅବସ୍ଥା ସନ୍ଦେହ ଶନ୍ୟ ବ୍ୟକ୍ତି ଗୋଡ଼ରେ ଆଘାତ ପ୍ରାପ୍ତ ହୋଇଅଛି ଓ ୪ ର୍ଥ ବ୍ୟକ୍ତିର ଆଘାତ ସାମାନ୍ୟ । ଆମ୍ଭେମାନେ ଏ ଆକସ୍ମିକ ଦୁର୍ଘଟଣାରେ ଅତ୍ୟନ୍ତ ବ୍ୟାକୁଳିତ ହେଲୁଁ ଓ ଆଶା କରୁଁ ଯେ ପୋଲିସ କର୍ମଚାରୀମାନେ ସତର୍କ ହୋଇ କାର୍ଯ୍ୟ କରିବେ ।

---

ଏ ନଗରରେ ଥିବା ଦୁଇ ମୁସଲମାନ ସଭା ମଧ୍ୟରେ ବିଚ୍ଛେଦ ଜାତ କରିବା ବାଞ୍ଛନୀୟ ନୁହଇ ବୋଲି କୌଣସି ସଭା ବିରୁଦ୍ଧରେ ଆଉ ପ୍ରେରିତପତ୍ର ଆମ୍ଭେମାନେ ପ୍ରକାଶ କରିବାକୁ ଅସମ୍ମତି ଜଣାଇଥିଲୁଁ ତଥାପି ଏ ସପ୍ତାହରେ ଦୁଇଖଣ୍ଡ ପ୍ରେରିତପତ୍ର ପାଇଅଛୁଁ । ଏ ଦୁଇପତ୍ର ଇସଲାମ ସଭାର ବିରୁଦ୍ଧରେ ଅଟଇ ଓ ତହିଁମଧ୍ୟରୁ ଏକଖଣ୍ଡ ଫ ଏକଆମ ସଭା ଓ ଅପରଖଣ୍ଡ ଜଣେ ନିରପେକ୍ଷ ମୁସଲମାନ ପକ୍ଷରୁ ଅଟଇ । ଇସଲାମ ସଭାର ସମ୍ପାଦକଙ୍କର ଯେଉଁ ପତ୍ର ଏଥିପୂର୍ବେ ଆମ୍ଭେମାନେ ପ୍ରକାଶ କରିଥିଲୁଁ ଏକଖଣ୍ଡ ତହିଁର ପ୍ରତିବାଦ ଓ ଅପର ଖଣ୍ଡ ଉକ୍ତ ସଭା କଲିକତା ସଭା ସଙ୍ଗରେ ମିଶିଯିବା ସମ୍ପର୍କରେ ଅଟଇ । ଆମ୍ଭେମାନେ ପୂର୍ବ ପ୍ରତିଜ୍ଞାନୁସାରେ ଏମାନ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ଯେହେତୁ ଏସବୁ ପ୍ରକାଶିତ ହେଲେ କୌଣସି ସଭାର ଉପକାର ନ କରି ବରଂ ବିଚ୍ଛେଦ ବଢାଇବାର ସହାୟତା କରନ୍ତା । ପତ୍ରପ୍ରେରକମାନଙ୍କୁ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା କି ଯେବେ ସେମାନଙ୍କର ପତ୍ର ଲେଖିବାର ଇଚ୍ଛା ଏବଂ ଅବକାଶ ଅଛି ତେବେ ଯହିଁରେ ଏ ଦୁଇ ସଭା ମଧ୍ୟରେ ମନୋମାଳିନ୍ୟ ବୃଦ୍ଧି ହେବ ଅଥବା ଏକସଭାର ଅନର୍ଥକ ନିନ୍ଦା ଓ ଅନ୍ୟସଭାର ଅନର୍ଥକ ଗୁଣ ହେବ ଏପରି ବିଷୟରେ ପତ୍ର ନ ଲେଖି ଏମନ୍ତ ବିଷୟମାନଙ୍କରେ ପ୍ରବନ୍ଧ ଲେଖିବାକୁ ଚେଷ୍ଟା କରନ୍ତୁ କି ଯାହା ଉଭୟ ସଭାର ଆଲୋଚ୍ୟ ବିଷୟ ହେବ ଏବଂ ଯହିଁର ବଳରେ ଉଭୟ ସଭା ପ୍ରବୃତ୍ତ ହୋଇ ଏମନ୍ତ ମହାମତ ପ୍ରକାଶ କରିବାକୁ ସମର୍ଥ ହେବେ ଯେ ତଦ୍ୱାରା ମୁସଲମାନ ସମ୍ପ୍ରଦାୟର ଉପକାର ହେବ । ଏପ୍ରକାର ବିଷୟରେ ସଭାମାନଙ୍କୁ ମନୋଯୋଗୀ କରାଇ ପାରିଲେ ଭଲ ଉପକାର ହେବ ଏବଂ ଆମ୍ଭେମାନେ ଆନନ୍ଦ ଓ ଆଗ୍ରହ ସହିତ ତାହା ପ୍ରକାଶ କରିବୁଁ । କେବଳ ତର୍କ କରିବାଦ୍ୱାରା ବଳକ୍ଷୟ କରି ଭଲ ନୁହଇ ସତ୍କାର୍ଯ୍ୟରେ ତାହାକୁ ଲଗାଇବାର ଉଚିତ ।

---

ବାବୁ ଅଚଳାନନ୍ଦ ଚଟ୍ଟୋପାଧ୍ୟାୟ କନିକାରାଜାଙ୍କ ମହାଫିଜପଦ ତ୍ୟାଗ କରିବାରୁ ଉକ୍ତକର୍ମ ପାଇବାକୁ ଅନେକ ପ୍ରାର୍ଥୀ ବାହାରିଅଛନ୍ତି ଏବଂ ଏ କର୍ମର କିପରି ବନ୍ଦୋବସ୍ତ ହେବ ତହିଁର ଚର୍ଚ୍ଚା ଅନେକସ୍ଥଳରେ ଲାଗିଅଛି । କନିକାରାଜାଙ୍କର ବର୍ତ୍ତମାନ ଉନ୍ମତ୍ତାବସ୍ଥା ଏବଂ ରାଜାଙ୍କ ସ୍ୱଳ୍ପ ସ୍ୱଚ୍ଛନ୍ଦତା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଉଚିତ ମନୋଯୋଗ ବିଷୟମାନ ବିବେଚନା କଲେ ଅବଶ୍ୟ ପ୍ରତୀୟମାନ ହେବ ଯେ ଏ କାର୍ଯ୍ୟର ସ୍ୱତନ୍ତ୍ର ବନ୍ଦୋବସ୍ତ ପ୍ରୟୋଜନ । ଯେତେବେଳେ ମହାଲ ଋଣସମୁଦ୍ରରେ ବୁଡି ରହିଥିଲା ଏବଂ ରାଜାଙ୍କ ପ୍ରାଣରକ୍ଷା ନିମିତ୍ତ ଯତସାମାନ୍ୟ ଖର୍ଚ୍ଚ ଦିଆ ଯାଉଥିଲା ସେତେବେଳେ କଲେକ୍ଟର ସିରସ୍ତାଦାରଙ୍କଦ୍ୱାରା ମହାଫିଜକାର୍ଯ୍ୟ ଏକପ୍ରକାରରେ ନିର୍ବାହ ହେଉଥିଲା । ସେ ଦୁଃଖର ଅବସ୍ଥା ଶେଷ ହେଲାରୁ ପୃଥକ୍ ବନ୍ଦୋବସ୍ତର ପ୍ରୟୋଜନ ହେଲା ଏବଂ ସେତେବେଳେ ଶ୍ରୀଯୁକ୍ତ କଡ଼୍‌ଲସାହେବ କଲେକ୍ଟର ବୋଧ ହୁଏ ଅଳ୍ପବେତନର ତତ୍ପରବ୍ୟକ୍ତି ପାଇବା କଠିନ ମନେ କରି ସ୍ୱଇଚ୍ଛାପୂର୍ବକ ବାବୁ ଅଚଳାନନ୍ଦଙ୍କ ହାତରେ ଉକ୍ତ ଭାର ନ୍ୟସ୍ତ କରିଥିଲେ କିନ୍ତୁ ତତ୍କାଳ ଏପରି ସମୟରେ ଚଳିବ ବୋଲି ସେ ମନେ କରିଥିବାର ଅନୁମାନ ହେଉ ନାହିଁ ଏବଂ କ୍ରମଶଃ ରାଜାଙ୍କର ବ୍ୟାପାର ବୃଦ୍ଧି ହେବାରୁ ସ୍ୱତନ୍ତ୍ର ଜଣେ ମହାଫିଜ ରହିବାର ବିଶେଷ ଆବଶ୍ୟକ ହୋଇଅଛି । ରାଜା ଏବଂ ତାହାଙ୍କ ପରିବାରବର୍ଗଙ୍କର ବାର୍ଷିକ ବ୍ୟୟ ପ୍ରାୟ ଅଧଲକ୍ଷ ଟଙ୍କା ହେବ । ଏତେ ଟଙ୍କାର ହିସାବପତ୍ର ରଖିବା ଏବଂ ସକଳବିଷୟର ତଦନ୍ତ କରିବାର ଏକବ୍ୟକ୍ତିଙ୍କୁ ସର୍ବଦା ନିଯୁକ୍ତ ରଖିବା ସର୍ବାପେକ୍ଷା ଯଥେଷ୍ଟକାର୍ଯ୍ୟ ଅଟଇ ଓ ତାହା ନ ହେଲେ ମଧ୍ୟ ଦାୟିତ୍ୱ ଊଣା ନୁହଇ । ଏପରି ରାଜାର ମହାଫିଜ ହେବା ଗୋଟିଏ ମର୍ଯ୍ୟାଦାର କାର୍ଯ୍ୟ ଅଟଇ ଏବଂ ସେ ମର୍ଯ୍ୟାଦା ରକ୍ଷା କରିବା ଉଚିତ ଅର୍ଥର ପ୍ରୟୋଜନ । ଅତଏବ ଆମ୍ଭମାନଙ୍କ ବିବେଚନାରେ ଅନ୍ୟୂନ ମାସିକ ଟ ୨୦୦ ବା ବେତନରେ ଜଣେ ଉପଯୁକ୍ତ ଏବଂ ବୁଦ୍ଧିମାନ୍ ବ୍ୟକ୍ତି ରାଜାଙ୍କ ମହାଫିଜପଦରେ ନିଯୁକ୍ତ ନ କଲେ ଭଲ ହେବ ନାହିଁ । ଭରସାକରୁଁ ଆମ୍ଭମାନଙ୍କ କଲେକ୍ଟରସାହେବ ଏ ବିଷୟମାନ ବିବେଚନାପୂର୍ବକ ଜଣେ ସ୍ୱତନ୍ତ୍ର ମହାଫିଜ ଉପଯୁକ୍ତ ବେତନରେ ନିଯୁକ୍ତ କରିବେ ଏବଂ

Digitized by srujanika@gmail.com

Split by PDF Splitter



ରାଜା ରାଣୀ ଓ ରାଜକୁମାର ପ୍ରଭୃତି ସମସ୍ତଙ୍କ ଭାର ଯଥାଯୋଗ୍ୟରୂପେ ଏହାଙ୍କ ହାତରେ ରହିବ । ପୂର୍ବେ ଦେବୋତ୍ତର ମହାଲର କାର୍ଯ୍ୟ ମଧ୍ୟ ମହାଫିଜ ଦେଖା ଶୁଣା କରୁଥିଲେ କିନ୍ତୁ ସିବିଲର ମୋକଦ୍ଦମା ହେତୁରୁ ମହାଫିଜଙ୍କ-ଠାରୁ ତାହା କାଢ଼ି ନିଆ ଯାଇଅଛି । ଉପଯୁକ୍ତ ମହାଫିଜ ହାତରେ ରାଜାଙ୍କର ତତ୍ତ୍ୱାବଧାରଣ ରାଣୀଙ୍କ ଅଧୀନରେ ସ୍ୱତ୍ୱ ରହିଲେ ଯେ ଭଲ ହେବ ସେ ବିଷୟରେ ସନ୍ଦେହ ନାହିଁ । ଭରସା କୁଅଇ ଶ୍ରୀଯୁକ୍ତ ଟୁଏଟ ସାହେବ କଲେକ୍ଟର ଏ ସମସ୍ତର ସୁବନ୍ଦୋବସ୍ତ କରିପାରିବେ ଏବଂ ତଦ୍ଦ୍ୱାରା ତାହାଙ୍କ ବିଚକ୍ଷଣତା ପ୍ରକାଶ ପାଇବ ।

କେହି୨ ଶଙ୍କା କରନ୍ତି ଯେବେ ରାଣୀଙ୍କ ଦରଖାସ୍ତ ମତେ ଅଭିଲାଷ ବାବୁଙ୍କ କର୍ମ ଗଲା ତେବେ ଏଣିକି ଅନ୍ୟ ଯେଉଁ ଲୋକ ଉକ୍ତ ପଦରେ ରହିବ ତାହାଙ୍କ ସହିତ ରାଣୀର ନ ବନିଲେ ସେହିପରି ଦରଖାସ୍ତ ଇତ୍ୟାଦି ଯନ୍ତ୍ରଣାରେ ଓ ଶେଷରେ ଲୋକଙ୍କର ବଦନାମ ହୋଇପାରେ ଓ ରାଣୀ ମଧ୍ୟ ଏହିପରି ମହାଫିଜଙ୍କୁ ଛଡ଼ାଇଦେବାକୁ ସମର୍ଥ ହେବା ସ୍ଥଳେ ସେପରି କରିବାକୁ ଉତ୍ସାହିତ ହୋଇପାରନ୍ତି । ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏପରି ଶଙ୍କା କରିବା ଯୁକ୍ତିଯୁକ୍ତ ହେଉ ନାହିଁ କାରଣ ଅଭିଲାଷବାବୁ ଇଚ୍ଛାପୂର୍ବକ କର୍ମ ତ୍ୟାଗ କରିବାରୁ ତାହାଙ୍କ ବିରୁଦ୍ଧରେ ହୋଇଥିବା ଦରଖାସ୍ତ ବିଚାର ହୋଇ ପାରି ନାହିଁ ଏବଂ ଏଣିକି ଯେଉଁ ବ୍ୟକ୍ତି ସର୍ବଦା ଏହି କାର୍ଯ୍ୟରେ ରହିବ ସେ ନିୟମମତେ କାର୍ଯ୍ୟ କରିବାକୁ ଅବକାଶ ପାଇବ ଏବଂ ଅଧିକ ସାବଧାନତା ସହିତ ଚଳିବ ସୁତରାଂ ତାହାଙ୍କ ବିରୁଦ୍ଧରେ ରାଣୀ କେହି କିଛି କହିପାରିବେ ନାହିଁ ।

---

### ଡେପୁଟୀ ଗିରି ।

ମିଉନିସିପାଲ ନିର୍ବାଚନ ପ୍ରଣାଳୀର ପ୍ରଧାନ ଉଦ୍ଦେଶ୍ୟ ଯେ ଶାସନକର୍ତ୍ତା ମାନେ ମିଉନିସିପାଲ ସଭାପତିର କାର୍ଯ୍ୟ ସମାଧା ନ କରି ସ୍ୱାଧୀନ ବ୍ୟକ୍ତିଙ୍କଦ୍ୱାରା ତାହା କରାଇନେବା ପକ୍ଷରେ ଯତ୍ନଶୀଳ ହେବେ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ଏବମ୍ଭୂତ ମହତ୍ ହେଲେ ସୁଦ୍ଧା କେତେକ ଏବଂ ଦେଶୀୟ ହାକିମମାନେ ପ୍ରୋକ୍ତ ଉଦ୍ଦେଶ୍ୟ ପ୍ରତିକୂଳରେ ଉପସ୍ଥିତ ହେଉଛନ୍ତି ବଡ଼ ଦୁଃଖର କଥା ଅଟଇ । କଣୋଶଙ୍କର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ମହେନ୍ଦ୍ରଚନ୍ଦ୍ର ମଜୁମଦାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ସେଠା ମିଉନିସିପାଲିଟୀର ଚେୟାରମାନ ହେବାକୁ ତାହାଙ୍କର ବଡ଼ ଶ୍ରଦ୍ଧା ଯେତେବେଳେ କମିଶନରମାନଙ୍କ କମିଟୀରେ ବାବୁ ସମଳାପ୍ରସନ୍ନ ଅଗସ୍ତି ବି, ଏ, ସଭାପତି ନିର୍ବାଚିତ ହେଲେ ତତ୍କ୍ଷଣାତ୍ ଡେପୁଟୀବାବୁ କେତେକ ଗବର୍ଣ୍ଣମେଣ୍ଟ ନିର୍ବାଚିତ ମେମ୍ବରଙ୍କ ପେନ ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ନିକଟକୁ ଏକ ଆବେଦନ ପତ୍ର ସ୍ୱାକ୍ଷର କରାଇ ପଠାଇଲେ ଓ ଯହିଁରେ ନିର୍ବାଚିତ ବ୍ୟକ୍ତି ସଭାପତି ନ ହୋଇ ପାରିବେ ସେଥିପାଇଁ ଏକ ତୀବ୍ରମନ୍ତବ୍ୟ ପ୍ରେରଣ କଲେ । ମାଜିଷ୍ଟ୍ରେଟ ସାହେବ ଉକ୍ତ ଆବେଦନପତ୍ର ବିଭାଗୀୟ କମିଶନର ସାହେବଙ୍କ ନିକଟକୁ ପ୍ରେରଣ କରିବା ସମୟରେ ଡେପୁଟୀ ମାଜିଷ୍ଟ୍ରେଟ ସଭାପତି ହେବା ପାଇଁ ବିଶେଷ ଅନୁରୋଧ କରିଥିଲେ କିନ୍ତୁ ବିଭାଗୀୟ କମିଶନର ଡେପୁଟୀବାବୁଙ୍କୁ ସଭାପତି ନ କରି ନିର୍ବାଚନ କମିଟୀର ଏକ ରିପୋର୍ଟ ତଲବ କରିଛନ୍ତି । ଲେଫଟେଣ୍ଟ ବାହାଦୁର ଉକ୍ତ ଡେପୁଟୀବାବୁଙ୍କ ଫରିଦପୁର ସଦର ମୁକାମକୁ ବଦଳି କରିଛନ୍ତି । ବର୍ତ୍ତମାନ ଯେଉଁ୨ ସ୍ଥାନରେ ନିର୍ବାଚନ ପ୍ରଣାଳୀ ପ୍ରଚଳିତ ନାହିଁ ସେଠାରେ ସଭାପତିଙ୍କ ନିର୍ବାଚନର ଆଦେଶ ଅଭି ସନ୍ତବସ ହେବ ଗବର୍ଣ୍ଣମେଣ୍ଟରୁ ବାହାର ଅଛି ଓ ତଦ୍ଦ୍ୱାରା ଲେଫଟେଣ୍ଟ ବାହାଦୁର ତାଙ୍କ ଉଦାରତାର ପରିଚୟ ପ୍ରଦାନ କରିଛନ୍ତି କିନ୍ତୁ କ୍ଷୁଦ୍ର୨ ହାକିମମାନେ ଉକ୍ତ ଆଦେଶର ପ୍ରତିକୂଳରେ ଦଣ୍ଡାୟମାନ ହେଉଅଛନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

---

### ବିଶ୍ୱବିଦ୍ୟାଳୟ-ପରୀକ୍ଷାର ଫଳ ।

କଲିକତାର ଗତ ବି, ଏ, ପାସ ପରୀକ୍ଷାର୍ଥିମାନଙ୍କ ମଧ୍ୟରୁ ଜ ୨୨୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଓ ଅନର ପରୀକ୍ଷାରେ ଜ ୧୦୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଓଡ଼ିଶାରୁ ଜ ୮ ଣ ଛାତ୍ର ଓ ଜ ୧ ଣ ଶିକ୍ଷକ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ଜ ୮ ଣ ଛାତ୍ର ମଧ୍ୟରୁ ଜ ୩ ଣ ଅନରପରୀକ୍ଷାରେ ଓ ଶିକ୍ଷକ ଜଣକ କେବଳ ପାସପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଜ ୩ ଣ ଅନର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଜଣେ ଇଂରେଜୀ ବିଷୟରେ ଓ ଅନ୍ୟ ଦୁଇଜଣ ଦୁଇଗୋଟି ବିଷୟରେ ଅନର ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଛନ୍ତି । ପୂର୍ବ ବର୍ଷ ଜ ୧୦ ଣ ଛାତ୍ର ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ତନ୍ମଧ୍ୟରୁ ଜ ୬ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏମାନଙ୍କ ମଧ୍ୟରୁ ଜ ୨ ଣ କେବଳ ଗୋଟିଏ ବିଷୟରେ ସମ୍ମାନ ସହିତ ଉତ୍ତୀର୍ଣ୍ଣ ଲାଭ କରିଥିଲେ । ଏଥର ପୂର୍ବ ବର୍ଷାପେକ୍ଷା ପରୀକ୍ଷାର ଫଳ ସଂଖ୍ୟାରେ ଅସନ୍ତୋଷଜନକ ହେଲେହେଁ ଦୁଇ ତିନି ବିଷୟରେ ସମ୍ମାନ ସହିତ ଉତ୍ତୀର୍ଣ୍ଣ ହେବା ବଡ଼ ସନ୍ତୋଷଜନକ ଅଟଇ । ବିଶେଷ ସୁଖର ବିଷୟ ଯେ ଏଠା ଛାତ୍ରମାନେ ସଂସ୍କୃତରେ ମାନ୍ୟର ସହିତ ଉତ୍ତୀର୍ଣ୍ଣତା ଲାଭକରିଛନ୍ତି । ଇହାଙ୍କ ସମୟରେ ସଂସ୍କୃତର ଆଦର ସତର୍କତର କମ ଅନୁଭୂତ ହୁଏ ଓ ସଂସ୍କୃତ ଗୋଟିଏ ମୃତଭାଷା ବୋଲି ସମସ୍ତଙ୍କଦ୍ୱାରା ଉପେକ୍ଷିତ କିନ୍ତୁ ସଂସ୍କୃତ ଏକସମୟରେ ଭାରତବର୍ଷର ମାତୃଭାଷା ଥିଲା ବର୍ତ୍ତମାନ ଏ ଭାଷା ଅନେକସ୍ଥାନରେ ଆଦୃତ ଅଥଚ ମାତୃଭୂମିରେ ଅନାଦୃତ ଏପ୍ରକାର ସ୍ଥଳରେ ଓଡ଼ିଶାର କଲେଜରେ ଏହାର ଚର୍ଚ୍ଚା ଦେଖି ଆମ୍ଭେମାନେ ଅତ୍ୟନ୍ତ ସନ୍ତୋଷ ଲାଭ କରୁଅଛୁଁ ।

ଫାଷ୍ଟଆର୍ଟସ ପରୀକ୍ଷାରେ ସର୍ବସୁଦ୍ଧା ଜ ୫୮୨ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି ତନ୍ମଧ୍ୟରୁ ୧ମ ଶ୍ରେଣୀରେ ଜ ୪୧ ଣ, ୨ୟ ଶ୍ରେଣୀରେ ଜ ୧୮୦ ଣ ଓ ୩ୟ ଶ୍ରେଣୀରେ ଜ ୩୬୧ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି, ଗତ ବର୍ଷ ସର୍ବସୁଦ୍ଧା ଜ ୮୫୪ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ତନ୍ମଧ୍ୟରୁ ୧ ମଶ୍ରେଣୀରେ ଜ ୬୧ ଣ, ୨ୟ ଶ୍ରେଣୀରେ ଜ ୨୯୩ ଣ ଓ ୩ୟ ଶ୍ରେଣୀରେ ଜ ୫୦୦ ଣ ଥିଲେ । ପୂର୍ବ ବର୍ଷାପେକ୍ଷା ଏଥରର ଫଳ ଅତିଶୟ ଅସନ୍ତୋଷଜନକ । ଏଠାରେ ରେଭେନ୍ସା କଲେଜରୁ ଜ ୧୮ ଣ ଓ ଜଣେ ବାହାରଛାତ୍ର ଉପସ୍ଥିତ ହୋଇଥିଲେ ତନ୍ମଧ୍ୟରୁ ଜ ୬ ଣ ୨ୟ ଶ୍ରେଣୀରେ ଓ ବାହାର ଛାତ୍ରକୁ ନେଇ ଜ ୪ ଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପୂର୍ବ ବର୍ଷ ଜ ୧୬ ଣ ଛାତ୍ର ଉପସ୍ଥିତ ହୋଇଥିଲେ ତନ୍ମଧ୍ୟରୁ ଜ ୧ ଣ ୧ମଶ୍ରେଣୀରେ ଓ ଜ ୨ ଣ ୨ୟ ଶ୍ରେଣୀରେ ଓ ଜ ୪ ଣ ୩ ୟ ଶ୍ରେଣୀରେ ମୋଟରେ ଜ ୭ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏଥର ଜ ୧୮ ଣଙ୍କ ମଧ୍ୟରୁ କେବଳ ଜ ୯ ଣ ଉତ୍ତୀର୍ଣ୍ଣ ହୋଇଛନ୍ତି ପୁଣି ୧ମ ଶ୍ରେଣୀରେ ଶୂନ୍ୟ ଏଥିରୁ ସ୍ପଷ୍ଟ ପ୍ରତୀତିତ ହେଉଅଛି ଯେ ଫାଷ୍ଟଆର୍ଟସ ପରୀକ୍ଷାର ଫଳ ଆଶାନୁରୂପ ହୋଇ ନାହିଁ । ଏବେ ଓ ଫାଷ୍ଟଆର୍ଟସର ଫଳ ପୂର୍ବ ବର୍ଷାପେକ୍ଷା ମନ୍ଦ ହୋଇଅଛି ।

---

Digitized by srujanika@gmail.com

# ସାପ୍ତାହିକ ସଂବାଦ ।

ଏ ସପ୍ତାହର ପ୍ରଥମ ୫ ୬ ଦିନ ଘଞ୍ଚ ଶୀତ ହୋଇଥିଲା । ବାରନ୍ଦା- ଘରଭିତରେ ତାପମାନଯନ୍ତ୍ରରେ ୬୦ ଅଂଶ ପାରା ଉଠିଥିଲା । ସନ୍ଧ୍ୟା ସ ୯ ଘ ପର୍ଯ୍ୟନ୍ତ ଉତ୍ତରବାୟୁ ବହୁଥିଲା ତହିଁ ଉତ୍ତାରୁ ଶୀତ ଯେତେପରି ହେଉଥିଲେ ହେଁ ଶୀତଳପବନ ଯୋଗୁଁ ବିଶେଷ କଷ୍ଟ ହୋଇ ନାହିଁ । ପୂର୍ବପ୍ରାୟ ପ୍ରଶ୍ଚିମପବନ ବହୁ- ଅଛି ମାତ୍ର ମେଘଙ୍କେ ଅବେ ଦେଖା ନାହିଁ ।

ଏ ନଗରର ଅନ୍ତଃପାତି ଫକିରପୁର ଗ୍ରାମରେ ଗତସପ୍ତା- ହରେ ଅନେକଗୁଡ଼ିଏ ଘର ପୋଡ଼ି ଯାଇଅଛି । ନଗରମ- ଧ୍ୟରେ ଘରପୋଡ଼ି ପ୍ରାୟ ପ୍ରତିଦିନ ଲାଗିଅଛି । ଏବର୍ଷ ଅଗ୍ନିର ପ୍ରକୋପ ଅଧିକ ।

ଓଡ଼ିଶା ପେଟ୍ରିଅଟ ଲେଖିଅଛନ୍ତି କି ଅଡ଼କାଲି ବନ୍ଦର ଯାଉଥିବାରୁ ଏ ନଗରକୁ ଆସୁଥିବାରୁ ମାଛ ବଡ଼ ଶସ୍ତା ଅର୍ଥାତ୍ ସେର ୦/୪ ହୋଇଅଛି । ଅମ୍ଭ ମାଛର ଏପରି ସମ୍ପର୍କ ପ୍ରକାର ନୂତନ ଶୁଣିଲୁଁ । ଏଥିପୂର୍ବେ କଣ୍ଟାଅମ୍ଭ ସଙ୍ଗେ ମାଛର ଭକ୍ଷପ୍ରକାର ସମ୍ବନ୍ଧ କଥା କେବଳ ଜଣାଥିଲା ।

କେନ୍ଦ୍ରାପଡ଼ା ସବ୍‌ଡିବିଜନରେ ସମୁଦ୍ରକୂଳଠାରୁ ଅସୁରେ- ଶ୍ୱରପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ବୃଷ୍ଟି ହୋଇ କୃଷକାର୍ଯ୍ୟର ସମସ୍ତ ସୁବିଧା କରି ଦେଇଅଛି ।

କାଟଲେଷ୍ଟ୍ରଇଣ୍ଟା ଅନ୍ତର୍ଗତ ଜଗନ୍ନାଥ ସଡ଼କର ଚଟିସର- ମାନଙ୍କଠାରେ ଆଇନ ଜାରି କରିବାର ପ୍ରସ୍ତାବ ହେଉ- ଅଛି । ସେଠା ଡିଷ୍ଟ୍ରିକ୍ ବୋର୍ଡ଼ ଲୋକଙ୍କୁ ତରଫରୁ କରିବାକୁ ବଡ଼ବ୍ୟସ୍ତ ଦେଖାଯାଏ ।

ମୁଖ ଭିକଟର ଏକଙ୍କବରଷ୍ଟିକ ଉଣ୍ଡିସ୍ୱରଙ୍କ ଅଫିସରୁ ସେଠି ସେକ ସର୍ଭେ ସ୍କୁଲର ପରୀକ୍ଷାର୍ଥୀକୁ ୫ ୩ ଅଣା ମୂଲ୍ୟରେ ପ୍ରଶ୍ନକଖା ଦେବୁଥିଲା ସେ ଲୋକ କାର୍ଯ୍ୟରୁ ବହିଷ୍କୃତ ହୋଇଅଛି ।

ଜାଜପୁରରୁ ଜଣେ ଲେଖିଅଛନ୍ତି କି ଜଣେ ମନଅର୍ଡ଼ର କରିବା ବିଷୟରେ ସେଠା ପୋଷ୍ଟମାଷ୍ଟର ଅତ୍ୟାଚାର କରି- ବାରୁ ତାହାଙ୍କ ନାମରେ ଲୋକମାନେ ବଡ଼ଲାଟ ସୁପ୍ରଣ୍ଡେଣ୍ଟଙ୍କ ଠାରେ ଦରଖାସ୍ତ କରିଅଛନ୍ତି । ଫଳ କଅଣ ଜଣା ପଡ଼ି ନାହିଁ । ସେମାନେ ଗୁହାରି କରିବାକୁ ଉଦ୍ୟତ ହେଲେ କୌଣସି ସର- କାରୀ କର୍ମଚାରୀଙ୍କ ଅତ୍ୟାଚାର କରିବାକୁ ସାହସୀ ହେବେ ନାହିଁ ।

ଅସ୍ମମାନଙ୍କ ଲେଫଟେନାଣ୍ଟ ସାହେବ ଗତମାସ ତା ୧୮- ରିଖରେ କଲିକତାରୁ ଦାର୍ଜିଲିଂକୁ ଯାତ୍ରା କଲେ ।

। ସୁ । ସାଡ଼ିଏ ମଇଜା ସିହା ନିବାସୀ ମୂଳି ସାହୁର ଘୋ- ଡ଼ିଏ ଗାଈ ପ୍ରସବ କଲାଥିଲା ତାହାର ମସ୍ତକ ନ ଥିଲା ପେଟର ଲେମ ମନୁଷ୍ୟ ପ୍ରାୟ ଅଙ୍ଗ ପାଦ ଦୂଇ ମନୁଷ୍ୟ ହାତ ପ୍ରାୟ ତହିଁ ପାଖରେ ମନୁଷ୍ୟ କର୍ଣ୍ଣ ପ୍ରାୟ ପଛ ଗୋଡ଼ ଗୋଡ଼- ଗୋଡ଼ ଅଳ୍ପ ।

ଜଣେ ହରିହରପୁର ଘେକ ମୁହାଣରେ ଗତମାସ ତା ୧୬ ଦିନରେ ଗୋଟିଏ ସୁଇଟିଙ୍ଗ ଜାହାଜ ବନ୍ଧାରେ ଲାଗିଅଛି ଶୁଣିବାରେ ତା ୩୦ ର କୂଳକୁ ଅନ୍ତର ଉକ୍ତ ଜାହାଜରେ ଓପର ମାଡ଼ ଲଗେ ନମ୍ବରେ ମାନାଙ୍କ ମନୋହର ଜନସ୍ତ୍ର କପ୍ତାନ ଅତ୍ୟନ୍ତ ଅଲ୍ପକରେ ଅଛନ୍ତି ବଲରୁ ଥିଲେ ଉକ୍ତ ଦିନ ବସ୍ତ୍ର ହେତୁ ସତ୍ତ୍ୱରେ ମାଣିକପଟଣା- ଠାରୁ ପଡ଼ିଥିଲିଅଛି ଉଠିବାର ଉପାୟ ନାହିଁ ।

ଅଷ୍ଟ୍ରେଲିଆର ଜନସାହେବ ପୁନର୍ବାର ଜାତିସ୍ୱ ସଭାରେ କଲ୍ପନା କରିବା ଅପରାଧରେ ଧୃତ ହୋଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ଏହାଙ୍କ ପ୍ରତି ମା ୬ ସ କାରାବାସର ଦଣ୍ଡାଜ୍ଞା ହୋଇଅଛି ।

ମାନ୍ଦ୍ରାଜର ଖ୍ରୀଷ୍ଟାନସ୍କୁଲରେ ଏକ ବ୍ରାହ୍ମଣବାଳକକୁ ଖ୍ରୀଷ୍ଟାନ କରିବା ବିଷୟରେ ଯେଉଁ ଗୋଲମାଳ ଲାଗିଥିଲା ତାହା ମେଣ୍ଟିଥିବାରୁ ଅର୍ଥାତ୍ ଉକ୍ତ ବାଳକକୁ ଖ୍ରୀଷ୍ଟାନ ହେଇ ନ ଥିବାରୁ ପୁନଶ୍ଚ ସମସ୍ତ ବାଳକେ ଖ୍ରୀଷ୍ଟାନ ସ୍କୁଲରେ ପଢ଼ିବାକୁ ଗଲେ ।

ଶିକ୍ଷାବିଭାଗର ଡିରେକ୍ଟର କ୍ରଫ୍ଟ ସାହେବ ପ୍ରସ୍ତାବ କରି- ଅଛନ୍ତି ଯେ, ଏଣିକି ବିଶ୍ୱବିଦ୍ୟାଳୟର ପରୀକ୍ଷା ଫେବ୍ରୁଏରିମାସ ମଧ୍ୟାନ୍ତରେ ଗୃହୀତ ହେବ । ଏ ପ୍ରସ୍ତାବ ମନ୍ଦ ନୁହଇ ।

ସାର ଲେପେଲ ଗ୍ରିଫିନ ଆଉ ପ୍ରାୟ ବିଲାତରୁ ଏ ଦେଶକୁ ଫେରିବେ ନାହିଁ । ସହଯୋଗି ଅମୃତବଜାର ପତ୍ରିକା ତାହାଙ୍କ ସଙ୍ଗରେ ଯେପରି ଲଗାଇଥିଲେ ତହିଁରେ ଆଉ ସେ କେଉଁ ସାହସରେ ଏ ଦେଶକୁ ଫେରିବେ ।

ସିମଲାପାହାଡ଼ରେ ହରମୋହନ ନାମକ ଜଣେ ବଙ୍ଗାଳି- ବାବୁ ମତ୍ତଅବସ୍ଥାରେ ଏକଖାଲରେ ପଡ଼ି ପ୍ରାଣ ହରାଇଅଛନ୍ତି । ଏ ମିଲିଟାରି କଲ୍ୟାର ଅଧୀନରେ କର୍ମ କରୁଥିଲେ । ସୁରାଦେ- ବୀଙ୍କ ଅନୁଗ୍ରହରେ ଯେ କେତେଲୋକ ଅକାଳେ କାଳଗ୍ରା- ସରେ ପତିତ ହେଉଅଛନ୍ତି ତାହା କୁହାଯାଇ ନ ପାରେ ।

କ୍ରିଟଦ୍ୱୀପରେ ଖ୍ରୀଷ୍ଟାନ ଓ ମୁସଲମାନଙ୍କ ମଧ୍ୟରେ ଭୟାନକ ଦଙ୍ଗାହଙ୍ଗାମା ହୋଇ ଯାଇଅଛି । ପ୍ରାୟ ସବୁଦିନ ମୁସଲମାନ ସେଠାର ଖ୍ରୀଷ୍ଟାନମାନଙ୍କ ହାତରେ ପ୍ରାଣ ତ୍ୟାଗ କରୁଅଛନ୍ତି । କି ଭୟଙ୍କର କଥା । ଖ୍ରୀଷ୍ଟାନଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କ ସୁଦା ପୈଳି ପ୍ରସ୍ତୁତ କରି ରଖିବାରୁ ବୋଧହୁଏ । ଶାନ୍ତସ୍ୱ- ଭାବ ଯୀଶୁଙ୍କ ଶିଷ୍ୟମାନଙ୍କର ଏମନ୍ତ ପ୍ରକୃତି ଅତ୍ୟନ୍ତ ଦୁଃଖର ବିଷୟ ଅଟଇ ।

ରାଣୀଗଞ୍ଜର ମୁନସଫ ବାବୁଙ୍କ ନିକଟରେ ଗୋଟିଏ ମୋ- କଦ୍ଦମା ହେଉଥିଲା । ଗୋଟିଏ ନିଦ ରାଜର ନଥିଟିକ ଦେ- ଖିବାରୁ ସନ୍ଦେହରେ ମୁନସଫବାବୁ ଲଜ୍ଜା ଓ ଶାନ୍ତରେ ତାହାଙ୍କୁ ନଥିଟି ଦେଖିବାକୁ ଦେଲେ । ଦିଦ ନଥି ହାତରେ ପାଇବାମାତ୍ରେ ଚମ୍ପଟ । ମୁନସଫ୍ ବାବୁ ହତବୁଦ୍ଧି ହୋଇ ଧର ଧର କହି ଲୋକ ପଠାଇଲେ । ମାତ୍ର ଏଣେ ଦିଦ ରେଲଯୋଗେ ଏକାବେଳକେ ଏଷ୍ଟେସନଗୋଡ଼ ଜାମକଷ୍ଟାନ- କେ ଉପସ୍ଥିତ । ଅଗତ୍ୟା ମୁନସଫ୍ ବାବୁ ଅଦାଲତର ଆଶ୍ରୟ ଗ୍ରହଣ କଲେ । ରାଣୀଗଞ୍ଜର ଡେପୁଟି ବାବୁ ଏହି ନୂତନ ଋକମର ମୋକଦ୍ଦମା ବିଚାର କଲେ । ଦିଦକୁ ୫ ୨୦ ଙ୍କା ମାତ୍ର ଜରିମାନା ହେଲା । ଶୁଣାଯାଏ ଯେ ଉକ୍ତ ଦିଦ ସ୍ୱାମିକ ମୋକଦ୍ଦମାରୁ ଛଡ଼ାଇବା ପାଇଁ ଏହିପରି କରିବାର ଚେଷ୍ଟା କରିଥିଲେ ।

କଣ୍ଠଦତ୍ତ ଯେ ଡାକ୍ତର ଅଘୋରନାଥ ବନ୍ଦ୍ୟୋପାଧ୍ୟାୟ ଇଣ୍ଡୋରର ପ୍ରଧାନମନ୍ତ୍ରୀ ପଦରେ ନିଯୁକ୍ତ ହେବେ । ବନ୍ଦ୍ୟୋ- ପାଧ୍ୟାୟ ମହାଶୟ ଯେପ୍ରକାର ଉପଯୁକ୍ତ ଲୋକ ତାଙ୍କୁ ଉକ୍ତକାର୍ଯ୍ୟରେ ନିଯୁକ୍ତ ଦେଖିଲେ ସମସ୍ତେ ସୁଖୀ ହେବେ । ବାସ୍ତବିକ ଉପଯୁକ୍ତ ସ୍ଥାନରେ ଉପଯୁକ୍ତଲୋକକୁ ଦେଖିଲେ ସମସ୍ତେ ଆହ୍ଲାଦିତ ହୁଅନ୍ତି ।

ଗତ ମାନ୍ଦ୍ରାଜ ମହାସମିତିର ସମ୍ପାଦକ ଶର୍ମା ଏକଲିଷ୍ଟଙ୍କୁ ହୋଇଥିବାର ସ୍ଥିର ହୋଇଅଛି ।

ଭୂତନଗରର ବର୍ତ୍ତମାନ ମହାରାଜାଙ୍କ ପିତାମହଙ୍କ ମୃତ୍ୟୁ ବନାରସରେ ହୋଇଥିବାର ଜଣାଯାଉଛି । ତାଙ୍କ ବୟସ ଏକଶତ ବର୍ଷରୁ ଟପି ଥିଲା ।

କାଶ୍ମୀରର ପ୍ରଧାନନଗର ଶ୍ରୀନଗରର ଖଜଣାଖାନାରୁ ୫ ୨୦୦୦୦ ଜମ ପଡ଼ିଅଛି । ଖଜାଞ୍ଚି ଏବଂ ଜ ୨ ଣ ଚପ୍ରାଶୀ ବର୍ତ୍ତମାନ ଧୃତ ହୋଇ ହାଜତରେ ଅଛନ୍ତି । କଦାଚ ହୁଏ ଏ ସମ୍ବନ୍ଧରେ ଅନେକ ରହସ୍ୟ ଏଥିର ତଦନ୍ତରୁ ପ୍ରକାଶ ହେବ ।

କାଶ୍ମୀର ରାଜ୍ୟରେ ଓଲାଉଠା ରୋଗଠାରୁ ଅନେକ ଲୋକ ମରଣ ପଡ଼ିଥିବାର ସମ୍ବାଦ ମିଳଇ । ତଥାପି ବନ ଜ ୮୦ ଣ ଲୋକ ଏ ରୋଗରେ ଆକ୍ରାନ୍ତ ହୋଇ ଜ ୩୭ ଣ ମରୁଥିବାର କଥିତ ହୁଏ । ଏଥିର କିଛି ପୂର୍ବେ ଦିନ ଜ ୧୨୫ ଣ ଲୋକଙ୍କୁ ଓଲାଉଠା ଧରି ତହିଁ ମଧ୍ୟରୁ ଜ ୭୨ ଣଙ୍କୁ ଶମନ- ସଦନକୁ ଘେନଯାଇଥିଲା

ବ୍ରହ୍ମଦେଶରେ ଅଶାନ୍ତିଅଗ୍ନି ପୁନର୍ବାର ଧୀରେ ଧୀରେ ବିସ୍ତାର କରୁଅଛି । ବର୍ତ୍ତମାନ ତାରସମ୍ବାଦମାନଙ୍କରୁ ପ୍ରକାଶ ଯେ ମୋରଙ୍ଗ, ସାରଙ୍ଗ, ମିଙ୍ଗିୟାନ, ମିନ୍‌ବୁ ଓ ଚିନ୍ଦୁଇନ ଜିଲ୍ଲା- ମାନଙ୍କରେ ଡାକାଇତ ଲାଗିଅଛି । ଅନେକ ଡକାଏତମାନେ ହାଣ ଖାଇଥିବାର ସମ୍ବାଦ ଆସୁଅଛି । ଇଂରାଜଙ୍କ ପକ୍ଷରୁ ଜ ୩ ଣ ଆହତ ହୋଇଥିବାର ଏପର୍ଯ୍ୟନ୍ତ ଜଣାଯାଇ- ଅଛି ।

ଭାରତର ପ୍ରଧାନ ସେନାପତି ରବର୍ଟସ୍‌ସାହେବ ଅତି ସିମଲା ଲେଭିରେ ବି, ସି, ଆଇ, ଇ, ପଦ ପ୍ରାପ୍ତ ହେବାର ଧାର୍ଯ୍ୟ ହୋଇଅଛି ।

ଜର୍ମାନର ନୂତନ ସମ୍ରାଟ ଅଲେ ଶଯ୍ୟା ତ୍ୟାଗ କରିପାରୁ ନ ଥିଲେ । ଗତମାସ ତା ୧୭ ଦିନର ତାରସମ୍ବାଦରୁ ପ୍ରକାଶ ଯେ ସେଦିନ ସେ ଉଦ୍ୟାନକୁ ବାହାରେ ଯାଇ ଏକଘଣ୍ଟା କାଳ ବାହାରେ ଭ୍ରମଣ କରିଥିଲେ ।

ଷ୍ଟେଟସମାନ ଲେଖିଅଛନ୍ତି ଯେ ବୋମ୍ବାଇ ପୁଲିସର ଇନ୍- ସ୍ପେକ୍ଟର ଯୋନସ ସାହେବ ସନ୍ଧ୍ୟାରେ ଖେଳୁଥିବା ଅପରାଧରେ ଗୋବିନ୍ଦନାମକ ଗୋଟିଏ ବ ୫ ବର୍ଷର ବାଳକକୁ ପୌଜଦାରି ସୁପର୍ଦ୍ଦ କରିଥିଲେ ମାତ୍ର ସେଠା ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ ସାହେବ ବାଳକଟିର ବୟସ ନିତାନ୍ତ କମ ଥିବାହେତୁ ତାହାକୁ ସଜା ନ ଦେଇ ଛାଡ଼ି ଦେଇଅଛନ୍ତି ।—ଯୋନସ୍ ସାହେବ ପରି ପୁଲିସ ଇନ୍‌ସ୍ପେକ୍ଟର ନ ହେଲେ କି ଭାରତ ଶାସିତ ହୋଇ ପାରିବ !

ପଞ୍ଜାବ ଅଦାଲତରେ ଜଣେ ଦକ୍ଷିଣୀଲୋକ ଚୋରି ଅପରାଧର ମୋକଦ୍ଦମା ଦାଏର କରିଥିଲା । ଏ ଲୋକ କିଶୁଦ୍ଧ ସଂସ୍କୃତ ଭାଷାରେ ଜବାନବନ୍ଦୀ ଦେଇଥିଲା । ଜଜସା- ହେବ ଏବଂ ଓକିଲମାନେ ମହା ବିଭ୍ରାଟରେ ପଡ଼ି ଜଣେ ସଂସ୍କୃତଜ୍ଞ ଲୋକର ସାହାଯ୍ୟ ନେଇଥିଲେ । ଏଥିରୁ ଜଣା ଦେଖାଯାଏ ଯେ ଅଦ୍ୟାପି ସଂସ୍କୃତଭାଷା ଲୁପ୍ତ ହୋଇ ନାହିଁ ।

Split by PDF Splitter

Digitized by srujanika@gmail.com

## ଢେଙ୍କାନାଳ-ସମ୍ବାଦ ।

ଅଠଗଡ଼ର ରାଜା; ଅଣ୍ଟପେଠ ଖାଇଥିବାର ଦୋଷ ଦେଇ ଢେଙ୍କାନାଳ ରାଜାଙ୍କର ଏକପଲ ମଇଁଷି ଲକଉପ୍ତୀ ଥିବାର ନେଇ ତହିଁର କଣ୍ଟ ବନ୍ଦର ନ କରି ଝ କଟା ମାଜିଷ୍ଟ୍ରେଟ୍ ମହାଶୟଙ୍କୁ ନ ଜଣାଇ ପଲମଧ୍ୟରୁ ଶନ୍ତଗୋଟା ମଇଁଷି ଦଠାତ୍ ନିଲାମ କରାଇ ଦେଇଅଛନ୍ତି । ଅନୁଚିମଧ୍ୟ କଷ୍ଟ-ଜନ ପୂର୍ବରେ ଏହିପ୍ରାଏ ଏହି କପିଲୁ ଗୋଟାଏ ଘୋଡ଼ା ନେଇ ନିଯମ ବର ଦେଇଥିବାରୁ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ମହଲୁମାତର ଜିମ୍ମାଧୀନରେ ରହୁଅଛି ତାହା ଏପର୍ଯ୍ୟନ୍ତ ନିକାଶହୋଇ ନାହିଁ । ସ୍ୱନଷ୍ଟ ଏ ଦୁର୍ଘଟନା ଅତି ଲଘୁଚିତ । ବଙ୍ଗ ଅନ୍ତର୍ଦ୍ଧାନର ଦଶସ୍ତ ।

ମାନେଜର ମହାଶୟ କପିଲୁ କେଉଁଠି ପ୍ରଥା ଉଠାଇବାଦ୍ୱାରା ଏଟିକଙ୍କର କଷ୍ଟ ନିବାରଣକରିବା ବିଷୟରେ ଯତ୍ନପରୋନାସ୍ତି ଯତ୍ନ କରିଲେଖୁବା କାର୍ଯ୍ୟ ଶୃଙ୍ଖଳାରେ ଚଳିବା କ୍ରମଶଃ ଦୂର ହୋଇ ଉଠିଅ । କୌଣସିପ୍ରକାରେ ମାଇପିଣ୍ଟ ନ କଲେ ସେତେ ମଳ୍କୁ ଦେଲେଖୁବା ମଫସଲରେ ଚଳଣ-ନାହିଁ । ତହିଁର ବୃଷ୍ଟିର ଅବହମାନ କାଳରୁ କେଉଁଠି ସୃଷ୍ଟି ହୋଇଅଛି ତାହା ତାଙ୍କର ଅଭ୍ୟାସ ଅଉ ଲଷପରିକର ହୋଇଯାଇ ଅଛି । ବର୍ତ୍ତମାନ ତାହାଙ୍କର ମଙ୍ଗଳଚେଷ୍ଟାର ଦ୍ୱାରେ ପରିବର୍ତ୍ତନ କରିଲେଖୁବା ତାହା ସେମାନେ ବୁଝି ପାରୁ ନାହାନ୍ତି । ମାରିଥିଉ କରିବାକୁତ ମନା । ଏପର ସ୍ଥଳରେ ଲପରିହାର୍ଯ୍ୟ କରିବାକୁ ହେବ ?

---

## ପତ୍ରପ୍ରେରକଙ୍କ ପ୍ରତି ।

Chowdhry and Co.—ଅପରିଚିତ ବ୍ୟକ୍ତିର ପତ୍ର ପ୍ରକାଶ ହୁଅଇ ନାହିଁ ପୁଣି କୌଣସି ବ୍ୟକ୍ତି ଅପଣା ଷ୍ଟାକ ବେଉପାଙ୍କସବ ବା ସଙ୍ଗେ ନଗୁଇଲେ ଅପଣା ଢଳଙ୍କର ଘୋଷଣା ଆଟପ ତଅଇ । ତହିଁ ସକାଶେ ସମ୍ବାଦପତ୍ରର ସାହାଯ୍ୟ ଦରକାର ହୁଅଇ ନାହିଁ ।

ଶ୍ରୀ ଗଦାଧର ଚଳିଙ୍କା—ବେଣାହାର ଦାଲ-ଛୁଦା ପୁଲିସର ଯୋଡ଼ିଏ ସ୍ବରୂପର ଅନ୍ୟାଯ୍ୟ-କାର୍ଯ୍ୟର କଥା ଲେଖିଅଛନ୍ତି । ପତ୍ରପ୍ରେରକଙ୍କ ସହିତ ଅଳାପ ନ୍ୟା ଶାହାଙ୍କ ବସ୍ତ୍ରାଲଇସ୍ ଙ୍ଗ ଥଇତପୁ ନ ଥିବାରୁ ପତ୍ରସା ନିଜର କର ନ ପାଉ ପତ୍ର ପ୍ରକାଶ କଇବାକୁ ଅକ୍ଷମ ହେଲୁଁ ମାତ୍ର ଯେପର ଅଭିଯୋଗରେ କଥା ଲେଖାଅଛି ତାହା ସ୍ତମ୍ଭତରେ ହାଟମଝିରେ ଘଟିଥିଲେ ପ୍ରମାଣ ନହେବାର କଣ୍ଟମାଣ ଭୟ ନାହିଁ । ଏମନ୍ତ-ସ୍ଥଳେ ପୁଲିସକର୍ତ୍ତୃକରେ ଅବଶ୍ୟ ଫରିୟାଦ-ସରେ ନାଲିସ ନ ହେବା କେଉଁ ଅସ୍ତୁଧି ଓ ଦୁଃଖର ବିଷୟ ଅଟଇ । ଗ୍ରାମବାସୀମାନେ ଆପଣା ରକ୍ଷାସକାଶେ ଅପେ ଠ୍ୟୁର ନ ହେଲେ କେହି ତାହାଙ୍କୁ ରକ୍ଷା କରିପାରନ୍ତି ନାହିଁ ଏବଂ ଅଭିଯୋକ୍ତା ପୁଲିସ ଉତ୍ସାହିତ ହୋଇ ଅଧିକ ପୀଡ଼ା ଦେବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-ସମୀପେଷୁ—

ମହାଶୟ !

ଜଗତସିଂହପୁର ଥାନାନ୍ତର୍ଗତ ତେଲଗାମ୍ପା-ରେ ଗତ ତା୧୯ ଖ ରାତ୍ର ସା୮ ଘଟିକାସମୟରେ ଭୟାନକ ଅଗ୍ନିପ୍ରଦାହ ହୋଇଥିଲା । ଅଗ୍ନି-ଦେବ ନଗର ଭୀଷଣମୂର୍ତ୍ତି ଦେଖାଇ ଚତୁର୍ଦ୍ଦି-ଗରେ ପ୍ରାୟ ୨କୋଶପର୍ଯ୍ୟନ୍ତ ସମସ୍ତ ଜନମଣ୍ଡ-ଳୀକୁ ଭୀତ କରାଇଥିଲେ । ପ୍ରାୟ ୧୫୦ ଗୃହ ଭସ୍ମସାତ୍ ହୋଇଅଛି । ଗୃହବାସୀମାନେ ଏପର ପ୍ରକାଣ୍ଡ ଅଗ୍ନି ଦର୍ଶନକରି ଏକାବେଳକେ ହତାଶ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅପଣା୨ ପ୍ରାଣବଞ୍ଚାଇବାକୁ ପଳାୟନ କରିଥିଲେ ଓ ସ୍ତ୍ରୀଲୋକମାନେ ନିଜ୨ ସ୍ତନ୍ୟପାୟୀ ଶିଶୁଙ୍କୁ କୋଳରେ ଧରି ଉଚ୍ଚୈଃସ୍ୱରରେ ରୋଦନପୂର୍ବକ ଇତସ୍ତତଃ ଧାବମାନ ହେଉଥିଲେ । ମାତ୍ର ଉକ୍ତସ୍ଥ ଜମୀଦାର ସ୍ୱୟଂ ସେଠାରେ ଉପସ୍ଥିତ ହୋଇ ଅନ୍ୟାନ୍ୟ ଲୋକମାନଙ୍କଦ୍ୱାରା ଦଗ୍ଧଗୃହ-ମାନଙ୍କରୁ କେତେକ ଜିନିଷ ବାହାର କରାଇ-ଥିଲେ ଏବଂ ଯନ୍ତ୍ରେଣାଦ୍ୱାରା ଯତ୍ନ ଓ କଷ୍ଟ ସ୍ୱୀକାର କରି ଅଗ୍ନିପ୍ରବାହର ଉପଶମ କରାଇଲେ । ପ୍ରକୃତରେ ସେସମୟରେ ଲୋକମାନଙ୍କର ଆର୍ତ୍ତଧ୍ୱନି ଶୁଣି ପଡ଼ୋଶୀ, ବନ୍ଧୁ ଓ ଜମୀଦାରଙ୍କ କଥା ଦୂରେ ଥାଉ କେଉଁ ନିଷ୍ଠୁର ହୃଦୟ ସାହାଯ୍ୟ କରିବାକୁ ତତ୍ପର ନ ହୋଇ ସ୍ଥିର ରହିବ ? ଯଦି ଜମୀଦାର ଏହି ସାହାଯ୍ୟଦାନରେ ତତ୍ପର ହୋଇ ନ ଥାନ୍ତେ, ତାହା ହେଲେ ଉକ୍ତ ଗ୍ରାମର ଅର୍ଦ୍ଧାଧିକଗୃହ ଅଗ୍ନିସାତ୍ ହୋଇ-ଥାନ୍ତା; ଆଉ ସେଠା ଲୋକମାନଙ୍କର ଅବସ୍ଥା ଯେ କପର ଶୋଚନୀୟ ହୋଇଥାନ୍ତା ତାହା ଲେଖିବା ବାହୁଲ୍ୟ ମାତ୍ର । ଅତଏବ ଅମ୍ଭେମା-ନେ ଜମୀଦାରଙ୍କୁ ଶତ୨ ଅନ୍ତରର ସାଧୁବାଦ ଦେଉଅଛୁଁ, ଓ ପ୍ରାର୍ଥନା କରୁଁ ଯେ ଏହିପର ଗ୍ରୀଷ୍ମକାଳରେ ପ୍ରଜାମାନଙ୍କ ଶୁଭାଶୀର୍ବାଦ ଦେଇ ନିଜର "ପ୍ରଜାବତ୍ସଳ ନାମ" ଚିରସ୍ମରଣୀୟ କରନ୍ତୁ । ଇତି ।

ସ୍ତୁତିପାଠକ ତା ୨୩।୫।୮୮ } ବଶମ୍ବଦ B. M. R.

---

ମହାଶୟ,

ଏହି ତ ଗତବର୍ଷ ଅନାବୃଷ୍ଟି ହେବା ଯୋଗୁଁ ଏହି କୌଣସି କେତେକ ଅଂଶରେ ଧାନ ଫସଲର ବାଧା ହେବାରୁ ସେହି ସ୍ଥାନମାନଙ୍କରେ ଦୁର୍ଭିକ୍ଷ ହୋଇଅଛି । କୌଣସି୨ ସ୍ଥଳରେ ଜଳାଶୟ ଜଳଦ୍ୱାରା ଅଧିକାଂଶ କୃଷି ରକ୍ଷା ହୋଇଅଛି ମାତ୍ର ସେ-ମାନଙ୍କରେ କେତେକ ସଞ୍ଚୟ କରିବାକୁ ଜଳ ପାଉ ନାହାନ୍ତି । ଯେଉଁ୨ ସ୍ଥାନମାନଙ୍କରେ ବଡ଼୨ ଜଳାଶୟମାନଙ୍କରେ ଜଳ ସନ୍ତୋଷ ହୋଇଅଛି ସେହି୨ ସ୍ଥଳମାନଙ୍କରେ ପଶୁମାନେ ଜଳ ପାନକରି ପ୍ରାଣରକ୍ଷା କରୁଅଛନ୍ତି । ଚିଲ୍କାରେ ଯେ ୧୨ ଭ ଶୂନ୍ୟ ମିଳୁଅଛି ଗରିବ ପ୍ରଜାମାନେ ଅଭାବରୁ ନାନାପ୍ରକାର ବନ୍ୟ ଫଳ ମୂଳ ଓ ଶାକ ଭୋଜନ କରି ଦିନଯାପନ କରୁଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଅନୁକମ୍ପାରୁ ଅମ୍ଳ ଫସଲ ପ୍ରାୟ ଅଠପଣ ଲଭ ହେବାରୁ ବିଶେଷ ଗରିବପ୍ରଜା ଲଦ୍ଧାର ବଞ୍ଚ ଅଛନ୍ତି । ଚତୁର୍ଦ୍ଦିଗରେ ପର୍ବତମାନଙ୍କରେ ପ୍ରଚଣ୍ଡ ଦାବାନଳର ସନ୍ତାପ ଓ ଗ୍ରୀଷ୍ମ ଚଣ୍ଡରଶ୍ମି ପ୍ରଚଣ୍ଡ କିରଣାବଳି ଏପରି ପ୍ରକାଶ କରୁଅଛନ୍ତି ଯେ ଲୋକେ ପ୍ରାୟ ଦିନ ଅଠଟାଠାରୁ ପାଞ୍ଚବାଜିବାପର୍ଯ୍ୟନ୍ତ ଗୃହରୁ ବାହାର ହୋଇ ସ୍ୱ ସ୍ୱ ଜୀବିକା ଚଳାଇବାକୁ ଅକ୍ଷମ ହେଉଅଛନ୍ତି, ମାତ୍ର ଭାଗ୍ୟର ବିଷୟ ଏହି ଯେ ଶ୍ରୀଯୁକ୍ତ ରାଜାମହୋଦୟ ସ୍ୱୟଂ ମୋଫସଲକୁ ବିଜୟମାନ କରି ଗରିବପ୍ରଜାମାନ-ଙ୍କର ଦୁରବସ୍ଥା ଅବଲୋକନରେ ସଦୟ ହୋଇ ସେମାନଙ୍କର ଯଥାଯୋଗ୍ୟ ସାହାଯ୍ୟ କରୁଅଛନ୍ତି ପରମେଶ୍ୱର ରାଜାଙ୍କର ଏହି ସଦୟଭାବ ଚିରସ୍ଥାୟୀ କଲେ ଗରିବପ୍ରଜା-ମାନେ ଦୁର୍ଭିକ୍ଷ କାଳକବଳରୁ ମୁକ୍ତି ଲଭିବେ । ଏତଦ୍ବିଷୟରେ ଅନ୍ୟାନ୍ୟ ଅନୁଷ୍ଠିତ କାର୍ଯ୍ୟ-ମାନ ବାରାନ୍ତରରେ ପ୍ରକାଶ କରିବି । ଇତି ।

ବଙ୍ଗଡ଼ ୨୦।୫।୮୮ } ଆପଣଙ୍କର ଶ୍ରୀ ଗଙ୍ଗାଧରଦାସ ଶର୍ମା

---

ମହାଶୟ !

ଆପଣଙ୍କ ସୁପ୍ରସିଦ୍ଧ ପତ୍ରିକାରେ ନିମ୍ନଲିଖିତ ପଦ୍ୟଟିକୁ ଦେଇ ବାଧିତ କରିବେ ।

( ଅଗ୍ନି ପ୍ରତି )

ଧନ୍ୟ ବୈଶାଖର ମହିମା ଘୋର

ହୋ ଗୁଣ ବର୍ଣ୍ଣିବି ସାଧ୍ୟ କାହାର !

ସେତେକ ଲୋପ କର ଏ ସଂସାର ଭରି

ଉତ୍କଳଦୀପିକା ତା ୨୨ ... ସନ ୧୮୮୮ ମସିହା ।

...ଯାର ନିମ୍ନଲିଖିତ ଛାତ୍ରମାନେ ସନ ୧୮୮୮ ମସିହା ...ଶା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା;

୧ମ ଶ୍ରେଣୀ

| | |
|---|---|
| ...ନ ଦାସ | ପୁରୀଜିଲ୍ଲା ସ୍କୁଲ |
| ...ନ ଦାସ | ପୁରୀଜିଲ୍ଲା ସ୍କୁଲ |
| ...ତଅର୍ଜି | ରେଭେନସା କଲେଜିଏଟ ସ୍କୁଲ |

୨ୟ ଶ୍ରେଣୀ

| | |
|---|---|
| ...ପ୍ରାହ୍ମି ଷଡ଼ଙ୍ଗୀ | ପ୍ୟାରୀମୋହନ ଏକାଡେମୀ |
| ...ଚନ୍ଦ୍ର ଦାସ | କେନ୍ଦ୍ରାପଡ଼ା ହାଇସ୍କୁଲ |
| ...ବନ ଦାସ | ରେଭେନ୍‌ସା କଲେଜିଏଟ ସ୍କୁଲ |
| ...ବୈକୁଣ୍ଠ ଦାସ | ପ୍ୟାରୀମୋହନ ଏକାଡେମୀ |
| ...ହନ ନାରାୟଣ ଦତ୍ତ | ବାଲେଶ୍ୱର ଜିଲ୍ଲାସ୍କୁଲ |
| ...ଲୋକ୍ୟନାଥ ଦତ୍ତ | ପୁରୀ ଜିଲ୍ଲାସ୍କୁଲ |
| ...ପେନ୍ଦ୍ର ନାରାୟଣ ଦତ୍ତ ବସୁ | ଲକ୍ଷ୍ମଣନାଥ ହାଇସ୍କୁଲ |
| ...ମାଧବଚନ୍ଦ୍ର ଦେ | କେନ୍ଦ୍ରାପଡ଼ା ହାଇସ୍କୁଲ |
| ...ଗନ୍ନାଥବଲ୍ଲଭ ଘୋଷ | ରେଭେନସା କଲେଜିଏଟ ସ୍କୁଲ |
| ...ନାଥ ଗୁପ୍ତ | ବାଲେଶ୍ୱର ଜିଲ୍ଲାସ୍କୁଲ |
| ...ଗକୃଷ୍ଣଚରଣ ଜେନା | ଏକନ |
| ...ନାରାୟଣପ୍ରସାଦ ମହାନ୍ତି | ରେଭେନ୍‌ସା କଲେଜିଏଟ ସ୍କୁଲ |
| ...ହମ୍ମଦ ଅବଦୁଲ ହକ | କେନ୍ଦ୍ରାପଡ଼ା ହାଇସ୍କୁଲ |
| ...ଶୀରମୋହନ ପଟ୍ଟନାୟକ | ରେଭେନ୍‌ସା କଲେଜିଏଟସ୍କୁଲ |
| ...ଖଦାପ୍ରସାଦ ସରକାର | ଏକନ |
| ...ପ୍ରନାଥ ସେନ | ଏକନ |
| ...ରାମଚନ୍ଦ୍ର ବଙ୍କ ଦେବ | ଏକନ |
| ...ଶ୍ୟାମସୁନ୍ଦର ନନ୍ଦ | ଏକନ |

୩ୟ ଶ୍ରେଣୀ

| | |
|---|---|
| ଏ, ଏଲ୍, ବସୁ | କଟକ ମିଶନ ହାଇସ୍କୁଲ |
| ଅକ୍ଷୟକୁମାର ଦାସ | କେନ୍ଦ୍ରାପଡ଼ା ହାଇସ୍କୁଲ |
| ବ୍ରଜକିଶୋର ଦାସ | ରେଭେନ୍‌ସା କଲେଜିଏଟ ସ୍କୁଲ |
| ଦେବେନ୍ଦ୍ରନାଥ ଦାସ | ପୁରୀ ଜିଲ୍ଲା ସ୍କୁଲ |
| ଦିବାକର ଦାସ | ରେଭେନସା କଲେଜିଏଟ ସ୍କୁଲ |
| ଗୋକୁଳଚନ୍ଦ୍ର ଦାସ | ବାଲେଶ୍ୱର ଜିଲ୍ଲାସ୍କୁଲ |
| ରଘୁନାଥପ୍ରସାଦ ଦାସ | କେନ୍ଦ୍ରାପଡ଼ା ହାଇସ୍କୁଲ |
| ଭୈରବଚନ୍ଦ୍ର ଦତ୍ତ | ବାଲେଶ୍ୱର ଜିଲ୍ଲାସ୍କୁଲ |
| ହରଚନ୍ଦ୍ର ଦତ୍ତ | ରେଭେନସା କଲେଜିଏଟ ସ୍କୁଲ |
| ରମାନାଥ ଦତ୍ତ | ବାଲେଶ୍ୱର ଜିଲ୍ଲାସ୍କୁଲ |
| ନୀଳମଣି ନାଗ | ପ୍ୟାରୀମୋହନ ଏକେଡେମୀ |
| ପୁରୁଷୋତ୍ତମ ମହାପାତ୍ର | ରେଭେନସା କଲେଜିଏଟ ସ୍କୁଲ |
| ବାସୁଦେବ ମହାପାତ୍ର | ଏକନ |
| ନିତ୍ୟାନନ୍ଦ ମହାପାତ୍ର | ଯାଜପୁର ସ୍କୁଲ |
| ହରନାଥ ମୁଖୋପାଧ୍ୟାୟ | ବାଲେଶ୍ୱର ଜିଲ୍ଲାସ୍କୁଲ |
| ଆନନ୍ଦବଲ୍ଲଭ ନନ୍ଦ | ” |
| ଶ୍ରୀହରି ପଟ୍ଟନାୟକ | ” |
| ଦିବାକର ପାତ୍ର | ରେଭେନସା କଲେଜିଏଟ ସ୍କୁଲ |
| ଇ, ଏସ୍, ରାଜନ | ” |
| ଦାଶରଥି ରାଉତ | ” |
| ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ | ” |

———

Split by PDF Splitter

174

Digitized by srujanika@gmail.com

ଭରତ ଦୁଅନ୍ତି ଯୋଡ଼ିଣ କର
ଦେଖନ୍ତି ମହିମା ତୋର ଅପାର ।୧।
ସଦା ସନ୍ତତ ଗ୍ରୀଷ୍ମକାଳରେ
ଦାସ୍ତ ପରଷଣ ଜରଣିଖରେ
ହୋଇ ତାତ ଉତ୍ତପ୍ତ ବତୁଲ
ଉଳଷ୍ମ କଲ ହେ ଜଳ ଇଚ୍ଛାରେ
ବରଷାକାଳ ହେବ ତାହାକୁ ଡରେ ।୨।
ତୁମ୍ଭ ଯୋଗୁଁ ଯଜ୍ଞ କାର୍ଯ୍ୟ ସମ୍ପନ୍ନ
ତୁଅଇ ଶୁଣ ହେ ହବ୍ୟବାହନ
ହୁଲେ ଜଗତେ ପାଚିକଳ କେତେ
ତେବେ ନ ଗମନ୍ତେ ସ୍ୱର୍ଗଭବନ
ତୁମ୍ଭେ ହେ ଉଦ୍ଧାର କଲୁ ସଜ୍ଜନ ।୩।
ସବଳ ଯେସନ ମୂର୍ଖ ପଣ୍ଡିତ
ଗୋଳ, ରୂଦ୍ର, ଛୁଟି, ମାତ ସମସ୍ତ
...ନ୍ତି ଯାନ ହରଲ ଅଶନ
ତରୁଣୀ ନ ହରେ ସେ ଉଦାଚତ
ସବୁଙ୍କ ଉଦରେ କରଉ ବଶ ।୪।
ଜେସନ ତୁମ୍ଭେ ହେ ଅଷ୍ଟ ଅନଳ
ଶୁଷ୍କ, କଷ୍ଟ ବସ୍ତୁ ଗ୍ରାସ ସକଳ
ଯୋଗ୍ୟ ଯୋଗ୍ୟ ପ୍ରକାଶିତ ଅତ୍ୟ
ତାହାକୁ ଯେ ମୂର୍ଖେ ଦର ନ ଜଳ
ସେ ମୂର୍ଖେ ଗ୍ରାସ ହେ ତୁମ୍ଭେ ସକଳ ।୫।
ତବ ଯୋଗୁଁ ସୃଷ୍ଟି ଲକ୍ଷାରୁ କନ
ଭସ୍ମୀଭୂତ ହୋଇଗଲ ଭବନ
...ଲକ୍ଷ୍ମୀ ହୋଇଣ ଅନୁକ
ଜଲେ ସଦା ଜଠରରେ ସେବନ
ଧୂମେ ଦେଖାଗଲ ଲଙ୍କା ଦୁର୍ଦ୍ଦିନ ।୬।
ସକଳ ପ୍ରାଣିଙ୍କ ଜୀବ ସମ୍ବଳ
ଅଟଇ ଶୁଣ ହେ ବନଅନଳ
...ଇ ତୁମ୍ଭର ଅଟଇ ଚଇତ
କହିଁ ଦଅ ମୋତେ ହୋଇ ସଫଳ
କର୍ଦ୍ଦୀପି ଜପଣ୍ଡି ହୁଦେ ନ ଯାଳ ।୭।

...ସା । } ଚରଣମ୍ବୁଜ
...ହଁରଲେ } ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ...ଶ ମିଶ୍ର ଡେପୁଟି ଇନସପେକ୍ଟର ଅଗ୍ରିମ | | ୫ ୩ |
| | ବଲାସ୍ତ | ୫ ୨ |
| ଜଗନ୍ନାଥ ମହାନ୍ତି | ବାଲେଶ୍ୱର ଅଗ୍ରିମ | ୫ ୩ |
| କୃଷ୍ଣଚନ୍ଦ୍ର ମହାନ୍ତି | କଟକ | ୫ ୩ |
| ଶ୍ରୀନିଷଚନ୍ଦ୍ର ପଟ୍ଟନାୟକ ଡେଙ୍କାନାଳ | | ୫ ୩ |
| ମହେନ୍ଦ୍ରନାଥ ଘୋଷ ଜମିଦାର | | |
| | ଭୁଆଁ ପାଳ | ୫ ୩ |
| ଯଶୋଦାମୋହନ ଦାସ ବାଲେଶ୍ୱର | | ୫ ୩ |
| ...ସୁ ସୁର୍ଦ୍ଦର୍ଶନ ଦାସ ମହାପାତ୍ର | | |
| | ଖିଲପୁର ବଲାସ୍ତ | ୫ ୩ |

| | | |
|---|---|---|
| ମହାଶୟ ରାଧାକାନ୍ତ ବସ୍ତୁ | କଲପୁର | ୫ ୩ |
| | ଅଗ୍ରିମ | ୫ ୩ |
| ବାବୁ କମଳଲୋଚନ ଘୋଷ ରାୟବାହାଦୁର | | |
| | କୋଠାର | ୫ ୩ |
| | ବଲାସ୍ତ | ୫ ୩ |
| " ମଦନମୋହନ ରାୟ ମହାପାତ୍ର ନଣ୍ଡଗାଁ | | ୫ ୩ |
| ଅଧିକାର ଲକ୍ଷ୍ମଣଦାସ | ଖାଣପୁର | ୫ ୩ |
| ବାବୁ ବିଷ୍ଣୁନାଥ ସାହୁ | ଅମୃଅଡା | ୫ ୩ |
| " କେଶବଚନ୍ଦ୍ର | ଯାଜପୁର ଅଗ୍ରିମ | ୫ ୩ |

## ବିଜ୍ଞାପନ ।

ନୂତନ ପୁସ୍ତକ ।

## କଳିକାଳ ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଶୃଣ୍ଟ ଅଣା । ମୋଫସଲକୁ ପଠାଇବା-କାରଣ ଦୁଇ ପଇସାର ଡାକଟିକଟ ଲାଗିବ ।

---

ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କ-ପ୍ରଣୀତ "ତ୍ରେତାପଦ୍ମମାଳ" ପୁନର୍ମୁଦ୍ରିତ ହେଉଅଛି । ଅତିଶୀଘ୍ର ପ୍ରକାଶିତ ହେବ । ଗ୍ରାହକଶ୍ରେଣୀଭୁକ୍ତ ବ୍ୟକ୍ତିମାନେ ଆମ୍ଭ ନିକଟରେ ତତ୍ତ୍ୱ କଲେ ପାଇ-ପାରିବେ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୨୬।୫।୮୮ } ସମ୍ପାଦକ କଟକ ପ୍ରିଣ୍ଟିଂ
କୋମ୍ପାନୀ ।

---

ପ୍ରଧାନ ସ୍ୱଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାଲମେନଷ୍ଟାଇନ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ପୁଂସ୍ପୁଂସ ଓ ଯକୃତ ଉତ୍ତମରୂପ ଗଠିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରୀ, କ୍ରିମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତରକ ଘା, ଶୁକ୍ରସଞ୍ଚୟ, ମୂତ୍ରରେ କ୍ଲେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ କ୍ଲେଷ୍ମ ।

ଡାକ୍ତର ଜ, ବ, ସାହାଙ୍କ ସାଲମେନଷ୍ଟାଇନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ଟପିଡ଼ିଆ ଘା, ବହୁଦିନସ୍ଥିର ଘା, ପୀଡ଼ାଦାୟକ ଘା, କ୍ରିମି, କ୍ଷତିଗ୍ରା, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଣ୍ଡଗଣ୍ଡପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମ୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ୫ ୧, ୫ ୩, ୫ ୩ ଓ ୧୦ ଟଙ୍କା ଅଟେ ଏତଦ୍‌ବ୍ୟତୀତ ପଠାଇବାପାଇଁ ୫ ୦ । ବେଶି ଖର୍ଚ୍ଚା ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ } ଏ, ବି, ମଣ୍ଡଳ ।
ବାଗ୍‌ବଜାର }

---

## NOTICE.

Keys to Royal Readers No. II and III ( New Series ) containing notes will soon be ready.

To be had at the Printing Company Cuttack.

GOWRI SUNKER ROY
*Secretary.*

---

## ମେହରୋଗ ।

ଗ୍ରୀଷ୍ମକାଳରେ ସନ୍ତପ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍ଦ୍ଧି ରୋଗ-ଣକଷ୍ଟବାବ ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ-ସକାଶେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାନିୟମରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତା-ହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ପଶ୍ଚାତ୍ ଉପସର୍ଗରେ ପରିଣତ ନ ହେଲେ ଆରୋଗ୍ୟ ହେବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବକାଶରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତ୍ପୁର ରୋଡ଼ ୩ ନମ୍ବର ଭବନରେ ଦ, ବେ, ଘୋଷ ଡାକ୍ତରଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶି-ଶିଶି ୫ ୨ ଟଙ୍କା । ପ୍ୟାକିଂ ଓ ଡାକମାସୁଲ ପୃଥକ୍

Split by PDF Splitter

Digitized by srujanika@gmail.com

**NOTICE.**

# A key to THE MIDDLE ENGLISH TEXT

"THE NEW ROYAL READER No IV."

FOR THE YEAR 1888-89.

Containing meanings of words explanations of Phrases difficult passages and sentences, and grammatical refference parsings and derivations: Besides many other informations for the candidates preparing for Minor Scholarship Examination.

By an experienced Teacher will be out no sooner than we get 100 subscribers.

Price with postage for the subscribers before 15th June Rs. 1-10

Abridged ... ... Ans 9 only

Send a post card please desiring the number of copies you want. You shall get the copies per V. P. Post.

Gouree Sankar Rai
Editor.

## ବିଶେଷ ଦ୍ରଷ୍ଟବ୍ୟ !

କଟକଜିଲ୍ଲାର ଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ବାଙ୍କୀରୁ ଶ୍ରୀ ଶିବଚନ୍ଦ୍ର ପଟ୍ଟନାୟକ, ହରିପୁରରୁ ଶ୍ରୀ ବୈଷ୍ଣବଚରଣ କାନୁନଗୋ, କଟକରୁ ଶ୍ରୀ ଦୁର୍ଗାଚରଣ ଦାସ, ଭଦ୍ରଖରୁ ଶ୍ରୀ ଜଗନ୍ନାଥପ୍ରସାଦ ସେନ ବାଲେଶ୍ୱରରୁ ଶ୍ରୀ ଜଗନ୍ମୋହନ ପାଢ଼ୀ ଏପରି ବୌଦ, ଢେଙ୍କାନାଳ, ଗଞ୍ଜାମ, ଅନୁଗୁଳ, ପୁରୀ, ସମ୍ବଲପୁର, ମାଣିକପଟଣା, କେନ୍ଦ୍ରାପଡ଼ା ଓ ମେଦନୀପୁର ପ୍ରଭୃତି ନାନାସ୍ଥାନର ବହୁକାଳବ୍ୟାପି ନାନାପ୍ରକାର କୁଳିଷ୍ଟ ଓ ଅସାଧ୍ୟ ରୋଗଗ୍ରସ୍ତ ରୋଗିମାନେ ରୋଗମୁକ୍ତ ହୋଇ ସୁସ୍ଥ ଓ ସବଳକାୟ ହୋଇଅଛନ୍ତି । ତାହାଙ୍କର ଔଷଧରେ କୌଣସି ଅନିଷ୍ଟର ଆଶଙ୍କା ନାହିଁ । ଔଷଧସେବନେଚ୍ଛୁକମାନେ ରୋଗର ବିବରଣ ତାହାଙ୍କୁ ଲେଖିଲେ ନିଶ୍ଚୟ ରୋଗରୁ ମୁକ୍ତ ହେବେ ।

## ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ମିସିନାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ । ଏଷ୍ଟିମେଟ ମାଗିଲେ ମିଳଇ ।

## ବାଲି କାଗଜ ।

ଉଲ୍ଲିଖିତ ଷଣ୍ଡା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଜ୍ଜୁନଷ୍ଟ ଭର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୬ ପଣି ବାଲି | ପ ୧୦ ୫ ୨୩/ | ପ ୧୬ ୫ ୦ ୬୬ | |
| ୧୮ ପଣି " | " ୫ ୨୫ | " ୫ ୦ ୬୦ | |
| ୧୨ ପଣି " | " ୫ ୨୧ | " ୫ ୦ ୬ | |
| ୩୦ ପଣି " | " ୫ ୩୧ | " ୫ ୦ ୮୬ | |

ବେପାରିମାନେ ଅର୍ଥାତ ଯେଉଁମାନେ ଏକାଥରେ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତଳରବୋଣା ଓ କଲମ ଓ ରେକ୍ସର୍ଟଗେଲ ଲୁଗା ଓ ଷ୍ଟେସନରୀ ଓ ନାନା ଜାତୀୟ ସଉଦାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଏତଦ୍ଭିନ୍ନ ଅନ୍ୟ କେତେକ ଫେସନ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏହଡ଼ା ଆମ୍ଭେମାନେ ବିଲାତ ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଲୋଡ଼ା ହେବେ ଏକ ସପ୍ତାହ ପୂର୍ବ ଖବର ଦେଲେ ପାଇ ପାରିବେ । ମାତ୍ର ଛାପାର ଖର୍ଚ୍ଚ ଆମ୍ଭମାନଙ୍କ ଦାର ଭାର ଉପରେ ଥିବ । ଖଡ଼ି ବେଳେ ଖାଡ଼ିର ପଣ ମୂଲ୍ୟ ଭାଗ ଦେବାକୁ ହେବ ।

### ତାଲିକା ।

| | |
|---|---|
| ବଡ଼ଲୁ ପେଣ୍ଡଣା ର ଚଳିବାର ସବ ବେଳେ ସୁଲେ । | ଦାନ୍ତ ଔଷଧ ଓ କଣ୍ଠ ରଞ୍ଜକ ଓ ସାବା |
| କଲେକ୍ସନ୍‌ | ଦର୍ଶନ ଦର୍ପଣ |
| ଆମେରିକାନ୍ ତେଲ ନରମ ଯେଉଁ ଦାଢ଼ି ଓ କେଶ ବଢ଼େ । | ଲୁଚର୍ଦ୍ଧ ଦୁରପସନ୍ଦୁରି ଏବଂ ସ୍ପଞ୍ଜ |
| ଲୁଡ଼ା ଅର୍ଥାତ ନକଲି ଚଉଦା ଢାଳର ପ୍ରେସ୍‌କିଲ ଓ କଲମ । | ଲେଇସଫ ଓ ଟପୋର ସହିତ ହେବଲ ଆଦି |
| ପେନ୍‌ସିଲ ରାଖିବା ବାକ୍ସ । | ମାର୍କ୍ଟିଂ କାଳି ଲୁଗାରେ ଚଲ ଦେଲେ ଧୋଇଲେ ସହଜ ଉଠେ ନାହିଁ । |
| ନାନା ପ୍ରକାରର ଚଠି କାଗଜ ଓ ଲଫାପା | ୟ, ଯୋଗଙ୍କ ସମ୍ବନ୍ଧୀୟ ଜାମିଡ଼ ଓ ସୁରୁଡ଼ା । |

ହସ୍‌ପିଂ ଗ୍ଳାସ ।
ଚିତ୍ର ଛବି ।
ତସଗ ସାବୁନ ।
ତାଡ଼ାଦି ସାବାର ପତ୍ର ଓ ସୁସା ପଡ଼ଥାଳ ବ୍ରଶ ।
ଅଣ୍ଟୋର ଗେଳ—ଅର୍ଥାତ ସୁଲଭୀ ବୁରୁଷ ।
ଅଙ୍ଗଲ ଷ୍ଟାଣ୍ଡ ।
ଓଲଟିଲ ସୁପ ଛଡ଼ା ।
କଡ଼ ଓ ଅଲ ।
ବ୍ରୋଚେଲାଉନ୍ ।
ଘୋଡ଼ାସୁଲୁକିଲ ବେଶ୍‌ତା ମେନ ଓ ତାଳର ବୋତଲେ ଥିବେ
ବନ୍ଦୁକ ଚାବି ଯଥା ଲେଇଁସାଡେଲ ଥାଇ ଓ ଶୁଖିଲେ କଡ଼ା ହେବ ।
ଅରମା ଚସ୍ମା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ସବୁକେଶକୁ ଠିଂସଣା ପାଇଁ ବହୁତ ୫ ° ।୵୬
ମୋଜା ଓ ମୋଜାକଳ
ଲୁଗାର ଅଣ୍ଡା ଛଇସାଇଁ
ଚୟରୀ ଗାଣ୍ଠିକ ଜଳା
କଳି ଓ ପାଇଁଳ ରୌପ୍ୟ ଦିଆ

ତେଲ ଷଡ଼ମୋଗ
ବେଳ ସାଇକା ।
ସୁଥିର ପେନ ।
ଅଟୋମେଟ୍ ପେନସିଲ ଏ ଥାଇ ଏ ପେନସିଲରେ ଲେଉଁ କପଡ଼ ଲେଖ ଲକ୍ଷ୍ମ ଦିନାର ପେନ୍‌ସିଲ ଦିଲଶା ଓ ଅତେ ତେଣ ଭଗାର ତେଲେ ଚଳ୍ପ ବ ଭ ଭରେ ।
ଜପିଙ୍କ ପେପର ।
କଲମ୍ପିକ ଫେସିଙେ ଲଟ କାର ଥାଇ ।
ଦୁଲ୍‌ଗୁର ପୋଷାକ ଅର୍ଥାତ ଚଠୀର ଦଣ୍ଡ ସାହକାର ଉଦ୍ଧର ।
ଗମସାମା ।
ତେଲ୍ ଡୁ ସେକ୍ସିଲ
ସମ ବୋତଲ
ବନାରସୀ ଗାଲୀ ଓ ଯୋଡ଼ା ଓ ଛଡ଼
ଗନ୍ଧଦ୍ରବ୍ୟାଦି ଓ ଏବଂ ପାଣି ସାବୋଡ ଆଦି ।
ଟ୍ରଷ୍ଟିଂ କାଳ

## ପିକଦାର ।

ଏ ଛାଉକୁ ଦେଉଥିବ ପାନରେ ଭର୍ତ୍ତି କରି ନେଇ ଭିତରେ ଫୁଟାଇଲା ପରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଞ୍ଜିଆରେ ଲେପିଦେଲେ ମଞ୍ଜରୁଆ ଓ ଲୁଣ ଧରିବ ନାହିଁ ।

ବଜିଲ୍ଲୁ ତନୟା ଓ ସାଜରେ ଲଗାଇବାର ଭାଲ ମଧ୍ୟ ଅଛି ।

ଅର୍ଜ୍ଜୁନଷ୍ଟ ଭର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର, ପଦ୍ଧତି ଦୁଇ ଧାଡ଼ି ହୋଇଥିବ ଯଥା—

| | |
|---|---|
| ପ୍ରଥମଥର ସକାଶେ | |
| ଆଠ ଧାଡ଼ି | ୫ ୧୦ |
| ଅଠ ସପ୍ତାହ | ୫ ୨୮ |
| ପରେ ଏକ ଧାଡ଼ି | ୫ ୬ |

ମାତ୍ର କୌଣସି ବିଜ୍ଞାପନ ସକାଶେ ଶତ ଟଙ୍କା ହେଲେହେଁ ଦର୍ ୫ ୧ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହାର ଅଧେକ ଦେବା ଓ ଦ୍ୱିଗୁଣ ଲେଖାହେବ ।

ଅଧିକ ଦିନ ସକାଶେ ଦର ବିଶେଷ [illegible] ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକ ଛପାଇବାପୂର୍ବରୁ ଦେବ

[illegible] ଏହି ଉତ୍କଳଦୀପିକା [illegible] ଉତ୍କଳଦୀପିକା [illegible] ପ୍ରିଣ୍ଟିଂକମ୍ପାନିର [illegible] ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


ଖଣ୍ଡ ୨୩ ସ | ସଂ ୨୨ ସଂଖ୍ୟା

ତା ୨ ରଖ ମାହେ ଜୁନ ସନ ୧୮୮୮ ଇଂରେଜୀ । ମା । ଜ୍ୟେଷ୍ଠ ତ ୨୨ ଜ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲


ଜାଜପୁରରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ସେଠା ଷ୍ଟାମ୍ପବିକ୍ରେତା ନିର୍ଦ୍ଦିଷ୍ଟ ମୂଲ୍ୟରୁ ଅବସ୍ଥା ମତେ ଦୁଇପଇସାଠାରୁ ଟ ୦। ପର୍ଯ୍ୟନ୍ତ ଅଧିକ ନେଇ ଅର୍ଥାତ ଟ ୦॥ ସ୍ଥଳରେ ଟ ୦॥୵ ଓ ଟଙ୍କାକସ୍ଥଳେ ୧। ରେ ଷ୍ଟାମ୍ପ ବିକ୍ରୟ କରୁଅଛି । ନିର୍ଦ୍ଦିଷ୍ଟ ମୂଲ୍ୟରୁ ଅଧିକ ନେବା ବିକ୍ରେତାଙ୍କପ୍ରତି ନିଷେଧ ଅଛି ଏବଂ ଲୋକେ କଲେକ୍ଟର ସାହେବଙ୍କଠାରେ ଗୁହାରି କଲେ ବିକ୍ରେତା ମାକୁଲ ହୋଇପାରେ । ମାତ୍ର ଗବର୍ଣ୍ଣମେଣ୍ଟଙ୍କର ଏବିଷୟରେ ଉତ୍ତମ ବନ୍ଦୋବସ୍ତ କରିବାର ଆବଶ୍ୟକ ହେଉଅଛି । ଷ୍ଟାମ୍ପ-ବିକ୍ରେତାଙ୍କୁ ସରକାର ଯେଉଁ ଦରରେ କମିଶନ ଦେଉଅଛନ୍ତି ତାହା ନିତାନ୍ତ ଊଣା ଏବଂ ମୋଫସଲର ବର୍ତ୍ତା ଅବସ୍ଥା ଦୃଷ୍ଟିରେ ଅନ୍ୟାଯ୍ୟ ଲାଭ ବିନା ବିକ୍ରେତାର ନିର୍ବାହ ହେବାର ଉପାୟ ନାହିଁ । ଯେତେବେଳେ ଅଦାଲତମାନରେ ଲୋକେ ଷ୍ଟାମ୍ପ ବ୍ୟବହାର କରିବାକୁ ବାଧ୍ୟ ସେତେବେଳେ ବିକ୍ରିର ସୁବିଧା କରିଦେବା ସରକାରଙ୍କର କର୍ତ୍ତବ୍ୟ ହେଉଅଛି ଓ ଅଧିକ ଦରରେ କମିଶନ ନ ଦେଲେ ମୋଫସଲରେ କେହି ଷ୍ଟାମ୍ପ ବିକ୍ରୟ କରିବାକୁ ସମ୍ମତ ହେବେ ନାହିଁ ଅଥବା ଅଧିକ ମୂଲ୍ୟ ନେବେ ।

---

ବାବୁ ଗୋପାଳବଲ୍ଲଭ ଦାସଙ୍କ ବିଦାୟ ଉପଲକ୍ଷରେ ଏଠାରେ ଏକମାସରୁ ଉର୍ଦ୍ଧ୍ୱକାଳ ଭୋଜ ମଜଲିସ ଇତ୍ୟାଦି ଯାହା ଲାଗିଥିଲା ସେସବୁ ଏହଠାରେ ଶେଷ ହୋଇ ନାହିଁ ଏହାର ଜେର ବାଲେଶ୍ୱରପର୍ଯ୍ୟନ୍ତ ପହୁଞ୍ଚିଥିବାର ସମ୍ବାଦବାହକମାନେ ପାଠକଙ୍କୁ ଅବଗତ କଲେ । ବାସ୍ତବରେ ବାଲେଶ୍ୱର ଗୋପାଳ ବାବୁଙ୍କର କାର୍ଯ୍ୟକ୍ଷେତ୍ର ଏବଂ ସେଠା ଲୋକଙ୍କର ଏଉତ୍ସବର ଫଳଭୋଗୀ ହେବାର ଦାବି ଅଛି ବୋଲି ସହଯୋଗୀ ଯାହା ଲେଖିଅଛନ୍ତି ଯଥାର୍ଥ ଏବଂ ବାବୁ ମହାଶୟ ଶ୍ରଦ୍ଧାପୂର୍ବକ ଯଥୋଚିତରୂପେ ସେଆଶା ପୂର୍ଣ୍ଣ କରିବାକୁ ପ୍ରବୃତ୍ତ ହୋଇଥିବାରୁ ଅମ୍ଭେମାନେ ଆନନ୍ଦିତ ହେଲୁଁ । ଗତସପ୍ତାହର ପୂର୍ବ ବୁଧବାର ବାବୁ ଗୋପାଳବଲ୍ଲଭ ଦାସଙ୍କ ବସାରେ ହିନ୍ଦୁମାନଙ୍କ ନିମିତ୍ତ ଗୋଟିଏ ବୃହତ ଭୋଜ ଓ ମଜଲିସ ହୋଇଥିଲା । ରାତ୍ରି ଆଠ ଓ ଗୋଟିଏ ଟା ଉତ୍ତାରୁ ପ୍ରାୟ ଦୁଇଶହ ଲୋକ ଭୋଜନ କରିଥିଲେ । ଭୋଜନର ସାମଗ୍ରୀମାନ ଅତ୍ୟୁତ୍କୃଷ୍ଟ ହୋଇଥିଲା ଏବଂ ଅନ୍ତୁତବ୍ୟକ୍ତିମାନେ ତହିଁରେ ପରମ ସନ୍ତୋଷ ଲାଭ କରିଥିବାର କଥିତ ହୁଅଇ । କଲି ନଗରବାସୀ ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କୁ ମଧ୍ୟ ଏହିପରି ଭୋଜ ଦେବାକୁ କଥା ଅଛି । ଫଳତଃ ଗୋପାଳ ବାବୁଙ୍କ ବିଦାୟ ଉପଲକ୍ଷରେ ଯେମନ୍ତ ଭୋଜ ଓ ମଜଲିସ ହେଲା ଏମନ୍ତ ପ୍ରାୟ କେବେ ଦେଖା ଯାଇ ନାହିଁ ।

---

ପ୍ରାୟ ଛଅମାସରୁ ଊର୍ଦ୍ଧ୍ୱ ହେବ ଏ ନଗରରେ ଅଧେ ବୃଷ୍ଟି ହୋଇ ନ ଥିଲା । ମୋଫସଲର ନାନାସ୍ଥାନରେ ଗତ ଦ ୧୫ ଦିନ ମଧ୍ୟରେ ଅବଶ୍ୟ ମତେ ବର୍ଷା ହୋଇଥିଲେ ହେଁ ଏ ନଗରରେ ଦୁଇଏକଥର ଛିଟିକା ଛଡ଼ା ଅନ୍ୟ ବର୍ଷା ହୋଇ ନ ଥିଲା । କେବଳ ପବନ-ଯୋଗୁଁ ଲୋକେ ଗ୍ରୀଷ୍ମର ଅସହ୍ୟ କଷ୍ଟରୁ ରକ୍ଷା ପାଉଥିଲେ ନଦୀ କୂଅ ପୋଖରୀମାନ ଶୁଖିଯିବାରୁ ଜଳକଷ୍ଟ ହୋଇଥିଲା ଏବଂ ବୃକ୍ଷାଦି ଶୁଷ୍କପ୍ରାୟ ହୋଇଥିଲା । ଈଶ୍ୱରଙ୍କ ଅନୁଗ୍ରହରୁ ଗତ ଗୁରୁବାର ରାତ୍ରି ଘ ୧୦ ଟା ସମୟରେ ଅଳ୍ପ ବୃଷ୍ଟି ହୋଇ ତହିଁଉତ୍ତାରୁ ପ୍ରାୟ ସକାଳ-ପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଜଳ ହେବାରୁ ଲୋକଙ୍କର ଉତ୍କଣ୍ଠା ଦୂର ହୋଇଅଛି ଏବଂ ବାଡ଼ ବଗିଚା ଓ ଜଳାଶୟାଦିର ବିଶେଷ ଉପକାର ହୋଇଅଛି । ଏହି ବର୍ଷାସଙ୍ଗେ ଶେଷ-ରାତ୍ରି ପ୍ରାୟ ଘ ୩ ଟା ସମୟରେ ବାଲୁବଜାର-ନିକଟ ବାବୁ ଶ୍ୟାମମୋହନ ସେନଙ୍କ ବସାରେ ମହା ଗର୍ଜ୍ଜନସହିତ ବଜ୍ରପାତ ହୋଇଥିଲା । ତାହାଙ୍କ ଭାଇ ଗୋପୀନାଥ ସେନ ଶୋଇଥିବା କୋଠାଘରରେ ପଶି ବଜ୍ରଟି ତାହାଙ୍କର ଧର୍ମ ରକ୍ଷାକଲାରୁ ସେ ବଞ୍ଚିଗଲେ ଏବଂ ଘରର ମଧ୍ୟ ସାମାନ୍ୟ କ୍ଷତି ହୋଇଅଛି । ଲଙ୍କାରେ ଗତମାସ ତା ୨୨ ରାତ୍ରରେ ମୌସୁମି ବର୍ଷା ଆରମ୍ଭ ହୋଇଥିଲା । ସୁତରାଂ ଏଠାରେ ମୌସୁମି ବର୍ଷା ଗତ ଗୁରୁବାରଠାରୁ ଆରମ୍ଭ ହେଲା ଅତ

Digitized by srujanika@gmail.com

Split by PDF Splitter

178



ଶୀଘ୍ର ଆରମ୍ଭ ହେବ କାରଣ ମେଘର ଅଶଯ୍ୟ ଲକ୍ଷଣ ନାହିଁ ।

---

ସ୍କୁଲ ପରିଦର୍ଶନ କାର୍ଯ୍ୟର ଗୋଟିଏ ବିବରଣ ଗତ ସମ୍ବାଦବାହିକାରେ ପ୍ରକାଶ ହୋଇଅଛି । ବାଲେଶ୍ୱରର ଜଣେ ସବ୍ଇନ୍ସ୍ପେକ୍ଟର ବାବୁ ଯଦୁନାଥ ରାୟ ଗତ ଡିସେମ୍ବର ମାସରେ ଏକ ଦିନରେ ଗୋ ୧୪ ଟା ସ୍କୁଲ ତଦାରଖ କରିବା ଓ ପ୍ରତ୍ୟେକ ସ୍କୁଲରେ ଅର୍ଦ୍ଧଘଣ୍ଟାଏ ରହିବା ଏବଂ ୩୨ ମାଇଲ ବାଟ ଭ୍ରମଣ କରିବାର ଅପଣାର ଡାଏରୀରେ ମିଥ୍ୟା ଲେଖି ତଦନୁସାରେ ଗସ୍ତଖର୍ଚ୍ଚାର ବିଲ କରିଥିଲେ । ଡେପୁଟୀ ଇନ୍ସ୍ପେକ୍ଟର ଉକ୍ତ ଡାଏରୀ ଓ ବିଲ ପାଶ କରିବାରୁ ତେଇ ନିମିତ୍ତ ଲୋକାଲବୋର୍ଡ଼କୁ ଗଲା । ବୋର୍ଡ଼ର ଭାଇସଚେୟାରମାନଙ୍କ ଏକଦଳରେ ଏକବ୍ୟକ୍ତି ଗୋ ୧୪ଟା ପାଠଶାଳା ପ୍ରତି ପାଠଶାଳାରେ ଅର୍ଦ୍ଧଘଣ୍ଟା ଲେଖାଏ ରହି ମା ୩୨ ମାଇଲ ଭ୍ରମଣ କରିବା ଅସମ୍ଭବ ବୋଧ ହେବାରୁ ସେ ଚେୟାରମାନଙ୍କୁ ଉକ୍ତ ବିଷୟ ଜଣାଇଲେ । ଚେୟାରମାନ ଏହାଙ୍କୁ କୈଫିୟତ ତଲବ କରିଥିଲେ କିନ୍ତୁ ସେ କି କୈଫିୟତ ଦେଲେ ଓ ଚେଅରମାନ ଅବା ତହିଁରେ କପଟ ସନ୍ତୋଷ ଲାଭ କଲେ ସହଯୋଗୀ ପ୍ରକାଶ କରି ନାହାନ୍ତି କେବଳ ଲେଖିଅଛନ୍ତି କି ସବ୍ଇନ୍ସପେକ୍ଟର ଏଥର ରକ୍ଷା ପାଇଗଲେ ମାତ୍ର ସେ ଶୁଣିଅଛନ୍ତି ସେ ବାବୁଙ୍କ ଏକ ଜାଗାରେ ବର୍ଷ ପାଠଶାଳାମାନଙ୍କରୁ ମାଇନା ବନ୍ଦ କରିବ ଭୟ ଦେଖାଇ କେବଳ ବସ୍ତ୍ର ଫଳ ମାର ନେଇଥିଲେ । ଅମ୍ଭେମାନେ ଭରସା କରୁଁ ସବ୍ ବାବୁ ସନ୍ତୋଷଜନକ କୈଫିୟତ ଦେଇ ଥିବେ ମାତ୍ର ସେମାନଙ୍କ ଡାଏରୀ ଅତ୍ୟନ୍ତ ଅସମ୍ଭବ ବୋଲି ବୋଧ ହେଉଅଛି ସେସ୍ଥଳେ ଉକ୍ତ କୈଫିୟତର ମର୍ମ ଓ ଚେୟାରମାନଙ୍କ ନିଷ୍ପତ୍ତି ପ୍ରକାଶ ନ ହେବାପର୍ଯ୍ୟନ୍ତ ମନ ମାନୁ ନାହିଁ । ଯାହା ହେଉ ଅନ୍ୟାନ୍ୟ ଲୋକାଲବୋର୍ଡ଼ ଏଥିରୁ ସଦୁପଦେଶ ଲାଭ କରିବେ ।

---

ଜନସାଧାରଣଙ୍କ ମହାଫିଜପଦ ସ୍ଥଳରେ ବ୍ୟକ୍ତିଙ୍କୁ ଦେବାର ଅମ୍ଭମାନଙ୍କର କଲେକ୍ଟର ସ୍ଥିର କଲ ଏଥିମଧ୍ୟରେ ବାଲିହୁଡ଼ା ହେଡ଼ମାଷ୍ଟର ବାବୁ ଗୌରମୋହନ ରାୟଙ୍କୁ ଉକ୍ତ କର୍ମ ନିମନ୍ତେ ମନୋନୀତ କରି କମିଶ୍ନର ସାହେବଙ୍କ ନିକଟକୁ ଲେଖି ପଠାଇବାର ଶୁଣା ଯାଇଥିଲା । ବର୍ତ୍ତମାନ କଥିତ ହୁଅଇ ଯେ କମିଶ୍ନର ସାହେବ କୌଣସି ଯୋଗ୍ୟ ସରକାରୀ କର୍ମଚାରୀଙ୍କି ସରକାରୀ ମହକୁମାରୁ ଛଡ଼ାଇଦେବାକୁ ଅସମ୍ମତ ହୋଇ ଜଣେ ପେନସନ ଭୋଗୀ ରାଏବାହାଦୁରଙ୍କୁ ତହିଁରେ ନିଯୁକ୍ତ କରିବାର ପ୍ରସ୍ତାବ କରିଅଛନ୍ତି ଏବଂ ଲୋକେ ଅନୁମାନ କରୁଅଛନ୍ତି କି ବର୍ତ୍ତମାନ ଖୋରଧାର ତହସିଲଦାର ବାବୁ ଭଗବତ ମହାନ୍ତିଙ୍କି ସେ ନିକଟରେ ପେନସନ୍ ନେବେ ସେହି ରାୟ ବାହାଦୁର କମିଶ୍ନର ସାହେବଙ୍କ ଲକ୍ଷ୍ୟସ୍ଥଳ । ଗୌରବାବୁ ସ୍କୁଲରେ ଏପଦ ଛାଡ଼ି ନ ଥିଲେ କେବଳ କଲେକ୍ଟର ସାହେବ ତାହାଙ୍କୁ ମନୋନୀତ କରିବାରୁ ସେ ସମ୍ମତ ହୋଇଥିଲେ ଏବଂ ଏଥିରେ ସର୍ବସାଧାରଣ ସନ୍ତୁଷ୍ଟ ଥିଲେ ସରକାରୀ ମହକୁମାର ସୁବିଧା ଦୃଷ୍ଟିରେ କମିଶ୍ନର ସାହେବ ସେ ପ୍ରସ୍ତାବ ଅଗ୍ରାହ୍ୟ କରିବାରୁ ତହିଁରେ ତାହାର କିଛି କହିବାର ନାହିଁ କିନ୍ତୁ ଅମ୍ଭମାନଙ୍କ ବିବେଚନାରେ କମିଶ୍ନର ସାହେବ ସ୍ୱୟଂ ତାହାଙ୍କ ମନୋନୀତ ନ କରି କଲେକ୍ଟର ସାହେବଙ୍କୁ ଅନ୍ୟଜଣେ ଉପଯୁକ୍ତଲୋକ ମନୋନୀତ କରିବାର ଭାର ଦେଇଥାନ୍ତେ ଯେହେତୁ ମହାଫିଜ ପଦଟି କଲେକ୍ଟରଙ୍କ ଅଧୀନ ଅଟଇ ବିଶେଷତଃ କର୍ମଚାରୀ ନିଯୋଗବିଷୟରେ ଶ୍ରୀଯୁକ୍ତ ଷ୍ଟୁଅର୍ଟ ସାହେବଙ୍କ ବିଚକ୍ଷ- ପ୍ରତି ସର୍ବସାଧାରଣଙ୍କର ବିଶ୍ୱାସ ଜନ୍ମିଅଛି, ଭଗବତ ବାବୁ ଯେତେ ଯୋଗ୍ୟ ଓ ମାନ୍ୟମାନ ବ୍ୟକ୍ତି ହେଲେହେଁ ତାହାଙ୍କୁ ଏପଦ ଦିଆଗଲେ ଲୋକେ ସନ୍ତୋଷ ଲଭିବାର ପ୍ରକାଶ ପାଉ ନାହିଁ ।

---

ବାବୁ ମଧୁସୂଦନ ଦାସଙ୍କ କଲ୍ୟାଣରୁ ଏକ ଗଲରୁ ନାଟ୍ୟଶାଳାର ଅଭାବ ଦୂରୀଭୂତ ହେବାରୁ ଏଠା ସୌଖିନଅଭିନୟପ୍ରଦର୍ଶକ ସମ୍ପ୍ରଦାୟ ନାଟ୍ୟାଭିନୟ ଦେଖାଇବାକୁ ଅଧିକ ତତ୍ପର ହେବାର ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ମଧୁବାବୁ ଯେଉଁ ନାଟ୍ୟଶାଳାଟି ନିର୍ମାଣ କଲେ ତାହା ଦୃଶ୍ୟପଟ୍ଟରେ ଭୂଷିତ ହୋଇଅଛି ଏବଂ ଗେସଲାଇଟ ଇତ୍ୟାଦି ସମ୍ପୂର୍ଣ୍ଣ ବିଷୟର ସୁବନ୍ଦୋବସ୍ତ ଦଳବାବୁମାନେ ଯେମନ୍ତ ପ୍ରସ୍ତାବ ଦେଇଅଛନ୍ତି ତହିଁରେ ଉତ୍କଳୀୟ ସୁନ୍ଦରରୂପେ କାର୍ଯ୍ୟ ନିର୍ବାହ ହେବ ଏବଂ ବର୍ଷାକାଳରେ ମଧ୍ୟ ବ୍ୟାଘାତ ହେବ ନାହିଁ । ଅଭିନେତା ସମ୍ପ୍ରଦାୟ ମଧ୍ୟ ସେମନ୍ତ ମନୋଯୋଗୀ ହୋଇଅଛନ୍ତି ତାହା ଆଶାପୂର୍ଣ୍ଣ ଅଟଇ ଏବଂ କ୍ରମଶଃ ଏହି ଚର୍ଚ୍ଚା ଲାଗିଥିଲେ କଲ୍ୟାଣ ହେବ ଏବଂ ସେମାନେ ସମସ୍ତଙ୍କର ଧନ୍ୟବାଦ ପାତ୍ର ହେବେ । ଗତ ଶନିବାର ଦସ୍ୱକାର୍ଜୁନୀୟନାଟକ ଏବଂ ବକାହରଣ ପ୍ରହସନ ଅଭିନୀତ ହୋଇଥିଲା । ସବୁପ୍ରକାରେ ମୋଟରେ ଅଭିନୟ ଭଲ ହୋଇଥିଲା ମାତ୍ର ଅଭିନୟ ଦେଖାଇବାବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ସ୍ୱର ଅତ୍ୟନ୍ତ ମୃଦୁ ଥିବାରୁ ଅନ୍ତରରେ ଥିବା ଦର୍ଶକମାନେ ସବୁ କଥା ଶୁଣିବାକୁ ପାଇ ନ ଥିଲେ ଏଯୋଗୁଁ ସମସ୍ତ ରସ ଅନୁଭବ କରିପାରିଲେ ନାହିଁ । ନାଟକଠାରୁ ପ୍ରହସନଟି ଅପେକ୍ଷାକୃତ ଭଲ ହୋଇଥିଲା ମାତ୍ର ଏ ଦୋଷରୁ ବର୍ଜିତ ନ ଥିଲା । ନାଟକ ଅଭିନୟ କାର୍ଯ୍ୟଟି ଗାୟକବାଦ୍ୟକାରଙ୍କ ଗଳାବାଜିର କାର୍ଯ୍ୟ ଅଟଇ । ସବୁ ଏକଦଳ ମାତ୍ର ଉଚ୍ଚସ୍ୱର ଏକଦଳ । କଥା ବା ଗୀତ ଶୁଣା ନ ଗଲେ ତହିଁର କେଉଁ ସୁଖ ? ଏମାନଙ୍କର ଗୀତ ଗାଇବାର କ୍ଷମତା ମଧ୍ୟ ଅତ୍ୟନ୍ତ ଊଣା ଦେଖାଗଲା । ଭଲରୂପେ ଗାନ ଅଭ୍ୟାସ ନ କଲେ ଅଭିନୟ ସୁନ୍ଦର ହେବ ନାହିଁ ଏବଂ ନିୟମିତରୂପେ ଗାଇବାକୁ ଶିକ୍ଷା କଲେ ଗଳାର ସ୍ୱର ମଧ୍ୟ ଠିକ ହେବ । ଗୀତ ଓ ବାଦ୍ୟ ନାଟକର ପ୍ରଧାନ ଅଙ୍ଗ ଏହି ଦୁଇବିଷୟରେ ସାଧନାର କଷ୍ଟକାଳ ଯେଉଁମାନେ ପରିଶ୍ରମ କରିବେ ସେମାନଙ୍କର ଅଭିନୟ କାର୍ଯ୍ୟ ସର୍ବାଙ୍ଗସୁନ୍ଦର ହେବ । ସୌଖିନପକ୍ଷ ବାବୁଙ୍କୁ ଏହି ବିଷୟରେ ମନୋଯୋଗୀ ହେବା କାରଣ ଅମ୍ଭେମାନେ ବାରମ୍ବାର ଅନୁରୋଧ କରୁଅଛୁଁ ।

---

ବହାରର ଜଳକରସମ୍ବନ୍ଧ ।

ବହାରର ଜଳକର ଅନୁସନ୍ଧାନ ନିମିତ୍ତ ଯେଉଁ କମିଶନ ବସିଥିଲା ତହିଁର କାର୍ଯ୍ୟ ଶେଷ ହୋଇଅଛି ଏବଂ କମିଶନରମାନେ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ପଠାଇଅଛନ୍ତି । ସେମାନେ ଯେସମସ୍ତ ପରାମର୍ଶ ଦେଇଅଛନ୍ତି ତହିଁର ସାରାଂଶ ଏହି ଯଥା;—ଜଳକରର ଦର ଜମି ପ୍ରତି ୧୷/ ସ୍ଥଳେ ଟ ୧୧ ଟା ହେବ ପଟ୍ଟାର ମିଆଦ ଜୁନମାସରେ ଆରମ୍ଭ ହୋଇ ମାର୍ଚ୍ଚମାସରେ ଶେଷ ହେବ ଓ ଏଥିମଧ୍ୟରେ ପ୍ରଜା ଆପଣା ଇଚ୍ଛାମତ ଯେକୌଣସିପ୍ରକାର ଫସଲ ଉତ୍ପାଦନ କରି ପାରିବେ । ଶୀତକାଳର ଯେ କୌଣସି ଫସଲ ନିମିତ୍ତ ମାଣପ୍ରତି ଟ ୧୷/ ସ୍ଥଳେ ଟ୦ ଅଧେକ ଓ ଏପଟ୍ଟାର ମିଆଦ ଅକ୍ଟୋବର-

Digitized by srujanika@gmail.com

ଠାରୁ ମାର୍ଚ୍ଚପର୍ଯ୍ୟନ୍ତ ହେବ । ପ୍ରତ୍ୟେକ ପ୍ରଜାଙ୍କୁ କବୁଲିୟତ ଦେବାକୁ ହେବ ଏବଂ ସେ କବୁଲିୟତ ଭୂତବର୍ଷରୁ ଅଧିକକାଳ ପ୍ରବଳ ରହିବ ନାହିଁ । ପଟ୍ଟାରେ ଜମି ଭିନ୍ନ ଅନ୍ୟ କୌଣସି ଜମିରେ ଜଳକର ବସିବ ନାହିଁ । ଯେପର୍ଯ୍ୟନ୍ତ ଗୋଟିଏ ମୌଜାର ଜଳ ମାଡ଼ିବା ଯୋଗ୍ୟ ସମସ୍ତ ଜମିର ପଟ୍ଟା ହୋଇ ନାହିଁ ସେପର୍ଯ୍ୟନ୍ତ ବେଆଇନ ଜଳ ନେବାର ଦଣ୍ଡ କେବଳ ଫୌଜଦାରୀ ଅଦାଲତଦ୍ୱାରା ହେବ । ଛଅକଗ ପଞ୍ଚାଶଜଣ ରଇତ ବର୍ଷମଧ୍ୟରେ ଇସ୍ତଫା ନ ଦେଲେ ଭୂତବର୍ଷ ଗତ ହେଲା ଉତ୍ତାରୁ ସେହି ପଟ୍ଟା ପ୍ରବଳ ରହିବ । ସରକାର ଜଳ ଯୋଗାଇବାର ମାଲିକ ହେବେ । କୌଣସି ବେସରକାରୀ ଲୋକ ଜିମ୍ମା କର ନ ଦେଲେ ଗ୍ରାମ୍ୟନାଳର ସମସ୍ତ କାରବାର ଜଳକର ମହକୁମା ହାତରେ ରହିବ ସୁତରାଂ ଜଳ ନଷ୍ଟ ସକଟେ କୌଣସି ରଇତ ଦାୟୀ ହେବ ନାହିଁ । ପ୍ରେଷ୍ଟୋଲ ଏବଂ ଅମିନଙ୍କ କାର୍ଯ୍ୟର କୌଣସି ପ୍ରୟୋଜନ ହେବ ନାହିଁ । ଗ୍ରାମବାସିମାନେ ନିଅଦ ପୂର୍ବରୁ ଜଳ ନେବାର କବୁଲିୟତ ଦେଲେ ଓ ତାହା ନ ଦେଲେ ଏକଗ୍ରାମର ଗ ୨ ଖ୍ୟା ଜଳ ଯୋଗାଇବାର ... ଓ ସବୁଗ୍ରାମର ଥାଣ-ମହୁରମାନ ଏକ ମାପର ହେବ । ପ୍ରତ୍ୟେକ ଗ୍ରାମ ଭୂଇ କମ୍ପା ଦେଢ଼ଜଣ ପଞ୍ଚାଏତଙ୍କୁ ମନୋନୀତ କରିବେ ଯେ ସେମାନେ ପଟ୍ଟା—କବୁଲିୟତର ଗ୍ରହୀତା ହେବେ । ଜମିଦାର ସରକାରୀ କର୍ମଚାରୀ ଏବଂ ଅପର ବ୍ୟକ୍ତିଙ୍କର ଗୋଟିଏ ସଭା ଗଠିତ ହେବ । ଏ ସଭା ବର୍ଷରେ ଦୁଇଥର ବୈଠକ କରି ଜଳକରସମ୍ପର୍କୀୟ ଅଭିଯୋଗର ଏବଂ ତାହା ନିବାରଣର ଉପାୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ।

ଉପରଲିଖିତ ସମାଚାରମାନ ହିନ୍ଦୁପେଟ୍ରିୟଟରୁ ସଂଗ୍ରହ କରି ଉତ୍ତାରୁ ଷ୍ଟେଟ୍ସମାନରେ ପାଠ କଲୁଁ କି କମିଶନରମାନଙ୍କର ରିପୋର୍ଟ ସର୍ବସାଧାରଣଙ୍କ ଜାଣିବାକାରଣ ଅଦ୍ୟାପି ପ୍ରକାଶିତ ହୋଇ ନାହିଁ ଏବଂ ସେ ରିପୋର୍ଟ କେବଳ ଅଧିକାଂଶ କମିଶନରଙ୍କ ମତରେ ଧାର୍ଯ୍ୟ ହୋଇ ନାହିଁ ବରଂ ମାନ୍ୟବର ଜଷ୍ଟିସପ୍ରକାଶଲାଲ ଏବଂ ଆଉ ଏକଜଣ କମିଶନର ପୃଥକ୍ ମନ୍ତବ୍ୟମାନ ଲିପିବଦ୍ଧ କରିଅଛନ୍ତି । ଷ୍ଟେଟ୍ସମାନ ପ୍ରସ୍ତାବ କରୁଅଛନ୍ତି କି ଗବର୍ଣ୍ଣମେଣ୍ଟ ଏହି ରିପୋର୍ଟ ଜାରି କରିବା ପୂର୍ବେ ଏତଦ୍ଦେଶର ସଭାସମିତି ଏବଂ ସମ୍ବାଦପତ୍ରମାନଙ୍କର ମତଗ୍ରହଣ କରିବାର ଚେଷ୍ଟା କରିବେ । ଅମ୍ଭେମାନେ ଏପ୍ରସ୍ତାବକୁ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଁ ଏବଂ ଓଡ଼ିଶା-ନାଲସମ୍ପର୍କୀୟ ଗୁରୁତରମାନ ଅଦ୍ୟାପି ଦୂର ହୋଇ ନ ଥିବା ଏବଂ ଏଠା ଜଳକର ଅନୁସନ୍ଧାନ କମିଶନରଙ୍କ ରିପୋର୍ଟ ଅଦ୍ୟାପି ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ନିଷ୍ପତ୍ତି ହୋଇ ନ ଥିବା ବିଶେଷତଃ ଓଡ଼ିଶାବାସିଙ୍କର ଏବିଷୟରେ ବିଶେଷ ଅଭିଜ୍ଞତା ଥିବାରୁ କମିଶନର ଜଳକରସମ୍ବନ୍ଧୀୟ ରିପୋର୍ଟ ଓଡ଼ିଶାର ସଭାସମିତି ଏବଂ ସମ୍ବାଦପତ୍ରମାନଙ୍କୁ ଏକ ୨ ଖଣ୍ଡ ଦେବା ଉଚିତ ତାହା ହେଲେ ସେମାନେ ତତ୍ସମ୍ପର୍କରେ ମତାମତ ପ୍ରକାଶ କରିବାକୁ ସମର୍ଥ ହେବେ ଏବଂ ତଦ୍ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ସୁବିଚାର କରିବା ପକ୍ଷରେ ଅନେକ ସାହାଯ୍ୟ ହେବ ।

---

### ବିଶ୍ୱବିଦ୍ୟାଳୟର ପରୀକ୍ଷାଫଳ ।

ଗତସପ୍ତାହରେ ଏଫ ଏ ଓ ଫାଷ୍ଟଆର୍ଟସ୍ ପରୀକ୍ଷାଫଳ ସମାଲୋଚନା କରି ଅମ୍ଭେମାନେ ଦେଖାଇଅଛୁଁ ଯେ ଏଥର ଓଡ଼ିଶାପକ୍ଷରେ ସନ୍ତୋଷଜନକ ନୁହେ । ଓଡ଼ିଶାରୁ ପ୍ରବେଶିକା-ପରୀକ୍ଷାରେ ଯେଉଁମାନେ ପାଶ କରିଅଛନ୍ତି ଗତ ସପ୍ତାହର ଅଭ୍ୟନ୍ତରରେ ପ୍ରକାଶ କରିଅଛୁଁ । ଗତବର୍ଷ ୩୩୦୬ ଛାତ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କରିଥିଲେ ଏଥର ୨୨୧୦ ଛାତ୍ର ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି । ପୂର୍ବବର୍ଷାପେକ୍ଷା ମୋଟରେ ୫୮୬ ଊଣା ହୋଇଅଛି । ଏଥର ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ଜ ୪୭୨ ଣ ଦ୍ୱିତୀୟ ଶ୍ରେଣୀରେ ଜ ୧୧୩୮ ଣ ଓ ତୃତୀୟ ଶ୍ରେଣୀରେ ଜ ୧୧୦୫ ଣ ଅଛନ୍ତି । ପରୀକ୍ଷାର୍ଥୀ ଛାତ୍ର କ୍ରମାଗତ ବଢ଼ୁଥିବା ସ୍ଥଳେ ପାଶରେ ଜୁଆରଭଟ୍ଟା ପ୍ରାୟ ଏକବର୍ଷ ଅଧିକ ଓ ଏକବର୍ଷ ଊଣା ହେବା ବଡ଼ ଅସନ୍ତୋଷଜନକ ଅଟଇ । ଓଡ଼ିଶାରେ ଗତବର୍ଷ ଜ ୭୦ ଣଙ୍କ ମଧ୍ୟରୁ ଜ ୫୫ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ୭୭ ଜଣଙ୍କ ମଧ୍ୟରୁ ଜ ୪୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତବର୍ଷଠାରୁ ଏବର୍ଷର ଫଳ ସଂଖ୍ୟା ଓ ଗୁଣରେ ଊଣା ହୋଇଅଛି । ଗତବର୍ଷ ପ୍ରଥମ ଶ୍ରେଣୀରେ ଜ ୨୧ ଣ, ସ୍ଥଳେ ଏବର୍ଷ କେବଳ ଜ ୩ ଣ ପାଶ କରିଅଛନ୍ତି ବାକି ଛାତ୍ରମାନେ ୨ ୟ ଶ୍ରେଣୀରେ ଜ ୨୧ ଣ ଓ ୩ ୟ ଶ୍ରେଣୀରେ ଜ ୧୮ ଣ ରହିଅଛନ୍ତି । ପୁରୀ ଏବର୍ଷ ୧ମ ଶ୍ରେଣୀର ଟେକ ରଖିଅଛି । ସେଠା ଜ ୮ ଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ଜ ୨ ଣ ଓ ୨ ୟ ଓ ୩ ୟ ଶ୍ରେଣୀରେ ଜଣେ-ଲେଖାଏଁ ଜ ୪ ଣ ଉତ୍ତୀର୍ଣ୍ଣ ହେବାର ବଡ଼ ସନ୍ତୋଷଜନକ ଅଟଇ । ଏଠା ରେଭେନ୍ସା-କଲେଜ କାଲେଜିଏଟ ଓ କେନ୍ଦ୍ରାପଡ଼ା ଫଳ ମଧ୍ୟ ଉତ୍ତମ ହୋଇଅଛି କଟକ ଏକାଡେମିରୁ ଜ ୭ ଣ ପ୍ରେରିତ ହୋଇଥିଲେ ଜ ୩ ଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅନ୍ୟାନ୍ୟ ବର୍ଷପରି ଏ ଫଳ ଉତ୍କୃଷ୍ଟ ନ ହେଲେହେଁ ସ୍କୁଲର ଅବସ୍ଥା ଆଦି ଦୃଷ୍ଟିକଲେ ଭଲ ବୋଲିବାକୁ ହେବ ।

ଅମ୍ଭେମାନେ ପୁନଃ୨ ଏ ସ୍କୁଲର ସ୍ଥାୟିତ୍ୱ-ସମ୍ବନ୍ଧରେ ଲେଖି ଆସୁଅଛୁଁ ଓ ଅମ୍ଭମାନଙ୍କର ମାନନୀୟ କମିଶ୍ନର ଗ୍ରାଣ୍ଟଲ୍ଲ ଡ଼ିଅଗଲ ସାହେବ ମଧ୍ୟ ଏ ସ୍କୁଲର ଆବଶ୍ୟକତା ସମ୍ବନ୍ଧରେ କହିଥିବା କଥାମାନ ଯଥା ସମୟରେ ପାଠକଙ୍କୁ ଜଣାଇଅଛୁଁ ବର୍ତ୍ତମାନ କେବଳ ଦେଶହିତୈଷିଲୋକଙ୍କର ବଦାନ୍ୟତା ଅପେକ୍ଷା କରୁଅଛୁଁ । ଯାଜପୁରରେ କ୍ରମାଗତ ଖଡ଼ୀ ପଡ଼ୁ ନ ଥିଲା ଯାହା ହେଉ ଏବର୍ଷ ଜଣେ ୩ ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସୁଖର ବିଷୟ । ଏବର୍ଷର ହାରିଯିବାର ସଂଖ୍ୟା ଅଧିକ କେବଳ କଟକନଗରରେ ମିଶନସ୍କୁଲର ଜ ୮ ଣ ମଧ୍ୟରୁ ଜଣେ ସୁଦ୍ଧା ଉତ୍ତୀର୍ଣ୍ଣ ହେଲେ ନାହିଁ, ଓ ଭଦ୍ରକର ଜ ୩ ଣ ମଧ୍ୟରୁ ଜମା ନାସ୍ତି । ଗତବର୍ଷର ଫଳ ଅତ୍ୟନ୍ତ ଆଶାତୀତ ହୋଇଥିଲା ଏବର୍ଷର ଫଳ ଗତବର୍ଷର ପୂର୍ବବର୍ଷାପେକ୍ଷା ଭଲ ହୋଇଅଛି । ଉକ୍ତ ବର୍ଷରେ କେବଳ ଜ ୨୨ ଣ ଉତ୍ତୀର୍ଣ୍ଣତା ଲାଭ କରିଥିଲେ ଏବର୍ଷ ଜ ୪୨ ଣ ଉତ୍ତୀର୍ଣ୍ଣ ହେବା ସନ୍ତୋଷଜନକ ଅଟଇ । କେବଳ ଅମ୍ଭମାନଙ୍କର ଏତିକି ବକ୍ତବ୍ୟ କି ଯେଉଁ ସ୍କୁଲରୁ ଅଧିକ ଉତ୍ତୀର୍ଣ୍ଣତା ଲାଭ କରୁ ନାହାନ୍ତି ଯେପରି ଉକ୍ତ ସ୍କୁଲମାନଙ୍କରୁ ବେଶି ସଂଖ୍ୟା ଛାତ୍ର ପରୀକ୍ଷା ଦେବାପାଇଁ ପ୍ରେରିତ ନ ହୁଅନ୍ତି ତହିଁପ୍ରତି ହାଇସ୍କୁଲର ଅଭିଭାବକ ଓ କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟି ରଖିବାର ଅତ୍ୟନ୍ତ ଆବଶ୍ୟକ ଓ ବୃଥାରେ ଅପଯଶ ଗ୍ରହଣ ନ କରନ୍ତୁ ।

ପରିଶେଷରେ ବକ୍ତବ୍ୟ ଏହି କି ମୟୂରଭଞ୍ଜର ନାବାଳଗ ରାଜା ପ୍ରବେଶିକା ପରୀକ୍ଷାରେ ଏବଂ ଲକ୍ଷ୍ମଣନାଥ ମହାଶୟଙ୍କ କନିଷ୍ଠ ବାବୁ ହରେନ୍ଦ୍ରନାରାୟଣ ରାୟ ମେଟ୍ରପଲିଟନ କଲେଜରୁ ଫ, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବଡ଼ ଆନନ୍ଦର ବିଷୟ ଅଟଇ । ଏଥିପୂର୍ବେ ଓଡ଼ିଶାର କେହି ଗଡ଼ଜାତ ରାଜା କିମ୍ବା ସମ୍ଭ୍ରାନ୍ତ ଜମିଦାର ଏପରି ଉଚ୍ଚ ପରୀକ୍ଷାମାନଙ୍କରେ

Split by PDF Splitter
Digitized by srujanika@gmail.com

Split by PDF Splitter



କୃତକାର୍ଯ୍ୟ ହୋଇ ନ ଥିଲେ । ଏ ଅଂଶରେ ଓଡ଼ିଶାର ଏବର୍ଷର ଫଳକୁ ଅତ୍ୟନ୍ତ ପ୍ରୀତିକର ବୋଲିବାକୁ ହେବ ।

---

## ଜଳକଷ୍ଟ ।

ଢେଙ୍କାନାଳରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି "ଅଜକାଲି ଏ ସ୍ଥାନରେ ପାଣିର ଭୟାନକ କଷ୍ଟ ହୋଇଅଛି, ଜଳାଶୟମାନ ମୁଖବସ୍ତ୍ର କରି ସ୍ୱର୍ଗକୁ ଅନାଇ ପଡ଼ିଅଛନ୍ତି । କୌଣସି୨ ସ୍ଥଳରେ ପାଣି ବାଲୁଗର୍ଭହୋଇ ବସିଯାଉଅଛି । ମେଘକୁ ଅନାଇ୨ କି ଫଳ ଗଲା । ଗତମାସ ତା ୫ ରିଖ ବୁଧବାର ଦିନ ସମୟରେ ହଠାତ୍ ଘୋରଘନଘଟା ଅରେ ମେଘଗର୍ଜନ ହେଲା ସେ ଦିନଠାରୁ ମେଘ ଦେଖାଯାଉଅଛି ମାତ୍ର ବୃଷ୍ଟି ନାହିଁ । ଏବର୍ଷ ବୃଷ୍ଟିର ଲକ୍ଷଣ ଭଲ ନୁହଇ ବୋଲି ସମସ୍ତେ କହୁଅଛନ୍ତି ।"

ଏହା ଢେଙ୍କାନାଳ କାହିଁକି ଅଜକାଲି ସର୍ବତ୍ରରେ ଜଳକଷ୍ଟ ପଡ଼ିଅଛି ଏବଂ ଏବର୍ଷ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଆଦୌ ବୃଷ୍ଟି ନ ହେବାରୁ ସେ କଷ୍ଟ ଅଧିକ ବାଧୁଅଛି । ତଥାପି ଢେଙ୍କାନାଳରେ ଜଳକଷ୍ଟ ଲୋକଙ୍କୁ ଅଧିକ ବାଧୁଅଛି ଏ କଥା ଶୁଣିବାକୁ ଆମ୍ଭେମାନେ ପ୍ରସ୍ତୁତ ନ ଥିଲୁଁ କାରଣ ଉକ୍ତ ସ୍ଥାନର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଭଲ ଏବଂ ଏକବର୍ଷରୁ ଅଧିକ ହେବ କୋର୍ଟ ଅବ୍ୱାର୍ଡ୍ସଙ୍କ ଅଧୀନରେ ରହିଅଛି । ଅଧୁନା କର୍ମଚାରୀଙ୍କ ମଧ୍ୟରେ ଜଣେ ଇଞ୍ଜିନିୟର ଏ ସ୍ଥାନରେ ନିଯୁକ୍ତ ଅଛନ୍ତି ଏବଂ ସଡ଼କ ବନ୍ଧ ଅଟ୍ଟାଳିକାପ୍ରଭୃତି କାର୍ଯ୍ୟରେ ବାର୍ଷିକ ଅନେକ ଟଙ୍କା ଖର୍ଚ୍ଚ ହେଉଅଛି । ଯେବେ ଏତେ ସୁବିଧା ଓ ବନ୍ଦୋବସ୍ତ ଥାଇଁ୨ ଏଠାର ପ୍ରଜାମାନଙ୍କୁ ଜଳକଷ୍ଟ ଅନୁଭବ କରିବାକୁ ହେଲା ତେବେ ଅନ୍ୟସ୍ଥାନର କଥା କ ହୋଇପାରିବ ? ପ୍ରଜାଙ୍କ ହିତାର୍ଥ ଯେତେ କାର୍ଯ୍ୟ ହୋଇପାରେ ତହିଁମଧ୍ୟରେ ଜଳ ଯୋଗାଇବାର ଉପାୟ ସର୍ବଶ୍ରେଷ୍ଠ ଏ ବିଷୟ କାହାରିକୁ ବୁଝାଇବାର ପ୍ରୟୋଜନ ନାହିଁ ଜଳବିନା କି ମନୁଷ୍ୟ କି ପଶୁ ପକ୍ଷୀ କେହି ବଞ୍ଚି ନ ପାରନ୍ତି ଏବଂ ଜୀବଜନ୍ତୁ ଓ କୃଷି ରକ୍ଷାନିମିତ୍ତେ ଜଳଭଣ୍ଡାରମାନ ସ୍ଥାପନ କରିବା ପ୍ରଥମକାର୍ଯ୍ୟ ହୋଇଅଛି । ପୂର୍ବକାଳର ଲୋକମାନେ ଜଳାଶୟ ପ୍ରସ୍ତୁତ କରିବା ଶ୍ରେଷ୍ଠକାର୍ଯ୍ୟ ଓ ପୁଣ୍ୟକାର୍ଯ୍ୟ ବୋଲି ବିଶ୍ୱାସ କରି ବହୁପ୍ରକାରସେ ତହିଁର ଅନୁଷ୍ଠାନ କରୁଥିଲେ ଏବଂ ରାଜା ଓ ଭୂମ୍ୟଧିକାରୀମାନେ ଆପଣା୨ ଏଲାକାରେ ବୃହତ୍ ଜଳାଶୟମାନ ନିର୍ମାଣ କରିବା ନିତାନ୍ତ କର୍ତ୍ତବ୍ୟ ମନେ କରୁଥିଲେ । ପୂର୍ବର ଯେତେ୨ ପୁଷ୍କରିଣୀ ଇତ୍ୟାଦି ଜଳାଶୟମାନ ବର୍ତ୍ତମାନ ରହିଅଛି ଯେବେ ସେ ସମସ୍ତର ଯଥାଯଥ ପ୍ରକାର ଜୀର୍ଣ୍ଣ ସଂସ୍କାର ହେଉଥାନ୍ତା ତେବେ ନୂତନ କାର୍ଯ୍ୟ ନ ହେଲେ ମଧ୍ୟ ସେହିସମସ୍ତ ଜଳାଶୟଦ୍ୱାରା ଅନେକ ଉପକାର ହେଉଥାନ୍ତା । ମାତ୍ର ବର୍ତ୍ତମାନଙ୍କ ଲୋକଙ୍କର କେମନ୍ତ ମତି ହୋଇଅଛି ଯେ ଏ ପକ୍ଷରେ ଆଦୌ ଦୃଷ୍ଟି ପଡ଼ୁ ନାହିଁ । ଢେଙ୍କାନାଳରେ ଅନେକ ଟଙ୍କା ଖର୍ଚ୍ଚ ହୋଇ ପକ୍କା ଜେଲଖାନା ବାଢଶାଳା ଡେସ୍ପେନସାରୀପ୍ରଭୃତି ଘରମାନ ଅନେକ ବ୍ୟୟରେ ନିର୍ମାଣ ହେଉଅଛି ମାତ୍ର ପ୍ରତିବର୍ଷ ନୂତନ ପୁଷ୍କରିଣୀ ଖୋଳାହେବା ଅଥବା ପୁରାତନ ପୁଷ୍କରିଣୀର ଜୀର୍ଣ୍ଣସଂସ୍କାର ହେବାର ଆଦୌ ଶୁଣାଯାଉ ନାହିଁ । ଯେମନ୍ତ କି ଏହି ଅତ୍ୟାବଶ୍ୟକୀୟ କାର୍ଯ୍ୟଟି ରାଜକାର୍ଯ୍ୟମଧ୍ୟରେ ନୁହଇ । ପକ୍କା ସ୍କୁଲଗୃହ ପକ୍କା ଥାନାଗୃହ ପକ୍କା ଡାକବଙ୍ଗଳା ପକ୍କା ସଡ଼କ ଏସମସ୍ତ ସୁନ୍ଦର ପଦାର୍ଥ ସତ୍ୟ ମାତ୍ର ସାମାନ୍ୟ ଘରେ ଓ ସାମାନ୍ୟ ସଡ଼କରେ କାର୍ଯ୍ୟ ଚଳିପାରେ ଓ ଚଳୁଅଛି କିନ୍ତୁ ବିଶୁଦ୍ଧ ଜଳ ଯୋଗାଇବାର ଉପାୟ ଏ ସମସ୍ତଠାରୁ ଅଗ୍ରଗଣ୍ୟ ଓ ଏଥିର ବ୍ୟବସ୍ଥା ଅଗ୍ରେ କରିବାର ଉଚିତ । ଆମ୍ଭେମାନେ ଆଶା କରୁଁ କି ସ୍ଥାନର ମ୍ୟାନେଜର ମହାଶୟ ଏ ପକ୍ଷରେ ଅଧିକ ମନୋଯୋଗୀ ହୋଇ କ୍ରମାଗତ ଜଳକଷ୍ଟ ନିବାରଣର ବହୁତ ଚେଷ୍ଟା କରିବେ । ଇଂରାଜମାନେ ଜଳାଶୟର ଉପକାରିତା ସେତେ ବୁଝିପାରନ୍ତି ନାହିଁ ବୋଲି ସେ ପକ୍ଷରେ ସେମାନଙ୍କର ଦୃଷ୍ଟି ପଡ଼ୁନାହିଁ କିନ୍ତୁ ଦେଶୀୟ ରାଜା ଜମିଦାର ସେମାନଙ୍କ ପ୍ରଜାନିଧିଙ୍କୁ ଏ ବିଷୟରେ ଉପଦେଶ ଦେବାକୁ ହେବ ନାହିଁ କେବଳ ସେମାନେ ଚେଷ୍ଟା କଲେ କୃତକାର୍ଯ୍ୟ ହେବେ ।

---

## ବ୍ୟାଳଙ୍କ-ପ୍ରଜାପୀଡ଼ା ମାମଲା ।

ଭଙ୍ଗାରପ୍ରଭୃତି ଚୌଧୁରୀମାନେ ଓଡ଼ିଶାର ସର୍ବପ୍ରଧାନ ଧନାଢ୍ୟ ଜମିଦାର ବୋଲିଯାଇ ପାରନ୍ତି । କସ୍ତୁର ଜମିଦାରୀ ଏଲକା ଏବଂ ମହାଜନୀ କାରବାରଦ୍ୱାରା ଏମାନଙ୍କର ଆୟ ଯେମନ୍ତ ଅଧିକ ତେମନ୍ତ ସର୍ବକାଳରେ ଏବ ସର୍ବସାଧାରଣଙ୍କପାଖରେ ସମ୍ମାନ ବଢ଼ିଅଛି ଏପରି ବଡ଼ଘରର ଭଲକଥା ଶୁଣିବାକୁ ଆମ୍ଭେମାନେ ସର୍ବଦା କାମନା କରୁଁ ମାତ୍ର ଦୁଃଖର ବିଷୟ ଯେ ସେ କାମନା ପୂର୍ଣ୍ଣହେବାର ଲକ୍ଷଣ ଆଜି ଅଦ୍ୟ ତହିଁର ବିପରୀତ ପାଠକମାନଙ୍କୁ ଜଣାଇବାକୁ ବାଧ୍ୟ ହେଲୁଁ ।

ଚୌଧୁରୀଙ୍କର । ପ୍ର । ସାଇତର ଜମିଦାରୀର ପ୍ରାୟ ୫୦୦ ଜଣ ପ୍ରଜା କେତେକଦିନ ହେଲା ଏଠାର ବିଖ୍ୟାତ ଉକିଲ ବାବୁ ମଧୁସୂଦନ ଦାସଙ୍କ ନିକଟକୁ ଆସି ଜମିଦାରଙ୍କର ନାନା ଅତ୍ୟାଚାରର ବର୍ଣ୍ଣନା କରି ତହିଁରୁ ରକ୍ଷା ପାଇବାର ଉପାୟ ଲୋଡ଼ିଲେ । ଏଥିପୂର୍ବେ ପ୍ରାୟ ଏକବର୍ଷରୁ ବାବୁ ମହାଶୟ ଉଭୟମାନଙ୍କର ସ୍ୱାକ୍ଷରିତ କେତେକଖଣ୍ଡ ପତ୍ର ଡାକଯୋଗେ ପାଇଥିଲେ ଯେ ତହିଁରେ ଉକ୍ତରୂପ ଅତ୍ୟାଚାରର କଥାମାନ ଲେଖାଥିଲା । ପ୍ରଜାମାନଙ୍କର ଦୁଃଖକାହାଣୀ ଶୁଣି ବାବୁ ସେମାନଙ୍କପକ୍ଷରୁ ଜଏଣ୍ଟମାଜିଷ୍ଟ୍ରେଟଙ୍କ ସମୁଖରେ ଖଣ୍ଡିଏ ଦରଖାସ୍ତ କଲେ ଓ ତହିଁରେ ସରଜମିନ ତଦାରଖ କରିବା କାରଣ ବାବୁ ରସିକଦାସ-ନାୟକଙ୍କପ୍ରତି ଆଦେଶ ହେବାକୁ ସେ ଗତମାସ ତା ୨୫ ରିଖରେ ମଣ୍ଡିଲେ ମୁକାମକୁ ତଦନ୍ତ ନିମିତ୍ତ ଯାତ୍ରା କଲେ । ପ୍ରଜାଙ୍କପକ୍ଷରୁ ବାବୁ ମଧୁସୂଦନ ଦାସ ଏବଂ ବାବୁ ଗୋକୁଳାନନ୍ଦ ଚୌଧୁରୀ ଓକିଲମାନେ ଉପସ୍ଥିତ ହେଲେ । ସେଠାର ଗସ୍ତବଙ୍ଗଳାରେ କଚେରୀ ହେଲା ଏବଂ ଶତ୨ ପ୍ରଜା ସେଠାରେ ରୁଣ୍ଡ ହୋଇ ଡେପୁଟୀ ମାଜିଷ୍ଟ୍ରେଟଙ୍କ ପ୍ରଶ୍ନମତେ ନିମ୍ନଲିଖିତ ଅତ୍ୟାଚାରମାନ ଜଣାଇଲେ, ଯଥା—

୧—କୌଣସି ପ୍ରଜା ଜମିଦାରଙ୍କ ସ୍ତ୍ରୀମାନଙ୍କୁ କାରପରଦାଜ କିମ୍ବା ତାହାଙ୍କ ଘରର କୌଣସି ମାନ୍ୟସ୍ତାନକୁ ଭଲ ଭେଟି ଦେଲେ କୌଣସି ଯୋଗସତ୍ତ୍ୱବିଶିଷ୍ଟ ପ୍ରଜାକୁ ବଳପୂର୍ବକ ବେଦଖଲ କରି ତାହାର ଜମି ଉକ୍ତ ପ୍ରଜାକୁ ଦେବା ।

୨—କୁମାରପୂର୍ଣ୍ଣିମା ସମୟରେ ପ୍ରତ୍ୟେକ ସ୍ଥିତିବାନପ୍ରଜାଠାରୁ ଟ ୦।୵ ଲେଖାଏଁ ନିଆଯିବା ।

୩—ଜମିଦାରଙ୍କ ଗାଈରଖା ଗୌଡ଼ ପ୍ରଜାର କ୍ଷେତକୁ ଗୋରୁ ଛାଡ଼ି ଦେବା ଏବଂ ଏହି ଅତ୍ୟାଚାରରୁ କୌଣସି ପ୍ରଜାକୁ ରକ୍ଷା ପାଇବା କାରଣ କେବେ୨ ତାହାଠାରୁ ଜରିମାନା ନେବା । ଜମିଦାରଙ୍କ ପଇଦାଶିଆ ବ୍ୟକ୍ତିମାନଙ୍କର ଭଲ ଗୋରୁ ଓ ରଖଣ ଥିବାରୁ

Digitized by srujanika@gmail.com

Split by PDF Splitter



ଏପରି ଅଭ୍ୟାସ୍ତର ପ୍ରଜାମାନେ ଅହରହ ଭୋଗ କରନ୍ତି ।

୪—ପ୍ରଜାଙ୍କ ଘାଳାବାଡ଼ୀରେ ଥିବା ଗଛମାନଙ୍କର ଫଳ ଜମିଦାରଙ୍କ ମନୁଷ୍ୟ ଜବରଦସ୍ତି ତୋଳି ନେବା । ଏ ଅଭ୍ୟାସ୍ତର ପ୍ରଜାମାନଙ୍କୁ ଏମନ୍ତ ବାଧୁଅଛି ଯେ କଥିତ ଅଛି ଜଣେ ପ୍ରଜା ଆପଣା ବାଡ଼ିରେ ଥିବା ଗୋଟିଏ ଆମ୍ବଗଛର ସମସ୍ତ ବୌଲ ନଷ୍ଟ କରିଦେଲ କାରଣ ପ୍ରଜାର ପଶ୍ଚାଦାଶୟ ବ୍ୟକ୍ତିମାନେ ଆମ୍ବଗଛକୁ ଲଗିଥିବା ପ୍ରତ୍ୟେକ ତହିଁର ଫଳଭୋଗୀ ହେବେ ନାହିଁ ଓ ଜମିଦାରର ମନୁଷ୍ୟ ବଳପୂର୍ବକ ସବୁ ତୋଳି ନେବେ ଏ କଷ୍ଟ ସହିବାର ନୁହଇ ।

୫—ପ୍ରତ୍ୟେକ ପ୍ରଜାଠାରୁ ଜମିଦାରର ଲୋକମାନେ ବାଉଁଶ ନଡ଼ା ଓ ପାଳ ଅଦାୟ କରନ୍ତି ।

୬—ବାର୍ତ୍ତିକମାସ ଲୁଟବନ୍ଧ ସମୟରେ ପ୍ରତ୍ୟେକ ପ୍ରଜାକୁ ତାହାର ଦେୟ ଖଜଣା ମଧ୍ୟରୁ କେତେ ଟଙ୍କାର ପାଞ୍ଜି ତାହା ଇଚ୍ଛାନୁସାରେ ତାହାକୁ ଦିଆଯାଏ ଓ ଉକ୍ତ ଟଙ୍କାବାବଦକୁ ଟଙ୍କାପ୍ରତି ଟ ୧୫/ ମୂଲ୍ୟର ଧାନ ବା ରବି-ଫସଲ ସମୟରେ ତାହାଠାରୁ ଅଦାୟ ହୁଅଇ ।

୭—ଏକ ଜଣ ପ୍ରଜା ପ୍ରବାସ କଲେ ବା ତାହା ପରିବାରର ଅନ୍ୟ ଲୋକମାନେ ମରିଗଲେ ତାହାଠାରୁ ଅଣ୍ଟୁଡ଼ା ଦଣ୍ଡସ୍ୱରୂପ ଟ ୧୦ ଙ୍କା ଅଦାୟ ହୋଇଥିଲା ।

୮—ପ୍ରଜାମାନେ ଜରିମାନା ନ ଦେଲେ ଭଗ୍ନ ମାଡ଼ ହୁଅଇ ଏବଂ ଏହି କାରଣରୁ ଏକ ବ୍ୟକ୍ତିକୁ ଏମନ୍ତ ମାଡ଼ ଦେଲା ଯେ ତହିଁର ଦୁଇ ଦିନରେ ସେ ମରିଗଲା ।

ବାବୁ ରାସବିହାରୀ ଜାମୁଦାରଙ୍କର ଶରୀର ପୀଡ଼ିତ ହେବାରୁ ସେ ତଦନ୍ତ ଶେଷ ନ କରି ଗୃହ ଆସିଲେ । ପୁନର୍ବାର ସେଠାକୁ ଯିବେ । ବର୍ତ୍ତମାନ ମୋକଦ୍ଦମା ତଦନ୍ତାଧୀନରେ ଥିବାରୁ ଆମ୍ଭେମାନେ କୌଣସି ମତାମତ ପ୍ରକାଶ କରି ନ ପାରୁଁ । ଆମ୍ଭେମାନେ ଏ ସମ୍ପର୍କରେ କେତେକ ଖଣ୍ଡ ବେନାମି ପତ୍ର ପାଇଥିଲୁଁ ଏବଂ ବାଲେଶ୍ୱର ଓ ମେଦିନୀପୁରରେ ପ୍ରଜାମାନଙ୍କର ମେଳ କରିବାର ଶୁଣାଯାଏ । ଆମ୍ଭେମାନେ ଭରସା କରୁଁ ହାକିମ ଏ ମାମଲାର ଉତ୍ତମରୂପ ତଦନ୍ତ କରିବେ । ପ୍ରଜାମାନେ ତଦାରଖ ସମୟରେ ଏମନ୍ତ ସାହସ ଦେଖାଇଥିଲେ ଯେ ଜମିଦାର ଉପସ୍ଥିତ ଥିବା ସତ୍ତ୍ୱେ ତାହାଙ୍କୁ ଖାଲି ନାହିଁ ଏବଂ ତାହାଙ୍କ ସାକ୍ଷାତରେ ମଥୁବାବୁଙ୍କୁ ବେଡ଼ି ବାଡ଼ିରେ ଟେକି ଧରି ବଡ଼ ବୋଲି ଇତ୍ୟାଦି ଦେଇଥିଲେ ।

---

# ସାପ୍ତାହିକ ସମ୍ବାଦ ।

ଏ ନଗରର ଦମୋଦରଦ୍ୱାର ଠାକୁରଙ୍କ ଚନ୍ଦନଯାତ୍ରା ଗତ ବୁଧବାରଠାରୁ ଆରମ୍ଭ ହେଲା ।

ଅସ୍ମାକଙ୍କ ଜଜ ସାହେବ ଅସନ୍ତା ସପ୍ତାହରେ ବାଲେଶ୍ୱରଠାରୁ ଫେରି ଆସିବାର କଥା ଅଛି । ସେଠାରୁ ଫେରି ଆସିଲେ କ୍ରିମିନାଲ ଓ ସ୍ପେସିଆଲ ସେସନ୍ସ ଏଠାରେ ଆରମ୍ଭ ହେବ ।

କଲିକତାର ହିନ୍ଦୁଲର ବୁଇନା ଷ୍ଟେସନର ଦଣ୍ଡ ପାଇ-ସୁଞ୍ଜା ଅନ୍ୟାନ୍ୟ ଷ୍ଟେସନମାନଙ୍କ ଅପେକ୍ଷା ମୂଲ୍ୟ ଅଧିକ ହେବାରୁ ସେଠାରେ ଗ୍ରାମସ୍ଥଲୋକମାନଙ୍କ ପ୍ରାର୍ଥନାମତେ ସବ୍‌ରେଜିଷ୍ଟ୍ରାରଙ୍କ ଅଧୀନରେ ଗୋଟିଏ ଷ୍ଟାମ୍ପଡିପୋ ଖୋଲା ହୋଇଅଛି । ଏତଦ୍ୱାରା ଲୋକମାନେ ଅତିରିକ୍ତ ମୂଲ୍ୟ ଦେବା କଷ୍ଟରୁ ରକ୍ଷାପାଇବେ ଅଉ ମଧ୍ୟ ଷ୍ଟାମ୍ପ-ଭେଣ୍ଡରମାନଙ୍କ ନିକଟରେ କାଗଜ କାରବାରରେ ଯେପରି ପ୍ରବଞ୍ଚନା ଚଳଇ, ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ସେପରି ମଧ୍ୟ ହୋଇ ପାରିବ ନାହିଁ ।—ସର୍ବତ୍ର ଏହିପରି ନିୟମ ପ୍ରଚଳିତ ହେବା ଉଚିତ ।

ଶୁଣିଲୁଁ ଯେ ଗତସପ୍ତାହରେ ଯେଉଁ ସମୟରେ କେନ୍ଦ୍ରାପଡ଼ା ଅଞ୍ଚଳରେ ବର୍ଷା ହୋଇଥିଲା ସେ ସମୟରେ ମେଠା ବଳଦେବଜୀଉଙ୍କ ବେଢ଼ାରେ ବଜ୍ରପାତ ହୋଇ ଶିଂହଦ୍ୱାରବାଟେ ବାହାରିଗଲା ଓ ସେଠାରେ ଥିବା ଲୋକଙ୍କ ମଧ୍ୟରୁ ଦୁଇଜଣ ହତ ଓ କେତେକଜଣ ଆହତ ହେଲେ ।

ଗତ କାଲୁକାରେ ପାଠକଙ୍କୁ ଯେ ମୟୂରଭଞ୍ଜର ମାନେଜର ଶ୍ରୀଯୁକ୍ତ ଲଅନ୍‌ସାହେବ ଫର୍ଲୋ ଛୁଟି ନେଇ ଗତମାସ ତା ୧୪ ଦିବସରେ ବିଲାତ ଯାତ୍ରା କଲେ । ତାହାଙ୍କ ପ୍ରତିନିଧି କେହି ନିଯୁକ୍ତ ହୋଇ ନ ଥିବାରୁ ତେଓ୍ୱାନ ଦ୍ୱାରିକ ବାବୁ ପ୍ରଭୃତିମାନଙ୍କ ହସ୍ତରେ କାର୍ଯ୍ୟଭାର ନ୍ୟସ୍ତ ଅଛି ।

ବଙ୍ଗଳାର କେତେକ ସ୍ଥାନ ପରି ଉଡ଼ିଷ୍ୟା ଏଲେକା ଉତ୍ତର ସ୍ଥାନରେ ଓଲାଉଠା ବହାଳ ହେବାର ସମ୍ବାଦ ଆସିଅଛି ।

## କଲିକତା ଗେଜେଟ ।

ବାବୁ ଜଗନ୍ନାଥ ଘୋଷ ୧୮୭୭ ମସିହାର ଆଇନାନୁସାରେ ବିବାହକାର୍ଯ୍ୟ ସମ୍ପାଦନାର୍ଥେ କଟକର ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହୋଇଛନ୍ତି ।

ଜମ୍ପୁର କଲେଜିଏଟ ସ୍କୁଲର ୨ୟଶିକ୍ଷକ ବାବୁ ରମାନାଥ ଚଟ୍ଟୋପାଧ୍ୟାୟ ଏମ୍ ଏ କଟକର ରେଭେନ୍‌ସା କଲେଜରେ ବାବୁ ଉମାନାଥ ଘୋଷ ଏମ୍ ଏଙ୍କ ପରିବର୍ତ୍ତରେ ଅଧ୍ୟାପକ ପଦରେ ନିଯୁକ୍ତ ହୋଇଛନ୍ତି ।

ବାଲେଶ୍ୱର ମିଉନିସିପାଲିଟିର ସଭାପତି ପଦରେ ତାହାର ଲୋକଙ୍କ ପୁନଃ ନିର୍ବାଚନକୁ ଗବର୍ଣ୍ଣମେଣ୍ଟ ମଞ୍ଜୁର ପ୍ରଦାନ କରିଅଛନ୍ତି ।

ବାବୁ ଅମୃତଲାଲ ଚୌଧୁରୀଙ୍କ ସ୍ଥାନରେ ବାବୁ ମଧୁସୂଦନ ଦାସ କଟକର ଡିଷ୍ଟ୍ରିକ୍ଟବୋର୍ଡର ସଭାପଦରେ କଟକର ଲୋକାଲବୋର୍ଡ ଦ୍ୱାରା ନିର୍ବାଚିତ ହୋଇଛନ୍ତି ।

---

ଆସାମର ଜୟପୁରଠାରେ ସମ୍ପ୍ରତି ଭୟାନକ ଝଡ଼ ହୋଇ ଯାଇଅଛି । ଏଥିରେ ଘର-ର ବିଶେଷ କ୍ଷତି ହୋଇଅଛି ।

ଗତ ମଇମାସ ତା ୧୭ ଦିବସରେ ମହାରାଜା ସୁରକୁମାରଙ୍କର ରାଣୀ ଚମନା ବାଇଙ୍କର ଗୋଟିଏ ପୁତ୍ର ସନ୍ତାନ ହୋଇଅଛି ।

ବ୍ରହ୍ମଦେଶର ସିନ୍ଦନ ପ୍ରଭୃତି ନିକଟବର୍ତ୍ତୀ ବନାଇଂଠାରେ ଗତ ପୂର୍ବ ଶନିବାର ଦିନ ୮୦ ଣ ଡକାଏତ ୨୫ ଣ ପୁଲିସସିପାହୀଙ୍କ ଆକ୍ରାନ୍ତ ହୋଇ ୨ ୧୪ ଣ ଡକାଏତ ହତ ହୋଇଅଛନ୍ତି ।

ଗତ ମଇମାସ ତା ୧୧ ଦିବସରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଅଧ୍ୟକ୍ଷ-ସହିତ ବମ୍ବେଠାରୁ ରେଲଯୋଗେ ସ୍ୱରଇପେନ୍ଦ୍ରିଠାକୁ ଗମନ କରିଅଛନ୍ତି । ସେଠାରେ କତିପୟଦିନ ରହି ବାର୍ଷିକ ପାଇଁ ଲିଷ୍ଟନ ଯାଇବେ ।

ସମ୍ପ୍ରତି ମୋରାଦାବାଦଠାରେ ଭୟାନକ ଝଡ଼ ହୋଇ ଯାଇଅଛି । ଏହି ଝଡ଼ କୋଡ଼ିଏ ମାଇଲ ଦୀର୍ଘ ଓ ଦଶମାଇଲ ପ୍ରସ୍ଥ ସ୍ଥାନ ବ୍ୟାପି ହୋଇଥିଲା । ବୁଇଶହ ବାରଜଣ ମନୁଷ୍ୟ ହତ ହୋଇଅଛନ୍ତି ଏବଂ କେତେକ ଆହତ ହୋଇଅଛନ୍ତି ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ । ଦୁଇହଜାର ଗୋରୁ, ଛେଳି ଓ ମେଣ୍ଢା ହତ ହୋଇଅଛି ।

ଆଗାମୀ ଅକ୍ଟୋବର ମାସରେ କଲିକତାଠାରେ ଗୋଟିଏ ଜାତୀୟସଭା ବସିବାର ଜନରବ ଶୁଣାଯାଉଅଛି । ଏହି ସଭାରେ ଆସାମର ଚୁଇ, ଖାସମାହାଲ, ସୁରମା, ଅବକାରୀ ପ୍ରଭୃତି ବିଷୟର ଆଲୋଚନା ହେବ । ଛବିନ ।

ଆଜକାଲି ଆତ୍ମହତ୍ୟା ପ୍ରଥାଟା ସ୍ତ୍ରୀଲୋକମାନଙ୍କ ମଧ୍ୟରେ ବହୁ ବୃଦ୍ଧିପରିମାଣରେ ଦେଖାଯାଏ । ସମ୍ପ୍ରତି କଲିକତାରେ ଜଣେ ଉଦ୍ରଜାତୀୟା ସ୍ତ୍ରୀଲୋକ କେବଳରେ ଦଉଡ଼ି ଦେଇ ପ୍ରାଣତ୍ୟାଗ କରିଅଛି । ସ୍ତ୍ରୀଲୋକଟି ତାହାର ପିତାକୁ କଣ୍ଟ ଟଙ୍କା ଧାର ଦେଇଥିଲା ତାହାର ସ୍ୱାମୀ ତିରସ୍କାର କରିବାରୁ ଅପମାନିତ ହୋଇ ପ୍ରାଣ ହରାଇ ଦେଇଅଛି ।

ଆମେରିକାର ଅନ୍ତର୍ଗତ ନିଉୟର୍କଠାରେ ପାଣିପରିବର୍ତ୍ତରେ ତାଡ଼ିତ ପ୍ରୟୋଗଦ୍ୱାରା ପ୍ରାଣଦଣ୍ଡର ବନ୍ଦୋବସ୍ତ ହେଉଅଛି । ଆମେରିକାର ସବୁ ଅଦ୍ଭୁତ ।

କ୍ଷେତ୍ରମୋହନ ପାଇନ ନାମକ ଜଣେ ବଙ୍ଗାଳିଯୁବକ ଇଂଲଣ୍ଡସୈନ୍ୟର ପଦାତିକଦଳରେ ନିଯୁକ୍ତ ହୋଇ ବର୍ତ୍ତମାନ କଲିକତାକେଲ୍ଲାରେ ଅଛନ୍ତି ।

ମାଲଦହର ବାଇଡ଼ାର ଜମିଦାର ଶ୍ରୀଯୁକ୍ତ ସୈୟଦ ଅବଦୁଲ ଲତିଫ ଚୌଧୁରୀ ସାହେବ ତାଙ୍କ ଜମିଦାରୀ ଇଲାକାରେ କେହି କମାଇକୁ ଗୋରୁ ବଧ କରିବ ନାହିଁ ବୋଲି ପ୍ରକାଶ୍ୟରୂପେ ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି । ଆମ୍ଭ-ଓଡ଼ିଶାର ମୁସଲମାନ ଜମିଦାରମାନେ ଯେବେ ଏହି ନିୟମ ତାଙ୍କ ଜମିଦାରୀ ମଧ୍ୟରେ ପ୍ରଚଳିତ କରନ୍ତେ ତେବେ ଅନେକଙ୍କ ଉପକାର ହୁଅନ୍ତା ।

ଏଲାହାବାଦର କଂଗ୍ରେସର ଅଧିବେଶନ ନଧ ସ୍ଥଗିତ ହେବା ଆଶା ହେଉଅଛି ।

କାଶ୍ମୀରଠାରେ ଓଲାଉଠା ରୋଗ ବହୁତ ଭୁଣା ହୋଇ ପାରି ମୃଣି ବଢ଼ିଅଛି ଏବଂ ମୁସଲମାନମାନେ ଅତି ଖାଇ ଦେଖା ରଖୁଥିବାରୁ ସେମାନଙ୍କ ମଧ୍ୟରେ ଏ ରୋଗ ବିଶେଷ ଦେଖାଯାଉଅଛି । ଏହି ରୋଗ ପ୍ରକୃତରେ ଅଦ୍ଭୁତ ହୁଅଇ ।

ନାଗପୁର ଜିଲ୍ଲାର ଠକଲଦାଠାରେ କେବଳର କରିମ ସାହେବ ଘୋଡାରୁ ପଡ଼ି ପ୍ରାଣ ହରାଇଥିବାର ସମ୍ବାଦ ମିଳଇ ।

---

Digitized by srujanika@gmail.com

Split by PDF Splitter
132



ଶ୍ରୀନଗରଠାରୁ ଆସିଥିବା ଗତମାସ ତା ୨୧ ରିଖର ତାର-ସମ୍ବାଦରୁ ପ୍ରକାଶ ଯେ ମୂଲତାନର ଡାକ୍ତର ସର୍ଜନ ଟର୍ଣ୍ଣ-ସାହେବ ୭ ଜଣ ଲୋକ ସହିତରେ କିଂଧା ଉପତ୍ୟକାରେ ତାମ୍ବୁ ଗାଡ଼ି ରହିଥିବା ସମୟରେ ପର୍ବତ ଉପରୁ ଅପରିମିତ ଜଳସ୍ରୋତ ଆସି ସମୁଦାୟ ତାମ୍ବୁ ଇତ୍ୟାଦି ବୁଡ଼ାଇଦେବାରୁ ଉକ୍ତ ଲୋକମାନଙ୍କ ସହିତରେ ସାହେବଙ୍କ ଜୀବନ ଶେଷ ହୋଇଗଲା । ତାଙ୍କ ସଙ୍ଗେ ଥିବା ଅନ୍ୟ ଜଣେ କୁଲି ଖାଦ୍ୟ ଆହରଣାର୍ଥ ସ୍ଥାନାନ୍ତରକୁ ଯାଇଥିଲା । ସେ ଫେରି ଆସି ଉପରୋକ୍ତ ଲୋକମାନଙ୍କୁ ମୃତହୋଇଥିବାର ଦେଖିଲା । ପରମାୟୁ ଯାହାର ଥାଏ ସେ ଏହିପରି ବଞ୍ଚିଯାଏ !

ଗତମାସ ତା ୧୭ ରିଖରେ ଏଲାହାବାଦଠାରେ ଏକ ସିହା—ମସଜିଦରେ ସିହା ଓ ସୁନ୍ନି ଜାତୀୟ ମୁସଲମାନଙ୍କ ମଧ୍ୟରେ ଭୟଙ୍କର କଳହ ହୋଇ ଯାଇଥିବାର ସମ୍ବାଦ ମିଳଇ । ଉଭୟ ପକ୍ଷରୁ ଅନେକେ ଅଘାତପ୍ରାପ୍ତ ହୋଇଥିବାର କଥିତ ହୁଏ ଏବଂ ସୁନ୍ନିମାନେ ଯେପରି ଅନେକ ଲୋକ ଥିଲେ ସିହାମାନେ ଯଦ୍ୟପି ମସଜିଦ ଭିତରକୁ ଯାଇ ଦ୍ୱାର ବନ୍ଦ କରି ଦେଇ ନ ଥାନ୍ତେ ତାହାହେଲେ ଏଥିରୁ ଅଧିକ ଦୁର୍ଘଟଣା ଘଟିଥାନ୍ତା । କଥିତ ହୁଏ ପୁଲିସ ଗୋଟିଏ ସୁଦ୍ଧା ତେତେବେଳେ ଦେଖାଯାଇ ନ ଥିଲେ । ସରେ? ଦବାଦ କାହିଁକି ?

ଅନେକବାର ପିଲଡେଲଫିଆ ନଗରରୁ ଆସିଥିବା ଗତମାସ ତା ୨୧ ରିଖର ତାରସମ୍ବାଦରୁ ପ୍ରକାଶ ଯେ ମିସିସିପି ନଦୀ ଉଚ୍ଛୁଳି ପଡ଼ି ଇଲିନୋଇସଠାରେ ୨୫୦୦୦୦ ଏକର ପରିମିତ ଭୂମି ବୁଡ଼ାଇ ଦେଇଅଛି । ଏବଂ ଲୋକମାନେ ବଡ଼ ଦୁର୍ଦ୍ଦଶାଗ୍ରସ୍ତ ହୋଇଅଛନ୍ତି । ଏବର୍ଷ ଉଭୟ ପାଣି ଓ ପବନର ବଳ ଅଧିକ ଦେଖାଯାଏ ଏବଂ ସୂର୍ଯ୍ୟ ଓ ଅଗ୍ନି ଦେବ ମଧ୍ୟ ଏହାଙ୍କ ସଙ୍ଗରେ ମିଶି ପ୍ରଳୟ ଉତ୍କଟବର୍ତ୍ତୀ ହେବାର ଲକ୍ଷଣ ଦେଉଅଛନ୍ତି ।

ଅପୁର୍ଲଣ୍ଡକାଣ୍ଡ ସମ୍ବନ୍ଧରେ ଟମାସକଣ୍ଡନ ନାମକ ଅନ୍ୟ ଏକଜଣ ପାର୍ଲିଆମେଣ୍ଟର ମେମ୍ବର ଯେଉଁ ମନମାନ ତା ୧୯-ରିଖର କଥାକାଣ୍ଡରୁ ମନ୍ତ୍ରିସଭ କର ଆସିଥିଲେ ଅନ୍ୟ କାରଣ ହେତୁ ପୁଣି ସେହିମାସ ତା ୨୨ ରିଖରେ ୧ ମାସ କାରାବାସର ଦଣ୍ଡାଜ୍ଞା ପାଇଅଛନ୍ତି । ଦେଶ ଜନିତ ଏମାନେ ପାଗଳ ହୋଇଗଲେଣି କି ?

ବାବୁ ବାବୁ ଶ୍ରୀଚରଣ ନୃସିଂହ ଅପଣା-ଜମିଦାରୀ ଘଳସ୍ପରଠାରେ ଗୋଟିଏ ଜଳଛତ୍ର ସ୍ଥାପନାର୍ଥ ୫୦୦୦ ଟଙ୍କା ଦାନ କରିଅଛନ୍ତି । ଏଦାନ ଅତି ପ୍ରଶସ୍ତ ଅଟେ ।

ଜର୍ମାନ ଅର ଫ୍ରାନ୍ସଦେଶ ମଧ୍ୟରେ ଓକିଏ ମନାନ୍ତର ଜାତ ହୋଇଥିବାର ଜଣାଯାଏ । ଜଣେ ଜର୍ମାନଦେଶର ଲୋକକୁ ଫରାସିମାନେ ତାଙ୍କ ସୀମାରେ ଭ୍ରମଣ କରିବାରେ ବାଧା ଦେବାରୁ ଜର୍ମାନର ସମ୍ରାଟ ଉଚ୍ଚିଳେ ଚଟିଯାଇ ତହିଁ ପରେ କେହି ଫରାସିଲୋକ ତାଙ୍କ ସୀମାକୁ ଆସି ନ ପାରିବାର ଆଦେଶ ପ୍ରଚାର କରିଅଛନ୍ତି । ଏହା ଯୁଦ୍ଧର ପୂର୍ବ-ଲକ୍ଷଣ ।

ନାଗୋଙ୍ଗଠାରୁ ଅସିଥିବା ଗତମାସ ତ ୨୩ ରିଖର ତାର ସମ୍ବାଦରୁ ପ୍ରକାଶ ଯେ କେତେକ ପ୍ରାତଃକାଳରେ ଚନ୍ଦନସ୍ୱୋଗତ ନଂସୁତଙ୍କ ଶାସନ ଆକ୍ରମଣ କରିଥିଲେ । ଉଭୟଦଳ ମଧ୍ୟରେ ପ୍ରାୟ ୩ ଘଣ୍ଟା କାଳ ଘୋର ଯୁଦ୍ଧ ହେଲା ପରେ ଚନ୍ଦନାଗ୍ମାନେ ପ୍ରାୟ ୧୦୦ ଶବ ଯୁଦ୍ଧକ୍ଷେତ୍ରରେ ପକାଇ ଭାଗିଗଲେ । ଇଂରାଜଙ୍କ ପକ୍ଷରୁ ସର୍ଜ୍ଜଣ୍ଟ ଲେଡଙ୍ଗନ ଓ ଦୁଇଜଣ ସିପାହୀ ହତ ଏବଂ ୭ ଜଣ ଆହତ ହୋଇଅଛନ୍ତି । କେବଳ ଏହି ଦଳର ସଂଖ୍ୟା ପ୍ରାୟ ୧୫୦୦ ଜଣ । ଏଥିର ପରିଣାମ କଣ ?

ଅସ୍ମାନଙ୍କର ବଡ଼ଲାଟ ବାହାଦୁର ଆଗାମୀ ଅକ୍ଟୋବର ମାସ ମଧ୍ୟଭାଗରେ ଭାରତ ତ୍ୟାଗ କରି ବିଲାତ ଅଭିମୁଖେ ଗମନ କରିବେ ବୋଲି ଶୁଣାଯାଏ ।

ଅହମଦାବାଦ ଏବଂ ପୁନାଠାରେ ଇନ୍‌ଫ୍ଲୁଏଞ୍ଜା ଓଲାଉଠା ଲାଗିଥିବାର ସମ୍ବାଦ ମିଳଇ । ଅହମଦାବାଦଠାରେ ଏକ-ସପ୍ତାହ ମଧ୍ୟରେ ନ ୩ ୦ ଣ ଲୋକ ଉକ୍ତ ରୋଗରେ ମର-ପଡ଼ିଥିବାର କହିଲ ହୁଏ ।

ରୋମର ପୋପଙ୍କଠାରୁ ଆୟର୍ଲଣ୍ଡର ପାଦ୍ରୀମାନଙ୍କଠାରୁ ଆୟର୍ଲଣ୍ଡକାଣ୍ଡ ସମ୍ବନ୍ଧରେ ଯେଉଁ ଆଜ୍ଞାପତ୍ରିକା ଯାଇଥିଲା ତାହା ଗତ ଗତମାସ ତା ୨୦ ରିଖରେ ଆୟର୍ଲଣ୍ଡର ପ୍ରଥାନ-ନଗର ଡବଲିନ୍‌ଠାରେ ଏକ ସଭାସଦ ହୋଇଥିଲା ଏଥିରେ ପ୍ରାୟ ନ ୮୦୦୦ ଣ ଲୋକ ଉପସ୍ଥିତ ଥାଇ ପୋପଙ୍କ ଆଜ୍ଞାପତ୍ରିକା ବିରୁଦ୍ଧରେ ମତ ଧାର୍ଯ୍ୟ କଲେ ! ପାଦ୍ରୀମାନେ କେହି ଉକ୍ତ ସଭାରେ ଉପସ୍ଥିତ ନ ଥିଲେ । ବର୍ତ୍ତମାନ ରୋମଠାରୁ ପ୍ରଧାନପାଦ୍ରୀ ଆୟର୍ଲଣ୍ଡକୁ ଏହି ମନରେ ପାଇ-ଖାର୍ଚ୍ଚ ପଠାଇଅଛନ୍ତି ଯେ ପଳାଇତ ପ୍ରତି ହସ୍ତକ୍ଷେପ କରିବାର ପୋପଙ୍କର ଇଚ୍ଛା ନାହିଁ । ଭଲ ।

ସହାରଣପୁରଠାରେ ଗତମାସ ତା ୧୯ ରିଖ ଏବଂ ଅସ୍ତ୍ରା-ଠାରେ ତା ୨୫ ରିଖରେ ପାଲପାଳୀୟ ସମିତି ସେଠ କେତେ ସମ୍ମାନ ହୋଇ ଯାଇଅଛି ଉଭୟ ସମ୍ମିଳନରେ ରାଜା ରାମପାଲସିଂହ ଓ ଅନ୍ୟାନ୍ୟ ବକ୍ତାମାନେ ବକ୍ତୃତାଦ୍ୱାରା ଜାତୀୟସମିତିର ଉଦ୍ଦେଶ୍ୟ ଓ ମର୍ମ ଲୋକମାନଙ୍କୁ ବୁଝାଇ ଦେଇଥିଲେ ଏବଂ ଲୋକମାନେ ମଧ୍ୟ ସମ୍ମିଳନରେ ପ୍ରଚୁର ଉତ୍ସାହ ଦେଖାଇଥିଲେ ।

## ପୁରୀ-ସମ୍ବାଦ ।

ଗତଗତମାସ ତା ୨୨ ରିଖରେ ପୁରୀ ମିଉନିସିପାଲଟୀର ଅଧିବେଶନ ହୋଇଥିଲା । କମିଶ୍ନର ୧୫ ଜଣ ମଧ୍ୟରୁ ୧୧ ଜଣ ଉପସ୍ଥିତ ଥିଲେ ଶ୍ରୀଯୁକ୍ତ ବାବୁ ଗଗନଚନ୍ଦ୍ର ଦାସ ଭିଗୋଷ୍ଠୀ ମହାଶୟଙ୍କୁ ଚେଆରମେନ ଓ ଶ୍ରୀଯୁକ୍ତ ବାବୁ ଚନ୍ଦ୍ରମୋହନ-ଗସ୍ୱ କୁଞ୍ଜମଣି ମହାଶୟଙ୍କୁ ଭାଇସ ଚେଆର ମେନ୍ ପଦରେ କମିଶନରମାନେ ନିର୍ବାଚିତ କରିଅଛନ୍ତି । ସେହି ତାରିଖଠାରୁ ଏମାନେ ମିଉନିସିପାଲଟୀର କାର୍ଯ୍ୟ କରୁଅଛନ୍ତି ।

ବାବୁ ନନ୍ଦାଳନ୍ଦ ଦାସ ଓ ବାବୁ ଅଲନଚନ୍ଦ୍ର ମୁଖର୍ଜି ମହାଶୟ ଚେଆରମେନ୍ ଓ ଭାଇସ ଚେଆରମେନ୍ ଥାଇ ଯେପରି ସାଧାରଣର ସନ୍ତୋଷଭାଜନ ହୋଇଥିଲେ ସେହିପରି ବର୍ତ୍ତମାନ ଯେଉଁମାନେ ନିର୍ବାଚିତ ହୋଇଅଛନ୍ତି ସେହି-ମାନଙ୍କୁ ଈଶ୍ୱର ସାଧାରଣର ଭକ୍ତିଭାଜନ କରନ୍ତୁ ।

ମୁସଲମାନ୍‌ଗଡ଼ ମଧ୍ୟରେ ୩୭ ଉଦ୍ୟୋଗ ହେବାର ଅଛନ୍ତି ତନ୍ମଧ୍ୟରେ ମୁଖିଆ ଓ ପ୍ରଧାନ ଓ ଉପମସ୍ତକ ଏହି ୩ ଟି ଉଦ୍ୟୋଗରେ ଅଧିକ ଲୋକଟିଏ ଉଦ୍ୟୋଗରେ ଗତ ୨ ସେବକ ଥିବାରୁ ବଡ଼ ଓ ପ୍ରଧାନ ଉଦ୍ୟୋଗ ଅଟନ୍ତି । ମୁଖିଆ ଉଦ୍ୟୋଗ ୨୦୦ ମୁଖିଆ ଅଛନ୍ତି ଯେ ସେମାନେ ଅପଣା ମଧ୍ୟରେ ଚକ୍କର କରି ସ୍ୱମତାଙ୍କ ନିକଟରେ ସୁଧାରି କରିଥିଲେ ଶ୍ରୀମନ୍ଦିର ପାଣି ତାହା ଅନେକ ଦିନ ହେଲା ମୀମାଂସା କରିପାରୁ ନାହାନ୍ତି । ଯେବେ ଶୀଘ୍ର ଏ କଳହ ମୀମାଂସା ନ କରିବେ ତେବେ ବଡ଼ ଅନର୍ଥ ଘଟିବାର ସମ୍ଭାବନା ।

ଉନନପାଡ଼ାରେ ଏବର୍ଷ ଗୋଟିଏ ଭାଟିକି କାଙ୍ଗ ହେବାର ଦେଖାଯାଏ ସ୍ନାନ ଉପରେ ଯେଉଁ ଦେବଦାସୀ ନୃତ୍ୟକରନ୍ତି ତାଙ୍କ ସଙ୍ଗରେ ଜଣେ ମାତେଲା ଥାଇ ମୃଦଙ୍ଗ ବଜାଏ

ପାଣି ଜଣେ ବାଳାର୍ଦ୍ଧୀଙ୍କ ଉଗ୍ରୁଦ୍ଧ କରି ଗୃହସ୍ପରଙ୍କୁ ପଠାଇ-ଦେଲେ କରୁ ମହାଜନେ ଅର୍ଥାତ୍ ଯେଉଁମାନେ ଠାକୁରମାନଙ୍କ ସ୍ୱହସ୍ତେ ଧରି ମନ୍ଦିରମାନଙ୍କୁ ନେଇ ଗୃହଗହଣେ କରନ୍ତି ସେମାନେ ସେହି ମାତେଲଠାରୁ ବହୁ ପିଠା ଖିଅପାଇଁ ମୁଣ୍ଡା ମୁହଁକାରୁ ସେ ଅଶନ ବୋଲି ବଣାଇ ନ ଦେବାରୁ ତାକୁ ସେବା କରାଇ ନ ଦେବାରୁ ପାଣିପାହେବ ପୁଣ୍ଡଷ୍ଟ ତାକୁ ସେବା କରିବାକୁ ପଠାଇ ଦେଲେ ତହିଁ ମହାଜନମାନେ କହିଲେ ଯେବେ ଏ ପାଣିଙ୍କ କୁଡ଼ୁମରେ ସେବା କରିବ ତେବେ ଆମ୍ଭେ ସ୍ୱପଗପରେ ଚ ଲହୁ ଖଅଙ୍କ ଉଷ୍ଣୀସ୍ତ୍ରୁ । ଏଥିରେ ପାଣି ବଡ଼ ବୁଝିଗ ଅଛନ୍ତି । ଯେବେ ଲୋକମାନେ ତୁମ୍ଭମ ନ ମାନବେ ତେବେ ଏପରି ଯେ ସତ ସ ଦାଙ୍ଗ ହେବ ଏଥିର ଦାୟୀ କଏ । ଇତ ।

## ଭ୍ରମ ସଂଶୋଧନ ।

ଗତ ପୂର୍ବସପ୍ତାହର ପତ୍ରିକାରେ ମାଇନର ଓ ବର୍ଣ୍ଣାକ୍ୟୁଲର ପରୀକ୍ଷାର ଫଳ ସମାଲୋଚନା-ମଧ୍ୟରେ ଲେଖାଅଛି "ପୁରୀଜିଲ୍ଲାର ଜଗନ୍ନାଥ-ସ୍କୁଲ ମାଇନର ପରୀକ୍ଷାରେ ପ୍ରଥମ ହୋଇଅଛି" ବୋଲି ତାହା ଠିକ ନୁହେଁ । କଟକ ଜିଲ୍ଲାର ଜଗତ୍‌ସିଂହପୁର ଅନ୍ତର୍ଗତ ବାଲିକୁଦ ଏହି ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାର କରିଅଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେ-ମାନେ ଦାୟୀ ନୋହୁଁ ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କ
ସମୀପେଷୁ—

ମହାଶୟ !

ଅନୁକୂଳ ଦୁର୍ଭିକ୍ଷ ପ୍ରପୀଡିତ ପ୍ରଜାମାନେ ପୁନଃ ୨ କର୍ତ୍ତୃପକ୍ଷମାନଙ୍କ ନିକଟରେ ଅପତ୍ତି କରିଥିବା ଓ ମଧ୍ୟ ସରକାର୍ମିକରେ କଷ୍ଟାକାତର ମହାମାନ୍ୟର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ହୁଜୁରରେ ସେମାନଙ୍କର ପ୍ରମୁଖାଦ୍ୟ ଖାଦ୍ୟ ବନ୍ଧ୍ୟ ବାଗସ୍ଥ, ଓଲ୍ଡମ ଓ ମହୁଲ ପ୍ରଭୃତ ପ୍ରସଙ୍ଗହିତ ସାହେବନ ବାହାଦୁର ସ୍ୱଚକ୍ଷୁରେ ଦେଖିଥିଲେ ହେଁ ଅଦ୍ୟାପି ଦୁଃଖର ବିଷୟ ଯେ ତହିଁର କୌଣସି ପ୍ରତିକାର ଭ ବଦ ଅବଧି ଉଦକ ପ୍ରଜାମାନଙ୍କ ପ୍ରାଣ ରକ୍ଷାର କୌଣସି ଉତ୍ତମ ଉପାୟ ଅବଲମ୍ବନ କରାଯାଇ ନାହିଁ ବରଂ ଖଜଣା ଉସୁଲ ନିମନ୍ତେ ଫି ୧ ୧ ୮ ୬ ୦/ ଲେଖାଏଁ ନିଅଦରେ ଖଜଣା ଉସୁଲର ଧୁମ ଲାଗିଅଛି ଯେ ତହିଁରେ କେହି ଖଇବରଖାର ଓ ପ୍ରଜା ୨ ୩ ଙ୍କା ଲେଖାଏଁ ମିଅଦ ଦେଇଁ ସେମାନଙ୍କର ଖାଇବା ବାସନ ଓ ପିଇବା କଂସାବାଦ ଉଲ୍ଲୁଳ କରୁଅଛନ୍ତି ଓ

Digitized by srujanika@gmail.com

କେହି ମଧ ଏ ଅନୁଗୁଳରେ ଥିବା ମାଲୁଅଡ଼-ମାନଙ୍କଠାରୁ ମାସିକ ଟ ୧୯ ଙ୍କାରେ ଟ ୦।୦ ଲେଖାଏଁ ସୁଧରେ ଟଙ୍କା କରଜ ନେଇ ଖଜଣା ଓ ଦୈଆବ ଦାଖଲ କରୁଅଛନ୍ତି ଯେଉଁମାନଙ୍କର କୌଣସି ଚଳନ୍ତି ସମ୍ପତ୍ତି ଥିଲା ସେମାନେ ଖଜଣା ସକାଶେ ତାହା ନିଃଶେଷ କରି ଅନ୍ନାଭାବେ ହାହାକାର କରୁଅଛନ୍ତି ଅମ୍ଭମାନଙ୍କ ଦୁଃଖ ଦରଖାସ୍ତ ଦ୍ୱାରା ଓ ଖବରକାଗଜ ଦ୍ୱାରା ସରକାରରେ ବାରଂବାର ଜଣାଇ ସୁଦ୍ଧା ଯେ ଏତେଦୂର କଷ୍ଟ ସହ୍ୟ କରିବାକୁ ହେଲା ଏହାର ପ୍ରତୀକାର ଆଉ କାହାଠାରେ କରିବୁଁ ? ସମସ୍ତେ ବଧିର ହେବାରୁ କିଛି କହିବାକୁ ଏଣିକି ଲଜ୍ଜା ବୋଧ ହେଉଅଛି ଯାହା ହେଉ ଦୟାଳେ ! ସହାୟ ଭଗବାନ !!!

୨୪।୫।୮୮ ଅନୁଗୁଳ } ଜଃ ଶ୍ରୀ ———

———

ମହାଶୟ !

ଅତ୍ର ବଳରାମପୁର କଣ୍ଟାନ୍ତର୍ଗତ ବଗଖଣ୍ଡି-ମୌଜାରେ ଶ୍ରୀମଦନମୋହନ ମହାପ୍ରଭୁ ମନ୍ଦିର-ସହିତ ବହୁକାଳରୁ ସ୍ଥାପିତ ଥିଲେ ଅନେକ ବ ୩୦।୪୦ ବର୍ଷ ହେବ ଶ୍ରୀମୂର୍ତ୍ତି ମନ୍ଦିର ସହିତ ଭଗ୍ନ ହୋଇଥିଲେ ଶ୍ରୀଦୁର୍ଗାପ୍ରସାଦ ମହାଶୟ ଅନ୍ୟୂନ ଟ ୫୦୦ ଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ମୂର୍ତ୍ତି ଓ ମନ୍ଦିର ପ୍ରସ୍ତୁତ କରାଇ ଗତମାସ ତା ୨୦ ରଖ ସ୍ୱୟଂ ବସେ ହୋଇ ଦେବତା ଓ ମନ୍ଦିର-ପ୍ରତିଷ୍ଠାଉପଲକ୍ଷେ ବ୍ରାହ୍ମଣ ଓ ବୈଷ୍ଣବ ଇତ୍ୟାଦ ନ୍ୟୂନାଧିକ ଦୁଇସହସ୍ର ଲୋକମାନଙ୍କୁ ଭୋଜନ ଓ କେତେକ ଲୋକଙ୍କୁ ବସ୍ତ୍ର ପ୍ରଦାନ କରି ପୂର୍ବକୀର୍ତ୍ତି ସ୍ଥାୟୀ ରଖିଲେ ପରମେଶ୍ୱର ଏହାଙ୍କୁ ଦୀର୍ଘଜୀବୀ କରନ୍ତୁ ଏହିରୂପ ପୁରାତନକୀର୍ତ୍ତିମାନ ଉଦ୍ଧାର କରନ୍ତୁ ଇତି ।

୨୭।୫।୮୮ { ବଶମ୍ବଦ ଶ୍ରୀଜଗଦ୍ବନ୍ଧୁ ବସୁ ଶିକ୍ଷକ ବଳରାମପୁର ସ୍କୁଲ ।

———

ମହାଶୟ !

ଗତ ଶନିବାର ରାତ୍ରେ ଏ ନଗରସ୍ଥ କେତେକ ସ୍କୁଲଛାତ୍ରଙ୍କଦ୍ୱାରା ବାବୁ ମଧୁସୂଦନଦାସଙ୍କ ଗୃହରେ କଗତ ଅର୍ଜୁନ ଓ ହବାବ ବଗ୍ରୁବାର ଅଭିନୟ ହୋଇଥିଲା । ଏ ନଗରରେ ପୁନଃ ଅଭିନୟ କାର୍ଯ୍ୟ ପ୍ରୋକ୍ତ ବାବୁଙ୍କ ଗୃହେ ହେଉଥିବାରୁ ସ୍ପଷ୍ଟ ଜଣାଯାଉଅଛି ଯେ ବାବୁ ମହୋଦୟ ଏଠାରେ ଥିଏଟରଦଳଙ୍କୁ ଉତ୍ସାହ ପ୍ରଦାନ କରିବାକୁ ସମ୍ପୂର୍ଣ୍ଣ ଇଚ୍ଛୁକ ଅଛନ୍ତି । ଏ ନଗରରେ ଥିଏଟର ସମ୍ପ୍ରଦାୟ ସ୍ଥାପିତ ହେବା ଆବଶ୍ୟକ ଏଥିରେ ଦ୍ୱିରୁକ୍ତି ନାହିଁ । ଅମ୍ଭେମାନେ ଆଶା କରୁଁ ଏପ୍ରକାର ନିର୍ଦ୍ଦୋଷ ଆମୋଦରେ ଉତ୍ସାହ ଦାନାର୍ଥେ ସମସ୍ତ ଦେଶହିତୈଷି ଭଦ୍ରଲୋକଙ୍କର ଅଗ୍ରସର ହେବା କର୍ତ୍ତବ୍ୟ । ସ୍କୁଲବାଳକମାନଙ୍କର ଏହି ଅଭିନୟ ପ୍ରଥମଉଦ୍ୟମ ଫଳ ଆଶାନୁରୂପ ହୋଇଅଛି ଦୁଇଗୋଟି ନାଟକର ଅଭିନୟହେତୁ ସମୟ ଅଧିକ ହୋଇଥିଲା ସୁତରାଂ ପ୍ରଥମନାଟକ ( କଗତଅର୍ଜୁନ ) ର ଅଭିନୟ ଦେଖି ଅଧିକାଂଶ ଘରକୁ ଚାଲିଆସିଥିଲେ ଓ ଯେଉଁମାନେ ଉକ୍ତ ନାଟକର ଅଭିନୟ ଦେଖିଅଛନ୍ତି ସେମାନେ ବଡ଼ ସନ୍ତୁଷ୍ଟ ହୋଇ ଆସି ନାହାନ୍ତି । ବାସ୍ତବିକ ଉକ୍ତ ନାଟକର ଅଭିନୟ କରିବା ଉଚିତ ନ ଥିଲା ଓ ଉକ୍ତ ନାଟକ ଖଣ୍ଡିକ ଅଶ୍ଳୀଳାକ୍ଷରରେ ଥିବାରୁ ଓ ରହସ୍ୟଜନକ ନ ଥିବାରୁ ଦର୍ଶକବୃନ୍ଦଙ୍କ ମନ ଆକର୍ଷଣ କରିପାରି ନ ଥିଲା କିନ୍ତୁ ପ୍ରଥମ ଉଦ୍ୟମରେ ଯେତେଦୂର ହେବାର ହୋଇଥିଲା ତଦନନ୍ତର ଗୋଟିଏ ରହସ୍ୟଜନକ ନାଟକ ଓ ଅଧୁନାତନ ସମାଜର ଅବସ୍ଥା ବର୍ଣ୍ଣନ । ପିତା କନ୍ୟା ବିବାହ ଦେବାପାଇଁ କେତେ କଷ୍ଟ ସହ୍ୟ କରିବାକୁ ହୁଏ ଓ ପୁଣ ଇଂରାଜୀ ପାଠକଙ୍କ ପିତାମାତାଙ୍କ ବସ୍ତ୍ରକାର ହତମାନ୍ୟ ଦର୍ଶାଇବାକୁ ହୁଏ, ଓ ବସ୍ତ୍ରକାର ଇଂରାଜ ସହବାସରେ ରହିବାକୁ ଇଚ୍ଛା ହୁଏ ଇତ୍ୟାଦ ବିଷୟରୂପେ ବର୍ଣ୍ଣିତ ହୋଇଅଛି ଏ ନାଟକର ଅଭିନୟ ବାଳକମାନେ ଅତିଉତ୍ତମରୂପେ ସମ୍ପନ୍ନ କରିଥିଲେ । ଏହିତ ଗଲା ଅଭିନୟକଥା ।

ବର୍ତ୍ତମାନ ଅମ୍ଭମାନଙ୍କର ଗୋଟିଏ ଗୁହାର —ଅଭିନୟ କାର୍ଯ୍ୟରେ ସ୍କୁଲବାଳକଙ୍କ ଯୋଗ ଦେବା ଉଚିତ କି ନା ? ଏ ବିଷୟର ମୀମାଂସା ଅମ୍ଭେମାନେ ପ୍ରତ୍ୟେକ ବାଳକଙ୍କ ମୁରବୀଙ୍କ ଉପରେ ଅର୍ପିତ କରୁଁ । ସେମାନେ ଏହାର ଉଚିତ ବିଚାର କରିବେ ।

ଆଉ ଗୋଟିଏ କଥା ମନେପଡ଼ିଲା । ଅଭିନୟ ଗୃହରେ ନାଟ୍ୟ କରି ଏହା କି ସୁରୁଚିପ୍ରଣୋଦିତ ଯେ ସାଧାରଣଙ୍କ ସମ୍ମୁଖରେ ସ୍କୁଲ ବାଳକ ଖେମ୍ଟାନାଚ ନାଚିବେ ? ଅବଶ୍ୟ ଥିଏଟର ଗୋଟିଏ ନିର୍ଦ୍ଦୋଷ ଆମୋଦର ରଙ୍ଗାଳୟ । କିନ୍ତୁ ସାଧାରଣ ସମକ୍ଷରେ ସ୍କୁଲବାଳକର ନୃତ୍ୟକର୍ମ କେଉଁ ସଭ୍ୟତାର ଫଳ ଅମ୍ଭେମାନେ କହି ନ ପାରୁଁ ।

୨୮।୫।୮୮ } ବଶମ୍ବଦ ଶ୍ରୀ ———

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଜଗମଣି ନାୟକ | ସାଲମଣ୍ଡ | ଅଗ୍ରିମ | ଟ ୩୧ |
| " ନରସିଂହ ପ୍ରହରାଜ | କଟକ | " | ଟ ୩୧ |
| ମୁନସି ସୁଲତାନ ମହମ୍ମଦ | " | " | ଟ ୩୧ |
| ବାବୁ ଗୋପବନ୍ଧୁ ପଟ୍ଟନାୟକ | " | " | ଟ ୨୧ |
| " ରାଧାବିନୋଦ ବସୁ | " | " | ଟ ୧୧ |


# ବିଜ୍ଞାପନ ।

ବାବୁ ଦ୍ୱାରକାନାଥଚକ୍ରବର୍ତ୍ତୀଙ୍କ-ପ୍ରଣୀତ "କ୍ଷେତ୍ରପରିମାଣ" ପୁନର୍ମୁଦ୍ରିତ ହେଉଅଛି । ଅଚିରେ ପ୍ରସ୍ତୁତ ହେବ । ଗ୍ରହଣେଚ୍ଛୁବ୍ୟକ୍ତିମାନେ ଅମ୍ଭ ନିକଟରେ ତତ୍ତ୍ୱ କଲେ ପାଇପାରିବେ ।

କଟକ ୨୪।୫।୮୮ } ଶ୍ରୀ ଗୌରୀଶଙ୍କର ରାୟ ସମ୍ପାଦକ କଟକ ପ୍ରିଣ୍ଟିଂ କୋମ୍ପାନୀ ।

ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାମେରିଟାନଙ୍କ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ସୁସ୍ଥ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରି, କୃମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରଶିଙ୍କ ଘା, ଶୁକ୍ରସଞ୍ଚୟ, ମୂତ୍ରରେ କ୍ଳେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଜ, ବ, ସାହାଙ୍କ ସାମାରିଟାନ ଔଷଧ ବାହ୍ୟକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ପୋଡ଼ା ଘା, ବହୁଦିନସର ଘା, ପୀଡ଼ାଦାୟକ ଘା, କୁମି, କୁଣ୍ଡିଆ, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଣ୍ଡଗଣ୍ଡପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ମନୁଷ୍ୟଙ୍କର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,


Digitized by srujanika@gmail.com

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩୍ୱ ୫ ଓ ୧୦ ଟଙ୍କା ଅଟେ ଏତଦ୍ବ୍ୟତୀତ ପଠାଇବାପାଇଁ ଟ ୦ । ବେଶୀ ଖର୍ଚ୍ଚ ପଡ଼ିବ । ଯଦି କେହି ଏକେଶ୍ୱ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅଲ୍ଲଃଘାଟ } ଏ, ଛି, ମୁଖର୍ଯ୍ୟା
ବାଗ୍‌ବଜାର }

## NOTICE.

Keys to Royal Readers No. II and III ( New Series ) containing notes will soon be ready.

To be had at the Printing Company Cuttack.

Gowri Sunker Roy
Secretary.

## ମେହରୋଗ ।

ସ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ଗୋଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ନିକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କସୁରିଗରେ ପରୀକ୍ଷିତ ନ ହେଲେ ଅନ୍ତିମ ଜାଣ୍ଡି ଅନେକ ରୋଗୀ ଆରୋଗ୍ୟ ଲାଭକରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପେରଷ୍ଟୋଲ ନଂ ମୁଦ୍ର ଭବନରେ ସ, କେ, ଗୁପ୍ତ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୍ୟ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

## ଓଡ଼ିଶା ମିଶନ ପ୍ରେସ
## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ । ଏଷ୍ଟିମେଟ ମାଗିଲେ ମିଳିବ ।

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | | | |
|---|---|---|---|---|---|
| ୧୭ ପଣ | ବାଲି | ଦ ୧୪ | ଟ ୨୲ | ଗ ୧୬ | ଟ ୦ ୪୭ |
| ୧୮ ପଣ | „ | „ | ଟ ୨୲ | „ | ଟ ୦ ୪୦ |
| ୧୨ ପଣ | „ | „ | ଟ ୨ | „ | ଟ ୦ ୫ |
| ୩୦ ପଣ | „ | „ | ଟ ୩ | „ | ଟ ୦ ୲୭ |

କ୍ରେତାଗଣମାନେ ଅର୍ଥାତ୍ ଯେଉଁମାନେ ଏକତରେ ୫ ୩୦ ମ ବା ଅଧିକ କ୍ରୟ କରିବେ ଅତ୍ର ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ପରମଟ୍ଟୋଣ୍ଟି ଓ ବନ୍ଧନ ଓ ରେସମୀଓଡ଼ଣୀର ଲୁଗା ଓ ଷ୍ଟେସନରୀ ଓ କାର୍ପେଟ ଇତ୍ୟାଦି ସକଳପ୍ରକାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପସ୍ଥିତ ଆଜ୍ କେତେକ ଫେସନ ଛତାସାଜ ବିକ୍ରୟ ନିକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲାତ ଖାଡ଼ି ନିଜମ୍ବ ନିକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ନିକାଶେ ବଡ଼ା ଦ୍ୱାରା ନେବେ ଏକ ଖଣ୍ଡକୁ ଯେ ବଡ଼ା ଟ୦୪୭ ହିସାବରେ ବଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଡ଼ ଖର୍ଚ୍ଚଚଳଣର ଭାର ତାଙ୍କ ଉପରେ ଥିବ । ଖଡ଼ ହେଲେ ଖାଡ଼ିର ପରା ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଫର୍ଦ୍ଦ ।

କଳେଇ ଷେରଣ ୨ ଆଣ୍ଟିରେ ସୁତ ବେଲେ ସ୍ୱଲେ ।
କପୋଟିକାଲ
କସେସୀନ୍ ଟେଲ କଟକା ଯେଉଁ ସ୍ୱାଦା ଓ ଲୋଲ ସନ୍ଧିତ ।
ଜୁଲ ଅର୍ଥାତ୍ କଟକା କଟକା ବାଲକ ପେନ୍‌ସିଲ ଓ କଲମ ।
ପେନ୍‌ସିଲ କାଟିବା ଛୁରୀ ।
ତାସ ପ୍ରକାରର ଭଙ୍ଗା କାଗଜ ଓ ଲଫାଫା
କାଗ ପିଆଲ ଓ କଳ ରଙ୍ଗିନ ଓ ସ୍ୱାଦା
କଳମ ହେଡ଼େଲ
ଭର୍ଜ ବୁଝାସନ୍ଧିଯ
ଏକଫର ଜୁଲ
ନେଲସନ ଦପୋଲ ସମ କେବଳ୍ସ ଅଧଲ
ମାର୍ବଲ କାଠି ପୁରାଣ ସନ୍ଧ ହେଲେ ସେବା ସଲେ ମଇଲ ହେବ ନାହିଁ ।
ଏ, ସୋଲ୍ଡ ଷ୍ଟୁଡେଣ୍ଟ କାର୍ଡ ଓ କୁଞ୍ଜିତା ।
ପ୍ରେସି ବୁଝ
ଚିଠିର ଛଡ଼ ।
କଲମ ସାବୁନ ।
ତାଜାର ସ୍ୱାକାଳ ଉଭୟ ଜେ ଜୁଲା ପରିଷ୍କାର ହୁଏ ।
ଅଣ୍ଟୋଲ ରେଡ଼—ଅର୍ଥାତ୍ ସୁନ୍ଦରୀ ଚନ୍ଦନ ।
ଅତଲ ଜୁଥ ।
ଓଣ୍ଟରଲ ସ୍ପଞ୍ଜ ଛତା ।
ଜର୍ଦ୍ଦିର ଅଳ ।
ଜ୍ୟୋତେଲାଇନ ।
ପୋଲମୁନସନ କେଷ୍ଟଲେନ ଓ ଦଶକ ଲୋଇଲେ ଯେଲେ
ଟୁଥ୍ ବାଉ ଅର୍ଥାତ୍ ଦେଉଁଜାତେଲେ ଯଳ ଓ ଖୁଣିଲେ ଜଡ଼ା ହେବ ।
ଅଉଜା ଚକା ୧୨ x ୧୦ ଇଞ୍ଚ ୧୪ x ୧୨ ଇଞ୍ଚ
ପକେଟବୁକ ଇଂରେଜୀ ଘାଟ ସବୁତ ଟ ୦ ।୮୦
ମୋଜା ଓ ମୋଜାକଡ
ଭଲନ ଥନ୍ ନଜଯସ
ବସ୍ତ୍ରର ପାଟିକ ବଡ଼ା
କଟେଓ ଯାଇକରଗୋଲା ଫେଟା
ବସନ୍ତ ଅବରୋଟ
ଏକଚ ଭାରତ ।
ସ୍ୱଅକ ପେନ ।
ଅଣ୍ଟେମଞ୍ଚକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲରେ ଲେଖି କପଡ଼ ପେନ ଭଳି ଛାପାର ହେବ ପେନ୍‌ସିଲ ଲେଖା ଓ ପରେ ଦେଇ ଚପାଇ ଦେଲେ ଚନ୍ଦ୍ରଗ ଜ ଉଠେ ।
ଇଞ୍ଚିଙ୍ଗ ପେପର ।
କପିଇଂ ପେନ୍‌ସିଲେ ବଡ଼ ଲାଇବାର ଥାଇ
ରବରଷ୍ଟାମ୍ପର ଅର୍ଥାତ୍ ପଞ୍ଜିର କାଗଜ ଚଢ଼ାବାର ଉପର ମମତାମା
ରେଡ଼ ବ୍ଲୁ ପେନ୍‌ସିଲ ଗମ ବୋତଲ
ଜାପାନୀ ଶାଢ଼ୀ ଓ ଧୋତି ଓ ଜଡ଼
ମରଣ୍ଟଡାବାସ ଓ ଉତ୍ତାପ ଘାଟଗୋଲ ଓ ଶାଢ଼ୀ ।
ଚିଙ୍ଗାଂ ଡାବ

## ପିଚଗାର ।

ଏ ଗାରକୁ ବେଳୁଣୀ ପାତ୍ରରେ ରଖି ଘଅଁରେ ତରଲାଇ କୋଠାଘରର ଛାତରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଟିଅରେ ଲେପିଦେଲେ ମଇଳା ଓ ଉଇ ଧରିବ ନାହିଁ ।

ବଗିର ଚକଡ଼ା ଓ ଯାନରେ ଲଗାଇବାର କାମ ମଧ୍ୟ ଅଛି ।

ପ୍ରିଣ୍ଟିଙ୍ଗ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ଏହି ରୂପେ ଥାଇ ନୋଟିସ ଯଥା—

| | |
|---|---|
| ପ୍ରଥମଥର ବାହାରେ | |
| ଧାଡ଼ି ପ୍ରତି | ଟ ୦୨ |
| ଦ୍ୱିତୀୟ ଥରକୁ | ଟ ୦୧ |
| ତୃତୀୟ ଥର ପ୍ରତି | ଟ ୦ |

[illegible]

[illegible]

[illegible]

[illegible]

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକଟିତ ହେଲା

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ ଶ
ସଂ ୨୩ ସଂଖ୍ୟା

ତା ୯ ଅଗ ମାହେ ଜୁନ ସନ ୧୮୮୮ ମସିହା । ମୁ । ଜ୍ୟେଷ୍ଠ ଗ ୨୯ ଦି ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦ୍ଦେୟ ଟ ୬୲

ସମ୍ବାଦପତ୍ରମାନଙ୍କରେ ଏକ ପ୍ରସ୍ତାବ ବାହାରିଅଛି ଯେ ରୁଷିୟା ଏବଂ ଇଂଲଣ୍ଡ ଅଫଗାନସ୍ଥାନକୁ ଅର୍ଦ୍ଧେ ଲେଖାଏଁ ବାଣ୍ଟିନେବେ ଯେ ହିନ୍ଦୁକସ ପର୍ବତ ଉତ୍ତରଧାରୀ ରୁଷୀୟଙ୍କ ଏବଂ କାବୁଲସ୍ଥିତ ଧାରୀ ଇଂରାଜଙ୍କ ଅଧୀନରେ ରହିବ । ଆମ୍ଭେମାନେ ବିବେଚନା କରୁଁ ଏ ନୀତିକ ଏପରି ହେବ ତେବେ ସମସ୍ତଙ୍କ ପକ୍ଷରେ ଭଲ । ଦୁଇ ପ୍ରବଳ ରାଜାଙ୍କ ମଧ୍ୟରେ ଅଫଗାନସ୍ଥାନ ଆପଣା ସ୍ୱାଧୀନତା ଅଧିକଦିନ ବଜାୟ ରଖି ପାରିବ ନାହିଁ । ଏବେବେଳେ ସୁଦ୍ଧା ଇଂରାଜଙ୍କ ସାହାଯ୍ୟରେ ତାହା ରହିଅଛି ଏବଂ ତହିଁର ବ୍ୟୟ ଆମ୍ଭମାନଙ୍କୁ ଯୋଗାଇବାକୁ ହେଉଅଛି । ଉକ୍ତ୍ୟଟି ବାଣ୍ଟ ହୋଇ ଗଲେ ରୁଷ-ସ୍ଥିତରୁ ଭାରତବର୍ଷ ରକ୍ଷା ପାଇବ ଏବଂ ଏଠା ଟିକସ-ଦାତାଙ୍କର ବିଶେଷ ଉପକାର ହେବ ।

---

ମାନ୍ଦ୍ରାଜଠାରେ ହିନ୍ଦୁପିଲାମାନଙ୍କୁ ବି, ଏ, ପରୀକ୍ଷାପର୍ଯ୍ୟନ୍ତ ଇଂରେଜୀଶିକ୍ଷା ଏବଂ ହିନ୍ଦୁ-ଧର୍ମ-ନୀତି ଶିକ୍ଷା ପ୍ରଦାନାର୍ଥ ଗୋଟିଏ କଲେଜ ସ୍ଥାପନ କରିବା ଉଦ୍ଦେଶରେ ଦେବାନ୍ ରଘୁନାଥ ରାଓ ଯେଉଁ ଚେଷ୍ଟା କରୁଥିଲେ ତାହା କ୍ରମେ ସଫଳ ହେବାର ଦେଖା ଯାଇଅଛି । ଗତ ମଇମାସ ତା ୨୫ ଦିନରେ ମାନ୍ଦ୍ରାଜଠାରେ ଧର୍ମ ଓ ସମ୍ପ୍ରାନ୍ତ ଲୋକମାନଙ୍କର ଗୋଟିଏ ବୃହତ୍ ସଭା ହୋଇ ତହିଁରେ ଉକ୍ତରୂପ କଲେଜ ସ୍ଥାପନ କରିବାର ଧାର୍ଯ୍ୟ ହୋଇଅଛି । ଏହା କାର୍ଯ୍ୟରେ ପରିଣତ ହେଲେ ଯେ ଗୋଟିଏ ମହତ୍ ପରିବର୍ତ୍ତନ ଶିକ୍ଷାବିଭାଗରେ ପ୍ରବର୍ତ୍ତିତ ହୋଇ ଦେଶର ପ୍ରଭୂତମଙ୍ଗଳ କରିବ ଏଥିରେ ସନ୍ଦେହ ନାହିଁ । କଲିକତାଠାରେ ମଧ୍ୟ ଏହିପରି ଏକ କଲେଜ ସ୍ଥାପନ କରିବାର ଉଦ୍ଯୋଗ ଲାଗିଅଛି ।

---

ଗତ ଓଡ଼ିଶାପେଟ୍ରିଅଟରେ ବମ୍ବେଇପ୍ରଦେଶରେ ଗୋଟିଏ ହିନ୍ଦୁସଦାବର୍ତ୍ତ ମଠସମ୍ବନ୍ଧୀୟ ମୋକଦ୍ଦମାରେ ସେଠା ହାଇକୋର୍ଟ ଯେପରି ନିଷ୍ପତ୍ତି କରିଅଛନ୍ତି ତହିଁର ବିବରଣ ଲେଖାଅଛି । ମାନ୍ୟବର ଜଜମାନେ ଅନ୍ୟାନ୍ୟ ବିଷୟ ମଧ୍ୟରେ ସିଦ୍ଧାନ୍ତ କରିଅଛନ୍ତି ଯେ କୌଣସି ହିନ୍ଦୁଧର୍ମାର୍ଥ ଓ ସଦାବର୍ତ୍ତ ମନ୍ଦିର ବା ମଠକୁ ଦାନ ହେବା ସମ୍ପତ୍ତିମାନ ଯାହାଙ୍କ ମାରଫତରେ ରହଇ ସେ ସବୁମନ୍ଦିର ବା ମଠର କାର୍ଯ୍ୟରେ ଲାଗିଲା କି ନାହିଁ ତହିଁପାଇଁ ସେମାନେ ଦାୟୀ ଅଟନ୍ତି ଏବଂ ମାରଫତଦାରସ୍ୱରୂପ ତହିଁର ହିସାବ ବୁଝାଇବାକୁ ସେମାନେ ଦାୟଗ୍ରସ୍ତ ଅଟନ୍ତି । ଆମ୍ଭମାନଙ୍କ ବିବେଚନାରେ ପଣ୍ଡା ପୂଜାରୀପ୍ରଭୃତି ଯେଉଁମାନେ ଠାକୁରଙ୍କ ନାମରେ ଟଙ୍କା ବା ଅନ୍ୟାନ୍ୟ ପଦାର୍ଥ ଯାତ୍ରିଙ୍କଠାରୁ ନେଇ ଅପବ୍ୟୟ କରନ୍ତି ସେମାନେ ଏହି ନିଷ୍ପତ୍ତିବଳରେ ଅଭିଯୁକ୍ତ ହୋଇ ପାରିବେ ଏବଂ ଏହାଦ୍ୱାରା ଅନେକ ସାଧାରଣ ଉପକାର ହେବ । କିନ୍ତୁ ନାଲିଶ କରିବାକୁ ଯେବେ କେହି ସାହସ ଉପାୟ ହେବ ତେବେ ଅନେକ ଭଲ ହେବ ।

---

ଗୋରକ୍ଷଣିବାରଣୋଦ୍ଦେଶରେ ପ୍ରତାପଗଡ଼ଠାରେ ଏକ ବୃହତ୍‌ସଭା ହୋଇଥିଲା । ଏ ସଭାରେ ସେଠା ଡେପୋଟୀ କମିଶନର ଗ୍ରୁପମାନ ଏବଂ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ଲିଉଇସ ସାହେବମାନେ ଉପସ୍ଥିତ ଥିଲେ । ଗ୍ରୁପମାନ ସାହେବ ସଭାପତିର ଆସନ ଗ୍ରହଣ କଲେ । ସମ୍ପାଦକ ଶ୍ରୀମାନସ୍ୱାମୀ ହିନ୍ଦୁ ମୁସଲମାନ ସମସ୍ତଙ୍କୁ ଏହି ଗୁରୁତର କାର୍ଯ୍ୟରେ ଏକଯୋଗ ହୋଇ କାର୍ଯ୍ୟ କରିବା ଉଚିତ ବୋଲି କହି ଗୋଟିଏ ସାର୍ଗର୍ଭ ବକ୍ତୃତା କରିଥିଲେ । ବକ୍ତୃତା ସାଙ୍ଗ ହେଲାରୁ ସଭାପତି ମହାଶୟ ବକ୍ତାଙ୍କୁ ଧନ୍ୟବାଦ ଦେଇ କହିଲେ "ଗୋରକ୍ଷା ନିଃସନ୍ଦେହ ଅତି ମହତ୍ ଅତି ଉତ୍ତମକାର୍ଯ୍ୟ ଏବଂ ଯହିଁନିମନ୍ତେ ସ୍ୱାମୀଜି ଏତେ କଠିନ ପରିଶ୍ରମ କରୁଅଛନ୍ତି ତାହା ଅବଶ୍ୟ ପ୍ରଶଂସନୀୟ ଅଟଇ । ଭାରତରେ ଗୋରୁମାନଙ୍କୁ ବଢ଼ାଇବା ଯାଏ ନାହିଁ ଏଣୁ ଏଥିରେ ସମସ୍ତଙ୍କର ସାହାଯ୍ୟ କରିବା ଉଚିତ । ଏବଂ ଏକାର୍ଯ୍ୟରେ ଯେଉଁ ସାହାଯ୍ୟ କରିଯିବ ତଦ୍ୱାରା ସମୁଦାୟ ଭାରତବର୍ଷର ମଙ୍ଗଳ ହେବ କୌଣସି ଅମଙ୍ଗଳର ଆଶଙ୍କା ନାହିଁ" ଦୁଇଜଣ ଉଚ୍ଚପଦସ୍ଥ ଇଂରାଜ ଏହିପରି କାର୍ଯ୍ୟରେ ଯୋଗ ଦାନ କରିବା ବଡ଼ ଆନନ୍ଦର ବିଷୟ ଅଟଇ ।

---

Digitized by srujanika@gmail.com

Split by PDF Splitter

Split by PDF Splitter



ଜଣେ ପତ୍ର ଲେଖିଅଛନ୍ତି ଯେ ଗତମାସ ତା ୩୦ ରିଖ ଶନିବାରଠାରୁ ଅନୁଯାୟୀ ମୋକାମରେ ସେଠା ଜମିଦାର ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ମହାନ୍ତି ଶ୍ରୀଯୁକ୍ତ ବାବୁ ଗୋପାଳଚରଣ ମହାନ୍ତି, ପୁଲିସ ହେଡ଼ କନେଷ୍ଟବଲ ଶ୍ରୀଯୁକ୍ତ ବାବୁ ଜଗବନ୍ଧୁ ମହାନ୍ତି ଡାକମୁନସି ବାବୁ ନାରାୟଣ ଚକ୍ରବର୍ତ୍ତୀ ପ୍ରଭୃତି ୩୦ ଜଣ ଭଦ୍ରଲୋକ ଏକତ୍ରିତ ହୋଇ ଗୋଟିଏ ସଭା କରିଥିଲେ । ସଭାର ଉଦ୍ଦେଶ୍ୟ ଯେ ଅନୁଯାୟୀ ମୋକାମରେ ନୂତନ ଗୋଟିଏ ମାଇନରସ୍କୁଲ ବସିବ ଏହାର ପ୍ରସ୍ତାବ କରିବାର । ସେଠାରେ ସ୍ଥିର ହେଲା ଯେ ପ୍ରଥମେ ଘର ପ୍ରସ୍ତୁତ ନ ହେଲେ ସରକାରୀ ସାହାଯ୍ୟ ସହଜେ ଅଟେତବଳ ହେବ ନାହିଁ । ଏଣୁ ଗୋଟିଏ ଚାନ୍ଦାଫର୍ଦ୍ଦ ପ୍ରସ୍ତୁତ ହୋଇ ବାବୁ ରାମଚନ୍ଦ୍ର ମହାନ୍ତି ଜମିଦାର ଟ ୨୫ ଟଙ୍କା ଓ ଅନ୍ୟ ୨ ଉପସ୍ଥିତ ଭଦ୍ରଲୋକମାନେ ଟ ୫, ଟ ୩, ଟ ୨, ଟ ୧, ଟ ୦।। ଏପରି ସ୍ୱାକ୍ଷର କଲେ ମଧ୍ୟ ୫୮୦ ଅଶୀଟଙ୍କା ପର୍ଯ୍ୟନ୍ତ ଚାନ୍ଦା ସ୍ୱାକ୍ଷରିତ ହୋଇଅଛି । ପ୍ରାୟ ଏକମାସ ମଧ୍ୟରେ ଘର ପ୍ରସ୍ତୁତ ହେବାର ଶୁଣି ଅଛିଅଛୁଁ । ଯାହା ହେଉ ଶିକ୍ଷାର ଉନ୍ନତି ସକାଶେ ଅନୁଯାୟୀ ମୋକାମର ପ୍ରଭୃତି ଅଧିବାସିମାନଙ୍କର ଏପରି ଉତ୍ସାହ ଦେଖି ଅମ୍ଭେ ଅତିଶୟ ଆନନ୍ଦିତ ହେଲୁଁ । ସୁଯୋଗ କର୍ମିଷ୍ଠ ହୋଇ ଜଗବନ୍ଧୁବାବୁ ଶିକ୍ଷା-ଉନ୍ନତି ସକାଶେ ଯେତେ ଯତ୍ନ ପ୍ରକାଶ କରୁଅଛନ୍ତି ତାହା ଅବଶ୍ୟ ତାଙ୍କ ସଦାଶୟତାର ଉତ୍ତମ ପରିଚୟ ଦେଉଅଛି । ଅମ୍ଭେ ଆଶା କରୁଁ ଅନ୍ୟ ୨ ପୁଲିସ ହେଡ଼ କନେଷ୍ଟବଲମାନେ ଏପରି ଦୃଷ୍ଟାନ୍ତ ଦେଖାଇ ଅମ୍ଭମାନଙ୍କ ଦେଶର ମୁଖ ଉଜ୍ଜ୍ୱଳ କରନ୍ତୁ ।

---

କଟକଜିଲ୍ଲାର କେଶରୀଭାଗ ଓ ଖଇରାଖା-ଧାଇତ୍ରାର ଘାଟ ସମ୍ପର୍କରେ ଉକ୍ତ ଜିଲ୍ଲାର ମାଜିଷ୍ଟ୍ରେଟ ଏବଂ କମିସ୍ନର ସାହେବମାନଙ୍କ ଦ୍ୱାରା ଯଥାକ୍ରମେ କେତେଗୁଡ଼ିଏ ନିୟମ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅନୁମୋଦନକ୍ରମେ ପ୍ରସ୍ତୁତ ହୋଇଅଛି ଏବଂ ଉକ୍ତ ନିୟମମାନ ଗତମାସ ତା ୨୪ ରିଖର ଓଡ଼ିଶା ଗେଜେଟରେ ପ୍ରକାଶିତ ହୋଇଅଛି । ଯେଉଁମାନଙ୍କର ଏଥିରେ ବିଶେଷ ସମ୍ପର୍କ ଅଛି ସେମାନେ ଗେଜେଟରୁ ପ୍ରୟୋଜନୀୟ ବିଷୟ ଜାଣିପାରିବେ । ଅମ୍ଭେମାନେ ତହିଁରୁ ଗୋଟିଏ ନିୟମ ଏଠାରେ ପ୍ରକାଶ କରୁଁ, ଯଥା ।

"୬ ବିଧି । ଯେବେ କୌଣସି କେଶରୀଭାଗ ଧାଇତ୍ରାଘାଟର ମାଲିକ ଏହି ସବୁ ବିଧି ପ୍ରକାଶିତ ହେବାର ତିନମାସ ମଧ୍ୟରେ ୫ ଧାରାର ଅଭିପ୍ରାୟାନୁସାରେ ସେହି ଘାଟଭାଗର ଘାଟ ରେଜିଷ୍ଟ୍ରୀ ହେବା ନିମନ୍ତେ ଦରଖାସ୍ତ ନ କରିବେ, ତେବେ ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ତାଙ୍କ ପ୍ରତି ଏକ ମାସରୁ ଅନ୍ୟୂନ କୌଣସି ନିର୍ଦ୍ଦିଷ୍ଟ କାଳ ମଧ୍ୟରେ ୧ ଧାରା ଲିଖିତ ବିଶେଷ-କଥା ଗୁଡ଼ିକ ଜଣାଇବାର ଆଦେଶ କରି ଖଣ୍ଡେ ଲିଖିତ ନୋଟିସ ଜାରି କରି ପାରିବେ ଏବଂ କୌଣସି ଘାଟଭାଗର ଘାଟ ସମ୍ବନ୍ଧରେ ଯେଉଁ ମାଲିକ ଉପରେ ସେହିରୂପ ନୋଟିସ ଜାରି କରା ଯାଇଥିବ, ସେ ୧ ଧାରା ଅନୁସାରେ ବିଶେଷ କଥାମାନ ଆଜ୍ଞାନୁସାରେ ମାଜିଷ୍ଟ୍ରେଟଙ୍କ ଠାରୁ ପଠାଇ ଦିଅ ଯାଇ ନ ଥିଲେ ଉକ୍ତ ନୋଟିସ ନିର୍ଦ୍ଦିଷ୍ଟକାଳ ଅତୀତ ହେବା ଉତ୍ତାରେ ସେହି ଘାଟଭାଗର ଘାଟର ରଖିବେ ନାହିଁ ବା ଚଳାଇବେ ନାହିଁ ।"

ଏ ବିଧିର ଭାଷାରୁ ଠିକ ଅର୍ଥ ବୁଝିବା କଠିନ ହେଲେ ହେଁ ତାତ୍ପର୍ଯ୍ୟରୁ ଜଣା ଯାଉଅଛି ଯେ ଘାଟର ମାଲିକ ଆଇନମତେ କାର୍ଯ୍ୟ ନ କଲେ ଘାଟ ବନ୍ଦ ହେବ ଅର୍ଥାତ୍ ମାଲିକର ଦୋଷରୁ ଲୋକଙ୍କ ପାରହେବାର ସୁବିଧା ରହିତ ହେବ । ଏକବ୍ୟକ୍ତିର ଦୋଷରୁ ଅଧିକ ଲୋକଙ୍କୁ କଷ୍ଟ ଦେବାର ନ୍ୟାଯ୍ୟତା କଡ଼ା ଅଡ଼ୁଆ ଜଣା ଯାଉଅଛି । ମାଲିକଠାରୁ ଛଡ଼ାଇନେଇ ଅନ୍ୟବ୍ୟକ୍ତିକି ଦେବାର ନିୟମ କଲେ କି ଭଲ ହୁଅନ୍ତା ନାହିଁ କି ?

---

ଧାନ ଏବଂ ଅନ୍ୟାନ୍ୟ ପ୍ରଧାନ ଫସଲ ଯଥା ଝୋଟ, ଅଖୁ, ତମାଖୁ, ଗଞ୍ଜେଇ, ଅଫୁ ଓ ନୀଳ ବଙ୍ଗଳାର କେଉଁ ଜିଲ୍ଲାରେ କି ପରିମାଣରେ ଏଥର ହୋଇଅଛି ତହିଁର ଖଣ୍ଡିଏ ତାଲିକା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ କୃଷି ବିଭାଗରୁ ବାହାରିଅଛି । ପ୍ରତ୍ୟେକ ସବଡିଭିଜନର ମୋଟ ଚଷଭୂମି ଏବଂ ତହିଁମଧ୍ୟରୁ ଧାନ ଫସଲର ଭୂମି କେତେ ଓ ତହିଁରେ ୬୨ ପ୍ରକାର ଧାନ ଓ ଅନ୍ୟ ଫସଲ କେତେ ହୋଇଥିଲା ଏସବୁ ଏ ତାଲିକାରେ ଲେଖାଅଛି ଏବଂ ପ୍ରତ୍ୟେକ ଫସଲର ପରିମାଣ ପୂର୍ବବର୍ଷ ସହିତ ତୁଳନା କରିଅଛି । ଏ ତାଲିକାରୁ ପ୍ରକାଶ ଯେ ଏଥର ବାଲେଶ୍ୱର ଜିଲ୍ଲାରେ ଗତବର୍ଷପରି ଏବର୍ଷମଧ୍ୟ ସମ୍ପୂର୍ଣ୍ଣ ଅର୍ଥାତ୍ ଷୋଳପଣ ଫସଲ ହୋଇ ଥିଲା । ଅନ୍ୟ ଦୁଇ ଜିଲ୍ଲାମଧ୍ୟରେ କେବଳ ଜାଜପୁର ସବଡିଭିଜନର ଫସଲ ଗତବର୍ଷଠାରୁ ଅଧେ ଭଣା ଏବଂ ଅନ୍ୟାନ୍ୟ ସମସ୍ତ ସବଡିଭିଜନରେ ଗତବର୍ଷଠାରୁ ଏକେ ଦୁଇପଣ ବା ଗୁଣପଣ ଅଧିକ ହୋଇଅଛି । ବିହୁ ମଗ ଓ ହରଡ଼ର ନାମ ସବୁ ସବଡିଭିଜନରେ ରହିଅଛି କାଲେଣ୍ଡରରେ ଅଧିକା ମସୁର ଓ ଖେସାର ଏବଂ ଚଣକ ପୁସ୍ତକରେ ହୋଇଥିବ ନାମ ଦେଖାଯାଏ । ତାହାହାଡ଼ି ଅଧିକାଂଶ ଅଦାଂତ ବୋଲି ସ୍ୱୀକୃତ ହୋଇ ଅଛି । ଗହମ, ବୁଟ, ବରଗୁଡ଼ି ପ୍ରଭୃତିର ନାମ ଆଦୌ ଲେଖା ନ ଥିବାରୁ ଏଫସଲମାନ ଓଡ଼ିଶାରେ ଆଦୌ ହୁଅନ୍ତି ନାହିଁ ବୋଲିବାକୁ ହେବ । ଅମ୍ଭେମାନେ ଜାଣୁ ଯେ ପୂର୍ବେ କେନ୍ଦ୍ରାପଡ଼ା ସବଡିଭିଜନରେ ଗହମ, ବୁଟ, ଯବ ଫସଲମାନ ବିଶେଷ ହେଉଥିଲା ବର୍ତ୍ତମାନରୁ ପ୍ରାୟ ଉଠିଗଲା ହୋଇ ଯାଇଅଛି । କି କାରଣରୁ ଏ ଫସଲମାନ ଉଠିଗଲା ଏବଂ ତହିଁ ପରିବର୍ତ୍ତରେ ଅନ୍ୟ କେଉଁ ମୂଲ୍ୟବାନ୍ ଫସଲ ସେଠାରେ ହେଉଅଛି ବା ସେଠାର ଅବସ୍ଥା ମନ୍ଦ ହୋଇଅଛି ଏସବୁ ବିଷୟର ଅନୁସନ୍ଧାନ କୃଷିବିଭାଗ ଦ୍ୱାରା ହୋଇ ଉଚିତ ବିହିତ ପ୍ରୟୋଗ ହେଲେ ଉକ୍ତ ମହକୁମାର କାର୍ଯ୍ୟକାରିତା ଜଣା ପଡ଼ିବ ଏବଂ ଲୋକଙ୍କ ସାଧାରଣ ଉପକାର ହେବ । କେବଳ କାଗଜଗୋଳଙ୍କ ଲେଖିବାମତେ ଅମୁକ ଫସଲ ଏତେପଣ ହୋଇଅଛିବୋଲି ପ୍ରକାଶ କରିବାରେ କିଛି ଫଳ ନାହିଁ ବରଂ ଭ୍ରାନ୍ତିସମ୍ବାଦ ପ୍ରକାଶଦ୍ୱାରା ଅନିଷ୍ଟ ଘଟିବାର ଆଶଙ୍କା ଅଛି ।

---

ପ୍ରାଇମେରୀ ଓ ମଧ୍ୟଶ୍ରେଣୀ ବୃତ୍ତିପରୀକ୍ଷାରେ ଛାତ୍ରମାନଙ୍କ ଗ୍ରହଣ ସମ୍ବନ୍ଧରେ ନୂତନ ନିୟମାବଳୀ ପ୍ରସ୍ତୁତ ହୋଇ ସରକାରୀ ଗେଜେଟରେ ପ୍ରକାଶିତ ହୋଇଅଛି ଏବଂ ଉକ୍ତ ନିୟମାବଳୀର ଏକଖଣ୍ଡ ପ୍ରତିଲିପି ଶ୍ରୀଯୁକ୍ତ ଜଏଣ୍ଟ ଇନସ୍ପେକ୍ଟରଙ୍କଠାରୁ ପାଇବାର ଅମ୍ଭେମାନେ କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ପୂର୍ବ ନିୟମାବଳୀ ଅପେକ୍ଷା ଏ ନିୟମାବଳୀ କିଛି କଠିନ ହୋଇଅଛି । କୌଣସିଛାତ୍ର ଏକଥର ଯେଉଁ ପରୀକ୍ଷାରେ ପାସ କରିବ ସେ ପରୀକ୍ଷା ଆଉ ଦେଇ ପାରିବ ନାହିଁ । ଯେଉଁ ଛାତ୍ର ଆପଣା ଶିକ୍ଷକଙ୍କ ବିବେଚନାରେ ଅଯୋଗ୍ୟ ହେବ ସେ ପରୀକ୍ଷା ଦେଇ ପାରିବ ନାହିଁ । ଯେଉଁ ଛାତ୍ର ପରୀକ୍ଷା ତାରିଖର ପୂର୍ବ ମା ୬ ମାସମଧ୍ୟରେ ଡେପୁଟୀଇନସ୍ପେକ୍ଟରଙ୍କ ବିନା ଅନୁମତିରେ କୌଣସି ବିଦ୍ୟାଳୟରୁ

Digitized by srujanika@gmail.com

Split by PDF Splitter



ବାହାର ହୋଇଥିବ ସେ ହାଇ ବିଦ୍ୟାଳୟର ଛାତ୍ର ବୋଲି ପରୀକ୍ଷାରେ ଗୃହୀତ ହୋଇ ବାହାରଙ୍କର ମଧ୍ୟରେ ଗଣ୍ୟ ହେବ । ବାହାର-ଛାତ୍ରମାନେ ଡେପୁଟୀ ଇନ୍‌ସ୍ପେକ୍ଟରଙ୍କଠାରେ ସନ୍ତୋଷଜନକରୂପେ ଉତ୍ତୀର୍ଣ୍ଣ ହେବେ ଏବଂ ଯେ ଜିଲ୍ଲା ଅଥବା ଅନ୍ୟ ଜିଲ୍ଲାରେ କର୍ମ କରୁ-ଥିବା ଶିକ୍ଷକ ସବଇନସ୍ପେକ୍ଟର ପ୍ରଭୃତି ଅଚରିତ ଏବଂ ମାନ୍ୟବର ବ୍ୟକ୍ତିଠାରୁ ଚରିତ୍ରର ପ୍ରଶଂସାପତ୍ର ଦେଖାଇବାକୁ ହେବ ଏକ ଜିଲ୍ଲାର ସବଡିଭିଜନର କେନ୍ଦ୍ରରେ ପରୀକ୍ଷା ଦେବାକୁ ସମସ୍ତ ବାହାର ଛାତ୍ର କେବଳ ସେହି ଜିଲ୍ଲାର ଉପସ୍ଥିତ ହେବେ । ଯେଉଁ ସ୍କୁଲ ଏହି ନିୟମ-ମାନ ଲଙ୍ଘନ କରିବ ତହିଁର ଯେଉଁ ଶିକ୍ଷକଙ୍କ ଦୋଷରୁ ତାହା ଘଟିଥିବାହେତୁ ତାହାଙ୍କୁ ଯେ ଦଣ୍ଡ ଦିଆଯିବ ତାହା ଛଡ଼ା ଉକ୍ତ ସ୍କୁଲରୁ ସରକାରୀବୃତ୍ତି ନିମନ୍ତେ ପ୍ରାର୍ଥୀ ପଠାଇବାର ଅଧିକାର କାଢ଼ି ନିଆଯିବ । ଯେଉଁ ଛାତ୍ର ମିଥ୍ୟାକଥା କହି ପରୀକ୍ଷା ଦେବାକୁ ପ୍ରବେଶ ଲାଭ କରିବ ସେ ପାଶ ସାର୍ଟିଫିକେଟ ପାଇବାର ଅଯୋଗ୍ୟ ହେବ ଏବଂ ଆଉ କୌଣସି କଲି-ଗୀୟ ପରୀକ୍ଷାରେ ଉପସ୍ଥିତ ହୋଇ ପାରିବ ନାହିଁ । ଅମ୍ଭେମାନେ ଭରସା କରୁଁ ବିଦ୍ୟାଳ-ୟର ଶିକ୍ଷକ ଓ ପରିଦର୍ଶକମାନେ ଏହି ନିୟ-ମମାନ ଛାତ୍ରମାନଙ୍କୁ ବୁଝାଇ ଦେବେ ଏବଂ ଅବଶ୍ୟକମତେ ତହିଁପ୍ରତି ସେମାନଙ୍କ ମନ ଆକର୍ଷଣ କରୁଥିବେ ।

---

ଓଡ଼ିଶାରୁ ନିମ୍ନଲିଖିତ ଛାତ୍ରମାନେ ମାଇନର ଓ ବର୍ଣ୍ଣାକ୍ୟୁଲର ବୃତ୍ତି ପ୍ରାପ୍ତ ହୋଇଛନ୍ତି ।

ମାଇନର-ବୃତ୍ତି

କଟକ-ବିଭାଗ ।

| | | |
|---|---|---|
| ଧର୍ମେଶ୍ୱର ଦାସ | କାଳିକୁଦା | ସ୍କୁଲ |
| କୃଷ୍ଣଚନ୍ଦ୍ର ମିଶ୍ର | ଝିଙ୍କେଶ୍ୱରପୁର | „ |
| ମହମ୍ମଦ ଅଜବର | ନେଟଙ୍ଗ | „ |

ପୁରୀ-ବିଭାଗ ।

କେହି ଯୋଗ୍ୟ ହେଲେ ନାହିଁ ।

ବାଲେଶ୍ୱର-ବିଭାଗ ।

| | | |
|---|---|---|
| ଅଗ୍ରାଙ୍କ ଖାଁ | ବାରବାଟୀ | ସ୍କୁଲ |
| ଗୋଲୋକପ୍ରସାଦ ଦାସ | ଧାମନଗର | „ |

ମଧ୍ୟବର୍ତ୍ତୀ ବର୍ଣ୍ଣାକ୍ୟୁଲର ବୃତ୍ତି ।

କଟକ-ବିଭାଗ ।

| | | |
|---|---|---|
| ଜଗନ୍ନାଥ ଷଡ଼ଙ୍ଗୀ | ମହାସିଂହପୁର | ସ୍କୁଲ |
| ରାମକୃଷ୍ଣ ପଣ୍ଡା | କଟକ ଟାଉନ | „ |
| ସଦାନନ୍ଦ ମହାକୁଡ଼ | ପଞ୍ଚାମୁଣ୍ଡେଇ | „ |
| ମାଧବଚରଣ ନାୟକ | କଟକ ଟାଉନ | „ |

ପୁରୀ-ବିଭାଗ ।

| | | |
|---|---|---|
| ନାରାୟଣ ମହାନ୍ତି | ରୂପଦେଇପୁର | ସ୍କୁଲ |
| ରାମକୃଷ୍ଣ ପଟ୍ଟନାୟକ | ଡଣାହଟ୍ଟା | „ |
| ନାରାୟଣ ମିଶ୍ର | ବୀରନରସିଂହପୁର | „ |
| କ୍ଷେତ୍ରମୋହନ ମହାନ୍ତି | ଡଣାହଟ୍ଟା | „ |

ବାଲେଶ୍ୱର-ବିଭାଗ ।

| | | |
|---|---|---|
| କୃଷ୍ଣପ୍ରସାଦ ଦାସ | ବଗୁର | ସ୍କୁଲ |
| ଗଦାଧର ମିଶ୍ର | କୋଠାର | „ |
| ଲକ୍ଷ୍ମୀମୋହନ ମହାପାତ୍ର | ବଗୁର | „ |

ଗଡ଼ଜାତ ।

| | | |
|---|---|---|
| ଚିନ୍ତାମଣି ମହାନ୍ତି | ପୁରୁଣାଗଡ଼ | ସ୍କୁଲ |
| ଚିନ୍ତାମଣି ଗଙ୍ଗଗୁରୁ | ଢେଙ୍କାନାଳ | „ |
| ଗୋପୀନାଥ ମିଶ୍ର | କଡ଼ାମ୍ବା | „ |
| ହରିହର ପଟ୍ଟନାୟକ | ନରସିଂହପୁର | „ |
| ନିମାଇଚରଣ ରାୟ | ରଣପୁର | „ |

---

ସାପମାରିବାର ପୁରସ୍କାର ।

ଭାରତବର୍ଷରେ ପ୍ରତିବର୍ଷ ସର୍ପାଘାତରେ ଅନେକ ମନୁଷ୍ୟ, ପଶୁ ମରିପଡ଼ୁଥିବାରୁ ବିଷାକ୍ତ ସାପ ମାରିବା କାରଣ ଗବର୍ଣ୍ଣମେଣ୍ଟ ପୁରସ୍କାର ଦେବାର ବ୍ୟବସ୍ଥା କରିଅଛନ୍ତି ମାତ୍ର ଏହିବିଷୟର ବାର୍ଷିକରିପୋର୍ଟରୁ ପ୍ରକାଶ ଯେ ପ୍ରତିବର୍ଷ ଅନେକ ସାପ ମରାଯାଉଥିବା ଓ ତହିଁର ପୁର-ସ୍କାର ଦେବାରେ ଗବର୍ଣ୍ଣମେଣ୍ଟଙ୍କର ଅନେକ ଟଙ୍କା ଖର୍ଚ୍ଚ ହେଉଥିବା ପ୍ରତ୍ୟକ୍ଷେ ସୁଫଳ ବା ସର୍ପାଘାତ-ମୃତ୍ୟୁ ଊଣା ପଡ଼ିବାର ଦେଖାଯାଉ ନାହିଁ । ସାପମାରିବାର ପୁରସ୍କାର ଦେବାବନ୍ଦୋ-ବସ୍ତରେ ଦିଲ୍ଲୀରେ ଗୋଟିଏ ବିଭାଗୀୟସଭା ହୋଇଥିଲା । ସେଠାରେ ଡେପୁଟୀ କମିଶନର କ୍ଲାର୍କ ସାହେବ ପ୍ରକାଶ କଲେ କି ସରକାର ପୁରସ୍କାର ଦେଲେ ଯେତେ ଇଚ୍ଛା ସେତେ ସାପ ମରାଯିବ ଅଥଚ ସୁଫଳ ଉଣା ପଡ଼ିବ ନାହିଁ । ଦିଲ୍ଲୀରେ ଗତବର୍ଷ ପ୍ରାୟ ୭୦ ହଜାର ସାପ ମରାଯାଇ ମାରିବାବ୍ୟକ୍ତିଙ୍କି ପୁରସ୍କାର ଦେବା-ହିସାବରୁ ପୁଣି ପଞ୍ଚାଶ ହଜାର ସାପ ମରାଯାଇ-ଥିବାରୁ ତହିଁର ପୁରସ୍କାର ବାବତ ଟ ୮୦୦୦୯ ଙ୍କାର ବିଲ ଅସିଲା । ଅଥଚ ସାହେବଙ୍କ ବିବେଚନାରେ ସେ ଅଞ୍ଚଳର ସାପସଂଖ୍ୟା ଉଣା ପଡ଼ି ନାହିଁ ଓ ଆରବର୍ଷକୁ ଏହିପରିମାଣ-ରେ ସାପ ମରାଯିବ । ପ୍ରତିବର୍ଷ ପ୍ରାୟ ୨୦ ହଜାର ଲୋକ ସର୍ପଦଂଶନରେ ମରୁଅଛନ୍ତି ଏବଂ ପ୍ରତିବର୍ଷ ୫।୭ ଲକ୍ଷ ସାପ ମରାପଡ଼ୁଥିଲେ ସୁଦ୍ଧା ମନୁଷ୍ୟ-ମୃତ୍ୟୁସଂଖ୍ୟା ଊଣା ନ ହୋଇ ବରଂ ଅଧିକ ହେଉଅଛି । ବଙ୍ଗଳାରେ ସନ ୧୮୮୪ ସାଲରେ ତହିଁ ପୂର୍ବବର୍ଷାପେକ୍ଷା ପ୍ରାୟ ୭ହଜାର ସାପ ମରାପଡ଼ିଥିଲେ ହେଁ ପ୍ରାୟ ଅଧିକା ତ ୫୦୦ ଶ ସର୍ପଦଂଶନରେ ମରିଥିଲେ । ଏପ୍ରକାର ଅବସ୍ଥା ଭାରତବର୍ଷର ପ୍ରାୟ ସମସ୍ତ-ପ୍ରଦେଶରେ ଘଟୁଅଛି । ଏବଂ ଏସବୁ ଦେଖି ଭାରତୀୟଗବର୍ଣ୍ଣମେଣ୍ଟ ବିବେଚନା କରନ୍ତି କି ପୁରସ୍କାର ଦେଇ ସାପ ମରାଇବାରେ ଯେଉଁ ଖର୍ଚ୍ଚା ହେଉଅଛି ତହିଁରେ ଲାଭ ନ ହୋଇ ବରଂ ଅନିଷ୍ଟ ହେଉଅଛି । ଯେବେ ସାପ ମରାଇଲେ କ୍ରମଶଃ ସାପର ବଂଶ ଊଣା ପଡ଼ନ୍ତା ଏବଂ ସର୍ପାଘାତ-ମୃତ୍ୟୁ ଊଣା ହୁଅନ୍ତା ତେବେ ସରକାରଙ୍କର ଟଙ୍କା ଖର୍ଚ୍ଚ କରିବା ଉଚିତ ହୁଅନ୍ତା । କିନ୍ତୁ ତାହା ନ ହେବାରୁ ବରଂ ଅନୁମାନ ହେଉଅଛି ଯେ ଦୁଃଖିଲୋକମାନେ ପୁରସ୍କାରଲୋଭରେ ବିଷାକ୍ତସାପ ଖୋଜି ଖୋଜି ଧରିବାକୁ ଯାଇ ସର୍ପାଘାତରେ ମରୁଅ-ଛନ୍ତି ସୁତରାଂ ପୁରସ୍କାରରୁ ବିପରୀତଫଳ ଘଟୁ-ଅଛି । ଅତଏବ ସାପମାରିବାର ପୁରସ୍କାର ଦେବା ପ୍ରଥା ରହିତ କରିବାର ସିଦ୍ଧାନ୍ତ ହୋଇ-ଅଛି । ଅମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେ-ଣ୍ଟଙ୍କର ଏ କଳ୍ପନା ଅସଙ୍ଗତ ହୋଇ ନାହିଁ ।

---

କେନ୍ଦ୍ରାପଡ଼ା-ମନ୍ଦିରକମିଟୀ ।

କେନ୍ଦ୍ରାପଡ଼ାସ୍ଥ ଶ୍ରୀ ବଳଦେବ ମହାପ୍ରଭୁଙ୍କ ମନ୍ଦିରସ୍ଥ ପଣ୍ଡା ପଢ଼ିୟାରି ଓ ଅନ୍ୟାନ୍ୟ ଭୃତ୍ୟ-ମାନଙ୍କଦ୍ୱାରା ଯାତ୍ରିମାନଙ୍କ ଉପରେ ଭୟାନକ ଅତ୍ୟାଚାର ଓ ଉପଦ୍ରବ ହେଉଥିବା ବିଷୟରେ ଉକ୍ତ ମନ୍ଦିରର ତତ୍ତ୍ୱାବଧାରକ କମିଟୀର ସଭ୍ୟଙ୍କ ନିକଟକୁ ଏକପତ୍ର କଲିକତା ହାଇକୋର୍ଟର ଓଡ଼ି ଯ୍ୱାପେସ୍ତାର ବାବୁ ନୀଳମାଧବ ଦାସ ପ୍ରେରଣ କରିଅଛନ୍ତି । ଉକ୍ତପତ୍ର ସାଧାରଣଙ୍କ ଗୋଚ-ରାର୍ଥେ ଅମ୍ଭମାନଙ୍କ ନିକଟକୁ ଆସିଥିବାରୁ ତହିଁର ଅନୁବାଦ ନିମ୍ନରେ ପ୍ରକାଶ କଲୁଁ ।

"କେନ୍ଦ୍ରାପଡ଼ାସ୍ଥ ଶ୍ରୀ ବଳଦେବ ମହାପ୍ରଭୁଙ୍କ ମନ୍ଦିରର ତତ୍ତ୍ୱାବଧାରକ କମିଟୀର ସଭ୍ୟ-ମହୋଦୟେଷୁ ।

ମହାଶୟମାନେ,

ଇଦାନୀନ୍ତନ ଦୁର୍ଦିନରେ ବି ଯେଉଁ ସମ-ୟରେ ଶିକ୍ଷିତ ଶ୍ରେଣୀ ଆପଣାର ପୂର୍ବ ପୁରୁଷଙ୍କ ହିନ୍ଦୁଧର୍ମପ୍ରତି ଅତ୍ୟନ୍ତ ଭକ୍ତି ପ୍ରକାଶ କରୁଛନ୍ତି

Digitized by srujanika@gmail.com

ଓ ଅଶିକ୍ଷିତ ସମ୍ପ୍ରଦାୟ ଉତ୍ପଶ୍ଚାଦ୍‌ଗାମୀ ହେଉଛନ୍ତି, ଏହା ଅବଶ୍ୟ କେତେକ ଶାନ୍ତିଦାୟକ ଯେ ସଭ୍ୟତାର ବହୁଦ୍ଦେଶସ୍ଥ ଭାରତର ସୁଦୂରକୋଣରେ କେତେକଲୋକ ବାସ କରନ୍ତି ଯେଉଁମାନେ ବାସ୍ତବିକ ସେମାନଙ୍କ ପୂର୍ବପୁରୁଷଙ୍କର ଦେବଦେବୀ ପ୍ରତି ଅତ୍ୟନ୍ତ ଅନୁରକ୍ତ ଭକ୍ତି କରନ୍ତି । ଏହି ଶ୍ରେଣୀମଧ୍ୟରୁ ଲୋକେ (ଅବଶ୍ୟ ସେମାନଙ୍କର ସଂଖ୍ୟା ଅଳ୍ପ ନୁହେ) ଭଲ ତୀର୍ଥସ୍ଥାନ ଦର୍ଶନ କରନ୍ତି ଓ ତତ୍ରସ୍ଥ ଦେବତାମାନଙ୍କୁ ପୂଜା ଅର୍ପଣ କରନ୍ତି ।

କିନ୍ତୁ କହିବାକୁ ଦୁଃଖ ହେଉଅଛି ଯେ ଉକ୍ତ ମନ୍ଦିରର ପଣ୍ଡା ଓ 'ପଡ଼ିଆରିମାନେ ଉକ୍ତ ତୀର୍ଥସ୍ଥାନର ବିଶେଷତଃ ସ୍ତ୍ରୀ-ଯାତ୍ରିମାନଙ୍କ ପ୍ରତି ଅତ୍ୟାଚାର ଓ ଉପଦ୍ରବ କରିବା ପ୍ରତି ସମ୍ପ୍ରତି ଏତେ ଅଭ୍ୟସ୍ତ ହୋଇଛନ୍ତି ଯେ ତାହା ବର୍ଣ୍ଣନା କରିବା ଦୁଃସାଧ୍ୟ । ଯଦ୍ୟପି ଏବମ୍ଭୂତ କାର୍ଯ୍ୟ କ୍ରମଶଃ ଚଳେ, ମନ୍ଦିରସ୍ଥ ଦୁଷ୍ଟଲୋକମାନେ ସାହସପ୍ରାପ୍ତ ହେବେ ଓ ସନ୍ନିକଟସ୍ଥ ଓ ଦୂରସ୍ଥ ସ୍ତ୍ରୀମାନେ ସମାଜର ଏହି ସମସ୍ତ କୁଳାଙ୍ଗାରମାନଙ୍କ ପାଶବ-ଉପଦ୍ରବ ଭୟରେ ଠାକୁର ଦର୍ଶନାର୍ଥ ଆସିବାକୁ ଆଉ କେବେଁ ସାହସ କରିବେ ନାହିଁ ।

ଆମ୍ଭେ ଯାହା ଜନରବ ଶୁଣିଥିଲୁ ତାହା ଗତ ମେମାସ ତା ୨୨ ରିଖର ଉତ୍କଳଦୀପିକାରେ ଦୃଢ଼ୀଭୂତ ହୋଇଅଛି ।

ଆମ୍ଭେ ଉପରୋକ୍ତ ବିଷୟପ୍ରତି ଆପଣମାନଙ୍କର ମନୋଯୋଗ ଆକର୍ଷଣ କରୁଅଛୁଁ ଓ ଅତ୍ୟନ୍ତ ଆଶା କରୁଁ ଯେ ଆପଣମାନେ ଉପରୋକ୍ତ ଦୁଃଖମୋଚନାର୍ଥେ ଓ ଉପଦ୍ରବକାରୀ ପଣ୍ଡା ଓ ପଡ଼ିଆରିମାନଙ୍କୁ ଯଥୋଚିତ ଦଣ୍ଡବିଧାନାର୍ଥେ ଓ ଯାତ୍ରିମାନଙ୍କର ଉପରୋକ୍ତ ମନ୍ଦିରସ୍ଥ ଶ୍ରୀଦନଦେବ ମହାପ୍ରଭୁଙ୍କ ଶ୍ରୀପଦ ଦର୍ଶନାର୍ଥେ ବିହିତ ଉପାୟ ଅବଲମ୍ବନ କରିବା ହେବେ । ଯେବେ ଉପରଲିଖିତ ଦୁଃଖ ମୋଚନର ବିହିତ ଉପାୟ ଅବଲମ୍ବିତ ନ ହୁଏ ତେବେ ଆମ୍ଭର ଭୟ ହେଉଅଛି କି ଯେସ୍ଥଳେ ଏହିବିଷୟରେ ଲୋକଙ୍କର ଧର୍ମବିଶ୍ୱାସ ଓ ମାନର ସମ୍ବନ୍ଧ ରହିଅଛି ସେସ୍ଥଳେ ସେମାନେ ଅନ୍ୟଦିଗରୁ ଉପାୟ ଅନ୍ୱେଷଣ କରିବେ ଓ ତହିଁର ଚରମଫଳ ଅସନ୍ତୋଷଜନକ ହୋଇପାରେ ଆମ୍ଭେ ଆଶା କରୁଁ ଆମ୍ଭର ଏହି ଆବେଦନ ଉଚିତ ବିଷୟର ପ୍ରାପ୍ତ କରିବ ।

୨୧।୫।୮୮ } ଆପଣଙ୍କର ବଶମ୍ବଦ
ଜଗନ୍ନାଥ ଦାସ ଓଡ଼ିଆ ପେସ୍କାର
ହାଇକୋର୍ଟ କଲିକତା

ଆମ୍ଭେମାନେ ଆଶା କରୁଁ କି କମିଟୀ ଏହିବିଷୟରେ ଶୀଘ୍ର ମନୋଯୋଗୀ ହୋଇ ଯାତ୍ରିଙ୍କର ରକ୍ଷା ଓ କର୍ମଚାରିଙ୍କ ଶାସନ ଉଦ୍ଦେଶରେ ବିହିତ ବ୍ୟବସ୍ଥା କରିବେ ଏବଂ ତାହା ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ପ୍ରକାଶ କରିବେ । କମିଟୀର କାର୍ଯ୍ୟମଧ୍ୟରେ ଯାତ୍ରିଙ୍କ କଷ୍ଟ ନିବାରଣ ଏବଂ ସେମାନଙ୍କ ସୁଖସମ୍ପାଦନ ସର୍ବପ୍ରଧାନ ଅଟଇ । ଯାତ୍ରିଙ୍କପ୍ରତି ଅତ୍ୟାଚାର ହେଲେ ମନ୍ଦିରର ସକଳ ଧର୍ମ ନଷ୍ଟ ହେବ ଯାତ୍ରିଙ୍କି ରକ୍ଷା କରିବା ମନ୍ଦିରର ସମସ୍ତ କର୍ମଚାରିଙ୍କର ଅତିଗୁରୁତର କାର୍ଯ୍ୟ ହେଉଅଛି । ଯାହାର ଏକାର୍ଯ୍ୟରେ ଶିଥିଳତା ବା ତ୍ରୁଟି ଦେଖାଯିବ ସେ ମନ୍ଦିରରେ ରହିବାର ଯୋଗ୍ୟ ନୁହଇ । କମିଟୀ କର୍ମଚାରିମାନଙ୍କୁ ଯଥାର୍ଥରୂପେ ଆବଦ୍ଧ କରି ପାରିଲେ ଏପରି ଗୁଜବ ଆଉ ଶୁଣାଯିବ ନାହିଁ । କେନ୍ଦ୍ରାପଡ଼ା କମିଟୀସମ୍ପର୍କରେ କେତେଦିନ ହେବ ଯେ ସବୁମାମଲା ମୋକଦମା ଲାଗି ରହିଅଛି ତହିଁରେ ଉକ୍ତ କମିଟୀପ୍ରତି ସାଧାରଣ ଅଭିପ୍ରାୟ ଅନୁକୂଳ ବୋଲି ପ୍ରକାଶ ହେଉ ନାହିଁ ମାତ୍ର ଏହିବିଷୟରେ ଭଲ ବ୍ୟବସ୍ଥା କଲେ କମିଟୀର ସୁଖ୍ୟାତି ହେବ ଏବଂ ଅନ୍ୟାନ୍ୟ କମିଟୀପ୍ରତି ଆଦର୍ଶ ହୋଇପାରିବ କାରଣ ଅନ୍ୟାନ୍ୟ ଅନେକ ମନ୍ଦିରରେ ଯାତ୍ରିଙ୍କପ୍ରତି ଅତ୍ୟାଚାର ହେବା ବିରଳ ନୁହଇ ।

---

## ଓଡ଼ିଶାରେ ବ୍ରାହ୍ମବିବାହ ।

ଓଡ଼ିଶାରେ ବ୍ରାହ୍ମଧର୍ମ ଅନେକବର୍ଷାବଧି ପ୍ରଚରିତ ହୋଇଥିଲେ କେବଳ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ନବକୁମାରର ନାମକରଣ ଛଡ଼ା ଅନ୍ୟ କୌଣସି କ୍ରିୟା ଉକ୍ତମତରେ ସମ୍ପାଦିତ ହେବାର ଦେଖା ଯାଇ ନ ଥିଲା । ଗତ ବୁଧବାର ବାବୁ ମଧୁସୂଦନ ରାଓ ଆପଣା କନ୍ୟାଙ୍କୁ ବ୍ରାହ୍ମମତରେ ବିବାହ ଦେଇ ଓଡ଼ିଶାରେ ଗୋଟିଏ ନୂତନପ୍ରଥା ଚଳାଇଲେ । ମଧୁବାବୁ ଉତ୍କଳବାସୀ ମହାରାଷ୍ଟ୍ରୀୟ ବ୍ରାହ୍ମଣ ଏବଂ ତାହାଙ୍କ ଜାମାତା ବାବୁ ନନ୍ଦକୁମାର ମଜୁମଦାର ବଙ୍ଗଦେଶୀୟ ବ୍ରାହ୍ମଣ ସୁତରାଂ ଏ ବିବାହ କେବଳ ବ୍ରାହ୍ମମତରେ ହୋଇଅଛି ଏତକ ନୁହେଁ ଏଥିରେ ଜାତିଭେଦ ଓ ଜାତିର ଏକଟି ମେଳ ହୋଇଅଛି ଯାହାକି ବଙ୍ଗଳାରେ ସୁଦ୍ଧା ଅବଧି ହୋଇ ନାହିଁ କାରଣ ସେଠାରେ କେବଳ ସ୍ୱଦେଶୀୟ ଭିନ୍ନ ଜାତିମଧ୍ୟରେ ବିବାହ ହୋଇଅଛି । ମଧୁବାବୁ ଯେପରି ଯତ୍ନ ଓ ପରିଶ୍ରମପୂର୍ବକ ଆପଣା କନ୍ୟାଙ୍କୁ ସୁଶିକ୍ଷିତା କରିଅଛନ୍ତି ସେପରି ଯୋଗ୍ୟପାତ୍ର ପାଇଅଛନ୍ତି । ବଡ଼ ଆନନ୍ଦର ବିଷୟ ଅଟଇ ଏବଂ ଏ ମଙ୍ଗଳକାର୍ଯ୍ୟଟି ଯେମନ୍ତ ସୁନ୍ଦର ଓ ଶ୍ରୀଯୁକ୍ତରୂପେ ସମ୍ପାଦିତ ହେଲା ତାହା ଦେଖି ସର୍ବସାଧାରଣ ଅଧିକ ଆନନ୍ଦିତ ହୋଇଅଛନ୍ତି । ମଧୁବାବୁ ପତ୍ରଦ୍ୱାରା ଏବଂ ସ୍ୱୟଂ ଦ୍ୱାରସ୍ଥ ହେବାଦ୍ୱାରା ଏ ନଗରବାସି ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନ ସମସ୍ତ ସମ୍ପ୍ରଦାୟର ଅନେକ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିବାରୁ ପ୍ରାୟ ସମସ୍ତେ ଅନୁଗ୍ରହପୂର୍ବକ ଉପସ୍ଥିତ ହୋଇ ତାହାଙ୍କୁ କୃତାର୍ଥ କରିଥିଲେ ଏବଂ ଏହି ଅଭିନବକାର୍ଯ୍ୟରେ ସହାନୁଭୂତି ଥିବାର ଦେଖାଇଥିଲେ । ନୂତନ ଅନୁଷ୍ଠାନ ମଧ୍ୟ ଅନେକଲୋକଙ୍କ ଆକର୍ଷଣ କରିଥିଲା । ବିବାହସଭାଟି ସୁସଜ୍ଜିତ ଓ ଆଲୋକିତ କରିବାରେ କଷ୍ଟ ମାତ୍ର ତ୍ରୁଟି ହୋଇ ନ ଥିଲା । ବୃହତ ଚନ୍ଦ୍ରାତପତଳେ ତକାଇ ବସିବାରେ ଏକପାର୍ଶ୍ୱରେ ବିବାହବେଦୀ ପ୍ରସ୍ତୁତ ହୋଇଥିଲା ଏବଂ ତହିଁ ନିକଟରେ କେତେକଜଣ ବ୍ରାହ୍ମ ବସି ପ୍ରୟୋଜନମତେ ସଙ୍ଗୀତାଦି କରୁଥିଲେ ଏବଂ ଅବଶିଷ୍ଟ ସମସ୍ତସ୍ଥାନ ଦର୍ଶକବୃନ୍ଦରେ ପୂର୍ଣ ରହିଥିଲା । ସମସ୍ତ ଅଗଣା ଓ ସଡ଼କରେ ଶ୍ରେଣୀବଦ୍ଧ ଆଲୋକ ଦିଆଯାଇଥିଲା । ଏବଂ ବାଦ୍ୟ ଆତସବାଜି ଇତ୍ୟାଦିର ଅଭାବ ନ ଥିଲା । ସଂକ୍ଷେପରେ ସଭାଟି ଅତୀବ ମନୋହାରିଣୀ ହୋଇଥିଲା । ରାତ୍ରି ପ୍ରାୟ ଆଠଘଣ୍ଟା ସମୟରେ ଶୁଭକାର୍ଯ୍ୟ ଆରମ୍ଭ ହେଲା । ବର ଓ କନ୍ୟା ସଭାକୁ ଆନୀତ ହୋଇ ଏକପାର୍ଶ୍ୱରେ କନ୍ୟା ଓ ଅପରପାର୍ଶ୍ୱରେ କନ୍ୟାର ସମ୍ମୁଖରେ ବର ବସିଲେ । ଆଚାର୍ଯ୍ୟ ବାବୁ ନନ୍ଦଲାଲ ବନ୍ଦ୍ୟୋପାଧ୍ୟାୟ ବେଦୀ ନିକଟରେ ଏକ ଉଚ୍ଚ ଆସନରେ ବସିଲେ । କନ୍ୟାକର୍ତ୍ତା ଶୁଭବିବାହକାର୍ଯ୍ୟ ସମ୍ପାଦନ ନିମିତ୍ତ ସଭାସ୍ଥ ସମସ୍ତଙ୍କଠାରୁ ଅନୁମତି ଗ୍ରହଣପୂର୍ବକ କନ୍ୟାନିକଟରେ ବସିଲାରୁ ସଙ୍ଗୀତ ଓ ଉପାସନା ହେଲା । ତହିଁଉତ୍ତାରୁ ପୂର୍ବରୁ ବଙ୍ଗଳାଭାଷାରେ ସକଳକାର୍ଯ୍ୟ ହେଲା ପାଠକମାନଙ୍କ ଜାଣିବା କାରଣ ତହିଁର ଅନୁବାଦ ଏଠାରେ ପ୍ରକାଶ କଲୁଁ, ଯଥା ।

### ସମ୍ପ୍ରଦାନ ।

କନ୍ୟାକର୍ତ୍ତା—ଅଦ୍ୟ *ଓଁ ବ୍ରହ୍ମାବେ ଜ୍ୟେଷ୍ଠମାସେ ପଞ୍ଚ ... ବୁଧବାସରେ କୃଷ୍ଣପକ୍ଷେ ଦ୍ୱାଦଶୀ ତିଥିରେ ସର୍ବସାକ୍ଷି ପରମେଶ୍ୱରଙ୍କ

Split by PDF Splitter

Digitized by srujanika@gmail.com

Split by PDF Splitter



ପବିତ୍ର ସନ୍ନିଧାନରେ ସ୍ୱର୍ଗୀୟ ହରନାଥ-ମଜୁମଦାର ମହାଶୟଙ୍କ ପ୍ରପୌତ୍ର, ସ୍ୱର୍ଗୀୟ ରାମଚନ୍ଦ୍ର ମଜୁମଦାର ମହାଶୟଙ୍କ ପୌତ୍ର, ଶ୍ରୀ ହରଚନ୍ଦ୍ର ମଜୁମଦାର ମହାଶୟଙ୍କ ପୁତ୍ର ଶ୍ରୀମାନ୍ ଜୟଚନ୍ଦ୍ର ମଜୁମଦାର, ତୁମ୍ଭଙ୍କୁ ସ୍ୱର୍ଗୀୟ ସଦାଶିବ ଗୁପ୍ତ ମହାଶୟଙ୍କ ପ୍ରପୌତ୍ରୀ, ଶ୍ରୀ ଭାଗୀରଥି ଗୁପ୍ତ ମହାଶୟଙ୍କ ପୌତ୍ରୀ, ଅମୃତ ପ୍ରିୟତମା ଜ୍ୟେଷ୍ଠା ପୁତ୍ରୀ ଶ୍ରୀମତୀ ବାସନ୍ତୀ ବାଈଙ୍କ ଶୁଭପରିଣୟକାର୍ଯ୍ୟରେ ସମ୍ପ୍ରଦାନ କରୁଅଛୁଁ, ତୁମ୍ଭେ ଏହାଙ୍କୁ ଗ୍ରହଣ କର ।

ବର—ମଙ୍ଗଳମୟ ପରମେଶ୍ୱରଙ୍କ ପବିତ୍ର ସନ୍ନିଧାନରେ ଆମ୍ଭେ ଏହାଙ୍କୁ ଗ୍ରହଣ କରୁଅଛୁଁ ।

କନ୍ୟାକର୍ତ୍ତା—ତୁମ୍ଭେ ଆଧ୍ୟାତ୍ମିକ ଓ ସାଂସାରିକ କୌଣସି ବିଷୟରେ ଏହାଙ୍କୁ ଅତିକ୍ରମ କରିବ ନାହିଁ ।

ବର—ଆମ୍ଭେ ଅତିକ୍ରମ କରିବୁଁ ନାହିଁ ।

---

ପୁଷ୍ପମାଳାଦ୍ୱାରା ବର କନ୍ୟାଙ୍କ ହସ୍ତବେଷ୍ଟନ ଏବଂ ଗ୍ରନ୍ଥିବନ୍ଧନ ।

---

ଉଦ୍ୱାହ ପ୍ରତିଜ୍ଞା ।

ବର—ଅଦ୍ୟ ଆମ୍ଭେ ପବିତ୍ର ସ୍ୱରୂପ ପରମେଶ୍ୱରଙ୍କ ପବିତ୍ର ସନ୍ନିଧାନରେ, ତୁମ୍ଭଙ୍କୁ ଆମ୍ଭର ଧର୍ମପତ୍ନୀରୂପ ଗ୍ରହଣ କଲୁଁ ତୁମ୍ଭେ ଆମ୍ଭର ଧର୍ମପଥର ସଙ୍ଗିନୀ ଏବଂ ସର୍ବପ୍ରକାର ଉନ୍ନତିର ସହାୟ ସ୍ୱରୂପ ହୁଅ । ଆମ୍ଭେ ସର୍ବାବସ୍ଥାରେ ତୁମ୍ଭର ମଙ୍ଗଳସାଧନରେ ଯତ୍ନଶୀଳ ଓ ରତ ରହିବୁଁ । ଆମ୍ଭର ଯେ ହୃଦୟ ତାହା ତୁମ୍ଭର ହେଉ, ତୁମ୍ଭର ଯେ ହୃଦୟ ତାହା ଆମ୍ଭର ହେଉ, ଏବଂ ଆମ୍ଭ ଦୁହିଙ୍କ ମିଳିତହୃଦୟ ଈଶ୍ୱରଙ୍କର ହେଉ ।

କନ୍ୟା—ଅଦ୍ୟ ଆମ୍ଭେ ପବିତ୍ରସ୍ୱରୂପ ପରମେଶ୍ୱରଙ୍କ ପବିତ୍ର ସନ୍ନିଧାନରେ ତୁମ୍ଭଙ୍କୁ ଆମ୍ଭର ଧର୍ମପତି ସ୍ୱରୂପ ଗ୍ରହଣ କଲୁଁ ତୁମ୍ଭେ ଆମ୍ଭ ଧର୍ମପଥର ସଙ୍ଗୀ ଏବଂ ସର୍ବପ୍ରକାର ଉନ୍ନତିର ସହାୟ ସ୍ୱରୂପ ହୁଅ । ଆମ୍ଭେ ସର୍ବାବସ୍ଥାରେ ତୁମ୍ଭର ମଙ୍ଗଳସାଧନରେ ଯତ୍ନବତୀ ରହିବୁଁ ଆମ୍ଭର ଯେ ହୃଦୟ ତାହା ତୁମ୍ଭର ହେଉ, ତୁମ୍ଭର ଯେ ହୃଦୟ ତାହା ଆମ୍ଭର ହେଉ ଏବଂ ଆମ୍ଭ ଦୁହିଙ୍କ ମିଳିତହୃଦୟ ଈଶ୍ୱରଙ୍କର ହେଉ ।

---

ପ୍ରାର୍ଥନା ।

---

ବର—ହେ ମଙ୍ଗଳମୟ ପରମେଶ୍ୱର, ତୁମ୍ଭେ ଆମ୍ଭମାନଙ୍କର ଏହି ପବିତ୍ରବିବାହବ୍ରତ ପାଳନରେ ସହାୟ ହୁଅ ।

କନ୍ୟା—ହେ ମଙ୍ଗଳମୟ ପରମେଶ୍ୱର ତୁମ୍ଭେ ଆମ୍ଭମାନଙ୍କର ଏହି ପବିତ୍ରବିବାହବ୍ରତ ପାଳନରେ ସହାୟ ହୁଅ ।

---

ଅତଃପର ମାଲ୍ୟ ଓ ଅଙ୍ଗୁରୀୟ ବିନିମୟ ।

---

ସଂଗୀତ ।

---

ବର କନ୍ୟାଙ୍କ ପ୍ରତି ଉପଦେଶ ଓ ଶାନ୍ତିବଚନ ।

---

ହାତ ଗଣ୍ଠି ଓ ମାଳାବଦଳ ସମୟରେ ଅନ୍ତଃପୁରରୁ ଘନ ଘନ ଶଙ୍ଖଧ୍ୱନି ଓ ହୁଳହୁଳି ଶୁଣାଯାଉଥିଲା । ଶାନ୍ତିବାଚନ ହେବାରୁ ବର କନ୍ୟାଙ୍କୁ ଘରଭିତରକୁ ନେଇଗଲେ ଏବଂ ସଭାସ୍ଥ ବ୍ୟକ୍ତିମାନେ ଇତର ଲୋକଙ୍କ ଯେନ ପରମସନ୍ତୋଷରେ ଆପଣା ଆପଣା ଘରକୁ ଚାଲିଗଲେ । ଶେଷରେ କେବଳ ବ୍ରାହ୍ମ ଓ ଅପର କେତେକ ବନ୍ଧୁଙ୍କର ଭୋଜ ହୋଇଥିଲା ।

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଏ ନଗରରେ [illegible] ଗ୍ରୀଷ୍ମ ହୋଇଅଛି । ମେଘ ପ୍ରାୟ ପ୍ରତିଦିନ ଘୋଟିଥିଲା ମାତ୍ର ବୃଷ୍ଟି ହୋଇ ନାହିଁ ।

ଆମ୍ଭମାନଙ୍କ କଲେକ୍ଟର ସାହେବ ଗତ ବୁଧବାର ବାଲେଶ୍ୱରଠାରୁ ଫେରି ଆସି ଏଠା ସରକାରୀ କାର୍ଯ୍ୟ ଆରମ୍ଭ କରିଅଛନ୍ତି ।

ଗତ ବୁଧବାର ଶେଷରାତ୍ରରେ ନଗର ମେହଦିପୁରରେ ଗୋଟିଏ ଘର ପୋଡ଼ିଗଲା ।

ବିନୋଦବିହାରୀଙ୍କ ଚନ୍ଦନଯାତ୍ରା ଗତ ରବିବାର ଶେଷ ହେଲା । ସେ ଦିନ ଅନେକଗୁଡ଼ିଏ ଆଲୁଅ ବାହାରିଥିବାରୁ ରାତ୍ରି ଶେଷପର୍ଯ୍ୟନ୍ତ ରାସ୍ତା ଭିଡ଼ ହୋଇଥିଲା ।

ଏଠା ବିନୋଦବିହାରୀଙ୍କ ଚନ୍ଦନଯାତ୍ରା ଉପଲକ୍ଷରେ ବାଲୁବଜାର ଓ ବାଙ୍ଗାଳୀସାହିର ସଙ୍କୀର୍ତ୍ତନୀୟମାନେ ଠାକୁରଙ୍କ ସଙ୍ଗେ ଆସି ଜଗନ୍ନାଥମଣ୍ଡପଠାରେ ବସି ଗାଇ; ବଜାଇ; ଓ ସମୟେ ସମୟେ ଅଳ୍ପ ଲଢ଼ାଇ ମଧ୍ୟ କରିଥିବେ । ଶେଷଦିନ ଉଭୟଦଳର ଗାୟକ ଓ ବାଦ୍ୟକରଙ୍କର ପରୀକ୍ଷା ହୋଇଥିଲା । ବାଙ୍ଗାଳୀସାହିଦଳର ଗୁରୁ ବାବୁ ଅଗଣି ମହାନ୍ତିଙ୍କ ବାଦ୍ୟ ଓ ଓ ଗାୟନା ଶୁଣି ସମସ୍ତେ ଆନନ୍ଦିତ ହୋଇଥିଲେ । ବାସ୍ତବିକ ସେ ଯେପରି ପ୍ରେମ ଓ ଭକ୍ତିର ସହିତ ହରିନାମ କୀର୍ତ୍ତନ କରୁଥିଲେ ତାହା ଶୁଣିଲେ କାହାର ମନ ଆନନ୍ଦିତ ନ ହେବ? ଗାଇବା ଓ ବଜାଇବା ବିଷୟରେ ଏ ଉତ୍ତମ ଶିକ୍ଷା କରିଅଛନ୍ତି ।

କେନ୍ଦ୍ରାପଡ଼ାନାଳ ମରାମତି ଶେଷ ହୋଇ ଆଗାମୀ ରବିବାରଠାରୁ ଅଳେଙ୍ଗ ପର୍ଯ୍ୟନ୍ତ ଏବଂ ମଙ୍ଗଳବାରଠାରୁ ସମୁଦାୟ ଫିଟିବାର ବିଜ୍ଞାପନ ଦିଆଯାଇଅଛି ।

## କଲିକତା ଗେଜେଟ ।

ଅତିରିକ୍ତ ଡେପୁଟୀ କଲେକ୍ଟର ବାବୁ ପ୍ରାଣକୃଷ୍ଣ ବସୁ ଗତ ମଇ ମାସ ତା ୧୮ ରିଖରୁ ବାଲେଶ୍ୱର ଟ୍ରେଜରୀ ଭାର ପ୍ରାପ୍ତ ହୋଇଅଛନ୍ତି ।

ବାବୁ ଉମେଶଚନ୍ଦ୍ର ବଟବ୍ୟାଲ ଓ ବାବୁ କେଦାରନାଥ ରାୟ ବଙ୍ଗଳା ପ୍ରେସିଡେନ୍ସିର ଷ୍ଟାଟୁଟରି ସିଭିଲସର୍ଭିସ୍‌ର ସରଙ୍ଗ ପଦରେ ନିଯୁକ୍ତ ହୋଇଅଛନ୍ତି ।

ରାଜା ଶ୍ୟାମାନନ୍ଦ ଦେ ବାଲେଶ୍ୱରସ୍ଥ ଲୋକାଲ୍ ବୋର୍ଡର ମେମ୍ବର ପଦ ତ୍ୟାଗ କରିବାରୁ ତାଙ୍କ ସ୍ଥାନରେ କୁମାର ସତ୍ୟେନ୍ଦ୍ରନାଥ ଦେ ନିଯୁକ୍ତ ହୋଇଅଛନ୍ତି ।

---

ରୁଷିଆ ରାଜ୍ୟର ସୀମାରେ ଜର୍ମାନୀ ଏବଂ ଅଷ୍ଟ୍ରିଆର ହାଟମାନ ପୂର୍ଣ୍ଣ ହୋଇ ଯାଇଥିବାରୁ ତହିଁ ଉପରେ ଅଧିକା ମାସୁଲ ବସାଇବା କାରଣ ଉଭୟ ରାଜ୍ୟ ପ୍ରସ୍ତାବ କରୁଅଛନ୍ତି । [illegible] ବର୍ତ୍ତମାନ ।

୧୦ ବର୍ଷ କାରାଦଣ୍ଡପ୍ରାପ୍ତ ଜଣେ କଇଦୀ କଟକର ଜେଲଖାନାରୁ ଗତ ମଇମାସ ତା ୨୧ ରଖ ରାତ୍ର ଶେଷସମୟରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କର ପ୍ରାୟ ୫୮୮ ଟଙ୍କା ମୂଲ୍ୟର ଗୋଟିଏ ସୁନାର ଏବଂ ଗୋଟିଏ ରୁପାର ଜେବଘଡ଼ି, ଗୋଟି ଘଡ଼ିଜଞ୍ଜିର ଏବଂ ଲୁଗାମାନ ନେଇ ପଳାୟନ କରିଥିବାର ସମ୍ବାଦ ମିଳଇ । ଶେର ଖାଁ ବାହାଦୁର ମାତ୍ର ହେଲେ କ ହେବ ମାଲ ଯୋଗେ ଶୀଘ୍ର ଅନୁସନ୍ଧାନ ଲାଗିବାରୁ ନଗରର ଆଖପାଖ ଏବଂ ପାହାଡ଼ରେ ଧରା ପଡ଼ିଗଲା ।

କାସ୍ପିଆନଠାରୁ ସମରକନ୍ଦ ପର୍ଯ୍ୟନ୍ତ ଯେଉଁ ରେଲୱେ ନିର୍ମିତ ହେଉଅଛି ତାହା ଗତ ମଇମାସ ତା ୨୭ ଦିନରେ ଖୋଲା ହୋଇଥିବାର ସମ୍ବାଦ ମିଳଇ ।

ବହରମପୁରର ସବଜଜ ବାବୁ ନବୀନଚନ୍ଦ୍ର ଗାଙ୍ଗୁଲିଙ୍କୁ ସେ ସ୍ଥାନରୁ ବଦଳି କରିବା ମର୍ମରେ ସେଠା ଉକୀଲମାନେ ଆପଣା ମଧ୍ୟରେ ପାଞ୍ଚଥର ସଭା କରି ଧାର୍ଯ୍ୟ କରିଅଛନ୍ତି । ହାକିମମାନେ ଲୋକପ୍ରିୟତା ଗୁଣ ହରାଇ ଆପଣା ଗ୍ରାମରେ ରହିବା ବଡ଼ ଦୁଃଖର ବିଷୟ ।

ହାଇଦରାବାଦର ନବାବ ଅବଦୁଲହକଙ୍କ ସମ୍ବନ୍ଧରେ ଯେଉଁ ଦଲାଲ କମିଶନ ବସିଅଛି ତହିଁର ବିଚାରର ଧୂମଧାମ ଚଳି ଆସୁଥିବା ସମୟରେ ଏଣେ ଶୁଣାଯାଏ ଯେ ଅବଦୁଲହକ ଯେଉଁ ୧୨୫୦୦ ଅଂଶ ନିଜାମଙ୍କୁ ବିକ୍ରୟ କରିଥିଲେ ତାହାକୁ ଫେରାଇ ନେଇ ୧୫୧୭୩୧ ପାଉଣ୍ଡ ନିଜାମଙ୍କୁ ଦେଉଅଛନ୍ତି ମଧ୍ୟ ସାତଲକ୍ଷ ଟଙ୍କା ନଗଦ ଦେବାର ପ୍ରସ୍ତାବ କରୁଅଛନ୍ତି ସେ ଜଣେ ଆରବ ଜମାଦାର ଉପରେ ତାଙ୍କର ୫ ଲକ୍ଷ ଟଙ୍କାର ଡିକ୍ରୀ ଅଛି ତାହାକୁ ନିଜାମଙ୍କୁ ବିକ୍ରୟ କରି ଦେଇ ଅବଶିଷ୍ଟ ଛଅଲକ୍ଷ ଟଙ୍କାର ତାଙ୍କର ବୋମ୍ବାଇସ୍ଥ ସମୁଦାୟ ସମ୍ପତ୍ତି ଦେବାରେ ବନ୍ଧକନାମା ଦସ୍ତାବିଜ ଲେଖି ଦେବେ । ଏହିମର୍ମରେ ଏକରାରନାମା ଲେଖା ହୋଇଥିବାର ସମ୍ବାଦ ମିଳଇ ।

ଗତ ମଇମାସ ତା ୨୫ ଦିନରେ ଦିଲ୍ଲୀଠାରେ ପୁନର୍ବାର ତୋଫାନ ହୋଇଥିବାର ସମ୍ବାଦ ମିଳଇ । ଏଥିରେ କେତେକ ଘରର ଅଂଶିକ କ୍ଷତି ହୋଇଥିବାର କଥିତ ହୁଏ ।

ଆମ୍ଭମାନଙ୍କର ବଡ଼ଲାଟ ମହୋଦୟ ମହୀଶୂରର ମହାରାଜାଙ୍କୁ ଗୋ ୨ ଟି ସୁନ୍ଦର ଛବି ଭେଟି ଅଛନ୍ତି । ଅନ୍ୟଦିନ ତଳେ ବୋମ୍ବାଇର ଗବର୍ଣ୍ଣର ଲେ ମହୋଦୟ ତ୍ରିବାଙ୍କୁରର ମହାରାଜାଙ୍କୁ କେତେଗୁଡ଼ିଏ ଦ୍ରବ୍ୟ ଭେଟିଥିଲେ ।

Digitized by srujanika@gmail.com

Split by PDF Splitter



ମାନ୍ଦ୍ରାଜ ଶିକ୍ଷାବିଭାଗର ଡିରେକ୍ଟର ଏହି ହୁକୁମ ଜାରି କରିଅଛନ୍ତି କି ଅବାଧ୍ୟତା ଓ ଦାଙ୍ଗାହାଙ୍ଗାମକ ବ୍ୟବହାର ସକାଶେ ମାନ୍ଦ୍ରାଜ ଖ୍ରିଷ୍ଟିଆନ କଲେଜରୁ ଯେଉଁ ଛାତ୍ରମାନଙ୍କର ନାମ କଟାଯାଇଅଛି, ସେମାନେ ଅନ୍ୟ କୌଣସି ଗବର୍ଣ୍ଣମେଣ୍ଟ କଲେଜରେ ପଢ଼ି ପାରିବେ ନାହିଁ । ଛାତ୍ରଗୁଡ଼ିକଙ୍କର କେବଳ ଅନିଷ୍ଟ ହେଲା ।

ବୋମ୍ବାଇ ସହରରେ ଗୋଟିଏ ଭୀଷଣ ଅଗ୍ନିକାଣ୍ଡ ହୋଇ ଯାଇଅଛି । ଅନେକ ଗୁଡ଼ିଏ ଘର ପୋଡ଼ିଯାଇଅଛି ପ୍ରାୟ ପାଞ୍ଚଶତ ଲୋକ ନିରାଶ୍ରୟ ଅଛନ୍ତି ।

ମାର୍କିନଠାରେ ଏକଶତ ରମଣୀ ଉକୀଲ ହେବା ନିମନ୍ତେ ଆଇନ ଶିକ୍ଷା କରୁଅଛନ୍ତି । ଏମାନେ ଉକୀଲ ହେଲେ ମକଦ୍ଦମାର ଗତି କ'ଣ ହେବ ?

ଅହମଦାବାଦ ଅନ୍ତର୍ଗତ ସାବର୍ମତି ଷ୍ଟେସନଠାରେ ଗୋଟିଏ ଲୋମହର୍ଷଣ ହତ୍ୟାକାଣ୍ଡ ହୋଇ ଯାଇଅଛି । ଜଣେଲୋକ ତାହାର ଶ୍ୱଶୁରଘରୁ ସ୍ତ୍ରୀକୁ ଆଣିବାକୁ ଯାଇଥିଲା । କୌଣସି କାରଣରୁ ଶ୍ୱଶୁର ତାହାର ସ୍ତ୍ରୀକୁ ନ ପଠାଇବାରୁ ଜାମାତା ଘର ହୋଇ ନିକଟସ୍ଥ ଗୋଟିଏ ପଡ଼ିଆରେ ଅପଣାର ସ୍ତ୍ରୀକୁ ଦେଖିବାମାତ୍ରକେ ଶସ୍ତ୍ରଦ୍ୱାରା ତାହାର ମସ୍ତକ ଛେଦନ କଲା ; ଶ୍ୱଶୁର ଅପଣା କନ୍ୟାକୁ ରକ୍ଷାକରିବା ନିମନ୍ତେ ଅଗ୍ରସର ହେବାରୁ ସେ ମଧ୍ୟ ହତ ହେଲା । କେବଳ ଶାଶୁ ବଳରେ ଦୁଇ ଗୋଟି ଅଘାତ ପାଇ ପଳାଇଲା । ଅସାମୀ ନିଜେ ଯାଇ ପୁଲିସରେ ଆତ୍ମସମର୍ପଣ କରିଅଛି । କୁଆଡ଼ିଟି ଶୁଣକନ୍ତୁ ।

## ତଣାଦେଓ୍ୱା-ସମ୍ବାଦ ।

ବର୍ତ୍ତମାନ ଏସ୍ଥାନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଲୋକମାନଙ୍କୁ ଅନ୍ନକଷ୍ଟ ଯେପରି ବାଧୁଅଛି, ଜଳକଷ୍ଟ ତହିଁରୁ ବଳି ପଡ଼ିଲା । ପୁଷ୍କରିଣୀ ଓ ନଦୀମାନ ଏପରି ଶୁଷ୍କ ହୋଇଅଛି ଯେ, ଚଳନ କରିବାକୁ ଟିକିଏ ଜଳ ମିଳୁନାହିଁ । ବ୍ରାହ୍ମଣ, କରଣ ପ୍ରଭୃତି ଉଚ୍ଚଜାତୀୟ ଲୋକଙ୍କର କୂପଜଳ ସହିତ ବ୍ୟବହାର ମାତ୍ର ଚାଲିଛି କିନ୍ତୁ ପ୍ରଭୃତି ନିମ୍ନଶ୍ରେଣୀସ୍ଥ ଲୋକଙ୍କର କଷ୍ଟର ପରିସୀମା ରହୁ ନାହିଁ । କାରଣ ସେମାନେ ଏଥିରେ ଅସ୍ପୃଶ୍ୟ ରହିବାରେ ବୁଝି ପଡ଼ନ୍ତି, ଏଣୁକରି ସେମାନଙ୍କୁ ଜଳକଷ୍ଟ ଅତ୍ୟନ୍ତ ବାଧୁଅଛି । ଏସ୍ଥାନର ଜମିଦାର ମହାଶୟମାନେ ପ୍ରଜାମାନଙ୍କର ଏତାଦୃଶ କଷ୍ଟ ସମୟରେ ଏଥିର କିଛି ସୁବନ୍ଦୋବସ୍ତ ନ କରିବା ବଡ଼ ଦୁଃଖର ବିଷୟ ଅଟେ ।

ଅଳ୍ପ ପ୍ରାୟ ୧୨ ଦିନ ହେବ ବଳମାଳିପୁର ନିକଟବର୍ତ୍ତୀ "ପଇତପାଟଣା" ନାମକ ଗ୍ରାମରେ ଦିବା ୧୨ ଘଣ୍ଟା ବେଳେ ଅଗ୍ନିଲାଗି ପ୍ରାୟ ୩୦୦ ଘର ଭସ୍ମସାତ୍ ହୋଇଅଛି । ଏଥିରେ ପ୍ରାୟ ୧୦୦୦୦ ଟଙ୍କାର ସମ୍ପତ୍ତି ବିନଷ୍ଟ ହୋଇଅଛି । ଓ ଦଶ ଗୋଟି ବାଳକ ନିଦ୍ରାବସ୍ଥାରେ ସେହି ସମୟରେ ଦଗ୍ଧ ହୋଇ ଭସ୍ମୀଭୂତ ହୋଇଅଛନ୍ତି । ଅଗ୍ନିଦେବତାଙ୍କର ଏବର୍ଷ ଏତେ କୋପ କାହିଁକି ?

"ପକାରପଡ଼ା" ନାମକ ଗ୍ରାମରେ ଜଣେଲୋକ ସାଢ଼େ ଗୋଡ଼ିଏ ଏକ ବୃହତ ମହାଦେବମୂର୍ତ୍ତି ପାଇଅଛି । ଦେଖିବା ବଡ଼ କୌତୁକ ।

ଏସ୍ଥାନଠାରୁ ଅନତିଦୂର ଜଗନ୍ନାଥପୁର ଗ୍ରାମରେ ପଦ୍ମନାଭ ଦାସ ନାମକ ଜଣେ କବିରାଜ ମହାଶୟ ଅତଃଅନ୍ତ ଔଷଧ ଦ୍ୱାରା ନାନାପ୍ରକାର ଉତ୍କଟ ଓ ଦୁଃସାଧ୍ୟ ରୋଗମାନ ଆରୋଗ୍ୟ କରୁଅଛନ୍ତି । ଔଷଧ ସେବନେଚ୍ଛୁକବ୍ୟକ୍ତିମାନେ ରୋଗର ବୃତ୍ତାନ୍ତ ଉକ୍ତମହାଶୟଙ୍କୁ ଜଣାଇଲେ ସେ ଅଳ୍ପମୂଲ୍ୟରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଦେବେ ।

ପଣ୍ଡାକେ ଗ୍ରାମରେ ଜଣେ ବାଉରିର ଗୋଟିଏ ଛେଳି କ୍ଷେତ୍ରରେ ୨ ଗୋଡ଼ା ଛୁଆ ଜାତ ହୋଇଅଛି । ଏ ଅଶ୍ଚର୍ଯ୍ୟ ଏପରି ଘଟଣା କେବେ ଦେଖା ନ ଥିଲା ।

## ଯାଜପୁର ସମ୍ବାଦ ।

ଏବର୍ଷ ଅତିଶୟ ଗ୍ରୀଷ୍ମ ହେବାରୁ ଲୋକମାନେ ନାନାପ୍ରକାର କଷ୍ଟ ଭୋଗ କରୁଥିଲେ ଓ ପୀଡ଼ାଗ୍ରସ୍ତ ହେଉଥିଲେ ଓ ବୃଷ୍ଟିଜଳ ଅଭାବରେ କୃଷିକାର୍ଯ୍ୟ ହୋଇ ପାରୁ ନ ଥିଲା ଓ ଜଳ ଅଭାବେ ସରକାରୀ ପ୍ରଭୃତି କେତେକ ଉପନଦୀମାନ ଶୁଖିଗଲା ଓ ବାଙ୍କୀବାଇତରଣୀ ପ୍ରଭୃତି କେତେକ ନଦୀରୁ ପାରକାର ଲୋକମାନେ ଓ ଅନ୍ୟାନ୍ୟ ଜୀବଜନ୍ତୁମାନେ ପ୍ରାଣ ଧାରଣ କରିବାର ସଂଶୟ ହେଉଥିଲା କିନ୍ତୁ ସୁଖର ବିଷୟ ଯେ ଗତ ପୂର୍ଣ୍ଣିମାଦିନଠାରୁ ଅଦ୍ୟ ପର୍ଯ୍ୟନ୍ତ ସମୟେ ସମୟେ ଉତ୍ତମ ବୃଷ୍ଟି ହେଉଥିବାରୁ ଲୋକମାନେ ଏକପ୍ରକାର ସୁଖରେ ଥାଇ କୃଷିକାର୍ଯ୍ୟରେ ନିମଗ୍ନ ଅଛନ୍ତି । ଏ ବର୍ଷ ଯେପରିମାନ ଘରପୋଡ଼ି ହେଉଥିଲା ବର୍ତ୍ତମାନ ବୃଷ୍ଟି ଯୋଗେ ତାହା ନିବାରଣ ହୋଇଅଛି । ଏ ଅଞ୍ଚଳରେ ଏ ବର୍ଷ ବଣେଷ ଅମ୍ବ ଫସଲ ହୋଇଥିବାରୁ ପ୍ରଚୁର ପରିମାଣ ପ୍ରାପ୍ତହୋଇଅଛି ଓ ମଧ୍ୟ ବର୍ତ୍ତମାନ ଦରେଣରୁ ବହୁପରିଣରେ ଅମ୍ବ ୪ ନଗର ଭଙ୍କୁ ଆମଦାନୀ ହେଉଅଛି ।

ବର୍ତ୍ତମାନ ବୃଷ୍ଟି ହେଉଥିବାରୁ ସବ୍ ଡିବିଜନ ଅଫିସର ଅହଠାରୁ ସକାଳବେଳେ ବାଦ ଦେଇ ତଣାଠାରୁ କଚେରୀ କରୁଅଛନ୍ତି ।

ଏ ନଗରସ୍ଥ ବାଣିଜ୍ୟମାନ୍ତ୍ରି ମହାଜନାର ସ୍ୱର୍ଗୀୟ ଲାଲଚାନ୍ଦର ବାବୁ ପ୍ରସନ୍ନକୁମାର ପାଲ ଗତ ଚୈତ୍ରପୂର୍ଣ୍ଣିମାଠାରୁ ବୈଶାଖ-ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକମାସ କାଳ ଆପଣା ବ୍ୟୟରେ ବ୍ରାହ୍ମଣ-ପଣ୍ଡିତ ନ ୩ ଜଣଙ୍କ ଦ୍ୱାରା ବାରସ୍ଥର ଶ୍ରୀମଦ୍ଭଗବତ ସମ୍ପୂର୍ଣ୍ଣ ଭାଷାରେ ପାରାୟଣ କରାଇବାରେ ବାବୁ ହୋଦୟ ବହୁ ପରିମାଣ ଅର୍ଥବ୍ୟୟ କରିଅଛନ୍ତି ଓ ସମାପ୍ତ ଦିବସ ଏ ନଗରର ଭାବଗ୍ରାହୀ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିଥିବାରୁ ଦୟାଳ ଥିଲେ ଓ ଅଗଣିତ ବ୍ରାହ୍ମଣ ଓ କାଙ୍ଗାଳ ପ୍ରଭୃତିଙ୍କୁ ଆହାର କରାଇ ପଇସା ଓ କପଡ଼ା ଓ ବାସନ ଇତ୍ୟାଦି ବିତରଣ ପଣ୍ଡିତବ୍ରାହ୍ମଣ ଭଦ୍ରଜଣଙ୍କୁ ଯଥେଷ୍ଟରୂପ ଦକ୍ଷିଣା ଦେଇଅଛନ୍ତି ।

ଏସବ୍‌ଡିବିଜନ ଜେଲଖାନା ମଧ୍ୟରେ କଏଦୀ ଠକ ପିତଳର ଘଡ଼ିଏ ଜଗୁଆ ଏଥିରୁ ଚୋରି କରି ଅଳ୍ପମୂଲ୍ୟରେ ଲୋକମାନଙ୍କୁ ଦେଇ ଏହ ବ୍ୟବସାୟ କରିଥିଲେ କୌଣସି ପ୍ରକାରରେ ଅବଧି ସେମାନଙ୍କ ଧରି କେହି ଧରି ହୋଇ ପାରି ନ ଥିଲେ ଏକଦିନ ଜଣେ ଦଳର ଉଦାହରଣ ଠକ ହୋଲାସ୍ଥାନ ପ୍ରକାର ଏକ କାଣିପିତଳ ଏକ ଷଣ୍ଢ-ସ୍ଥାନ ବଜାରରେ ବେଶିକିଛି ଦାନ୍ତ ଅଳ୍ପ ମୂଲ୍ୟରେ ମୁଦ୍ରାରେ ଦେବାକୁ କହିବାରେ ସେ ଲୋକ ଲୋଭ କରି କିଣିବାକୁ ଅଙ୍ଗୀକୃତ ହେଲା ଏବଂ ଉକ୍ତ ଲୋକ ନ ଜେଲେ ଲୁଚାଇ ତାହା କେଉଁ ଠାବରେ ଅଛି ସନ୍ଦେହ କରି ତାହା ଥାନାରେ ଉକ୍ତ ଦିଇଥିଲେ ନାଜ ରେଓ ଉକ୍ତ କଏଦୀ ପାଖରେ ଏବଂ ଦରଜ ୫ ୮ ଟା ଓ ତାହା-ଙ୍କାନରୁ ମୁଦ୍ରାଲୋଭ ହାତ ଲଗ ନେଇ ବଜାରରେ ସମୟେ ଉକ୍ତ ପିତଳ ଭାବ ଓ ଗ୍ରାମଲୋକମାନେ ତାହା ନିକଟରୁ ଅଧିକ ଦର ଭାଣ ଡାକାଇ ପ୍ରକାଶ ଶୁଣି ପଡ଼ାଇ ପାଇଦେବା ଠକମାନଙ୍କୁ ଲୋକ ନିକଟରୁ ଯେଉଁ ପିତଳପାତ୍ର କିଣି ପୁଲିସହସ୍ତରେ ଅର୍ପଣ କରିବାରେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅସାମୀ ସବ୍‌ଡିବିଜନ ଅଫିସରଙ୍କ କଚେ-ରୀରେ ଦୁଇବର୍ଷ କଏଦ ଓ ଆଠଖାଲର ଓ ପ୍ରତ୍ୟେକେ ୫୧୦ କୋ ଲୋଏ ଅର୍ଥଦଣ୍ଡ ପ୍ରାପ୍ତ ହୋଇଅଛନ୍ତି ଏଥରେ ପୂର୍ବରୁ ଏପରି କେବଳ ଲୋକଙ୍କୁ ଠକୁଅଛନ୍ତି ।

ଏଜନାବସରେ ଏ ନଗରରେ ୪୦୦ଜଣ ଅତିସାର ହୋଇଅଛି ତାହାର ଲୋକମାନଙ୍କର ଏକ ଘଟେଇ ମୃତ୍ୟୁ ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନାହୁଁ ।

---

ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ-
ମହାଶୟ ସମୀପେଷୁ

ମହାଶୟ !

ଅମ୍ଭର ଏ ବାଲିପଟ୍ଟନା ପୋଷ୍ଟାଫିସ-ପ୍ରସାଦରୁ ଅମ୍ଭେମାନେ ଚିଠି ପତ୍ରଗୁଡ଼ାକ ଅତି ଶୀଘ୍ର ପାଉଅଛୁଁ । ମାତ୍ର ଏ ବୃହତ ଅଫିସକୁ ୬।୭ ଜଣ ପିଅନ ଓ ୩।୪ ଟା ପୋଷ୍ଟ-ମାଷ୍ଟର ଆବଶ୍ୟକ । ଏହା ହେଲେ ଅଧିକ ଶୀଘ୍ର ଚିଠି ପାଇବାର ଆଶା ଥିବ । ପାଠକେ ଅମ୍ଭର ପୁଲିସମ୍ଭାମରୁ ଅପ୍ରେଲମାସ ତା ୧୬ ରିଖରେ ଖଣ୍ଡେ ପୋଷ୍ଟକାର୍ଡ ପତ୍ର ଆସିଥିଲା, ସେ ପତ୍ର ଅମ୍ଭେ ସେହି ମାସ ତା ୨୩ ରିଖରେ ପାଇଲୁଁ । ଦେଖନ୍ତୁ ! ଏହି ସାତଦିନ ମଧ୍ୟରେ ମା ୨୪ ଇଞ୍ଚ ବାଟ କିପରି ଥାଇ ଅଇଲା । ଏ ଅଫିସରେ ଆଉ ଗୋଟିଏ ନୂତନ ନିୟମ ଜାରି ହୋଇଅଛି, ପ୍ରତ୍ୟେକ, ବେୟରିଂଚିଠିର ମାସୁଲ ଏକଅଣା ସ୍ଥଳେ ପାଞ୍ଚପଇସା ଦେବାକୁ ହୁଏ । ଉତ୍କଳଦୀପିକା ପ୍ରଭୃତି ମାସୁଲଶୂନ୍ୟଚିଠିର ମାସୁଲ ନ ଥିବାରୁ ପିଅନବାବୁ ନିଜେ ନ ଆଣି ଅନ୍ୟଲୋକ ହସ୍ତରେ ପଠାଇ ଦଅନ୍ତି । ଏପରି କରିବାରେ ଅମ୍ଭେ ଖଣ୍ଡ ଖୋଲା ଉତ୍କଳ-ଦୀପିକା ପାଉଅଛୁଁ । ମାତ୍ର ତାହା କିଏ ଖୋଲିଅଛି ତହିଁର କିଛି ସ୍ଥିରତା ମିଳୁ ନାହିଁ । ଭରସା କରୁଁ ଡାକଇନ୍‌ସପେକ୍ଟର ସୁପରିଣ୍ଟେଣ୍ଡେଣ୍ଟ ମହାଶୟ ଏ ବିଷୟରେ ଉଚିତ ବିଚାର କରିବେ ।

ଏକାନ୍ତ } ଲକ୍ଷ୍ମଣପଣ୍ଡା,
ବଶମ୍ବଦ } ଚଣାଦେଓ୍ୱା ।

---

ମହାଶୟ !

ଏହି ନିମ୍ନଲିଖିତ ଲେଖାପତ୍ର ଶବ୍ଦର ବ୍ୟାଖ୍ୟା ପଦ୍ୟକୁ ଆପଣଙ୍କ ଉତ୍କଳଦୀପିକାରେ ପ୍ରକାଶ କରିବା ହେବେ ।

ଶ୍ରୀଗ ଗ୍ରାମକେଶ୍ୱ ।

ଶୁଦ୍ଧବର୍ଣ୍ଣେ ବେନି ଅବଦ ବନ ଲୁଚିଲକ ।
ସମ ହେଲେ ନାମ ପ୍ରକାଶ ହେଲେ ହମାରଲର ।
ସେ କ ନେ ବ ଲେ ର ଅହେରେ ନେତାପରୁ
ହୋଇବ । ଉପେ ଭଲେ ଲେଖି ଦେଖିଲେ ଭର୍ଣ୍ଣ
ଭଙ୍ଗ ଥାଏ । ସ କ ବର ମଣି ପଦକ କଲେ ଦୃଷ୍ଟି-
ପଡ଼ନ୍ତ । ବହନ୍ତ ସକଳଲୋକରେ ଏକ ଚରଣର-
ନା । ପୁଣି ଭକ୍ତିମନେ ଲେଖିଲେ ସେହି ପଦ ନ ମାର

Digitized by srujanika@gmail.com

ଜଳରୂପେ ଦେଖା ଯାଇବ ନରବରଭୂମାଂଶ୍ଚ ।
ସ୍ୱ କର ସମ୍ଭ୍ରମ ହୋଇଲେ ଗବ୍ୟ ଭକ୍ଷ୍ୟ ଦଇବ
ମନେ କରି ପଶୁ ତୁଲକେ ମାସେ ହୋଇବରବ ।
ସର୍ବର୍ଦ୍ଧେ ବ୍ୟଞ୍ଜନ ବଦଳ କଲେ ଦେଖା ଉପିତ
ଏକାମାଶ ତାହା ଗୋଚର ନୁହେ ମହାପାପିତ ।
ମଧ୍ୟନ୍ତପି ବେଦ ଚତୁର୍ଥ ସଙ୍ଗେ କଲେ ମିଳନ
ସ୍ୱୟମ୍ଭ ସ୍ୱାମୀ ସେଠାରେ କରୁଛନ୍ତି ଖେଳନ ।
ସେ ବଶୁର ହେଲେ ପ୍ରଥମେ ଜାସେ ପସେ ସହିତେ
ଷଡ଼ାରକଛେଦ ଧରିଲେ ତାହାମଧ୍ୟ ନ ହଜେ
ସମସ୍ତ ପଢ଼ିଲେ ହୁଅନ୍ତି ନରକେଶରୀ ହୃତ
କେତେଣେ ଯାଏ ତାହିଁ ନୋହିଲେ ଅସ୍ପଷ୍ଟ ସହିତ ।
ବସନ ଭୂଷଣେ ବିଶେଷ କ୍ଲେଶବୋଧୀ ରମଣୀ
ଲୁଷିତା ବରଜ ବ୍ୟଞ୍ଜନ ପଦ ଅଧମ ମଣି ।
ସେ ପଦରେ କରୁ ଆଦର ଶ୍ରୀପଦରେ ମଦରେ
ବେଦଜ୍ଞ ଦରଶାସ୍ତ୍ର ଅଦର ହୋଇ ବାଦବାଦରେ ।

ବଶମ୍ବଦ

ଶ୍ରୀ ପାରେଶ୍ୱର ସେନାପତି ।

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୋପାଳଚରଣ ଦାସ | କଟକ | ଅଗ୍ରିମ | ଟ ୧ |
| „ ଗୋକୁଳାନନ୍ଦ ଚୌଧୁରୀ | କଟକ | ବକେୟା | ଟ ୩ |
| „ ଚନ୍ଦ୍ରଚରଣ ଦାସଗୋପ | „ | ଅଗ୍ରିମ | ଟ ୩ |
| „ ନାରାୟଣ ପ୍ରସାଦ ମିଶ୍ର | „ | „ | ଟ ୧ |
| „ ଗୋପୀନାଥ ମହାନ୍ତି | ନାରଣପୁର | „ | ଟ ୩ |
| „ ବୃନ୍ଦାବନଚନ୍ଦ୍ର ନାୟକ | ଜଗନ୍ନାଥପୁର | „ | ଟ ୩ |
| „ ସର୍ବାନନ୍ଦ ସିଂହ | ଐ | „ | ଟ ୩ |
| „ ଚନ୍ଦ୍ରଶେଖର ଘୋଷ | ଐ | „ | ଟ ୧ |

# ବି ଜ୍ଞା ପ ନ ।

ଉତ୍କଳ ଇତିବୃତ୍ତର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଦୁଇ ଅଣା, କଟକ-ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ । ଏହା ଅପର ପ୍ରାଇମେରୀ ପରୀକ୍ଷାର ପାଠ୍ୟପୁସ୍ତକ ନିର୍ଦ୍ଦିଷ୍ଟ ହୋଇଅଛି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ ଜନ୍ୟ ନ କରି ଛାତ୍ରମାନେ ଉତ୍କଳ ଇତିବୃତ୍ତ ଜନ୍ୟ କଲେ ବିଶେଷ ଲାଭବାନ୍ ହେବେ । କାରଣ ଓଡ଼ିଶା ଇତିହାସର ମୂଲ୍ୟ ଟ ୦ । ଅଣା, ମାତ୍ର ଉତ୍କଳ ଇତିବୃତ୍ତର ମୂଲ୍ୟ ଟ ୦୵ ଅଣା ଅଟେ । ଓଡ଼ିଶାଇତିହାସର ଯେଉଁ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି ତାହା ଇତିବୃତ୍ତ ସଙ୍ଗେ ଏପରି ଐକ୍ୟ ହୋଇ ମୁଦ୍ରିତ ହୋଇ ଅଛି ଯେ ତାହାର ପ୍ରତି ନକଲ ଏବଂ ପ୍ରତିପଦ ଇତିବୃତ୍ତର ଅନୁକରଣ ଏବଂ ପ୍ରତିପଦ ସଙ୍ଗେ କୌଣସି ପାର୍ଥକ୍ୟ ନାହିଁ । ଛାତ୍ରମାନେ ଦୁଇ ଅଣାର ପୁସ୍ତକ ଜନ୍ୟ କରି ଯାହା ପଢ଼ିବେ ଚାରିଅଣାର ପୁସ୍ତକରେ ମଧ୍ୟ ଅବିକଳ ସେହିତା ପଢ଼ିବେ ।

୪ । ୬ । ୮୮ } ଶ୍ରୀ ସୀତାନାଥ ରାୟ ।
ବାଲେଶ୍ୱର }

ସ୍କୁଲବୁକ ସୋସାଇଟୀ ଦ୍ୱାରା ନିମ୍ନଲିଖିତ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି :—

| | |
|---|---|
| କ୍ଷେତ୍ରପରିମାଣ | ମୂଲ୍ୟ ଟ ୦ । |
| ସରଳଭୂଗୋଳ | ଟ ୦ ୵ |
| ଓଡ଼ିଶାଭୂଗୋଳ | ଟ ୦ ୵ ୧୦ |
| ଜଡ଼ବିଜ୍ଞାନ | ଟ ୦ ୲୵ |
| ଶିକ୍ଷାବିଧାନ | ଟ ୦ ୲ |

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

NOTICE.

The public are hereby informed that 50 students will be admitted half free and three fourth free into the Cuttack Peary Mohun Academy at the commencement of the next sessions in consideration of their indigent circumstances. Students intending to prosecute their studies are requested to apply to the undersigned with certificates of their circumstances before the 30th June 1888.

Cuttack } Krishna Chandra Mahanti
5-6-88 } *Secretary.*
*Managing Committee*
*P. M. Academy.*

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ପ୍ୟାରୀମୋହନ ଏକାଡେମୀରେ ନ ୫୦ ଜଣ ଛାତ୍ର ଅବସ୍ଥାଦୃଷ୍ଟିରେ ଅର୍ଦ୍ଧ ଓ ଏକ ଚତୁର୍ଥାଂଶ ବେତନରେ ଗୃହୀତ ହେବେ । ଉକ୍ତ ବିଦ୍ୟାଳୟରେ ପ୍ରବେଶାର୍ଥୀ-ଛାତ୍ରମାନେ ଚଳିତ ଜୁନମାସ ତା ୩୦ ରିଖ ପୂର୍ବରୁ ଅବସ୍ଥାର ସାର୍ଟିଫିକେଟ ସହିତ ଅମ୍ଭ ନିକଟରେ ଆବେଦନ କରିବେ ।

କଟକ } ଶ୍ରୀକୃଷ୍ଣଚନ୍ଦ୍ର ମହାନ୍ତି-
୫।୬।୮୮ } ସମ୍ପାଦକ,
ମେନେଜିଂ କମିଟୀ,
ପ୍ୟାରୀମୋହନ ଏକାଡେମୀ ।

ବିନା ମୂଲ୍ୟରେ ବିତରଣ ।

ତତ୍ତ୍ୱବୋଧିନୀ ନାମକ ପୁସ୍ତକଖଣ୍ଡି ଉତ୍କଳ-ଦେଶରେ ବିତରଣ କରିବା ପାଇଁ ବହୁପ୍ରୟାସ-ସହିତ ପ୍ରକାଶ କରୁଅଛୁଁ; ମହାତ୍ମାମାନଙ୍କୁ ଅନୁରୋଧ ଯେ, ଏହି ପୁସ୍ତକକୁ ଖଣ୍ଡିଏ ନେଇଯାଇ ଯେଉଁ ପଠନ କରନ୍ତୁ ଯତ୍ନରେ ତ ଆମ୍ଭର ଶ୍ରମ ସଫଳ ହେବ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁସ୍ତକ ପ୍ରାପ୍ତବ୍ୟ କେବଳ ଡାକମାସୁଲ ନିମିତ୍ତ ଦୁଇପଇସା ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏବଂ ବାଲେଶ୍ୱରର ସମ୍ପାଦକାହାଙ୍କ ଅଫିସରେ

ଶ୍ରୀଯୁକ୍ତ ରାମଚନ୍ଦ୍ର ସାବ
ନନାଦେବ
ବାମଣ୍ଡା
ତା ୧୪।୫।୮୮

# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଛି, ବି, ସାହାଙ୍କ ସାମେଉଟାଲବନ୍ଦି ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେଉଚନ୍ଦି, ଫୁସଫୁସ ଓ ଯକୃତ ଉତ୍ତମରୂପ ଚାଳିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରି, କୃମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରରିକ ଘା, ଶୁକ୍ରସମ୍ବନ୍ଧୀୟ, ମୂତ୍ରରେ କ୍ଲେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଛି, ବି, ସାହାଙ୍କ ସାମାଉଟାଲ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ଘୋଡ଼ା ଘା, ବହୁଦିବସର ଘା, ପୀଡ଼ାଦାୟକ ଘା, କୃମି, କୁଣ୍ଡିଆ, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଣ୍ଡଗଣ୍ଠିପୀଡ଼ା, ବାତ, ଗରମି ଘା, ଓ ନାନାନ୍ତ ମନପ୍ରକାର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩, ୫ ଓ ୧୦ ଟା ଅଟେ ଏତଦ୍ବ୍ୟତୀତ ପଠା-

Split by PDF Splitter
Digitized by srujanika@gmail.com

ଉତ୍ତାପାଇଁ ଟ ୦ । ଡାକମାଶୁଲ ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ } ଏ, ହି, ମଣ୍ଡଳ
କସ୍ତନଗର }

## NOTICE.

Keys to Royal Readers No. II and III ( New Series ) containing notes will soon be ready.

To be had at the Printing Company Cuttack.

GOWRI SUNKER ROY
*Secretary.*

## ମେହରୋଗ ।

ସର୍ବଶାସ୍ତ୍ରରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଦ୍ଧାର କୌଶଳ ବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାୟେ ଜୀବନର ମାୟା ପରିତ୍ୟାଗ କରିବା ନାହିଁ ।

ଏହି ଔଷଧ ପରୀକ୍ଷାରେ ଏକ ସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ କିମ୍ବା ହେଉଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧର ଗୁଣ ବିଷୟରେ ପରୀକ୍ଷା ନ ହେଲେ ଜାଣି ହେବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଆହେରିଟୋଲା ୫୩ ନମ୍ବର ଭବନରେ ଏ, କେ, ସରକାର କମ୍ପାନିଙ୍କଠାରେ ଏବଂ କଟକ ଚଉଧୁରୀବଜାର ଶ୍ରୀଗଙ୍ଗାଧର ମିଶ୍ରଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକ ଶିଶିର ଟ ୨ୟ ଟା । ପ୍ୟାକିଂ ଓ ଡାକମାଶୁଲ ପୃଥକ୍ ।

## ତାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚଉଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ବାବୁ ଅର୍ଦ୍ଧେନ୍ଦୁ ଦାସ ଦାଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୫ ପଣି ଫାଇ | ପ ୧୪ ଟ ୨୮୬/ | ନ ୧୬ ଟ ୦ ୶/୬ | |
| ୧୮ ପଣି „ | „ ଟ ୨ୟ | „ ଟ ୦ ୬/୧୦ | |
| ୧୬ ପଣି „ | „ ଟ ୨। | „ ଟ ୦ ୬/ | |
| ୨୦ ପଣି „ | „ ଟ ୨। | „ ଟ ୦ ୶/୬ | |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୧ ୫ ମ ତା ଅଧିକ କ୍ରୟ କରିବେ ଅଧିକ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମଲ୍ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନଖଦୋଣୀ ଓ ବଡ଼ଗା ଓ ରେଶମୀଓଟେଗର ଲୁଗା ଓ ଷ୍ଟେସନରୀ ଓ ବହି ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭବ ଅନ୍ୟ କେତେକ ଫେସନ ଜିନିଷାଦି ବିକ୍ରୟ ସହାୟେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଚଲେଇ ଖାଡ଼ି ବିକ୍ରୟ ସହାୟେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାହା ବିକ୍ରୟ କରାଯିବ । ଯଦି କିଛି ଖାଡ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସହାୟେ ବରା ଇଚ୍ଛାନ୍ତି ତେବେ ଏକ ସପ୍ତାହକୁ ଟି ବର୍ଣ୍ଣ ଟ ୦୶/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖଣ୍ଡିଆଳିଙ୍କ ଗାଡ଼ି ଭାଙ୍ଗ ଉପରେ ଥିବ । ଖଣ୍ଡ ହେଲେ ଖାଡ଼ିର ପୂର୍ଣ୍ଣ ମୂଲ୍ୟ ଦାବି ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| ବନାତ ଶେଣଣା ତ ତଳ୍ପରେ ସୂତ ଦେଲେ ସ୍କେଲ । | କାଚ ଶିଶା ଓ ଚନ୍ଦ୍ର ଉଇଜ ଓ ଶାଡ଼ୀ |
| ବସେରକାଠ | ବସନ ବେଦେଲ |
| କଟେଡ଼ିନ ଚେଲ ନାପଦା ଖେଳ ଖାପା ଓ କୋଣା ସହିତ । | ଉଜଳ ବୁଲଫକ୍ରସ |
| ପ୍ରେଂ ଅର୍ଥାତ୍ କବଣା କପଡ଼ା କାଗଜ ପେନ୍ସିଲ ଓ କଲମ । | ଏକପଣ ହୁଣ |
| ସୋନସିଲ କାଟିବା ସବୁ । | କେଲଶଲ ଉପୋଲ ବନ୍ଧ କେବଳ ଅଦେ |
| ନାନା ପ୍ରକାରର ଚଉଁର କାଗଜ ଓ ଲଫଫା | ମାର୍ଜ୍ଜିଂ ଲାଇଡ଼ି ଦୁଆତେ ବନ୍ଧ ଦେଲେ ଯେତା ସବୁ କରିଲ ହେବ ନାହିଁ । |
| ଷ୍ଟେପି ଲୁଥ | ଏ, ହୋଷଙ୍କ ସମ୍ପାଦିତ କାଳୀଜ ଓ ବୃନ୍ଦା । |
| ତିକର ବୁଲ । | ବନ୍ଧ ଅବର୍ଣ୍ଣ ଏକଳ ଲାଇନ । |
| ବସ୍ତା ସାବୁନ । | ସ୍ୱଅଳ ପେନ । |
| ବାକ୍ସ ଖବାଳ ସର୍ଚ୍ଚ ଦେଲେ ବୁଲା ପରସ୍ଥାନ ହୁଏ । | ଅଷ୍ଟଦେଖିବ ପେନ୍ସିଲ ଅଛି ଏ ପେନ୍ସିଲରେ ଲେଖି କଟିଣ ପେଣ ଭଲ ହଲାଇ ଦେଉ ପେନ୍ସିଲ ଦେଖା ନ ଦେଲେ ବେଳ ଉପାଳ ଦେଲେ ତହିଁରେ ଲଳ ଲରେ । |
| ଅକ୍ଷର ଗ୍ରେଟ—ଅର୍ଥାତ୍ ସୁନ୍ଦରୀ କୁଲା । | |
| ଅବଲ ଲୁଥ । | |
| ଓଁାଟିଲି ଗୁଡ଼ ଲଢ଼ା । | |
| କର୍ଦ୍ଦନ ଅଦ । | |
| ଦ୍ରୋଗସ୍କେଲନ୍ । | |

ଗୋଲସ୍ଲେଟର କେଟଳେନ ଓ ପତର ଗୋଲ ଛଳେ ଲଇଲ

ଟୁଲ୍ପ କାଚ ଅର୍ଥାତ୍ ଲେଟିଭାଲେଲ ଗଲ ଓ ଗୁଣିଲେ ବଡ଼ା ହେବ ।

ଅପରା ଫଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ

ଫଟୋଗ୍ରାଫ ଲଂଗଣ ପାଉ ପ୍ରତି ଟ ୦ ୬/୬

ମୋଜା ଓ ମୋଜାବଡ଼ ଭିଜନ ଏଷ ବଳଗିଥିବ ବନ୍ଧନ ଗାଢ଼ି ନଳା କେଶ ଓ ପାଉଡ଼ରଗୋଧା ପିଲା

ଲଠଙ୍କ ପେଟଲ ।

ଲଣ୍ଡନ ପେଉଲେ ବନ୍ଧ ଗାଡ଼ିବାର ଖଡ଼ି

ପ୍ରତିପଦଙ୍କ ପର ଅର୍ଥାତ୍ ଚିଶୀଲ ବକ୍ସଲ କାଗଜାର ଲଫଲ ନମ୍ବରୀ

ଲେଡ଼ି ଡ୍ର ପେନ୍ସିଲ ଗ୍ରିମ ଭୋଗଳ

ଲଡ଼ାଇସୀ ଗାଡ଼ି ଓ ଘୋଡ଼ା ଓ କଲ

ମଦସ୍ନୋଳାସ ଓ ଖେଳ ଖାଇ ପାନିଗୋଲ ଓ ଖାଲା ।

ବୁଟିଙ୍ଗ କାଚ

## ପିତଛାର ।

ଏ ଛାରକୁ କେଉଁଠାରେ ପାଡ଼ରେ ଉଣ୍ଡ ଇଥିଁରେ ଉରକାତ ଲୋଠାଇବାର ଫାଟରେ ଦେଲେ ପାଣିଲଗା ବନ୍ଦ ହେବ ଘରର ମଝି ଅଟର ଲେପିଦେଲେ ମଶାଙ୍କ ଓ ଭୂଇ ଥିବାର ନାହିଁ ।

ବଟିର ଚମଡ଼ା ଓ ସାଇରେ ଲଗାଇବାର ଲାଭ ମଧ୍ୟ ଅଛି ।

ଅଲଚନ୍ଦ୍ର ଦାସ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସହାୟେ
ଧାଡ଼ିପ୍ରତି ଟ ୦୶/
ଅର୍ଦ୍ଧସ୍ତମ୍ଭକୁ ଟ ୬୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୯

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଶର୍ତ୍ତ ଟ ୦୫ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସହାୟେ ଶର୍ତ୍ତ ପ୍ରଥମ ଥରର ଦେଢ଼ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସହାୟେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର ଓ ପ୍ରଦେଶ ଭାଷା ଭୂଷଣ କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter

REGISTERED No. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ | ସଂଖ୍ୟା ୨୫ | ତା ୧୬ ଇଂ ମାହେ ଜୁନ ସନ ୧୮୮୮ ମସିହା । ମୁ । ଆଷାଢ଼ ଦି ୫ ୬ ସନ ୧୨୯୫ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲ | ପଶ୍ଚାଦେୟ ଟ ୬୲

ମଦନମୋହନସିଂହ ନବାସିଙ୍ଗୁଡ଼ା ପ୍ରଭୃତି କେତେକ ଲୋକ ରାଜା ସର୍ବଦା ନ୍ୟାୟ ଅର୍ଥ ବ୍ୟୟ ଦ୍ୱାରା ଡୁଙ୍ଗ ନିକଟରେ ଉପସ୍ଥିତ ହୋଇ ପ୍ରାର୍ଥନା କରିଥିଲେ ଯେ ମଦନମୋହନସିଂହର ଉପକାରାର୍ଥେ ଅପଣଙ୍କର ପ୍ରଦତ୍ତ ୫୦,୦୦୦ ଙ୍କା ନଗରରୁ ବସ୍ତିର ପାଣିସ୍ତ ଜଳ ଯୋଗାଇବାରେ ନିୟୋଜିତ ହେଉ, ରାଜା ଉତ୍ତର ପ୍ରଦାନ କଲେ ଯଦ୍ୟପି ନଗରମଧ୍ୟରେ ବିଶୁଦ୍ଧପାଣି ଯୋଗାଇବାର କଠାବସ୍ତ କରାଯାଏ ତେବେ ସେ ଅଦ୍ଭୁତ ଅଧିକ ଟଙ୍କା ଦେବାକୁ ପ୍ରସ୍ତୁତ ଅଛନ୍ତି; କିନ୍ତୁ କମିଶ୍ନର ମିଃ ଗାର୍ଡିନର ସାହେବ ଉପରୋକ୍ତ କାର୍ଯ୍ୟ ପକ୍ଷରେ ବାଧାବାନ ହେଉଛନ୍ତି । ଗାର୍ଡିନର ସାହେବ ତାଙ୍କର ତାହାକୁ ଦାନର ସଦ୍‌ବ୍ୟବହାର କରିବାରେ ହସ୍ତକ୍ଷେପ କରୁଛନ୍ତି ବୁଝିବା ଦୁଷ୍କର । ବାସ୍ତବରେ ଏହା ହାକିମଙ୍କର କାର୍ଯ୍ୟ ନୁହେଁ ଓ ଏମାନଙ୍କଠାରୁ ଦେଶର ମଙ୍ଗଳ ଅଶା ବଡ଼ କମ୍ ।

———

ଜୟପୁର ରାଜାଙ୍କ ଦେୱାନ ବାବୁ ଗୋପାଳଦାସଙ୍କ ବିରୁଦ୍ଧରେ ଅନେକ ଜୟପୁର ପ୍ରଜା ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଦରଖାସ୍ତ କରିଅଛନ୍ତି ଓ କେତେକ ପ୍ରଜା ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋରଦାସଙ୍କ ନିକଟରେ ଜବାନବନ୍ଦୀ ପ୍ରଦାନ କରିଅଛନ୍ତି । ପ୍ରଜାମାନେ ଦରଖାସ୍ତରେ ଲେଖିଅଛନ୍ତି କି ଦେୱାନ ବାବୁ ଅନ୍ୟାୟ ପୂର୍ବକ ଖଜଣା ଅପେକ୍ଷା ବେଶୀ ଖଜଣା ଅଦାୟ କରୁଅଛନ୍ତି ମୋକଦ୍ଦମାମାନ ଫଇସଲ ନ କରି ପକେଇ ରଖିଅଛନ୍ତି, ସ୍ତ୍ରୀମାନଙ୍କ ପ୍ରତି ଅତ୍ୟାଚାର କରୁଅଛନ୍ତି ଓ କେତେକ ଅନ୍ୟାୟ କାର୍ଯ୍ୟର ମୋକଦ୍ଦମା ରାଜାଙ୍କ ନିକଟରେ ଦାଏର ଅଛି । ତାଙ୍କର ଦୌରାତ୍ମ୍ୟ ଅତ୍ୟନ୍ତ ଅସହ୍ୟ ହେବାରୁ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଉପସ୍ଥିତ ହୋଇଅଛନ୍ତି । ଆମ୍ଭେମାନେ ଆଶା କରୁଁ ଶ୍ରୀଯୁକ୍ତ ଜୁଆରସନ ସାହେବ ଏ ବିଷୟର ସତ୍ୟାସତ୍ୟ ନିର୍ଣ୍ଣୟାର୍ଥେ ସ୍ୱୟଂ ସରଜମିନକୁ ଯାଇ ତଦାରଖ କଲେ ପ୍ରଜାମାନେ ଓ ସାଧାରଣେ ପ୍ରୀତ ହେବେ । ଆମ୍ଭେମାନେ ଏପ୍ରବନ୍ଧ ଲେଖିବା ଉତ୍ତାରେ ଶୁଣିଲୁଁ ଯେ କମିଶନର ସାହେବ ପ୍ରଜାଙ୍କ ପ୍ରତି ନ୍ୟାୟବ୍ୟବହାର ପ୍ରଦର୍ଶନ କରିବାପାଇଁ ରାଜାଙ୍କୁ ଲେଖିଅଛନ୍ତି କିନ୍ତୁ ଦେୱାନଙ୍କ ଅନ୍ୟାୟ ଆଚରଣ ପ୍ରତି କୌଣସି ଆଦେଶ ଦେଇ ନାହାନ୍ତି । ଏଥିର କାରଣ କଣ ?

———

ଏ ନଗରସ୍ଥ ପ୍ୟାରୀମୋହନ ଏକାଡେମୀ ନିମିତ୍ତ ଗୋଟିଏ ଗୃହ ନିତାନ୍ତ ଆବଶ୍ୟକ ଏବଂ ଅନ୍ତତଃ ଟ ୩୦୦୦୲ ଙ୍କା ତହିଁ ନିମିତ୍ତ ପ୍ରୟୋଜନ ଅଛି । ଯେଉଁମାନେ ଏପର୍ଯ୍ୟନ୍ତ ଏହି ଅତ୍ୟାବଶ୍ୟକୀୟ ସାଧାରଣକାର୍ଯ୍ୟ ସକାଶେ ଚାନ୍ଦା ସ୍ୱାକ୍ଷର କରିଅଛନ୍ତି ସେମାନଙ୍କ ନାମ ସ୍ତମ୍ଭାନ୍ତରେ ପ୍ରକାଶିତ ପାଠକମାନେ ଦେଖିବେ । ତହିଁରୁ ପ୍ରକାଶ ଯେ ଅବଧି କେବଳ ଏକଅଷ୍ଟମାଂଶ ଅର୍ଥ ସ୍ୱାକ୍ଷରିତ ହୋଇଅଛି ପୁଣି ସ୍ୱାକ୍ଷରକାରୀଙ୍କ ମଧ୍ୟରୁ ଅଧିକାଂଶ ଏକାର୍ଯ୍ୟର ଗୁରୁତ୍ୱଦୃଷ୍ଟିରେ ଆପଣାର ଶକ୍ତ୍ୟାନୁସାରେ ସାହାଯ୍ୟ କରି ନାହାନ୍ତି । କଟକ ଓଡ଼ିଶାର ରାଜଧାନୀ ଏବଂ ଏଠାରେ ଧନାଢ୍ୟ ଲୋକଙ୍କ ସଂଖ୍ୟା ଉଣା ନୁହଇ । ଏପରିସ୍ଥଳେ ଯେବେ ଅଳ୍ପଆୟାସରେ ଏପରି ସାଧାରଣ ଉପକାରକାର୍ଯ୍ୟନିମିତ୍ତ ଦଶହଜାର ଟଙ୍କା ନ ଉଠିଲା ତେବେ ସାମାନ୍ୟ ଲଜ୍ଜାର ବିଷୟ ନୁହଇ । ଆମ୍ଭେମାନେ ମଧ୍ୟ ସମ୍ପାଦକଙ୍କ ସହିତ ସର୍ବସାଧାରଣଙ୍କୁ ପ୍ରାର୍ଥନା କରୁଅଛୁଁ କି ଯେଉଁମାନେ କିଛି ଚାନ୍ଦା ଦେଇ ନାହାନ୍ତି ସେମାନେ ତାହା ଦେବାକାରଣ ଶୀଘ୍ର ଅଗ୍ରସର ହେଉନ୍ତୁ ଏବଂ ଯେଉଁମାନେ ନାମମାତ୍ର ଚାନ୍ଦା ସ୍ୱାକ୍ଷର କରିଅଛନ୍ତି ସେମାନେ ଚାନ୍ଦା ବୃଦ୍ଧି କରି ଉପଯୁକ୍ତ ପରିମାଣରେ ସାହାଯ୍ୟ ପ୍ରଦାନ କରନ୍ତୁ ସରକାରୀ ହାକିମ ଯଥା କମିଶ୍ନର ପ୍ରଭୃତିଙ୍କ ଅନୁରୋଧରେ ରାଜା ଜମିଦାର ଓ ଅପର ଧନାଢ୍ୟବ୍ୟକ୍ତିମାନେ ବଡ଼ ବଡ଼ ଚାନ୍ଦା ଦେବାର ଅନେକ ଉଦାହରଣ ଦେଖାଇଅଛନ୍ତି ଆପଣା ଜିଲାରେ ଏକଘରର ଗୋଟିଏ ଅଭାବ ଦୂର କରି ଅଧିକତର ଯଶଭାଗୀ ହେଉନ୍ତୁ ।

———

ସନ ୧୮୮୭—୮୮ ନମଲ୍ସ ଉତ୍ତୀର୍ଣ୍ଣ ଛାତ୍ରମାନେ ଉକ୍ତ ପ୍ରାଇମେରୀ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

Digitized by srujanika@gmail.com

କଟକ ବିଭାଗ ।

| | |
|---|---|
| ରାମଚନ୍ଦ୍ର ଦାସ | ସାଲେପୁରସ୍କୁଲ |
| ରାଧାମଣି ଦାସୀ | ଗଙ୍ଗାମଣ୍ଡଳ ବାଳିକା ସ୍କୁଲ |
| ଅନ୍ନପୂର୍ଣ୍ଣା ଦାସୀ | ସୁଜନଗୌଡ଼ ,, |
| ଯୋଗେଶ୍ୱର ସାହୁ | ଜଗତପୁର ,, |
| ମଦନମୋହନ ପଟ୍ଟନାୟକ | ବୈଦେଶ୍ୱର ,, |

ପୁରୀ ବିଭାଗ ।

| | |
|---|---|
| ଲକ୍ଷ୍ମୀନିଧି ସାହୁ | ଦେଲାଙ୍ଗ ,, |
| ସଚ୍ଚିଦାନନ୍ଦ ମହାନ୍ତି | ବେଣପୁର ,, |
| ନୀଳମାଧବ | ମୁକୁନ୍ଦଦାସପୁର ,, |
| ଭଗବାନ ମିଶ୍ର | ନୂଆପାଟଣା ,, |
| ଜଗନ୍ନାଥ ରଥ | ଗଡ଼ଦେଇକୃଷ୍ଣପୁର ,, |

ବାଲେଶ୍ୱର ବିଭାଗ ।

| | |
|---|---|
| ଶ୍ରୀମତୀ ସ୍ୱର୍ଣ୍ଣମଣି ଦାସୀ | ମଠସାହି ,, |
| ସୀତାନାଥ ଦାସ | ଅଣଲମ୍ବୁ ,, |
| ଚନ୍ଦ୍ରଶେଖର ଦତ୍ତ | ରୂପଲ ,, |
| ରାଖାଲଚନ୍ଦ୍ର ବସୁ | ପୁରୁଷୋତ୍ତମପୁର ,, |

ଗଡ଼ଜାତ ବିଭାଗ ।

| | |
|---|---|
| ଦାଶରଥି ପଟ୍ଟନାୟକ | ଖଣ୍ଡପଡ଼ା ,, |
| ମୁରଲୀଧର ପଟ୍ଟନାୟକ | ସୁନାଖଳା ,, |
| ବାସୁଦେବ ପଟ୍ଟନାୟକ | ବଣିଗମା ,, |
| ଲୋକନାଥ ଭଦ୍ର | ଧଳପୁର ,, |
| ରାମଚନ୍ଦ୍ର ମିଶ୍ର | ନୂଆଗଡ଼ ,, |
| ସତ୍ୟବାଦୀ ମିଶ୍ର | ସଦାଶିବପୁର ,, |
| ଗୁରୁପ୍ରସାଦ ଚୌଧୁରୀ | ଅଯୋଧ୍ୟା ,, |
| ଚିନ୍ତାମଣି ପଟ୍ଟନାୟକ | ଦଶପଲ୍ଲା ,, |

---

କଟକର ଓଭରସିଅର ଇନ୍ସପେକ୍ଟର ବାବୁ ଦୁର୍ଗାଚରଣ ଦାସ ଅନୁପଯୁକ୍ତ ଜ୍ଞାନ ହେବାରୁ କଲେକ୍ଟର ମିଃ ଟୟନ୍ଟ ସାହେବ ତାଙ୍କୁ ବରଖାସ୍ତ କରି ତାଙ୍କ କାର୍ଯ୍ୟରେ ଫୌଜଦାରୀର ଏକାଉଣ୍ଟ ହେଡ଼କ୍ଲାର୍କ ଓ ହିସାବଦାର ବାବୁ ଦ୍ୱାରିକାନାଥ ପାଲଙ୍କୁ ମନୋନୀତ କରି କମିଶନର ସାହେବଙ୍କୁ ରିପୋର୍ଟ କରିଥିଲେ । କମିଶ୍ନର ସାହେବ କଲେକ୍ଟରଙ୍କ ରିପୋର୍ଟ ଗ୍ରହଣକରି ଓ ବୋର୍ଡ଼ଙ୍କ ହୁକୁମ ଅପେକ୍ଷା ନ କରି ଦୁର୍ଗାଚରଣ ବାବୁଙ୍କୁ ତାଙ୍କର ପଦର କାର୍ଯ୍ୟରୁ ଫେରାଇବାର ଓ ଦ୍ୱାରିକାବାବୁ ବର୍ତ୍ତମାନ ଓଭରସିଅର ଇନ୍ସପେକ୍ଟର ନିଯୁକ୍ତ ହେବାର ହୁକୁମ ପ୍ରଦାନ କରିଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ଯେ ଦୁର୍ଗାଚରଣ ବାବୁ ଇନ୍କମଟାକ୍ସ ଧାର୍ଯ୍ୟ ବିଷୟରେ ଚକ୍ର କରିଥିବାରୁ ତାଙ୍କର ଏ ଫଳ ଘଟିଲା । ଆମ୍ଭେମାନେ ମଧ୍ୟ ଏପ୍ରକାର ଅବସ୍ଥାର ଅଫିସରଙ୍କ ପ୍ରତିକୂଳ ।

କିନ୍ତୁ କୌଣସି ପ୍ରଶଂସାଜନକ କାର୍ଯ୍ୟ କେହି କମିସ୍ତ କରିଥିଲେ, ଉପସ୍ଥିତ ବର୍ତ୍ତମାନ ପ୍ରଶଂସା ଲାଭକରନ୍ତି । ପ୍ରବାଦ ଅଛି ମାରେ ସିପାହି ନାମ ସରଦାର । କୌଣସି ଅସନ୍ତୋଷଜନକ କାର୍ଯ୍ୟ ହେଲେ କମିସ୍ତ କର୍ମଚାରୀ ଦାନା ଉପରେ ଦୃଷ୍ଟିପାତ ହୁଏ । ମାର ମାର କଣ୍ଟ୍ରାକ୍ଟରଙ୍କୁ ମାର । ଆମ୍ଭମାନଙ୍କର କହିବାର ଉଦ୍ଦେଶ୍ୟ ଏହି ଯେ ଅଫିସରଙ୍କ ଟାକ୍ସ ନିରୂପଣ ଇନ୍କମଟାକ୍ସ ଡେପୁଟୀକଲେକ୍ଟର ତ ଦୃଢ଼ୀକୃତ କରୁଥିଲେ । ସେମାନେ ତାଙ୍କର ଟାକ୍ସ ନିରୂପଣରେ କୌଣସି ଆପତ୍ତି କଲେ ନାହିଁ କିନ୍ତୁ କମିଶ୍ନର ସାହେବଙ୍କ ନିକଟରେ ଅପିଲ ହେବାରୁ ଦିଆ ଧରାପଡ଼ିଲା ଓ ଅନେକଲୋକ କଷ୍ଟରୁ ରକ୍ଷା ପାଇଲେ କିନ୍ତୁ ସେମାନଙ୍କୁ ଆପତ୍ତି ଓ ଅପିଲ କରିବାକୁ କେତେ ଟଙ୍କା ଖର୍ଚ୍ଚ ପଡ଼ିଲା ତାହା ସକାଶେ କି କେବଳ ଅଫିସର ଦାୟୀ । ଆମ୍ଭେମାନେ କହୁଁ ଇନ୍କମଟାକ୍ସ ଡେପୁଟୀକଲେକ୍ଟର ଏଥି ସକାଶେ ଦାୟୀ ହେବେ ଓ ଆମ୍ଭେମାନେ ଆଶା କରୁଁ ଆମ୍ଭମାନଙ୍କ ନୂତନ କମିଶ୍ନର ସାହେବ ଦଣ୍ଡଯୋଗ୍ୟ ଲୋକଙ୍କୁ ଦଣ୍ଡ ପ୍ରଦାନକରି ସାଧାରଣର ପ୍ରୀତିଭାଜନ ହେବେ ।

---

ବର୍ତ୍ତମାନ ସମୟରେ ନାନାରୂପ ଚୌର୍ଯ୍ୟ ଓ ଧର୍ମନାଶକ କଥାମାନ ଶୁଣାଯାଉଅଛି ଏହା ବିଶେଷ ଗୋରାଲୋକମାନଙ୍କଠାରୁ ଉପଜାତ ହେଉଅଛି । ପାଟନାରେ ଏକ ଘୃଣିତ ବ୍ୟବହାର ହୋଇଅଛି । ଗୋଟିଏ ୧୬ବର୍ଷୀୟା ଅବଲାବାଳାର ସେଠାର ଜଜ୍ ଅମୂଲ୍ୟଙ୍କ ପକ୍ଷପାତ କାର୍ଲିଡ଼୍ ସାହେବଙ୍କ ବ୍ୟବହାରରେ ଜାତି, କୁଳ, ମାନ ସବୁ ନଷ୍ଟ ହୋଇଅଛି । ବୃତ୍ତାନ୍ତ ଏହି ଯେ ଗୋପାଳଚରଣ ହୋସେନ ନାମକ ଏକ ବାଗିଚାର ଏକ ଦ୍ୱାଦଶବର୍ଷୀୟା ବାଳିକାପୁତ୍ରୀକୁ ନେଇକରି ମାଲ ଗୋପ୍ୟ କରିଥିବା ଅପରାଧରେ ଦାନାପୁରର କେଣ୍ଟୋନମେଣ୍ଟ ମାଜିଷ୍ଟ୍ରେଟଙ୍କ କର୍ତ୍ତୃକ ଦୌଷୀ ସୁପର୍ଦ୍ଦ ହୋଇଥିଲା । ତାହାର ବାପ ଯେ ସେ ପାଣି ଅଣିବାକୁ ଯାଇ ଘରକୁ ଫେରିଆସି ଦେଖିଲା ଯେ ଦ୍ୱାର ଖୋଲା ହୋଇଅଛି । ପାଣିକଳସ ଦ୍ୱାରେ ରଖି ଘରଭିତରକୁ ଯାଇ ଦେଖିଲା ଯେ ତାହାର ଝିଅ ପିଲା ଘରେ ନାହିଁ । ସେ ତାହା ବାହାରି ବାହାର ଯାଇ ସଡ଼କଉପରେ ସେମାନଙ୍କୁ ଦେଖିଲା । ସେମାନେ ପଳାଇ ଯାଉଥିଲେ ତେବେ ପଛରେ ତାହାର ଝିଅ ତାହାର ଛଡ଼ାଇବାକୁ ଯାଇଥିଲେ ଲୋକପିଟିଲ ଦେଖାଗଲା । ଏବଂ ତତ୍କ୍ଷଣାତ୍ ଉଭୟଙ୍କ ଚିତ୍କାର ପଡ଼ିବାରୁ ସେମାନେ ଧରାପଡ଼ିଲେ । ସେମାନେ କହେ ଯେ ସେ ପାଞ୍ଚବର୍ଷ ବନ୍ଦୀବାସ ଭୋଗ କରିବାରୁ ବକ୍ସାର ଜେଲଖାନାରୁ ଘରଠାକୁ ଫେରିଯାଉଁ ଥିବା ପଥିକ ଅଛୁ ମାତ୍ର କାହିଁକି ଧରା ପଡ଼ିଅଛୁ ତାହାକୁ ଜଣା ନାହିଁ । ଏହି ମୋକଦମା ବିଚାରକରିବା ସମୟରେ ଦୌରା ଜଜ କାର୍ଲିଡ଼୍ ସାହେବ ବାଳିକାକୁ ସେ କୁମାରୀ କି ପ୍ରଶ୍ନ କଲେ । ବାଳିକା କୁମାରୀ ଥିବାର ବ୍ୟକ୍ତକରନ୍ତେ ସାହେବ ମହୋଦୟ ତହିଁରେ ସନ୍ତୁଷ୍ଟ ନ ହୋଇ ପରୀକ୍ଷାକାରଣ ଡାକ୍ତର ସାହେବଙ୍କ ନିକଟକୁ ପଠାଇଲେ । ଡାକ୍ତର ସାହେବ ଜଣେ ମୁସଲମାନ ଆସିଷ୍ଟାଣ୍ଟ ସର୍ଜନଙ୍କୁ ପରୀକ୍ଷାକରିବା କାରଣ ଆଦେଶ କଲେ । ପରୀକ୍ଷା ପରେ ବାଳିକାଟି କାନ୍ଦି କାନ୍ଦି ନିଷଲଭୁ ଆସିଲା । ବାଳିକାଟି ହିନ୍ଦୁ ଏବଂ ସେ ମୁସଲମାନସ୍ପର୍ଶରେ ଅପବିତ୍ର ହେଲା । ବର୍ତ୍ତମାନ ତାହାର ଜାତିମାନେ ଏଥିଏବ ହୋଇ ବାଳିକାକୁ ଜାତିରୁ ଅଟକ କରିଅଛନ୍ତି ଏହି ସିଭିଲିୟାନ ମହାତ୍ମା କଟକରେ ଥିବା ସମୟରେ କପଟ କାର୍ଯ୍ୟ କରିଥିଲେ ତାହା ବିଶେଷରୂପେ ଜଣା ପୁନରୁଲ୍ଲେଖ କରିବା ଆବଶ୍ୟକ ହେଉ ନାହିଁ । ଏ ଚଟ୍ଟଗ୍ରାମର ମାଜିଷ୍ଟ୍ରେଟ ଥିବା-ସମୟରେ ଅବୈଧ ଅତ୍ୟାଚାର କରିଥିବା ହେତୁରୁ ଶାସ୍ତିସ୍ୱରୂପ ପ୍ରୋମୋସନ ରହିତ ହୋଇଥିଲେ ବର୍ତ୍ତମାନ ଶାସକଶ୍ରେଣୀରୁ ଛାଡ଼ିକି ହୋଇ ବିଚାରକଶ୍ରେଣୀଭୁକ୍ତ ହୋଇଥିଲେ କିନ୍ତୁ ସେଠାରେ ମଧ୍ୟ ଅବୈଧ କର୍ମ କରି ଶାନ୍ତ ହୋଇ ପାରୁ ନାହାନ୍ତି । ବାସ୍ତବିକ ସ୍ୱଭାବ ତାହାର କେବେହେଁ ପରିବର୍ତ୍ତନ ହୁଏ ନାହିଁ ଯେକି ସ୍ୱର୍ଗକୁ ଗଲେହେବା ଧାନ କୁଟେ । ଏ ମହାତ୍ମାଙ୍କର ପ୍ରକୃତ ପକ୍ଷରେ ପ୍ରତିକାର ନ ହେଲେ ଯେ ଅପରାଧ ଅନ୍ତ ହେବ ଏହା ସମ୍ଭବ ନାହିଁ । କିନ୍ତୁ ଆଶା ହେଉଅଛି ଆମ୍ଭମାନଙ୍କ ଲେପ୍ଟନାଣ୍ଟ ବାହାଦୁର ପ୍ରତିକାର କରିବେ । ଏକମ୍ପ୍ରକାର ସିଭିଲିୟାନ୍ ଆଉ ଇଂରାଜଗବର୍ଣ୍ଣମେଣ୍ଟରେ କେବଳ କଳଙ୍କମାତ୍ର ଅଟନ୍ତି ।

---

ଗତ ବୁଧବାର ଗେଜେଟରେ ଏଠା କଟକ ମିଉନିସିପାଲିଟୀର ଗବର୍ଣ୍ଣମେଣ୍ଟ ନିଯୁକ୍ତ କମିସନରମାନଙ୍କ ନାମ ପ୍ରକାଶିତ ହୋଇ-

Split by PDF Splitter

Digitized by srujanika@gmail.com

Split by PDF Splitter



ଅଛି । ଉକ୍ତ ନାମମାନ ସମ୍ବାଦ ସ୍ତମ୍ଭରେ ପ୍ରକାଶିତ ହୋଇଅଛି । ନବାଗତ କମିଶନରମାନଙ୍କ ନାମ ବହୁଦିନ ପୂର୍ବରୁ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ନୂତନ କମିଶନରମାନଙ୍କଦ୍ୱାରା କମିଟୀ ଗଠିତ ହେବାର ସମୟ ଉପସ୍ଥିତ ଏମାନଙ୍କର ପ୍ରଥମ ଅଧିବେଶନର କାର୍ଯ୍ୟ ଚେୟାରମେନ ଓ ଭାଇସ ଚେୟାରମେନ ନିଯୁକ୍ତ କରି । ଅମ୍ଭେମାନେ ଏ ବିଷୟରେ ପଦେ ଅଧେ ପୂର୍ବରୁ ଜଣାଇଦେବା ଉଚିତ ମନେ କରୁଁ । ଯେଉଁମାନେ ଚେୟାରମାନ ଓ ଭାଇସଚେୟାରମାନ ହେବେ ସେମାନେ ନିଯୁକ୍ତ ହେବା ଦିବସଠାରୁ ତିନିବର୍ଷ କାଳ କାର୍ଯ୍ୟ କରିବେ ସୁତରାଂ ମ୍ୟୁନିସିପାଲିଟୀର ଫଳାଫଳ ଏହିମାନଙ୍କର ସ୍ୱଭାବର ଉପରେ ବେଶୀ ନିର୍ଭର କରେ। ଏହି ଦୁଇବ୍ୟକ୍ତି ମିଉନିସିପାଲିଟୀର ଦକ୍ଷିଣହସ୍ତ । ଏମାନେ ଯେରୂପ କାର୍ଯ୍ୟ କରିବେ ମିଉନିସିପାଲିଟୀ ତଦନୁରୂପ ଚଳିବ। ଏମାନେ ଏଠା ମ୍ୟୁନିସିପାଲିଟୀର ଟାକ୍ସଦାତାମାନଙ୍କ ଗୁହାରି ଶ୍ରବଣ କରିବେ, ଡିଭିସିଅନ କମିଶ୍ନରମାନଙ୍କ କାର୍ଯ୍ୟ ପରିଦର୍ଶନ କରିବେ, ସ୍ୱତନ୍ତ୍ର କାର୍ଯ୍ୟମାନ ସ୍ୱେଚ୍ଛାମତ ଅର୍ଥାତ କମିଟୀର ବିନା ମନ୍ତ୍ରଣାରେ କରିବେ, ଓ ମିଉନିସିପାଲିଟୀର ବଳ ମତ ଉଦାରଣ କରିବେ କେବଳ ବିଶେଷ କାର୍ଯ୍ୟମାନଙ୍କରେ କମିଟୀର ମଞ୍ଜୁରି ଆବଶ୍ୟକ କରିବେ । ଅତେବ ଏହିଁଙ୍କ ହୁକୁମ ଓ ବିଚାର ଉପରେ ମିଉନିସିପାଲିଟୀର କାର୍ଯ୍ୟ ଚଳିବ। ଏହାଙ୍କ ମଧ୍ୟରୁ ଜଣେ ରାଜା ଅନ୍ୟଜଣ ମନ୍ତ୍ରୀ । ରାଜାଙ୍କ ଆଜ୍ଞାନୁବର୍ତ୍ତୀ ମନ୍ତ୍ରୀ। ଅନ୍ୟାନ୍ୟ କମିଶନରମାନେ ପାରିଷଦବର୍ଗ କହିଲେ ଅନ୍ୟାୟ ହେବ ନାହିଁ । ବର୍ତ୍ତମାନ ରାଜା ଓ ମନ୍ତ୍ରୀ ନିର୍ଯ୍ୟୋଗର ସମୟ ଉପସ୍ଥିତ । ରାଜାଙ୍କ କଲମଜୋର ଯଦ୍ୟପି ଥାଏ ଅଥଚ ରାଜା ଘରୁ ବାହାରକୁ ବର୍ଷରେ ଥରେ ଆସିବେ ନାହିଁ, ବାହାରେ ପ୍ରଜାମାନେ କିପରି ନିବାସ କରୁଅଛନ୍ତି ସ୍ୱଚକ୍ଷୁରେ କେବେହେଁ ଦର୍ଶନ କରିବେ ନାହିଁ ଓ ଗୁହାରି ହେଲେ ସୁଦ୍ଧା କାହାରକୁ ବାହାରିବେ ନାହିଁ କିନ୍ତୁ କାଗଜ କଲମ ସନ୍ନିକଟରେ ଥିବାରୁ ମନ୍ତ୍ରିଙ୍କ ନିକଟରୁ ଉଦାରଣ କରି ଫଏସଲ କରିବାର ହୁକୁମ ପ୍ରେରିତ କରିବେ । ମନ୍ତ୍ରୀ ଉକ୍ତପତ୍ର ପାଇ ସବ୍-ଓଭରସିୟରର ଇତ୍ୟାଦିରୂପ ନିମ୍ନସ୍ଥ କର୍ମଚାରୀଙ୍କ ନିକଟରୁ ରିପୋର୍ଟ ତଲବ କରିଲେ ଓ ସେହିରୂପେ କିସି ଗୁହାରି ଫଏସଲ କରିବେ । ରାଜା ଯେପରି ଘରୁ ବାହାର ହେବେ ନାହିଁ ମନ୍ତ୍ରୀ ମଧ୍ୟ ତଦ୍ରୂପ । ରାଜା ମନ୍ତ୍ରୀ ଯଦ୍ୟପି ଏପ୍ରକାର ହୁଅନ୍ତି ତେବେ ବୃଥାରେ ଅନୁଶାସନ ପ୍ରଣାଳୀ ବୋଲି ଚଳାଉ ନାହିଁକି । ଅମ୍ଭେମାନେ କହୁଁ ଯେଉଁ କମିଶନର ସ୍ୱାଧୀନଭାବରେ କାର୍ଯ୍ୟ କରି ପାରିବ ନଗର ପରିଭ୍ରମଣ କରିପାରିବ ଟାକ୍ସଦାତାଙ୍କ ଅଭାବମାନ ସ୍ୱଚକ୍ଷୁରେ ଦର୍ଶନ କରିବ, ସତ୍ଚରିତ୍ରକ ଓ ଦୂରଦର୍ଶୀ ହୋଇଥିବ ଏପ୍ରକାର ଲୋକମାନଙ୍କୁ ଚେୟାରମାନ ଓ ଭାଇସଚେୟାରମାନ ନିଯୁକ୍ତ କରିବାର ଆବଶ୍ୟକ । ଅତଏବ ଅମ୍ଭେମାନେ ଆଶା କରୁଁ କମିଟୀ ହେବା ପୂର୍ବରୁ କମିଶନରମାନେ ଗୋଟିଏ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ହୋଇ ପରସ୍ପର ମଧ୍ୟରେ ମୀମାଂସା କରନ୍ତୁ କେବଳ ଚକ୍ଷୁଲଜ୍ଜାରେ ପଡ଼ି କାହାର ପାଇଁ କେହି ଯେପରି ନ କହନ୍ତି ଏହି ଅମ୍ଭମାନଙ୍କର ସବିନୟ ନିବେଦନ ।

———

## ଜାତୀୟସମିତି ଓ ଟାଇମସପତ୍ରିକା ।

ଯେତେବେଳେ ଜାତୀୟସମିତିର ଆନ୍ଦୋଳନରେ ଭାରତର ଏକପ୍ରାନ୍ତଠାରୁ ଅପରପ୍ରାନ୍ତ ହିମାଳୟପର୍ବତଠାରୁ ଭାରତମହାସାଗର ପର୍ଯ୍ୟନ୍ତ କମ୍ପିତ ହେଉଅଛି ଏବଂ ସେ ଯେବେ ପ୍ରତିଭାରତବାସିମୁଖରେ ପ୍ରଚୁର ଆହ୍ଲାଦ ଏବଂ ଉଦ୍ଦୀପନାର ପ୍ରଫୁଲ୍ଲତା ଅଙ୍କିତ ହୋଇଅଛି ସେତେବେଳେ କଲିକତାର ଟାଇମସ୍ପତ୍ରିକାରେ ଜାତୀୟସମିତି ଅନୁକୂଳରେ ଭାରତବାସିଙ୍କ ସପକ୍ଷରେ ପ୍ରବନ୍ଧମାନ ବାହାରିବା ଅଳ୍ପ ଆନନ୍ଦର ବିଷୟ ନୁହଇ। ଯେଉଁ ଟାଇମସ୍ପତ୍ରିକା ଇଂରାଜଜାତିର ପ୍ରାଣସ୍ୱରୂପ ହୋଇ ସମସ୍ତ ରାଜକୀୟ କାର୍ଯ୍ୟର ସ୍ରୋତ ଇଚ୍ଛାମତେ ପ୍ରବର୍ତ୍ତନ ବା ପରିବର୍ତ୍ତନ କରୁଅଛି ଏବଂ ଯାହାକୁ ରାଜ୍ୟଖଣ୍ଡରେ ଏକାଧିପତ୍ୟ ଲାଭ କରିବାରୁ ଅନ୍ୟଲୋକର କଥା ଦୂରେ ଥାଉ ସ୍ୱୟଂ ମହାରାଣୀ ମଧ୍ୟ ଡରୁଥାନ୍ତି ସେ ଉକ୍ତ ପତ୍ରିକାରେ ଜାତୀୟସମିତିର ପ୍ରବନ୍ଧ ବାହାରିବା ଅଳ୍ପକଥା ନୁହଇ । ଭାରତବାସିମାନେ ଆପଣାର ଯୋଗ୍ୟ ଅଧିକାର ଲାଭ କରି ରାଜକୀୟ ଶାସନକର୍ତ୍ତାମାନଙ୍କୁ ସୁପରାମର୍ଶ ଦେଇ ଦେଶଖଣ୍ଡରେ ସୁଶାସନ ପ୍ରଚଳନ କରାଇ ସାମ୍ରାଜ୍ୟଭିତ୍ତିକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଯେଉଁ ଜାତୀୟସମିତିର ସୂତ୍ରପାତ କରିଅଛନ୍ତି ତହିଁରେ ତାହାର ବକ୍ତୃତା ବା ରୋଦନ କଲେ ସୁଦ୍ଧା ଯେପର୍ଯ୍ୟନ୍ତ ସମସ୍ତ ଇଂରାଜଜାତିର ଦୃଷ୍ଟି ତତ୍ପ୍ରତି ଆକର୍ଷିତ ହୋଇ ନାହିଁ ସେପର୍ଯ୍ୟନ୍ତ କଦାପି ପ୍ରକୃଷ୍ଟ ଫଳଲାଭର ଆଶା କରାଯାଇ ନ ପାରେ । ଏବଂ ଇଂରାଜଜାତିର ଦୃଷ୍ଟି-ଆକର୍ଷଣର ପ୍ରଧାନ ଉପାୟ ଟାଇମସ୍ପତ୍ରିକା । ଟାଇମସ୍ ଇଂରାଜଙ୍କର ବେଦ । ଟାଇମସ୍ ଯାହା କହିବ ଇଂରାଜଜାତିଙ୍କୁ ତାହା ନ ମାନି ଗତି ନାହିଁ । ଇନ୍ଦ୍ରଙ୍କର ବଜ୍ରନିର୍ଘୋଷରେ ଯେଉଁ ବଳ ନାହିଁ ଟାଇମସ୍ର ଗୁଟିଅକ୍ଷରରେ ତହୁଁ ଅଧିକ ବଳ ଅଛି । ଯେତେବେଳେ ଟାଇମସ୍ପତ୍ରିକାରେ ଜାତୀୟସମିତି ଆଦୃତ ହୋଇଅଛି ଅର୍ଥାତ ଯେତେବେଳେ ଇଂରାଜଜାତିଙ୍କ ବେଦପୋଥିରେ ଜାତୀୟସମିତିର ନାମ ପଡ଼ିଅଛି ତେତେବେଳେ ଅମ୍ଭମାନଙ୍କର ଜାତୀୟସମିତି କାର୍ଯ୍ୟକରୀ ଏବଂ ଫଳଦାୟୀ ହେବାରେ ଆଉ ସନ୍ଦେହ ନାହିଁ । ଅତଏବ ଯେଉଁ ଲୋକ ଉକ୍ତ ବେଦରେ ନାମ ପକାଇବାର ପ୍ରଧାନକର୍ତ୍ତା ଭାରତବାସି ମାତ୍ରକେ ତାହାଙ୍କୁ ଆନ୍ତରିକ ଧନ୍ୟବାଦ ଦେବାର ଉଚିତ । ଏହାଙ୍କ ନାମ ମଲ ଉଇଲିୟମ ଦିଗ୍ବି । ଏ ମହାଶୟ ଭାରତରେ ଥାଇଁ ଭାରତର ସର୍ବଉନ୍ନତିଠାରୁ ଅଧୁନାତନ ଦେଶର ଅବସ୍ଥାପର୍ଯ୍ୟନ୍ତ ଯଥାସାଧ୍ୟ ଲିପିବଦ୍ଧ କରି ବର୍ତ୍ତମାନ ଲଣ୍ଡନରେ ଅବସ୍ଥାନ କରୁଅଛନ୍ତି । ସେଠାରେ ଥାଇଁ ମଧ୍ୟ ଭାରତର କାର୍ଯ୍ୟକଳାପ ପର୍ଯ୍ୟାଲୋଚନା କରିବାରେ ତ୍ରୁଟି କରୁ ନାହାନ୍ତି ଏବଂ ଫଳରେ ଜାତୀୟସମିତିର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଅନେକଗୁଡ଼ିଏ ପ୍ରବନ୍ଧ ଟାଇମସପତ୍ରିକାକୁ ପଠାଇବାରେ ସେମାନ ପ୍ରକାଶିତ ହୋଇଅଛି । ଜାତୀୟସମିତିର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ବୁଝାଇ ଦେଇ ସେ ଲେଖିଅଛନ୍ତି ଯେ ଦେଶୀୟଲୋକମାନେ ଯେ ସୌଖିନସେନାଦଳରେ ପ୍ରବେଶ ଲାଭ କରିବାକୁ ପ୍ରସ୍ତାବ କରୁଅଛନ୍ତି ତହିଁର ଅପରଚଣ ବୈଦେଶିକ ଆକ୍ରମଣରୁ ଭାରତକୁ ରକ୍ଷାକରିବାସକାଶେ ଗବର୍ଣ୍ଣମେଣ୍ଟଙ୍କୁ ଦେଶୀୟ ରାଜାମାନେ ସ୍ୱେଚ୍ଛାପୂର୍ବକ ଧନ ଓ ବଳ ଯାଚିବାରେ ଦେଖାଯିବ । ମାତ୍ର ଏ ବିଷୟର ନିଷ୍ପତ୍ତି ଇଂରାଜଜାତିଙ୍କ ଉପରେ ନିର୍ଭର କରୁଅଛି । ଦେଶୀୟ ସୌଖିନ ସେନାଦଳର ଶୃଙ୍ଖଳା ଓ ଗଠନବ୍ୟବସ୍ଥାର ରୁଷିୟାର ଉଚ୍ଚାଶାର ସମସ୍ତ ପ୍ରସ୍ତାବକୁ ନଷ୍ଟ କରିଦେବ । ମୁସଲମାନମାନଙ୍କ ମତାମତସମ୍ବନ୍ଧରେ ସେ ଲେଖିଅଛନ୍ତି ଯେ ସେମାନେ ମନରୁ ଜାତୀୟସମିତିରେ ଯୋଗ ଦେଇଥିଲେ ।

Digitized by srujanika@gmail.com

Split by PDF Splitter



ମୁସଲମାନ ପ୍ରତିନିଧିମାନେ ଜାତୀୟସମିତିରେ ଉପସ୍ଥିତ ଥାଇଁ ଦକ୍ଷତା ସହିତରେ ବକ୍ତୃତା କରିଥିଲେ । ସର ସୈୟଦ ଅହମଦଙ୍କ ବକ୍ତୃତାର ଶକ୍ତିତା ତାଙ୍କର ନିଜ ପ୍ରଦେଶରୁ ବିଫଳ କରିଅଛି । ସେହି ବୃଦ୍ଧଲୋକ ଭୁଲି ଯାଇଅଛନ୍ତି ଯେ ଭାରତବର୍ଷର ମୁସଲମାନମାନଙ୍କର ଅର୍ଦ୍ଧ ସଂଖ୍ୟା ଏହା ବଙ୍ଗଳାରେ ଅଛନ୍ତି । ବଙ୍ଗଳାର ହିନ୍ଦୁଙ୍କଠାରୁ ମଉଲବୀମାନେ ଜାତୀୟସମିତିକୁ ଅଧିକତର ବଳପ୍ରଦାନ କରୁଅଛନ୍ତି । ଜାତୀୟସମିତିର ପ୍ରକୃତ ଉଦ୍ଦେଶ୍ୟ ଅଦ୍ୟରୁ ବିଫଳ ହେବାର ବସ୍ତୁ ବହୁଗୁଣ କରି ଜାତୀୟତାର ଗୌରବପ୍ରଦ ଉପଯୁକ୍ତରୂପେ ଦାବୀଦାର ହୋଇଅଛି । ଏହା ସ୍ୱଜନଭକ୍ତି ଏବଂ ଜନ୍ମଶୀଳତାର ସ୍ପଷ୍ଟ ପ୍ରମାଣ ପ୍ରଦର୍ଶନ କରାଇଅଛି । ଏହା ସର୍ବଦା ସ୍ମରଣ ରଖିବା ଉଚିତ ଯେ ଏ ସମିତି କେବଳ ଏକ ପରାମର୍ଶଦାୟକ Consultative ସମିତି ଅଟେ ଏବଂ ଏରୂପରେ ଏହା ଅତ୍ୟନ୍ତ କାର୍ଯ୍ୟକର ଏବଂ ଉପକାରିଣୀ ଅଟଇ । ଏଥିଁ ଦେଖାଯାଏ ଯେ ସର ଉଇଲିୟମ ହଣ୍ଟର ସାହେବ ମହୋଦୟ ଜାତୀୟସମିତିର ପ୍ରକୃତ ତଥ୍ୟ ବିଲାତବାସିଙ୍କ ସମ୍ମୁଖରେ ରଖି ଦେଇଅଛନ୍ତି ଏବଂ ଏତଦ୍ୱାରା ବିଲାତବାସିଙ୍କ ମତ ଯେ ଏଥି ପ୍ରତି ଆକର୍ଷିତ ହେବ ଏଥିରେ ଅମାନଙ୍କର ଦୃଢ଼ବିଶ୍ୱାସ । ଅତଏବ ହେ ଭାରତବାସି ସେହି ମହାତ୍ମା ହଣ୍ଟରସାହେବଙ୍କୁ ହୃଦୟର କୃତଜ୍ଞତାପୂର୍ଣ୍ଣ ପ୍ରଦେଶରୁ ଅସଂଖ୍ୟ ଧନ୍ୟବାଦ ପ୍ରଦାନ କର । ଜାତୀୟସମିତିରୂପ ଯେଉଁ ମହାବୃକ୍ଷରେ ବୃକ୍ଷ ହୋଇଅଛି ତହିଁରେ ଅଧିକତର ଜ୍ୟୋତି ସହିତରେ ପ୍ରମତ୍ତ ହୁଅ ଜଗଦୀଶ୍ୱର ଅବଶ୍ୟ ଏ ମହାନୁଷ୍ଠାନରେ ତୁମ୍ଭମାନଙ୍କର ସହାୟ ହେବ ।

---

## କୁଲିଅତ୍ୟାଚାରର ପ୍ରତୀକାର ।

ଆସାମର ଚା-କ୍ଷେତ୍ରରେ ଯେଉଁ କୁଲିମାନେ କର୍ମ କରନ୍ତି ସେମାନଙ୍କର ନାନାସ୍ଥାନରୁ ପ୍ରେରିତ ହେବା ଏବଂ ସେଠାରେ ରହି କର୍ମ କରିବା ସମ୍ବନ୍ଧରେ ଯେ ସମସ୍ତ ଅତ୍ୟାଚାର ସେମାନଙ୍କୁ ସହିବାକୁ ହୁଅଇ ବଙ୍ଗଳାର ଗ୍ରାହକସଭା ସେ ସମସ୍ତ ବର୍ଣ୍ଣନା କରି ଏକ ସାର୍ବଜନୀନ ଆବେଦନପତ୍ର ସକୌନ୍ସିଲ ମହାମାନ୍ୟ ପ୍ରତିନିଧିଙ୍କ ବଡଲାଟ ବାହାଦୁର ଭାରତୀୟ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟାରୀଙ୍କ ନିକଟକୁ ପଠାଇଅଛନ୍ତି । କୁଲିମାନଙ୍କ କଷ୍ଟ ଓ ଅତ୍ୟାଚାର ସମ୍ବନ୍ଧରେ ସଭା ନାନା ସମ୍ବାଦପତ୍ର ଓ ସରକାରୀ-ରିପୋର୍ଟ ଏବଂ ହାଇକୋର୍ଟ ଅଦାଲତର ବିଚାରପତିମାନଙ୍କଠାରୁ ଅନେକ ଗୁଡ଼ିଏ ଉଦାହରଣ ବହୁ-ପରିଶ୍ରମପୂର୍ବକ ସଂଗ୍ରହ କରି ତହିଁ ପ୍ରତି ଗବର୍ଣ୍ଣମେଣ୍ଟଙ୍କ ମନୋଯୋଗ ଆକର୍ଷଣ କରିଅଛନ୍ତି । ସେ ସମସ୍ତ ଉଦାହରଣରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଆସାମକୁଲିଙ୍କ ଅବସ୍ଥା ପର୍ବକାଳର କ୍ରୀତଦାସଙ୍କ ଅବସ୍ଥାଠାରୁ କୌଣସି ଅଂଶରେ ଭଲ ନୁହେ ଏବଂ ଦୟାବାନ୍ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରାଜ୍ୟରେ ଆଇନର ନାମରେ ଏପରି କାଣ୍ଡ ହେଉଥିବା ସାମାନ୍ୟ ଦୁଃଖର କଥା ହେଉ ନାହିଁ । ଏ ପ୍ରଦେଶରୁ ପୂର୍ବେ ଆସାମକୁ କୁଲି ପ୍ରେରିତ ହେଉଥିଲେ ମାତ୍ର କେତେକବର୍ଷ ହେଲା ରହିତ ହୋଇଅଛି ସୁତରାଂ ସେ ସବୁ ଶୀର୍ଣ୍ଣ ଅତ୍ୟାଚାରମାନ ଏଠା ଲୋକଙ୍କୁ ଅଧିକ ଜଣା ନାହିଁ । ଅତଏବ ସେମାନଙ୍କ ଜାଣିବା-କାରଣ ଆବେଦନପତ୍ରରୁ କେତେକ ବିଷୟ ଏଠାରେ ପ୍ରକାଶ କରୁଅଛୁଁ ।

କୁଲିସଂଗ୍ରହ ଓ ପ୍ରେରଣ ବିଷୟରେ ସନ ୧୮୮୨ ସାଲର ୧ ଆଇନ ଓ ସନ ୧୮୬୫ ସାଲର ୧୩ ଆଇନ ପ୍ରଚଳିତ ଅଛି । ସନ୧୮-୮୨ ସାଲର ଆଇନରେ ପୂର୍ବ ଆଇନ ରଦ ହେବାର ଉଚିତ ଥିଲା ମାତ୍ର ତାହା ହୋଇ ନାହିଁ । ଉକ୍ତ ଆଇନାନୁସାରେ ଯେଉଁମାନେ କୁଲିସଂଗ୍ରହ କରନ୍ତି ସେମାନେ ନାନାପ୍ରକାର ଓ ପ୍ରଲୋଭନଦ୍ୱାରା ମୂର୍ଖଲୋକଙ୍କୁ କୁଲିକାର୍ଯ୍ୟ କରିବାକୁ ନେଇ ପାରନ୍ତି ଏବଂ ତଦ୍ୱାରା ସେମାନଙ୍କର ବିଶେଷ ଲାଭ ହୁଅଇ । କୁଲି ମରୁ ବା ବଞ୍ଚୁ ତହିଁରେ ତାହାଙ୍କର କି ଯାଏ । ଏପରି କୁଲି-ସଂଗ୍ରାହକ ଲୋକଙ୍କୁ ଫସଲାଇ ନେବା ଅପରାଧରେ ଦଣ୍ଡ ପାଇଥିବାର ସଭା ଦେଖାଇଅଛନ୍ତି । ଗୋଟିଏ ଉଦାହରଣ ଏଠାରେ ଲେଖୁଅଛୁଁ । କେସରହିନ୍ଦ ନାମରେ ଏକବ୍ୟକ୍ତି ଡାର୍ଜିଲିଂ-ରେ ଟ ୧୦ ଙ୍କା ଦରମାହାରେ ଡାକଘରେ କର୍ମ କରୁଥିଲା ଜଣେ କୁଲିସଂଗ୍ରାହକ ତାହାକୁ ଟ ୧୨।୦ଙ୍କାର ଚାକିରି ଦେବାର ଲୋଭ ଦେଖାଇ ଭିଡ଼ାଇ ତାହା ସ୍ତ୍ରୀସହିତ କୁଲିରୂପେ ଚାଲାଣ କରିଦେଲା । ଯେତେବେଳେ କୁଲି-ଗୋଦାମରେ ପହୁଞ୍ଚି ଆପଣାର ଅବସ୍ଥା ଜାଣିଲା ସେତେବେଳେ ଖାଦ୍ୟ ବନ୍ଦୋବସ୍ତ କରିବାକୁ କେହି ଜଣେ ଭଦ୍ରଲୋକ ତାହାର ସହାୟ ହୋଇ ଜଣେ ଉକିଲଦ୍ୱାରା ଡେପୁଟୀକମିଶ୍ନ-ରଙ୍କ ନିକଟରେ ଅଭିଯୋଗ କରାଇଲେ ମାତ୍ର ଡାକ୍ତରଖାନାରେ ସେ ଦରଖାସ୍ତ ଦେଇଥିବାର ପ୍ରକାଶ ପାଇବାରୁ ତାହାଙ୍କର କଷ୍ଟ ପ୍ରତୀକାର ହୋଇ ପାରିଲେ ନାହିଁ ସୁତରାଂ ଲୋକଟି ଆପଣା ସ୍ତ୍ରୀ-ସହିତ କୁଲିଗିରିରେ ରହିଲା । କୁଲିର କେବଳ ଟ ୫ ଙ୍କା ମାତ୍ର ଯେଉଁ ବ୍ୟକ୍ତି ଟ ୧୨ଙ୍କାର ଚାକିରି କରୁଥିଲା ସେ ଟ୫ଙ୍କା ଦରମାହାରେ ଚାକର ରହିବାକୁ ଚୁକ୍ତି କରିଥିଲା ବୋଲି ଏକ ସ୍ୱୀକାର କରଇ । ଆଇନରେ ବିଧି ଅଛି କି ପ୍ରତ୍ୟେକ କୁଲି ପ୍ରେରିତ ହେବା ପୂର୍ବରୁ ସରକାରୀ ରେଜିଷ୍ଟ୍ରାର ସାହେବଙ୍କଠାରେ ତାହାର ନାମ ରେଜିଷ୍ଟ୍ରୀ ହେବ ଏବଂ ରେଜିଷ୍ଟ୍ରୀ ଅଫିସର ରେଜିଷ୍ଟ୍ରୀ କରିବାପୂର୍ବରୁ ବୁଝିବେ ଯେ କୁଲି ଯେଉଁଠାକୁ ଯାଉଅଛି ସେଠାରେ କି କାର୍ଯ୍ୟ କରିବ କେତେ ବେତନ ପାଇବ କେତେଦିନ ରହିବ ଏବଂ କି ସର୍ତ୍ତରେ ଚୁକ୍ତି ପାଇବ ଏବଂ ସବୁ ସେ ଠିକ ବୁଝିଅଛି କି ନାହିଁ । ମାତ୍ର ରେଜିଷ୍ଟ୍ରୀ ସମୟରେ ଦଳକୁ ଦଳ କୁଲି ଛିଡ଼ା କରି ମୋଟରେ ତଦାରଖ ହୁଅଇ ଏବଂ କୁଲି-ସଂଗ୍ରାହକମାନେ ଅଜ୍ଞଅଶିକ୍ଷିତଲୋକଙ୍କ ସମ୍ମୁଖରେ ରଖାଇ ଉତ୍ତର ଦିଅନ୍ତି ସେଲୋକ ତହିଁରେ ହୁଁ ହାଁ କରନ୍ତି । ସୁତରାଂ କେବଳ ଆଇନର ନିୟମ ରକ୍ଷା ହୁଅଇ ମାତ୍ର କୁଲିମାନେ ବାସ୍ତବରେ ସବୁ ବୁଝି ଚୁକ୍ତି କରିଅଛନ୍ତି କି ନା ପ୍ରକାଶ ପାଏ ନାହିଁ ।

କୁଲିସଂଗ୍ରହପଦ୍ଧତି ଅତ୍ୟାଚାର ଏହିପରି ଅଟଇ । କୁଲିମାନେ କ୍ଷେତ୍ରରେ କର୍ମ କଲାବେଳେ ଯେତେ ଦୁଃଖ ପାନ୍ତି ତହିଁର ସୀମା ନାହିଁ । ବେତମାଡ଼ ଏବଂ କଏଦଖାନାରେ କଏଦ କଥା ତ ସାଧାରଣ ହୁଅଇ । କୁଲିମାନେ ଚୁକ୍ତିରେ ଥିବାବେଳେ ପଳାଇ ପାରିବେ ନାହିଁ । ପଳାଇଲେ ଫୌଜଦାରୀରେ ଦଣ୍ଡ ପାଇବେ । ଶୀତ ବର୍ଷା ସମସ୍ତ ଋତୁରେ ଏକ ପରିମାଣରେ କାର୍ଯ୍ୟ କରିବାକୁ ହେବ । ସଭା ଏଥିର ମଧ୍ୟ କେତେ-ଗୁଡ଼ିଏ ଉଦାହରଣ ଦେଖାଇଅଛନ୍ତି ଏବଂ ବାର୍ଷିକ ରିପୋର୍ଟରୁ ପ୍ରମାଣ କରିଅଛନ୍ତି କି ସାଧାରଣଲୋକଙ୍କଠାରୁ କୁଲିଙ୍କର ମୃତ୍ୟୁସଂଖ୍ୟା ଅଧିକ ଥିବାର କ୍ରମାଗତ ଦେଖା ଯାଇଅଛି । ପୁଣି ଚା-ମେଳରେ ନିଯୁକ୍ତଥିବା କୁଲିଗିରିଙ୍କ ମୃତ୍ୟୁସଂଖ୍ୟା ଅତ୍ୟନ୍ତ ଅଧିକ । ଡାକ୍ତରସାହେବ ଏଥିର ଏହି କାରଣ ଦେଖାଇଅଛନ୍ତି ଶିଶୁମାନଙ୍କୁ ସେମାନଙ୍କ ମାତାମାନେ ଯତ୍ନ କରିବାର ସମୟ ନ ପାଇବାରୁ ଶିଶୁମାନେ ଅଯତ୍ନ ଦେଲାରେ ଅବା ମାତାଙ୍କ ସହିତ କ୍ଷେତରେ ଖରା ବର୍ଷି

Digitized by srujanika@gmail.com

Split by PDF Splitter



ଭୋଗ କରି ମରିଯାନ୍ତି ଓ କେତେ କୁଳରମଣୀ ପେଟ ଭଙ୍ଗାନ୍ତି ବା ସଦ୍ୟଜାତ ଶିଶୁକୁ ମାରି ପକାନ୍ତି । କାରଣ ସେଗା ଥିଲେ କ୍ଷେତର କାର୍ଯ୍ୟ କରିବାରେ ବ୍ୟାଘାତ ହେବ ଏବଂ କାର୍ଯ୍ୟ ଭଣା ହେଲେ ନାନା ଯନ୍ତ୍ରଣା ସହିବାକୁ ହେବ । ଏଥିରୁ ଅଧିକ ଅତ୍ୟାଚାରର କଥା ଆଉ କ'ଣ ହୋଇପାରେ ?

ଏହି ସମସ୍ତ ଏବଂ ଏହିପ୍ରକାର ବସ୍ତୁର ହେତୁମାନ ଦର୍ଶାଇ ଭାରତସଭା ଗବର୍ଣ୍ଣମେଣ୍ଟଙ୍କୁ ଜଣାଉଅଛନ୍ତି କି କୁଲିମାନେ ମୂର୍ଖ ଓ କାର୍ଯ୍ୟତଃ ବାକ୍ଶକ୍ତିହୀନ । ସେମାନଙ୍କପକ୍ଷରୁ କେହି ଯବେ କହିବ ତହିଁର ମଧ୍ୟ ଉପାୟ ନାହିଁ । ଏସ୍ଥଳେ ସେମାନଙ୍କ ଅବସ୍ଥାପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ରଖିବା ଅଧିକତର ଆବଶ୍ୟକ ହେଉଅଛି । ଅତଏବ ସଭା ପ୍ରାର୍ଥନା କରୁଅଛନ୍ତି କି ସେମାନଙ୍କ ଆବେଦନପତ୍ର ଲିଖିତ ବିଷୟ ଏବଂ କୁଲିମାନଙ୍କ ସେହିରୂପ କାର୍ଯ୍ୟକ୍ଷେତ୍ରରେ ଥିବାର ସମସ୍ତ ଅବସ୍ଥାର ଅନୁସନ୍ଧାନ ନିମିତ୍ତ ଗୋଟିଏ ସ୍ୱାଧୀନ ସମିତି ଗବର୍ଣ୍ଣମେଣ୍ଟ ନିଯୁକ୍ତ ହେଉ ଏବଂ ଉକ୍ତ ସମିତିର କାର୍ଯ୍ୟ ଫଳଦୃଷ୍ଟିରେ କୁଲିବିଷୟକ ଆଇନ ଉଚିତରୂପେ ସଂଶୋଧିତ ହେଉ କି ଯଦ୍ଦ୍ୱାରା କୁଲିମାନଙ୍କପ୍ରତି କୌଣସି ଅତ୍ୟାଚାର ହୋଇ ପାରିବ ନାହିଁ । ସଭା ଅନ୍ୟତ ପ୍ରାର୍ଥନା କରିଅଛନ୍ତି ସନ ୧୮୬୯ ସାଲର ଅ ୧୩ ଆଇନସମ୍ପର୍କରେ ମଧ୍ୟ ଏହିପରି ତଦନ୍ତ ହେଉ । ସଭାର ଆବେଦନପତ୍ର ଯେ ଅତ୍ୟନ୍ତ ସଙ୍ଗତ ଓ ଯୁକ୍ତିଯୁକ୍ତ ହୋଇଅଛି ତହିଁରେ ସନ୍ଦେହ ନାହିଁ । ଲର୍ଡ ଡଫରିନ ଏହି ଆବେଦନପତ୍ରର ସୁବିଚାର କଲେ ତାହାଙ୍କର ପ୍ରଜାବତ୍ସଳତା-ଗୁଣର ବିଶେଷ ପ୍ରଶଂସା ହେବ । ଅନ୍ତତଃ ଯେଉଁଠାରେ ଗୁରୁତର ଦୁଃଖ ସମୂହର ଗୃହୀତ ହେଉଅଛି ସେଠାରେ ନିର୍ମମରୂପେ ତଦନ୍ତ-ପୂର୍ବକ ବିହିତ ପ୍ରତୀକାର କରିବା ଶାସନକର୍ତ୍ତାଙ୍କର କର୍ତ୍ତବ୍ୟ ହେଉଅଛି ଗବର୍ଣ୍ଣମେଣ୍ଟ ସେଥିର କିଛି ନ କଲେ ବୃଟିସଶାସନପ୍ରତି କଳଙ୍କ ହେବ ।

## ସାପ୍ତାହିକ ସଂବାଦ ।

ଅସ୍ମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ରିଅର୍ଡନ ସାହେବ ସୁଗଗସ୍ତ ସମାପ୍ତ କରି ଗତ ରବିବାର କଟକ-କମିଶନରେ ପହୁଞ୍ଚିଅଛନ୍ତି ।

ଅସ୍ମାନଙ୍କର ଜଜ ସାହେବ ବାଲେଶ୍ୱର ଦାଉରା ଶେଷକରି କଟକକୁ ପ୍ରତ୍ୟାଗମନ କରିଛନ୍ତି । ଗତ ଦଉରାରେ ନ ୭ ଥର ମୋକଦ୍ଦମାରେ କ ୨୬ ଶ ଆସାମୀ ଥିଲେ । ସେମାନଙ୍କ ମଧ୍ୟରୁ କ ୧୭ ଶ ମିଆଦ ଓ କ ୧୦ ଶ ଖଲାସ ପ୍ରାପ୍ତ ହୋଇଅଛନ୍ତି ।

ଏହି ସାତନମ୍ବର ମଧ୍ୟରେ ଗୋଟିଏ ମୋକଦ୍ଦମାରେ ମୟୂରଭଞ୍ଜର ଯୋଇଣ ଦାରୋଗା କଟକନିବାସୀ ଲାଲ ରାମମୋହନ ଦାସ ମୟୂରଭଞ୍ଜରେ ଡକାଏତି ହୋଇଥିବା ମୋକଦ୍ଦମା ତଦାରଖ ଛଳରେ ଲଙ୍କପଦା ଗଡ଼ବା ଗୋଟିଏ ଗ୍ରାମର କ ୫ ଶ ପୁରୁଷ ଓ ଦୁଇଜଣ ସ୍ତ୍ରୀଲୋକଙ୍କୁ ଧରିନେଇ ତ ୪ ନପର୍ଯ୍ୟନ୍ତ କଏଦରଖି ଏହାଙ୍କର କଗଇବା ଉଦ୍ଦେଶ୍ୟରେ ଯନ୍ତ୍ରଣା ଦେଇଥିବାରୁ ଦାରୋଗା ପରଶ୍ରମରେ ଦୁଇମାସ ମିଆଦ ଓ ୫ ୭୫ ଟଙ୍କା ଜରିମାନା ପ୍ରାପ୍ତ ହୋଇଛନ୍ତି ।

ବାଲେଶ୍ୱର ପ୍ରଦେଶରେ ଚତୁର୍ଦ୍ଦିଗରେ ପ୍ରଚୁରବୃଷ୍ଟି ହୋଇଥିବାର ସମ୍ବାଦ ମିଳଇ ଥାଳେ୨ ଅଧିକ ବୃଷ୍ଟିହେତୁ ବୃଷିକା କାର୍ଯ୍ୟପ୍ରତି ବ୍ୟାଘାତ ହେଉଅଛି ।

ବାଲେଶ୍ୱର ସୁନହଟ ସାଇର ଚନ୍ଦନଯାତ୍ରା ଅତି ସମାରୋହସହିତ ହେବାର ବାହୁକାରୁ ଅବଗତ ହେଲୁଁ ।

### କଲିକତା-ଗେଜେଟ ।

କଟକର ଦାଗଲଖାରଜ ଇଲାକାର ଅସ୍ଥାୟୀକାଳୀନ ସବ୍ ଡେପୁଟୀ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ନାଗ ଗତ ଅପ୍ରେଲମାସ ତା ୧ ରିଖରୁ ତୃତୀୟ ଶ୍ରେଣୀର ସବ୍ ଡେପୁଟୀରେ ସ୍ଥାୟୀଭାବରେ ନିଯୁକ୍ତ ହେଲେ ।

ବର୍ତ୍ତମାନ ସ୍ୱଜାଙ୍କର ଦୁକଙ୍କ ଷଷ୍ଠା ସର୍ବେ ହେବା ଅବଧିକ ବୋଧହେବାରୁ ଲେଟନାଣ୍ଟ ବାହାଦୁର କଟକ କଲେଜର ବୃତ୍ତି ସର୍ଭେରି ସୁପରିଣ୍ଟେଣ୍ଡେଣ୍ଟ ରେଭେନ୍ୟୁ ସର୍ଭେୟର, ମିଃ ଥର୍ଣ୍ଣ ସ୍ମିଥ ସାହେବ, ବର୍ତ୍ତମାନ ରାଜ୍ୟର ମାନେଜର ମିଃ ଏତ୍ ଏମ୍ ପଲଇ ଓ ଆସିଷ୍ଟ ମାନେଜର ବାବୁ ଚନ୍ଦ୍ର ସରକାରମାନଙ୍କ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରିଅଛନ୍ତି ।

ବ୍ରାହ୍ମଣୀ ବୈତରଣୀ ବନ୍ଧଗର ଅସିଷ୍ଟାଣ୍ଟ ଇଞ୍ଜିନିୟର ଦାସ ଅନ୍ନଦାପ୍ରସାଦ ସରକାର ଛଅମାସର ଅନୁଗ୍ରହ ଛୁଟି ପ୍ରାପ୍ତ ହୋଇଛନ୍ତି ।

ଛୁଟିଛିତ କଟକ ରେଭେନସା କଲେଜର ଅଧ୍ୟାପକ ବାବୁ ଉପେନ୍ଦ୍ରନାଥ ମୈତ୍ର ଏମ୍, ଏ, ଢାକା କଲେଜର ଅଧ୍ୟାପକ ପଦରେ ନିଯୁକ୍ତ ହେଲେ ।

ରେଭେନସା କଲେଜର ଫାଷ୍ଟ ଆର୍ଟସ୍ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଦୁଇଜଣ ନିମ୍ନଶ୍ରେଣୀର ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

ବୈଦ୍ୟନାଥପ୍ରସାଦ ଘୋଷ ।

ଫଣୀନ୍ଦ୍ରମୋହନ ଚଟ୍ଟୋପାଧ୍ୟା ।

କଟକ ମିଉନିସିପାଲଟୀର କମିଶନର ପଦରେ ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ଗବର୍ଣ୍ଣମେଣ୍ଟ ତରଫରୁ ନିଯୁକ୍ତ ହୋଇଅଛନ୍ତି ।

| | |
|---|---|
| ମିଃ ଏସ୍ ବଣ୍ଡ | ବାବୁ ଯୋଗେଶ୍ୱରଚନ୍ଦ୍ର ଏମ ଏ ବି ଏଲ |
| ବାବୁ ଗୋଲକଚନ୍ଦ | ମହମ୍ମଦ ମହମ୍ମଦ ଅକବର |
| ଡାକ୍ତର ଇ, ବୋହଲ | ,, ମହମ୍ମଦ ମକଦର |

ଅନରେବ ମାଜିଷ୍ଟ୍ରେଟ ବାବୁ କାଳୀନାଥ ମିତ୍ରଙ୍କ ସମ୍ମୁଖରେ ପ୍ରିଭୁଟ୍ରିବ୍ୟୁନାଲରେ ଅଭିଯୁକ୍ତ ନୀଳମାଧବ ମିତ୍ରର ବିଚାରର ପାଞ୍ଚଜଣ ଜଜଙ୍କ ଏକମତରେ ଅଧିକ ତର୍କବିତର୍କ ପର ମୀମାଂସା ହେଲ ଯେ ପ୍ରମାଣସ୍ୱରୂପ ଗ୍ରାହ୍ୟ ହେବ ମୃତସଂଗ୍ରହ ନୀଳମାଧବର ଅବ୍ୟାହତ ହେଲ ନାହିଁ ଯାବଜ୍ଜୀବନ କାରାବାସ ଦଣ୍ଡ ହୋଇଅଛି । ତାଙ୍କ ବରିଷ୍ଟର ପ୍ରିଭିକାଉନ୍ସିଲରେ ଅପିଲ କରିବାର ଅନୁମତି ପ୍ରାପ୍ତ ହୋଇଅଛନ୍ତି ।

ଜାମାତା ହତ୍ୟାକାରୀ ମେହରଅଲି ପ୍ରତି ଲେଟନାଣ୍ଟ ଅନୁଗ୍ରହପୂର୍ବକ ପାଶି ପରିବର୍ତ୍ତରେ ଯାବଜ୍ଜୀବନ ଦ୍ୱୀପାନ୍ତରବାସର ହୁକୁମ ପ୍ରଦାନ କରିଛନ୍ତି । ଏ ପରିବର୍ତ୍ତନ କଲିକତାସ୍ଥ ଲୋକମାନଙ୍କ ଆବେଦନପତ୍ର ଓ ଲେଟନାଣ୍ଟଙ୍କ କୋମଳହୃଦୟ ଓ ନ୍ୟାୟବୁଦ୍ଧିର ଫଳ । ବାସ୍ତବିକ ଲେଟନାଣ୍ଟଙ୍କ କାର୍ଯ୍ୟରେ ସମସ୍ତେ ପ୍ରୀତ ହେଉଛନ୍ତି ।

ବ୍ରହ୍ମପ୍ରଦେଶ ଜଣେ ସ୍ୱତନ୍ତ୍ର ଲେଟନାଣ୍ଟର ଅଧୀନରେ ଶାସିତ ହେବାର ପ୍ରସ୍ତାବ ହେଉଅଛି । କରୁ ପ୍ରାୟ ଦେଢ଼ବର୍ଷ ଅତୀତ ହେଲା ଅଥଚ ବ୍ରହ୍ମରେ ଶାନ୍ତିବିରାଜମାନ ହେବାର ଶୁଣା ଯାଉନାହିଁ ବରଂ ଡକାଏତମାନଙ୍କ ଦୌରାତ୍ମ୍ୟ ଶୁଣା ଯାଉଅଛି ।

ଖ୍ରୀଷ୍ଟାନମାନେ ଭାରତବାସିଙ୍କୁ ଖ୍ରୀଷ୍ଟାନ କରିବାର ନାନାବିଧ ଉପାୟ ଅବଲମ୍ବନ କରୁଅଛନ୍ତି ବର୍ତ୍ତମାନ ହିନ୍ଦୁ ମୁସଲମାନ ଅଉ ଖ୍ରୀଷ୍ଟାନ ହେଉ ନାହାନ୍ତି ଖ୍ରୀଷ୍ଟାନ ମୁସଲମାନ ହେବାକୁ ଆରମ୍ଭ କଲେଣି । ଦୁଇଜଣ ଖ୍ରୀଷ୍ଟାନସାହେବ ମୁସଲମାନ ହୋଇଥିବା ସମ୍ବାଦ ମିଳଇ ଜଣେ କଲିକତାରେ ଓ ଅନ୍ୟ ଜଣ ମାନ୍ଦ୍ରାଜରେ, ଖ୍ରୀଷ୍ଟିୟାନମାନେ ହୁସିୟାର !

କଲିକତା ଭବାନୀପୁର ନିକଟବର୍ତ୍ତୀ ଚାମଣ୍ଡା ଗ୍ରାମରେ ଜଣେ ମୁସଲମାନ କଂସା ଓ ରୂପା ମିଶାଇ କୃତ୍ରିମ ଟଙ୍କା ପ୍ରସ୍ତୁତ କରି ଚଳାଉଥିଲା । ସମ୍ପ୍ରତି ସେ ଧରାପଡ଼ି ବିଚାରାଧୀନରେ ଅଛି । ଏ ଲୋକଟା ଲେଖାପଢ଼ା କିଛିମାତ୍ର ଜାଣେ ନାହିଁ, କପରି ସେ ଟଙ୍କା ପ୍ରସ୍ତୁତ କରୁଥିଲା ଏହାହିଁ ଆଶ୍ଚର୍ଯ୍ୟ !

ଗୋୟାଲିଅର ରାମରତନଲାଲ ନାମକ ଜଣେ ମାରୁଆଡ଼ି କେତେକଜଣ ଦାଲାଲଙ୍କ ନିକଟରୁ ସ୍ୱର୍ଣ୍ଣ କ୍ରୟ କରିଥିଲା । ଏହି ସ୍ୱର୍ଣ୍ଣଗୁଡ଼ିକ ସେଠାର ପିତ୍ତଳାଳଙ୍କ ସହି ଜେଉଳଙ୍କ କ୍ରୟଯାଇଥିଲା । ଏହି ଅପରାଧରେ ମାରୁଆଡ଼ିର ଦୁଇଶତ ଟଙ୍କା ଜରିମାନା ହୋଇଅଛି ।ସାତଜଣ ଦାଲାଲଙ୍କ ମଧ୍ୟରୁ ଗୁଲିଜଣଙ୍କର ଦଶଦିନ ଓ ବାକି ତିନିଜଣଙ୍କର ପାଞ୍ଚଦିନ ଲେଖାଏଁ ସପରିଶ୍ରମ କାରାଦଣ୍ଡ ହୋଇଅଛି । ଜଣେ ମାରୁଆଡ଼ି ଏହି ମୋକଦ୍ଦମାରେ ମିଥ୍ୟାସାକ୍ଷ୍ୟ ଦେଇଥିବାରୁ ତାହାକୁ ଧରିବା ନିମନ୍ତେ ପରୱାନା ବାହାରିଅଛି ।

ଲକ୍ଷ୍ନୌଠାରେ ଚଳିତମାସ ତା ୧ ରିଖ ରାତ୍ରି ସାଢ଼େ ଦଶଟା ସମୟରୁ ପ୍ରାୟ ଦୁଇଘଣ୍ଟାକାଳ ପ୍ରବଳତୋଫାନ ହୋଇଯାଇଥିବାର ସମ୍ବାଦ ମିଳଇ । ଅନେକ ଘରର ଛାତ ଛାଟି ଏଥିରେ ଉଡ଼ିଯାଇଅଛି ଏବଂ ଅନେକ ବୃକ୍ଷ ଭୂମିସାତ୍ ହୋଇଥିବାର ଜଣାଯାଉଅଛି !

ଦ୍ୱାରଭଙ୍ଗା ପ୍ରାୟ ଶାସନପୁରଠାରେ ମଧ୍ୟ ଏକନୈତିକ ମୋକଦ୍ଦମା ସେଠା ଦରୋଗା ମେଜିଷ୍ଟରଙ୍କଠାରେ ବିଚାରିତ ହେଉଅଛି । ମୃତେର ବୈଦେଶ୍ୱରର ନିକଟବର୍ତ୍ତୀ ଗୌଡ଼ହାଟ ଗ୍ରାମର ବାସନ୍ଦା ଅଟେ । ଆସାମୀ ତାହା ପ୍ରତିବାଶୀ । ମୃତେର ନାଲିଶ କରେ ଯେ ଆସାମୀ ତାହାର ଷୋଡ଼ଶବର୍ଷୀୟା ବିବାହିତା ସ୍ତ୍ରୀକୁ ଫୁସଲାଇ ଘରୁ ବାହାରକରି ନେଇଯାଇ ନିକାହ୍‌ନାମ ଉଦ୍ଧାର କରିବା ଉଦ୍ଦେଶରେ ଦ ୭ ନକାଇ ଲୁଚାଇ ରଖିଥିଲା । ବିଚାରରେ ମୋକଦ୍ଦମା ପ୍ରମାଣ ହେବାରୁ ଆସାମୀପ୍ରତି ମା ୬ ସ କଠିନପରିଶ୍ରମସହିତ କାରାବାସ ଦଣ୍ଡାଜ୍ଞା ହୋଇଅଛି ।—ଆସାମୀ ଠିକ୍ ପ୍ରତିବାସୀର ଉପଯୁକ୍ତ କାର୍ଯ୍ୟ କରିଥିଲା !

ଫ୍ରାନ୍ସଦେଶର ଜଣାଯାଉଛି ବୁଲେଜାଁ ସେଠା ଶାସନପ୍ରଣାଳୀ ପରିବର୍ତ୍ତନ କରି ଅର୍ଥାତ୍ ବର୍ତ୍ତମାନର ସାଧାରଣ ପ୍ରଜାତନ୍ତ୍ର-ପ୍ରଣାଳୀ ଉଠାଇ ଦେଇ ଅନ୍ୟ କୌଣସି ପ୍ରଣାଳୀ ଅବଲମ୍ବନ କରିବା ମର୍ମରେ ସେହି ପ୍ରସ୍ତାବ ଅସତ କରିଥିଲେ ତହିଁ ବିପକ୍ଷରେ ଶୋ ୧୯୧ ଟି ମତ ଅଧିକ ହେବାରୁ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter

198



କାଶ୍ମୀରଠାରେ ଓଲଉଠାରେଙ୍କ କ୍ରମଶଃ କ୍ଷୀଣଯନ୍ତ୍ରଥିବାର ସମ୍ବାଦ ମିଳଇ । ତଥାପି ଗତତ ମାସ ତା ୨।୩।୪ ଉଷମାଟକରେ ସର୍ବସୁଦ୍ଧା ଜ ୩୭୭ ଶ ଲୋକ ଲକ୍ତ ରୋଗଦ୍ୱାରା ଅକ୍ରାନ୍ତ ହୋଇ ଥିଲେ ମଧ୍ୟରୁ ଜ ୧୮୭ ଶ ସଂସାରରୁ ବଦାୟ ହୋଇଯାଇ ଅଛନ୍ତି ।—ଡ ଉତ୍ସବ ମନ୍ତ୍ର ।

କଲିକାର ସୁରବ୍ରମାର ଗତତ ମାସ ତା ୧୦ ରେ ଉସୁଙ୍ଗଲର ସୁଲଳରଳର ଇବ୍ରସରେ ଯାତ୍ରା ଲଗିଥିବାର ସମ୍ବାଦ ମିଳଇ । ଏ ରାସ୍ତା ୨ ସ କାଳ କମିବାର ସମ୍ଭବ ।

ବମ୍ବଇରେ ଷ୍ଟ୍ରମରେ ଲୋକ ସଂକ୍ରାନ୍ତ ଅଲକ ଉଠିଯିବାରୁ ସେଠା ପାଲିଟିକାଲ ଭାରତବର୍ଷରେ କାର୍ଯ୍ୟ ଥିବା ଲୋକଙ୍କ ଅନେକମାନ ଭୟାଳ ଦେଇଅଛନ୍ତି ।

ମହୀଶୁରର ମହାରାଜାଙ୍କ ଗୋଟିଏ ପୁତ୍ରସନ୍ତାନ ଗତତ ମାସ ତା ୭ ରଖରେ ଜାତ ହୋଇଥିବାର ସମ୍ବାଦ ମିଳଇ ।

ଭାରତବର୍ଷୀମେଣ୍ଟ ଗ୍ୱାଲିୟରର ଦୁର୍ଗରୁ ମହୀଶୂରର ମହାରାଜାଙ୍କୁ ଫେରାଇଦେଇ ଅଛନ୍ତି । ଏହା ଶୁଣର ବିଷୟ । ଗ୍ୱାଲିୟର ଦୁର୍ଗରେ ସେଠି ଇଂରାଜସେନା ରହିବା କରିଥିଲେ ସେମାନେ ଅନ୍ୟତ୍ର ଗମନ କରିଥିଲନ୍ତି ଏବଂ ଦୁର୍ଗମଧ୍ୟରେ ସେଠି ଏଣ୍ଟଣ୍ଟାଦବସ୍ତବାହା ବହାର ବର ଉଥପାଉଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନାହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ—

ମହାଶୟ !

ଆପଣଙ୍କ ପତ୍ରିକାରେ ନିମ୍ନଲିଖିତ ବିଷୟଟି ସ୍ଥାନଦାନ କରି ବାଧିତ କରିବା ହେବେ ।

କଟକ ପ୍ୟାରୀମୋହନ ଏକାଡେମୀର ଗୃହନିର୍ମାଣାର୍ଥ ନିମ୍ନଲିଖିତ ବଦାନ୍ୟ ମହୋଦୟଗଣଙ୍କଠାରୁ ଏପର୍ଯ୍ୟନ୍ତ ଯାହା ଦାନ ସଂଗ୍ରହିତ ହୋଇଅଛି ତାହା ଅମ୍ଭେ କୃତଜ୍ଞତାସହିତ ସ୍ୱୀକାର କରୁଅଛୁ ।—

| | | | |
|---|---|---|---|
| ଶ୍ରୀଯୁତ ରାଜା ବୌଦ | | ଟ | ୧୦୦ |
| " " ନୟାଗଡ଼ | | ଟ | ୧୦୦ |
| " " ଅଠଗଡ଼ | | ଟ | ୫୦ |
| " " ଢେଙ୍କାନାଳ | | ଟ | ୫୦ |
| " " ସୁଚଦା | | ଟ | ୨୫ |
| " " ତେଲ | | ଟ | ୨୦ |
| ଶ୍ରୀ ବାବୁ ମଥୁରାମୋହନ ଭଗତ କଟକ | | ଟ | ୫ |
| ଶ୍ରୀ ଚୌଧୁରୀ ଜନାର୍ଦ୍ଦନମହାପାତ୍ର | " | ଟ | ୫ |
| ଶ୍ରୀ ବାବୁ ଗୋପୀନାଥ ସାହୁ | " | ଟ | ୩ |
| " କଣ୍ଣୁ ସାହୁ | " | ଟ | ୧ |
| ଶ୍ରୀମତୀ ସୁଭଦ୍ରା ଦାସୀ | " | ଟ | ୪ |
| ଶ୍ରୀ ବାବୁ ବାଳକୃଷ୍ଣ ଚୌଧୁରୀ | " | ଟ | ୫ |
| " ମଦନମୋହନପଟ୍ଟନାୟକ | " | ଟ | ୨ |
| " ପ୍ରିୟନାଥ ଘୋଷ | " | ଟ | ୧ |
| " ନାରାୟଣପ୍ରସାଦ ମିଶ୍ର | " | ଟ | ୨ |
| " ଅବିନାଶଚନ୍ଦ୍ର ଚଟ୍ଟୋପାଧ୍ୟା | " | ଟ | ୫ |
| " ରାମାକ୍ଷୟ ଚଟ୍ଟୋପାଧ୍ୟା | " | ଟ | ୪ |
| " ଜଗନ୍ନାଥ ମହାନ୍ତି | " | ଟ | ୪ |
| " ଯଶୋବନ୍ତ ମହାନ୍ତି | " | ଟ | ୧ |
| " ଶିବଚନ୍ଦ୍ର ଗୁପ୍ତ | " | ଟ | ୧ |
| " ଜଗବନ୍ଧୁ ନାୟକ | " | ଟ | ୧ |
| " ମଥୁରାମୋହନ ସେନ | " | ଟ | ୧ |
| " କୃପାନିଧି ସାହୁ | " | ଟ | ୧ |
| " ଚୂଡ଼ାମଣି ଦାସ | " | ଟ | ୪ |
| " କେଶବଚନ୍ଦ୍ର ମହାପାତ୍ର | " | ଟ | ୨ |
| " ହରିଚରଣ ବାନାର୍ଜ୍ଜୀ | " | ଟ | ୪ |
| ମୁନସି ମହମ୍ମଦ ମଜହର | " | ଟ | ୧ |
| " ମଙ୍ଗଲ ସିଂହ | " | ଟ | ୨ |
| " ଜାନକୀନାଥ ବୋଷ | " | ଟ | ୧ |
| " ଶ୍ୟାମସୁନ୍ଦର ଦାସ | " | ଟ | ୧ |
| ଶ୍ରୀମତୀଅନ୍ନପୂର୍ଣ୍ଣାଦେବୀଦାସୀ ଓଟେରର | " | ଟ | ୧୦ |
| " ସତ୍ୟଭାମା ଦାସୀ | " | ଟ | ୫ |
| ଶ୍ରୀବାବୁଲଳିତମୋହନଚକ୍ରବର୍ତ୍ତୀ | " | ଟ | ୧ |
| " କପିଳ ସାହୁ | " | ଟ | ୧ |
| ମୋଟ | | ଟ | ୪୦୩ |

କ୍ରମଶଃ—

ଯେଉଁମାନେ ସ୍ୱାକ୍ଷର କରି ଅଦ୍ୟପର୍ଯ୍ୟନ୍ତ ଟଙ୍କା ଦେଇ ନାହାନ୍ତି ଆଶା କରୁଁ ସେମାନେ ନିଜ ନିଜ ସ୍ୱାକ୍ଷରିତ ଦାନ ଶୀଘ୍ର ପ୍ରଦାନ କରି ବାଧିତ କରିବେ । ଅଉ ଯେଉଁ ଯେଉଁ ରାଜା ଜମିଦାର ଓ ଅନ୍ୟାନ୍ୟ ଭଦ୍ରମହୋଦୟଗଣ ସ୍ୱାକ୍ଷର କରି ନାହାନ୍ତି ବା କିଛି ଦାନ ଦେଇ ନାହାନ୍ତି ସେମାନଙ୍କୁ ବିନୀତ ନିବେଦନ ଯେ ଏପରି କାର୍ଯ୍ୟରେ ଯଥାସାଧ୍ୟ କିଛି କିଛି ଦାନକରି ନିଜ ନିଜ ବଦାନ୍ୟତା ଓ ଦେଶହିତୈଷିତାର ପରିଚୟ ଦେଇ ଉଦ୍ଧୃତ କୀର୍ତ୍ତିକୁ ସୁଦୀର୍ଘ କରୁ ଇଚ୍ଛା କରିବେ ।

କଟକ ୩।୬।୮୮ } ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି ସମ୍ପାଦକ ।

To The Editor of the Utkal Dipika

Dear Sir,

I write this in English and do so advisedly.

What a striking contrast there appears to be between your dignified remarks on the recent Brahmo marriage and that of the *Soi disant* Orissa Patriot. How very rediculous not to say amusing. The Editorship of the paper is an open secret, notwithstanding its transfiguration or transformation (say what it is) from one Avatar to another to wit from the "Sanskarak" to the "Patriot." Strange, your infatuated contemporary seems not to have cared, the serious nature of the responsibility he has entailed upon himself by such an evaporation as he has disgorged in his issue of the 7th Instant.

How very beautiful again, it is to read side by side his spitiful remarks and the aphorism published in his column of correspondence beginning with the golden apothegm.

"A crumb will feed a little bird

" A thougut prevent an angry word

and closing with

"Then let us not the poet Sings"

Despise the worth of little things"

A "hybrid marriage with an out cast Bengalee Brahmin and an outcast Uriya girl of doubtful Maharatta origin." This from the pen literally (I dont think from head for we all know his knowledge of English) of Babu Shyam Sunder Putnaik posing himself of late a Hindu of Hindus.

"Hybrid", no doubt but would Babu Shyam Sunder be so good as to enlighten the Hindu public by speaking out, by what name are they to call the union that at present exists between the Junior and Senior Putnaik brothers, the former being a Brahmo and the latter a hallowing Hindu. The one a thorough-going new Dispensationist of his own way and the other a trumpet tongued orthodox of his light. By what cannonical force then the two are one. Sanctioned by what connon of the Hindu Shastras a progressive Brahmo and an outcast therefore, is living with his Hindu cognate or vice versa. Could this be impudence, but impudence is a milder term or or could it be an inconsisting milder still or if both. Could impudence and inconsistency go any further.

Of "doubtful origin" Bobu Shyam Sunder is well cognizant. Sorry time and circumstances do not allow of the truth being told and I content myself therefore by simply quoting the two lines from the *Pseudo Patriots* aphorism

"Apuff of smoke betrays the flame"

"A pen stroke will blight a name"

Sorry also that Sec. 500 of the I. P. C. does not direct whipping, else Modhu Bobu or his spirited son-in-law would be tempted to test his origin in a criminal Court. At any rate, a soothing rod is to my charitable thinking, a necessity in this case and need be applied any how. Is there wire

Digitized by srujanika@gmail.com

Split by PDF Splitter



then to smooth the ruffled surface of the thrice blessed happy happy marriage. A good sound flogging or a tight plumpy flap is the best marriage return that Modhu Babu ough t to present to the brother of his old class freind, in recognition of or as renumeration for the service done in way of the remarks passed by him, which, if to be called by any name, let it be in his own words "hybrid."

11-6-88 } I am Sir
Yours obediently
MOMUS.

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୋବିନ୍ଦଗୋପାଳ ମିତ୍ର | କଟକ | ଅଗ୍ରିମ | ଟ ୧ |
| " ଜଗନ୍ନାଥ ନନ୍ଦ | " | " | ଟ ୧ |
| " ଗୋଲୋକନାଥ ଘୋଷ | " | " | ଟ ୨ |
| " ହରିଚରଣ ମଣ୍ଡଳ | " | " | ଟ ୧ |
| ମହାରାଜ ମଙ୍ଗରାଜ | " | " | ଟ ୩ |
| ବାବୁ ଗୌରମୋହନ ବସୁ | " | ବାଣିଆ | ଟ ୧ |
| " ରଘୁନାଥ ଘୋଷ | " | ଅଗ୍ରି । | ଟ ୧ |
| " ଭଗବତୀଚରଣ ମହାନ୍ତି | " | " | ଟ ୩ |
| " ମଦନଧର ମହାନ୍ତି | " | " | ଟ ୧ |
| " ସୁନ୍ଦର ପଣ୍ଡା | " | " | ଟ ୩ |
| " ଗୋକୁଳଚନ୍ଦ୍ର ଦେବ ଅନୁକୂଳ | | " | ଟ ୧ |
| " ସଦାନନ୍ଦ କେଉଟ ଅଠଗଡ଼ | | ବାଣିଆ | ଟ ୧୦ |

## ବିଜ୍ଞାପନ ।

ସ୍କୁଲବାବୁଙ୍କ ଦ୍ୱାରା ନିମ୍ନଲିଖିତ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି :—

| | |
|---|---|
| କ୍ଷେତ୍ରପରିମାଣ | ମୂଲ୍ୟ ଟ ୦ । |
| ଉତ୍କଳଭୂଗୋଳ | ଟ ୦ ✓ |
| ଓଡ଼ିଶାଭୂଗୋଳ | ଟ ୦ ✓ ୧୦ |
| ଭୂତବର୍ଣ୍ଣନ | ଟ ୦ ୯✓ |
| ଶିକ୍ଷାବିଧାନ | ଟ ୦ ୯ |

ଶ୍ରୀ ଗୌରଶଙ୍କର ରାୟ
ସେକ୍ରେଟାରୀ

## NOTICE.

Wanted a secretary for the Pooree Municipality on a salary of Rs. 75 per month. Experience in office work and general active habits are essential qualifications. The candidate is required to state in the application whether he can ride. Certificates of age, health and character and of previous service and other qualifications should be sent to me in original along with the application in a registered cover before the 30th of June 1888.

GAGAN CHANDRA DAS.
*Chairman.*

## NOTICE.

To be sold by public auction at Jobraghat on the 20th June 1888 between 8 and 9 o'clock in the morning an cabin accommodation boat.

11-6-88 } W. KINGSTON.
*Astt. Commissioner*
*Salt Revenue.*

୧୮୮୮ ମସିହା ଜୁନମାସ ତା ୨୦ ରିଖରେ ପ୍ରାତଃକାଳ ୮ ।୯ ଘଣ୍ଟାମଧ୍ୟରେ ଯୋବ୍ରାଘାଟ-ଠାରେ ଗୋଟିଏ କୋଠରିବାଲା ଅସବାବୀ ବୋଟ ନିଲାମଦ୍ୱାରା ବିକ୍ରୀ ହେବ ।

11-6-88 } W. KINGSTON.
*Astt. Commissioner*
*Salt Revenue.*

ଉତ୍କଳ ଇତିବୃତ୍ତର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଦୁଇ ଅଣା, କଟକ-ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ । ଏହି ଅଧିକ ପ୍ରାଇମେରୀ ପରୀକ୍ଷାର ପାଠ୍ୟପୁସ୍ତକ ନିର୍ଦ୍ଦିଷ୍ଟ ହୋଇଅଛି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ କ୍ରୟ ନ କରି ଛାତ୍ରମାନେ ଉତ୍କଳ ଇତିବୃତ୍ତ କ୍ରୟ କଲେ ବିଶେଷ ଲାଭବାନ୍ ହେବେ । କାରଣ ଓଡ଼ିଶା ଇତିହାସର ମୂଲ୍ୟ ଟ ୦ । ଅଣା, ମାତ୍ର ଉତ୍କଳ ଇତିବୃତ୍ତର ମୂଲ୍ୟ ଟ ୦✓ ପଣା ଅଟେ । ଓଡ଼ିଶାଇତିହାସର ଯେଉଁ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି ତାହା ଇତିବୃତ୍ତ ସଙ୍ଗେ ଏପରି ଐକ୍ୟ ହୋଇ ମୁଦ୍ରିତ ହୋଇ ଅଛି ଯେ ତାହାର ପ୍ରତି ନକଲ ଏବଂ ପ୍ରତିଶବ୍ଦ ଇତିବୃତ୍ତର ପ୍ରତି ନକଲ ଏବଂ ପ୍ରତିଶବ୍ଦ ସଙ୍ଗେ କୌଣସି ପାର୍ଥକ୍ୟ ନାହିଁ । ଛାତ୍ରମାନେ ଦୁଇ ଅଣାର ପୁସ୍ତକ କ୍ରୟ କରି ଯାହା ପଢ଼ିବେ ଚାରିଅଣାର ପୁସ୍ତକରେ ମଧ୍ୟ ଅବିକଳ ସେହିତା ପଢ଼ିବେ ।

୪ । ୬ । ୮୮ } ଶ୍ରୀ ସୀତାନାଥ ରାୟ ।
ବାଲେଶ୍ୱର

## କମ ମୂଲ୍ୟରେ ଉପହାର ।

ତତ୍ତ୍ୱବୋଧକ ନାମକ ପୁସ୍ତକଖଣ୍ଡି ଉତ୍କଳ-ଦେଶରେ ବିତରଣ କରିବା ପାଇଁ ବହୁପରିଶ୍ରମ-ସହିତ ପ୍ରକାଶ କରିଅଛୁଁ; ମହାତ୍ମାମାନଙ୍କୁ ଅନୁରୋଧ ଯେ, ଏହି ପୁସ୍ତକକୁ କ୍ରିଏ ଲେଖାଏଁ ଯେଉଁ ପଠନ କରନ୍ତୁ ଯତ୍ନରେ ନ ଅମୂଲ୍ୟ ଶ୍ରମ ସଫଳ ହେବ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁସ୍ତକ ପ୍ରାପ୍ତବ୍ୟ କେବଳ ଡାକମାସୁଲ ନିମିତ୍ତ ଦୁଇପଇସା ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକାଳୟରେ ଏବଂ ବାଲେଶ୍ୱରର ସମ୍ବାଦବାହିକାଙ୍କ ଅଫିସରେ

ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ
ଜଳାଦେବ
ବାମଣ୍ଡା
ତା ୧୪।୫।୮୮

# ଓଡ଼ିଶା ମିଶନ ପ୍ରେସ
## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

## ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜି, ଵି, ସାହାଙ୍କ ସାମେଉଷ୍ଟାନବନ୍ଦ ଔଷଧ ।

ଏତଦ୍ଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗଣ୍ଠି, ଫୁସଫୁସ ଓ ଯକୃତ ଉତ୍ତମରୂପ ସୁସ୍ଥ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାସମୂହରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରୀ, କ୍ରିମି, ପାଣ୍ଡୁ, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତିଷ୍କଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରରକ୍ତ ଘା, ଶୁକ୍ରସ୍ରାବ, ମୂତ୍ରରେ କ୍ଲେଦ, ମେହ, ମେହଵିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଜି, ଵି, ସାହାଙ୍କ ସାମାଉଷ୍ଟାଲ ଔଷଧ ବାହ୍ୟକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାସମୂହରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ଘୋଡ଼ା ଘା, ବହୁଦିନର ଘା, ପୀଡ଼ାଦାୟକ ଘା, କ୍ରିମି, କଣ୍ଡୁୟା, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଣ୍ଡଗଣ୍ଠିପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ବନ୍ଦୋବସ୍ତ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ ଟା ଅଛି ଏତଦ୍ବ୍ୟତୀତ ପଠା-

Digitized by srujanika@gmail.com

ଲଦାପାଇଁ ୫ ୦ । ବେଶୀଖର୍ଚ୍ଚ ପଡ଼ିବ । ଯଦି କେହି ଏକେଶ ଦେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ } ଏ, ଡି, ମଣ୍ଡଳ
ବଗ୍ନଗର }

## NOTICE.

Keys to Royal Readers No. II and III ( New Series ) containing notes will soon be ready.

To be had at the Printing Company Cuttack.

GOWRI SUNKER ROY
*Secretary.*

## ମେହରୋଗ ।

ସ୧୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ୍ ଶୀଘ୍ର ଉଷଧବ୍ୟବହାର କରିବା ଉଚିତ ନୁହେଁ ସାମାନ୍ୟ ଅର୍ଥବ୍ୟୟ ଦ୍ୱାରାଏ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଥିର ଉପଯୁକ୍ତିରେ ପରୀକ୍ଷା ନ କଲେ ଆଉ ଶୀଘ୍ର ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅକ୍ରୁରଦତ୍ତଙ୍କ ଲେନ ନମ୍ବର ଭବନରେ ସ, ଦେ, ସରକାର କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ୫୧୪ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସାନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | | | | |
|---|---|---|---|---|---|---|
| ୧୦ | ଇଞ୍ଚି | କାଇ | ଏ ୧୪ | ୫ ୬୩ | ତି ୧୪ | ୫ ୦ ୪୭ |
| ୧୦ | ଇଞ୍ଚି | „ | „ | ୫ ୬୫ | „ | ୫ ୦ ୪୦ |
| ୧୨ | ଇଞ୍ଚି | „ | „ | ୫ ୩। | „ | ୫ ୦ ୪ |
| ୩୦ | ଇଞ୍ଚି | „ | „ | ୫ ୩। | „ | ୫ ୦ ୮୭ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ଉ ୫ ମ ବା ଅଧିକ କ୍ରୟ କରିବେ ସେମାନେ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉତ୍କଳଜୋଗା ଓ କଲମ ଓ ରେସମାଓଁରେର ଲୁଗା ଓ ଷ୍ଟେସନରି ଓ କଲ ଦଗା ଇତ୍ୟାଦି ସବୁପ୍ରକାର ଜିନିଷ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଜିଦ୍ଭିନ୍ନ ଅଧିକ ଜେବେକ ଯେଉଁ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଜେଇ ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ବଡ଼ା ଚାହାନ୍ତି ତେବେ ଏକ ସହିତକୁ ସେ ବଡ଼ା ୫୦୪୭ ହିସାବରେ ବଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖର୍ଚ୍ଚାଇତର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଶାଢ଼ିର ପଣ୍ୟ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦସିଲ ।

ନଜର ଶେଖଣା ବ ଚକ୍ଷୁରେ ଗ୍ଳାସ ଦେଲେ ସୁନ୍ଦର ।
ନ ୧୯ଞ୍ଚାନ
କଳ ନୂ ତେଲ ବତୀ ଯେଉଁ ଗ୍ଳାସ ଓ ଲୋମ ସହିତ ।
ତୁଲ ଅର୍ଥାତ୍ ବଜାର ଉପକା ଲାଇନ ପେନ୍ସିଲ ଓ କଲମ ।
ପେନ୍ସିଲ ଛାଇବା ଯନ୍ତ୍ର ।
ଛାତା ଗ୍ରହାନର ଉଠିବା କାଗଜ ଓ ଲଫାଫା କେତେ ତୁଲ
ପିତଳ ଚକ୍ର ।
ନପଟା ସାବୁନ ।
ପାହାଡ଼ି ଶାବାନ ଖଣ୍ଡରେ ଲୁଗା ପରିଷ୍କାର ହୁଏ ।
ଅଟୋଗ୍ରାଫ ଗ୍ଲେନ—ଅର୍ଥାତ୍ ସୁନ୍ଦରୀ ପ୍ରଦୀପ ।
ଅଧେଲ ତୁଲ ।
ଓଁଟାଇଲ ସୁପ୍ ହଣା ।
ବିଲ୍ଲ ଅର୍ଥ ।
ହୋମିଓପାଥିକ ।
ବାଲ ପିସ୍ତଳ ଓ ବନ୍ଧୁ କଣ୍ଠିକ ଓ ଗୁଲା
ବନ୍ଦୁକ କେବେଦ୍ର
ଉଜର୍ଷ ବୁଲେଟସହିତ
.ଏକପସ ଚୁଷ
ଚେଲଣନ ଉଫୋଜ ସନ କେବଳ ଅଧେଲ
ମାର୍କିଂ କାଳୀ ଲୁଗାରେ ଚକ୍ରି ଦେଲେ ଧୋଇବା ପରେ ଉଠେ ନାହିଁ ।
ଏ, ଘୋଷଙ୍କ ଗନ୍ଧତେଲ କାମୀନୀ ଓ କୁନ୍ତଳ ।
ବମସା ଅଣ୍ଡରଟୋନ ଏକଟ ବାଲଧି
ସ୍ମୃତିନ ପେନ ।
ଅନନ୍ତୋଟିକ ପେନ୍ସିଲ ଅର୍ଥାତ୍ ଏ ପେନ୍ସିଲରେ ଲେଖି ଜଳିଲା ପେନ ବନ୍ଦ କରାଇ ସେହି ପେନ୍ସିଲ ଲେଖା ଉପରେ ଦେଲ ବଗାଇ ଦେଲେ ଚହିଁଲ ହି ଲ ରହେ ।
ଘୋଷବୃନ୍ଦଜଙ୍କ କେଶ ତେଲ ଓ ଗନ୍ଧକ ଘୋଷଙ୍କ ପରେ ।
ଟ୍ରଙ୍କ ବାକ୍ସ ଅର୍ଥାତ୍ ଲେଖିବାଟେବଲ ସବୁ ଓ ଶୁଖିଲେ କଟା ହେବ ।
ଅଫଳା ଗଣ୍ଡି ୧୨ x ୧୦ ଇଞ୍ଚ ୧୪ x ୧୨ ଇଞ୍ଚ
ପକେଟବୁକ ଦଂଶଣ ଗାଡ଼ି ସହିତ ୫ ୦ ୮୫
ମୋଜା ଓ ମୋଜାବନ୍ଧ ଲଭନ ହାତ ବନ୍ଦସହ ବନ୍ଧା ସ୍ୱାଇଚ କଣ ବକ୍ଷ ଓ ପାଇବକଲୋଜା ଫିତା
କଲମ ପେନ ।
କସମିର ଗେଲରେ ବଣ୍ଠ ନାଲିବାରୁ ଶାଳ
ଉବରସ୍ତ ସର ଅର୍ଥାତ୍ ପାଠାର ବନ୍ଦର କାଟିବାର ଲଫର
ମନ୍ଦପାନ
ରେଭ୍ ବ୍ରୁ ପେନ୍ସିଲ
କ୍ରିମ କୋଟଲ
କଳାଇଷ୍ଟ ଖାଡ଼ୀ ଓ ଘୋଡ଼ା ଓ ଜରି
ମରସୁଦାବାଦ ଓ ବିକାପାଇ ଗାଇଯୋଡ଼ ରୁଦ୍ରା ଶାଢ଼ୀ ।
ବ୍ରିଡ଼ିଂ କିଡ଼ା

## ପିତଛାର ।

ଏ ଛାରକୁ କେଉଣସି ଗାଡ଼ରେ ରଖି ଚଶଁରେ ଚଭଲାଇ କୋପାଛତର ଫାଣ୍ଟରେ ଦେଲେ ପଞ୍ଚିଗଲା ବନ୍ଦ ହେବ ଘରର ମଣ୍ଡିଅରେ ଲେପିଦେଲେ ମଛିକୁଳ ଓ ଭୁଲ ଅଧିକ ନାହିଁ ।

ଦରିଦ୍ର ଉମଡ଼ା ଓ ସାଙ୍ଗରେ ଲଗାଇବାର ଉପାୟ ଅଛି ।

ଅରୁଣଚନ୍ଦ୍ର କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦୪ |
| ଅଧିସ୍ତମ୍ଭକୁ | ୫ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଗ୍ରୁନ ହେଲେ ମଧ୍ୟ ତହିଁର ଖର୍ଚ୍ଚ ୫ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ । ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ରର ବାବୁ ଉଦୟନାଥ ଦାସଙ୍କ ଦ୍ୱାରା ପ୍ରିଣ୍ଟିଂକମ୍ପାନିର ପକ୍ଷରୁ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com